# ପ୍ରାର୍ଥନା

ହେ ପ୍ରଭୁ, ତୁମେ ମୋତେ ପ୍ରଦାନ କରିଛ ତୁମରି ଶକ୍ତି ଯାହା ଯୋଗେ ତୁମ ଶାନ୍ତି ଓ ଆନନ୍ଦ ଏ ପୃଥିବୀପୃଷ୍ଠରେ କରିବ ରାଜୁତି ।

ଏବଂ ଏ ସତ୍ତା ବର୍ତ୍ତମାନ ଏ ସମଗ୍ର ଧରାକୁ ଆବୋରି ରଖିଥିବା ଶାନ୍ତିର ଏକ ଆଶ୍ଳେଷ, ଯାବତୀୟତାକୁ ଉଚ୍ଛଳ ପ୍ଲାବିତ କରୁଥିବା ଶାନ୍ତିର ଏକ ସମୁଦ୍ର ।

ତୁମେ, ଯେଉଁମାନେ ଘୃଣାରେ ପରିପୂର୍ଣ୍ଣ, ତୁମ ହୃଦୟସମୂହରୁ ବିଲୋପିତ ହେବ ବିଦ୍ୱେଷ, ବାଲୁକାରାଶି ଉପରର ଚିହ୍ନମାନ ସମୁଦ୍ର ବିଲୋପ କଲା ପ୍ରାୟେ ।

ତୁମେ, ଯେଉଁମାନଙ୍କର ଆହାର ହେଲା ପ୍ରତିହିଂସା ପରାୟଣତା, ତୁମ ହୃଦୟସବୁ ଭିତରକୁ ପ୍ରବେଶ କରିବ ଶାନ୍ତି, ମାଆ ଦ୍ୱାରା ଦୋଳାୟିତ ଶିଶୁର ହୃଦୟରେ ଯେମିତି ତାହା କରେ ପ୍ରବେଶ ।

ଯେହେତୁ ଦିବ୍ୟ ଏବଂ ସର୍ବଜାଗତିକ ଜନନୀ ଧରା ଉପରକୁ ତାଙ୍କର ଦୃଷ୍ଟି ଫେରାଇଛନ୍ତି ଏବଂ ଏହାକୁ ଦେଇଛନ୍ତି ତାଙ୍କ ଆଶୀର୍ବାଦ ।

ନଭେମ୍ବର ୨୧, ୧୯୧୪ — ଶ୍ରୀମା



# ଶ୍ରୀଅରବିନ୍ଦଙ୍କ ବାଣୀ

Remember the Mother and, though physically far from her, try to feel her with you and act according to what your inner being tells you would be her Will. Then you will be best able to feel her presence and mine and carry our atmosphere around you as a protection and a zone of quietude and light accompanying you everywhere.

– Sri Aurobindo

ମା’ଙ୍କୁ ସ୍ମରଣ ରଖ ଏବଂ ସ୍ଥୂଳ ଦୃଷ୍ଟିରୁ ତାଙ୍କଠାରୁ ଦୂରରେ ଥିଲେ ବି ସେ ତୁମ ସହ ଅଛନ୍ତି ବୋଲି ଅନୁଭବ କର ଏବଂ ତୁମର ଆନ୍ତରସତ୍ତା ତାଙ୍କ ଇଚ୍ଛା ବୋଲି ତୁମକୁ ଯାହା ଜଣାଇ ଦେଉଛି ସେହି ଅନୁଯାୟୀ କାର୍ଯ୍ୟ କର । ତା’ହେଲେ ତୁମେ ମା’ଙ୍କର ଓ ମୋର ଉପସ୍ଥିତି ସର୍ବୋତ୍ତମଭାବେ ଅନୁଭବ କରିପାରିବ ଏବଂ ତୁମ ଚାରିପଟେ ଏକ ରକ୍ଷାକବଚ ସଦୃଶ ଆମର ସାନ୍ନିଧ୍ୟ ଓ ନିଶ୍ଚଳତାର ଏକ ପରିବେଶ ବହନ କରି ଚାଲିବ ଏବଂ ସବୁ କ୍ଷେତ୍ରରେ ଆମର ଆଲୋକ ତୁମ ସହ ରହିବ ।

– ଶ୍ରୀଅରବିନ୍ଦ



# ମନ୍ତ୍ରମୟୀ ସାବିତ୍ରୀ

### ଦ୍ୱିତୀୟ ପର୍ବ : ଅଷ୍ଟମ ସର୍ଗ, ମିଥ୍ୟାର ଜଗତ୍, ଅମଙ୍ଗଳର ଜନନୀ ଓ ଅନ୍ଧକାରର ଅପତ୍ୟଗଣ

### (The World of Falsehood, the Mother of Evil and the Sons of Darkness)

(୮୯)

## ଶ୍ରୀଅରବିନ୍ଦ

In a fell chapel of iniquity
To worship a black pitiless image of Power
Kneeling one must cross hard-hearted stony courts,
A pavement like a floor of evil fate.

ଅବିଚାରର କ୍ରୂର ପ୍ରାର୍ଥନା ମନ୍ଦିରରେ ପରାକ୍ରମର ଏକ କୃଷ୍ଣକାୟ ନିର୍ଦ୍ଦୟ ପ୍ରତିମାକୁ ପୂଜା କରିବାକୁ ଆଣ୍ଠେଇ ଆଣ୍ଠେଇ କଠିନ-ହୃଦୟ ପ୍ରସ୍ତରମୟ ପ୍ରାଙ୍ଗଣସକଳକୁ ଅବଶ୍ୟ ପାର ହୋଇଯିବାକୁ ପଡ଼ିବ, ଦୁର୍ଭାଗ୍ୟର ଏକ ଚଟାଣ ସଦୃଶ ଥିଲା ସେଇ ପାଦଚଲା ରାସ୍ତା ଗୋଟିକ ।

Each stone was a keen edge of ruthless force
And glued with the chilled blood from tortured breasts;
The dry gnarled trees stood up like dying men
Stiffened into a pose of agony,
And from each window peered an ominous priest
Chanting Te Deums for slaughter's crowning grace,
Uprooted cities, blasted human homes,
Burned writhen bodies, the bombshell's massacre.

ପ୍ରତିଟି ପ୍ରସ୍ତରଖଣ୍ଡ ଥିଲା ନିର୍ମମ ଶକ୍ତିର ଶାଣିତ ଧାର ଏବଂ ସେଗୁଡ଼ିକ ଯୋଡ଼ା ହୋଇଥିଲେ ନିର୍ଯାତିତ ବକ୍ଷସକଳରୁ କ୍ଷରିତ ହିମଶୀତଳ ରକ୍ତଧାରାରେ; ମୁମୂର୍ଷୁ ମଣିଷମାନଙ୍କ ପରି ଯନ୍ତ୍ରଣାର ସ୍ତବ୍ଧ କଠିନ ଭଙ୍ଗୀରେ ସେଠାରେ ଠିଆ ହୋଇଥିଲେ ଶୁଷ୍କ ଗ୍ରନ୍ଥିସାର ବେଢଙ୍ଗ ବୃକ୍ଷରାଜି, ଏବଂ ପ୍ରତ୍ୟେକ ବାତାୟନରୁ ଉଙ୍କିମାରି ଚାହୁଁଥିଲା ଅଶୁଭ ସଙ୍କେତ ବାହକ ପୁରୋହିତ ଜଣେ, ବଳିଦାନର ଚୂଡ଼ାନ୍ତ କରୁଣା ଉଦ୍ଦେଶ୍ୟରେ ସେ ଦେବତାଙ୍କର ପ୍ରଶସ୍ତିପୂର୍ଣ୍ଣ ସ୍ୱସ୍ତି ମନ୍ତ୍ରର ଉଚ୍ଚାରଣ କରୁଥିଲା, ସେଠାରେ ଦୃଶ୍ୟମାନ ହେଉଥିଲେ ଉତ୍ପାଟିତ ନଗରସମୂହ, ବିସ୍ଫୋରଣ-ବିଧ୍ୱସ୍ତ ମାନବ ନିବାସଚୟ, ଅଗ୍ନିଦଗ୍ଧ କୁଣ୍ଡଳିତ ଦେହପୁଞ୍ଜ ଆଉ ବୋମାବର୍ଷଣଜନିତ ଗଣହତ୍ୟା ।

"Our enemies are fallen, are fallen," they sang,
"All who once stayed our will are smitten and dead;
How great we are, how merciful art Thou."

''ଆମର ଶତ୍ରୁକୁଳ ନିପତିତ, ନିପତିତ,'' ବୋଲି ସେମାନେ ସଙ୍ଗୀତ ଗାନ କରୁଥିଲେ, ''ଯେଉଁମାନେ ଆମ ଇଚ୍ଛା ବିରୋଧରେ ଠିଆ ହୋଇଥିଲେ, ସେମାନେ ସମସ୍ତେ ଆହତ ଓ ନିହତ; କେତେ ମହାନ୍ ଆମ୍ଭେମାନେ, କେତେ କରୁଣାମୟ ପ୍ରଭୁ ତୁମେ ।''

Thus thought they to reach God's impassive throne
And Him command whom all their acts opposed,
Magnifying their deeds to touch his skies,
And make him an accomplice of their crimes.

ଏହିପରି ଭାବରେ ସେମାନେ ଭଗବାନଙ୍କର ଅଚଞ୍ଚଳ ସିଂହାସନରେ ପହଞ୍ଚିଯିବା ଲାଗି ଚିନ୍ତା ପ୍ରକଟ କରୁଥିଲେ ଏବଂ ସେମାନଙ୍କର ଯାବତୀୟ କର୍ମ ଯାହାଙ୍କର ବିରୋଧାଚରଣ କରୁଥିଲା, ତାଙ୍କୁହିଁ ଶାସନାଧୀନ କରିବାକୁ ସେମାନେ ଚାହୁଁ ଥିଲେ, ଆପଣାର କୃତିସକଳକୁ ବିବର୍ଦ୍ଧିତ କରି ସେମାନେ ତାଙ୍କର (ଅର୍ଥାତ୍ ଈଶ୍ୱରଙ୍କର) ଆକାଶକୁ ସ୍ପର୍ଶ କରିବାକୁ ତଥା ଆପଣାର ପାପକର୍ମରେ ତାଙ୍କୁ ସହଯୋଗୀ କରିବା ନିମନ୍ତେ ମନ ବଳାଉଥିଲେ ।

(କ୍ରମଶଃ)

ଗଦ୍ୟାନୁବାଦ : ରବୀନ୍ଦ୍ର ନାଥ ପାଢ଼ୀ ❑

# ଚୈତ୍ୟସତ୍ତା ସମ୍ପର୍କରେ ଜ୍ଞାନ

## ଶ୍ରୀମା

### ବାଧାବିଘ୍ନ ଓ ଚୈତ୍ୟସତ୍ତା

ମୁଁ ଲକ୍ଷ୍ୟ କରିଛି – ବହୁ ସମୟରେ ଯେଉଁ ଲୋକମାନେ ବହୁ ଅସୁବିଧା ଭିତରେ ଥା'ନ୍ତି, ସେମାନେ ପ୍ରାୟଶଃ ଊଣା ଅଧିକେ ସେମାନଙ୍କ ଚୈତ୍ୟସତ୍ତା ସହିତ ନିକଟତର ହୋଇ ରହିଥା'ନ୍ତି । ତୁମେ ଯଦି ବାହାର ପରିସ୍ଥିତି ସମ୍ବନ୍ଧେ କହିବାକୁ ଚାହଁ – ମୁଁ ତାହାର ଗୁଣଧର୍ମ ସମ୍ବନ୍ଧେ କିଛି କହୁ ନାହିଁ, ସେ କଥା ସମ୍ପୂର୍ଣ୍ଣ ଅଲଗା – କିନ୍ତୁ ବାହ୍ୟ ପରିସ୍ଥିତି ଭିତରେ – ଯେଉଁଥିରେ ଲୋକମାନେ ଅଧିକ ସଂଘର୍ଷ କରୁଥା'ନ୍ତି ଓ ସେଥିଯୋଗୁଁ ଦୁଃଖକଷ୍ଟ ପାଉଥା'ନ୍ତି, ସେମାନେ ନିଶ୍ଚୟ ଖୁବ୍ ବିକଶିତ ଚୈତ୍ୟସତ୍ତାର ଅଧିକାରୀ ।

... କିନ୍ତୁ ଏହାର ବିପରୀତ ପାର୍ଶ୍ୱଟିଏ ବି ଅଛି । ତା' ହେଲା ଚୈତ୍ୟସତ୍ତା ସହିତ ଜଣେ କେତେଦୂର ସମ୍ପର୍କିତ ହୋଇ ରହିଛି; ତଦନୁଯାୟୀ ସେ ତା'ର ଜୀବନର ପରିସ୍ଥିତିକୁ ସଂପୂର୍ଣ୍ଣ ଏକ ଭିନ୍ନ ବାଟରେ ସମ୍ମୁଖୀନ ହୁଏ । ତା'ର ମଧ ଥାଏ ଏକ ଆନ୍ତର ସ୍ୱାଧୀନତା । ତା' ଫଳରେ ସେ ତା' ପରିସ୍ଥିତି ଭିତରୁ ନିଜକୁ ମୁକୁଳାଇ ନେବାରେ ମଧ ସମର୍ଥ ହୋଇଥାଏ, ଏବଂ ସାଧାରଣ ଲୋକଙ୍କ ଭଳି ସେ ତା' ନିଜ ପରିସ୍ଥିତିର ସଂଘାତକୁ ଅନୁଭବ କରେ ନାହିଁ । ଏପରି ଅବସ୍ଥାରେ ତୁମେ ତୁମ ଜୀବନର ବାଧାବିଘ୍ନଗୁଡ଼ିକୁ କିଂବା ବାହ୍ୟ ବିଷୟଗୁଡ଼ିକୁ ଖୁବ୍ ଶାନ୍ତ, ଧୀର ଭାବରେ ସମ୍ମୁଖୀନ ହୋଇ ପାରିବ ଏବଂ ତୁମର ସମଧିକ ଆନ୍ତର ଜ୍ଞାନ ସହ ତୁମେ ଆଦୌ ବିଚଳିତ ହେବ ନାହିଁ । ସୁତରାଂ ଏକ ଦିଗରେ ତୁମେ ଖୁବ୍ ସମ୍ବେଦନଶୀଳ ରହିବ ଏବଂ ଅନ୍ୟ ଦିଗରେ ତୁମର ଏହି ସଂବେଦନଶୀଳତାକୁ ସହ୍ୟ କରିବାର ଶକ୍ତି ମଧ ଅଧିକ ହେବ ।

### ଚୈତ୍ୟର ଜ୍ଞାନ

ଆମର ବାହ୍ୟ ଚେତନାର ଦୃଷ୍ଟି ଆମର ଚୈତ୍ୟ-ଦୃଷ୍ଟିକୁ ଅସ୍ୱୀକାର କରିପାରେ । କିନ୍ତୁ ଚୈତ୍ୟରହିଁ ରହିଛି ପ୍ରକୃତ ଜ୍ଞାନ । ଏ ଜ୍ଞାନ ହେଉଛି ଏକ ସହଜାତ ସଂବୋଧିଗତ ଜ୍ଞାନ, ଅନ୍ତର୍ଜ୍ଞାନ । ଏହା କହେ – ''ମୁଁ ଜାଣେ; ମୁଁ କିଛି କାରଣ ଦର୍ଶାଇ ପାରିବି ନାହିଁ, କିନ୍ତୁ ମୁଁ ଜାଣେ ।'' କାରଣ, ଏହାର ଜ୍ଞାନ ଅଭିଜ୍ଞତା କିଂବା ପ୍ରମାଣ-ଲବ୍ଧ ସତ୍ୟ ଉପରେ ଆଧାରିତ ମାନସିକ ଜ୍ଞାନ ନୁହେଁ । ଏହାର ବିଶ୍ୱାସ ପାଇଁ ପ୍ରମାଣର ଆବଶ୍ୟକତା ପଡ଼େ ନାହିଁ : ବିଶ୍ୱାସ ହେଉଛି ଆତ୍ମାର ଏକ ଗତିବୃତ୍ତି ଯାହାର ଜ୍ଞାନ ସ୍ୱତଃସ୍ଫୂର୍ତ୍ତ ଏବଂ ପ୍ରତ୍ୟକ୍ଷ, ସିଧାସଳଖ । ଏପରିକି ଯଦି ସାରା ବିଶ୍ୱ ଏହାର ସତ୍ୟକୁ ଅସ୍ୱୀକାର କରେ ଏବଂ ସହସ୍ର ପ୍ରମାଣ ଏହାର ବିପକ୍ଷରେ ଉପସ୍ଥାପିତ କରାଏ ଏହାକୁ ମିଥ୍ୟା ବୋଲି ପ୍ରମାଣିତ କରିବାକୁ, ତଥାପି ଏହା ଏକ ଆନ୍ତର ଜ୍ଞାନରୁ, ଏକ ପ୍ରତ୍ୟକ୍ଷ ଅବବୋଧରୁ ସବୁକିଛି ଜାଣିଥାଏ, ଯାହାକି ସବୁ ପ୍ରତିକୂଳ ପ୍ରମାଣ ବିରୋଧରେ ସିଧାସଳଖ ଦଣ୍ଡାୟମାନ ହୋଇପାରେ । ଏହି ଅବବୋଧ ଏକାତ୍ମତା ଦ୍ୱାରା ଲାଭ ହୋଇଥାଏ । ଚୈତ୍ୟର ଜ୍ଞାନ ହେଲା ଏପରି ବିଷୟ ଯାହାକି ବାସ୍ତବ ଏବଂ ସ୍ପର୍ଶନୀୟ, ଏକ ନିଦାବସ୍ତୁ । ତୁମେ ମଧ ଏହାକୁ ତୁମର ମାନସିକ, ପ୍ରାଣିକ ଏବଂ ଦୈହିକ ସ୍ତରର ଚେତନା ଭିତରକୁ ଆଣି ପାରିବ । ତା'ପରେ ଯାଇ ତୁମର ହେବ ଏକ ପୂର୍ଣ୍ଣାଙ୍ଗ ବିଶ୍ୱାସ – ଏପରି ଏକ ବିଶ୍ୱାସ ଯାହାକି ପ୍ରକୃତରେ ପାହାଡ଼ ପର୍ବତକୁ ଟଳାଇ ଦେଇପାରେ ।

(The Great Adventure
*A Diary for All Times* ପୁସ୍ତିକାରୁ)
ଅନୁବାଦ : ମହାପାତ୍ର ନୀଳମଣି ସାହୁ ❑

# ଶ୍ରୀଅରବିନ୍ଦ :
# ମହାଯୋଗୀଙ୍କ ଜୀବନ ଏବଂ ଯୁଗ

## (ପରିଚ୍ଛେଦ : ୮୨)

## ଜାତୀୟ ପୁନରୁଜ୍ଜୀବନ ନିମନ୍ତେ ଆହ୍ୱାନ

ମନୋଜ ଦାସ

''ଏଭଳି ଘଟଣା ଘଟେ ନାହିଁ – ତାହା ବୃହତ୍ ହେଉ ବା କ୍ଷୁଦ୍ର ହେଉ ବା ଏପରିକି କ୍ଷୁଦ୍ରତମ ହେଉ – ଯହିଁରୁ କିଛି ନା କିଛି ଶୁଭ ନିଃସୃତ ନ ହୋଇଛି ।

''ସେ (ମଙ୍ଗଳମୟ ଭଗବାନ୍) ଗୋଟାଏ ବ୍ୟାପାର ମାଧ୍ୟମରେ ତିନୋଟି ବା ଚାରିଗୋଟି ଲକ୍ଷ୍ୟ ସାଧନ କରନ୍ତି । ଆମେ ପ୍ରାୟତଃ ପୃଥିବୀରେ ଏକ ଅନ୍ଧ ଶକ୍ତିର କାର୍ଯ୍ୟକଳାପ ଦେଖିଥାଉଁ; ଅପଚୟକୁ ପ୍ରକୃତିର କାର୍ଯ୍ୟପନ୍ଥାର ଏକ ଅଙ୍ଗ ବୋଲି ଧରିନେଇ ଭଗବାନଙ୍କ ସର୍ବଜ୍ଞତା ଏଡ଼ାଇ ଯାଉଁ ଏବଂ ଦିବ୍ୟବୁଦ୍ଧିରେ ତ୍ରୁଟି ଲକ୍ଷ୍ୟ କରୁଁ । ଏ ଅଭିଯୋଗ ଅମୂଳକ । ଦିବ୍ୟପ୍ରଜ୍ଞା କଦାଚ ଅନ୍ଧଭାବରେ କର୍ମ କରେନା । ତାଙ୍କ ଶକ୍ତିର ସାମାନ୍ୟତମ ଅପଚୟ ଘଟେନା । ବରଂ ଯେଉଁଭଳି ସଂଯତ ରୀତିରେ, ସର୍ବନିମ୍ନ ଉପାୟରେ ସେ ବହୁବିଧ ଫଳ ହାସଲ କରନ୍ତି ତାହା ମାନବ ବୁଦ୍ଧିର ବାହାରେ... ।''[୧]

(୧୯୦୯) — ଶ୍ରୀଅରବିନ୍ଦ

କୌଣସିମତେ ଶ୍ରୀଅରବିନ୍ଦଙ୍କୁ ଦେଶାନ୍ତର ଦଣ୍ଡ ଦେବା ନିମନ୍ତେ ବଙ୍ଗ ସରକାର ଭାବିତ ଥିବା ବେଳେ ଆଲିପୁର ଷଡ଼ଯନ୍ତ୍ର ମାମଲା ଭଳି ସୁଯୋଗଟିଏ ମିଳିଗଲା ଓ ୧୯୦୮ ମସିହା ମଇ ୨ ତାରିଖରେ ତାଙ୍କୁ ଗିରଫ କରାଗଲା । ମାତ୍ର ଦିନ କେତୋଟି ପରେ, ୧୯୦୮ ମଇ ୧୬ ତାରିଖରେ ବଙ୍ଗ ସରକାର ଭାରତର ବଡ଼ଲାଟଙ୍କୁ ଜଣାଇଲେ : ''ଯଦି ଆମ ଗୁପ୍ତଚର (informer)ର ସାକ୍ଷ୍ୟ ବ୍ୟବହାର କରାଯାଇପାରେ ଅଥବା କୌଣସି ଜଣେ ବନ୍ଦୀକୁ ରାଜସାକ୍ଷୀ ହେବା ନିମନ୍ତେ ପ୍ରବର୍ତ୍ତାଇ ହୁଏ, ତେବେ ଅରବିନ୍ଦ ଘୋଷ ଏବଂ ଅବିନାଶ ଚନ୍ଦ୍ର ଭଟ୍ଟାଚାର୍ଯ୍ୟଙ୍କୁ ଅପରାଧୀ ସାବ୍ୟସ୍ତ କରି ପାରିବାର ଯଥେଷ୍ଟ ସମ୍ଭାବନା ରହିଛି ।''[୨]

କିନ୍ତୁ ବଙ୍ଗ ତଥା ଭାରତ ସରକାରଙ୍କୁ ହତାଶ କଲା ଆଲିପୁର ଷଡ଼ଯନ୍ତ୍ର ମାମଲା ଶେଷରେ ବିଚାରକ ମହୋଦୟଙ୍କ ରାୟ । ଉଚ୍ଚତର ବିଚାରାଳୟରେ ସେ ରାୟ ବିରୁଦ୍ଧରେ ଅଭିଯୋଗ ଅଣାଯାଇପାରେ କି ନାହିଁ ସେ ପ୍ରଶ୍ନ ଉପରେ ଚାଲିଲା ଘମାଘୋଟ ଆଲୋଚନା । କିନ୍ତୁ ସେ ଦିଗରେ ସାଫଲ୍ୟର ନିଶ୍ଚୟତା ନଥିବା ଯୋଗୁଁ ଅନ୍ୟ କୌଣସି ଆଳରେ କିପରି ଶ୍ରୀଅରବିନ୍ଦଙ୍କୁ ଜନସମାଜଠାରୁ ଦୂରେଇ ଦିଆଯାଇ ପାରିବ ସେହି ସମ୍ଭାବନା ଉପରେ ଚାଲିଲା ବିଚାର ବିମର୍ଷ । ଉତ୍ତରପଡ଼ାରେ ନାହିଁ ନଥିବା ସମ୍ବର୍ଦ୍ଧନାର ଉତ୍ତରରେ ତଥା ଆଶାତୀତ ଜନସମାବେଶକୁ ଉଦ୍‌ବୁଦ୍ଧ କରିବା ନିମନ୍ତେ ଶ୍ରୀଅରବିନ୍ଦ ଏକ ଉଦାତ୍ତ ଭାଷଣ ଦେବେ ଏବଂ ତହିଁରୁ କିଛି ନା କିଛି ଦେଶଦ୍ରୋହମୂଳକ ଉଦ୍ଧୃତି ମିଳିଯିବ, ସରକାର ଏହି ଆଶା ପୋଷଣ କରୁଥିଲେ ଏବଂ ଇଂରାଜୀ ଉତ୍ତମ ରୂପେ ବୁଝିପାରୁଥିବା ଗୁପ୍ତଚରମାନଙ୍କୁ ତାଙ୍କ ଭାଷଣର ଲିପି ପ୍ରସ୍ତୁତ କରିବାକୁ ନିୟୋଗ କରିଥିଲେ । କିନ୍ତୁ ଉତ୍ତରପଡ଼ା ଅଭିଭାଷଣର ଆଧ୍ୟାତ୍ମିକ ସ୍ୱର ସେମାନଙ୍କୁ ବିମୂଢ଼ ବନାଇ ଛାଡ଼ିଲା । କାହିଁ ବିଦ୍ରୋହ ନିମନ୍ତେ ବହୁ ପ୍ରତ୍ୟାଶିତ ଅଗ୍ନିଗର୍ଭ ଆହ୍ୱାନ ? ଶ୍ରୋତୃମଣ୍ଡଳୀକୁ ଆପ୍ଲୁତ କରୁଥିଲା ପ୍ରଶାନ୍ତି ଓ ପ୍ରତ୍ୟୟର ହିଲ୍ଲୋଳ !

ଜୁନ୍ ୧୩ ତାରିଖରେ କଲିକତାର ବିଡ଼ନ୍ ସ୍କୋଆର୍‌ରେ ବିଖ୍ୟାତ ମନିଷୀ, ଇଂରାଜୀ 'ମଡ଼ର୍ଣ୍ଣ ରିଭ୍ୟୁ' ଏବଂ ବଙ୍ଗଳା 'ପ୍ରବାସୀ'ର ସମ୍ପାଦକ ଶ୍ରୀ ରାମାନନ୍ଦ ଚଟ୍ଟୋପାଧ୍ୟାୟ (୧୮୬୫-୧୯୪୩)ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏକ ସଭାରେ ଶ୍ରୀଅରବିନ୍ଦଙ୍କୁ ଶୁଣିବା ସକାଶେ ''ପାଗ ପ୍ରତିକୂଳ ହେବା ସତ୍ତ୍ୱେ ବିଶାଳ ଜନସମାଗମ ହୋଇଥିଲା ।''[୩] ସେଦିନ ଅବଶ୍ୟ ଶ୍ରୀଅରବିନ୍ଦ ସାଂପ୍ରତିକ ରାଜନୈତିକ ବାତାବରଣ ଉପରେ ଭାଷଣ ଦେଲେ, କିନ୍ତୁ ମୁଖ୍ୟତଃ ଧୀର ବ୍ୟଙ୍ଗାତ୍ମକ ଶୈଳୀରେ । ସେତେବେଳେ ''ସୂର୍ଯ୍ୟାସ୍ତ ଆଇନ'' ଚାଲୁ ହୋଇଥାଏ – ଯାହା ଅପରାହ୍ଣରେ ଏକ ନିର୍ଦ୍ଦିଷ୍ଟ ସମୟ ପରେ ସଭା ଶୋଭାଯାତ୍ରା ନିଷିଦ୍ଧ କରିଥାଏ । ଶ୍ରୀଅରବିନ୍ଦ ତାଙ୍କ

ଭାଷଣରେ କହିଲେ, ''ମନେହୁଏ ସୂର୍ଯ୍ୟାସ୍ତ ପର୍ଯ୍ୟନ୍ତ ଆମେମାନେ ଶାନ୍ତିପୂର୍ଣ୍ଣ ନାଗରିକ ଥାଉଁ, କିନ୍ତୁ ସୂର୍ଯ୍ୟାସ୍ତ ସଙ୍ଗେ ସଙ୍ଗେ ଆମ ଚରିତ୍ର ହୋଇଉଠେ ଦୁର୍ଦ୍ଦାନ୍ତ – ଶୁଣିଲି, ସୂର୍ଯ୍ୟାସ୍ତର ଅଧଘଣ୍ଟାଏ ପୂର୍ବରୁ ବି ! ମନେହୁଏ ସେତେବେଳେ ଆମକୁ ଧୀର ସ୍ଥିର ରଖିବା ଦିଗରେ ସୂର୍ଯ୍ୟଙ୍କ ଶକ୍ତି ଉପରୁ ମଧ ବିଶ୍ୱାସ ତୁଟିଯାଏ !''[୪]

ଇତି ମଧ୍ୟରେ ଇଂରାଜୀ ସାପ୍ତାହିକ ''କର୍ମଯୋଗୀନ୍'' ପ୍ରକାଶ ନିମନ୍ତେ ଆୟୋଜନ ହେଉଥାଏ । ୧୪ ଶ୍ୟାମ ବାଜାର ଷ୍ଟ୍ରୀଟ୍‌ରୁ ୧୯୦୯ ଜୁନ୍ ୧୯ ତାରିଖରେ ପ୍ରଥମ ସଂଖ୍ୟା ପ୍ରକାଶ ପାଇବା ମାତ୍ରେ ଶିକ୍ଷିତ ସଂପ୍ରଦାୟ ତାକୁ ଶ୍ରଦ୍ଧା ଓ ଉତ୍ସାହଭରେ ଗ୍ରହଣ କଲେ । ପ୍ରକାଶନର ତତ୍ତ୍ୱାବଧାରକ ଥିଲେ ''ବନ୍ଦେ ମାତରମ୍''ରେ ଶ୍ରୀଅରବିନ୍ଦଙ୍କର ସୁଯୋଗ୍ୟ ସହକାରୀ ରୂପେ କାମ କରିଥିବା ଶ୍ୟାମସୁନ୍ଦର ଚକ୍ରବର୍ତ୍ତୀଙ୍କର ଅନୁଜ ଗିରିଜା ସୁନ୍ଦର ଚକ୍ରବର୍ତ୍ତୀ ।

''ଶ୍ରୀଅରବିନ୍ଦ ପ୍ରାୟ ପ୍ରତ୍ୟହ ଅପରାହ୍ଣରେ କୃଷ୍ଣକୁମାର ମିତ୍ରଙ୍କ ବାସଭବନର ଦ୍ୱିତଳ ବାରନ୍ଦାରେ ବସୁଥା'ନ୍ତି । ପୁଲିସ ଦ୍ୱାରା ନିର୍ଯାତିତ ହେବାର ସମ୍ଭାବନା ସତ୍ତ୍ୱେ ତାଙ୍କୁ ଦେଖିବା ନିମନ୍ତେ କଲେଜ ସ୍କୋଆର୍‌ରେ ଭିଡ଼ ହେଉଥାଏ ।''[୫]

ନଗରୀର ବିଭିନ୍ନ ସ୍ଥାନରେ କେତୋଟି ମାତ୍ର ପୋଷ୍ଟର ଯୋଗେ 'କର୍ମଯୋଗୀନ୍'ର ବିଜ୍ଞାପନ ଦିଆଯାଇଥାଏ । କାରାବାସ ପୂର୍ବରୁ ଶ୍ରୀଅରବିନ୍ଦଙ୍କ ପ୍ରତ୍ୟକ୍ଷ ସହକାରୀ ଥିବା ଅବିନାଶ ଭଟ୍ଟାଚାର୍ଯ୍ୟଙ୍କ ଅନୁଜ ଉପେନ୍ଦ୍ର ଜଣେ କିରାଣି ରୂପେ ଗ୍ରାହକମାନଙ୍କ ଠିକଣା ଲେଖିବା ଦାୟିତ୍ୱ ନେଇଥା'ନ୍ତି । ତାଙ୍କ ସ୍ମୃତିକଥାରୁ ଅନ୍ୟଥା ଅଜ୍ଞାତ କେତେକ ତଥ୍ୟ ଜାଣିବାକୁ ମିଳେ :

''ସକାଳେ କାର୍ଯ୍ୟାଳୟରେ ପହଞ୍ଚି ଦେଖିଲି ଆମର ତିନିଜଣ କର୍ମଚାରୀ ଦେଓତାଧୀନ, ରାମ ଦୟାଲ ଏବଂ ମାଧୋ ପ୍ରତ୍ୟେକେ ଦୁଇ ଶହ ଲେଖାଏଁ ପତ୍ରିକା ଧରି ବାହାରି ଯାଉଛନ୍ତି । ଆଚାର୍ଯ୍ୟ ଧରିଥିଲେ ପଚିଶ ଖଣ୍ଡ । ମୋର ମଧ୍ୟ ଆଗ୍ରହ ହେଲା । ଦଶ ଖଣ୍ଡ ପତ୍ରିକା ଧରି ରାସ୍ତାରେ ଦୌଡ଼ି ଘୋଷଣା କଲି – 'ଶ୍ରୀଅରବିନ୍ଦଙ୍କ ନୂତନ ପତ୍ରିକା – କର୍ମଯୋଗୀନ୍ !' ଟ୍ରାମ୍-କାର୍‌ରେ ପଶିବା ପୂର୍ବରୁ ଚାରି ଖଣ୍ଡି ବିକ୍ରି ହୋଇଗଲା । କଲେଜ ଷ୍ଟ୍ରୀଟ୍‌ରେ ପହଞ୍ଚିବା ବେଳକୁ ସବୁ ସରି ଯାଇଥାଏ । ବହୁତ ଉତ୍ସାହିତ ହେଲି – ମୋ ଗରିବ ପରିବାର ନିମନ୍ତେ ସାମାନ୍ୟ ଅଧିକ ଉପାର୍ଜନ କଲି ବୋଲି ନୁହେଁ, ଶ୍ରୀଅରବିନ୍ଦଙ୍କ ବାଣୀ ପ୍ରସାର କାର୍ଯ୍ୟରେ ମାଧ୍ୟମ ହୋଇ ପାରୁଛି ବୋଲି ! ଦିନକର କାମ ଶେଷ ହୁଅନ୍ତେ ଗିରିଜାବାବୁଙ୍କ ପାଖରୁ ଆଉ ପଚିଶ ଖଣ୍ଡ ପତ୍ରିକା ନେଲି । ରାତି ୯ଟା ସୁଦ୍ଧା ସବୁ ବିକ୍ରୟ ହୋଇଗଲା ।''[୬]

ଉପେନ୍ଦ୍ରଙ୍କ ସ୍ମୃତିକଥାରୁ ଜାଣିବାକୁ ପାଉଁ ଶ୍ରୀଅରବିନ୍ଦଙ୍କର ଜଣେ ଅଶ୍ରୁତ ଭକ୍ତ କଥା । ତାଙ୍କ ନାମ ଧରମ ସିଂହ । ଆଲିପୁର ଜେଲରେ ସେ ଥିଲେ ଜଣେ ୱାର୍ଡର୍ । ''କାରାଗାର ଭିତରେ ଶ୍ରୀଅରବିନ୍ଦଙ୍କ ଦର୍ଶନ ପାଇ ତା'ର ମନେ ହେଲା ସେ ଯେମିତି ନବଜନ୍ମ ଲାଭ କଲା ! ଯେ ଯାଏ ଶ୍ରୀଅରବିନ୍ଦ କାରାଗାରରେ ରହିଥିଲେ, ସେ ସୁଯୋଗ ଖୋଜି ତାଙ୍କ ସେବା କରୁଥାଏ ।... ଶ୍ରୀଅରବିନ୍ଦ ମୁକ୍ତ ହେବା ପରେ ସେ ଚାକିରିରୁ ଇସ୍ତଫା ଦେଇ କର୍ମଯୋଗୀନ୍ କାର୍ଯ୍ୟାଳୟରେ ଦରୁଆନ ଦାୟିତ୍ୱ ଗ୍ରହଣ କଲା ।''

ଉପେନ୍ଦ୍ର ପୁଣି ଲେଖିଛନ୍ତି : ''ଶ୍ରୀଅରବିନ୍ଦଙ୍କ ଲେଖା ଓ ଗିରିଜା ବାବୁଙ୍କ ନିପୁଣ ବ୍ୟବସ୍ଥା ଯୋଗୁଁ 'କର୍ମଯୋଗୀନ୍' ଅଚିରେ ଆତ୍ମନିର୍ଭରଶୀଳ ହେଲା । ଗିରିଜାବାବୁଙ୍କ ସ୍ମୃତିଶକ୍ତି ଥିଲା ବିସ୍ମୟକର । ସେ ଏକ ସହସ୍ର ଗ୍ରାହକଙ୍କ ନାମଧାମ ମନେ ରଖି ପାରୁଥିଲେ । ଦିନ କେତୋଟି ଭିତରେ ଆମେ 'କର୍ମଯୋଗୀନ୍' ନାମରେ ବ୍ୟାଙ୍କ୍‌ରେ ଦୁଇ ହଜାର ଟଙ୍କା ଜମା ରଖି ପାରିଲୁ ।''[୭]

"Ourselves" ଶୀର୍ଷକ ସନ୍ଦର୍ଭ ମାଧ୍ୟମରେ ଶ୍ରୀଅରବିନ୍ଦ ପତ୍ରିକାର ଆଭିମୁଖ୍ୟ ସ୍ପଷ୍ଟ କରି ଦେଇଥା'ନ୍ତି । କିୟଦଂଶର ସଂକ୍ଷିପ୍ତସାର :

''ଦେଶର ଏକ କ୍ରମ-ବର୍ଦ୍ଧମାନ ଚାହିଦା ପୂରଣ କରିବାର ଉଦ୍ଦେଶ୍ୟ ନେଇ 'କର୍ମଯୋଗୀନ୍'ର ଆବିର୍ଭାବ । ଏକଦା ଯେଉଁ ମହାଜାତିର ଜୀବନ ଗୋଟିଏ ଏକକ ତଥା ବ୍ୟାପକ ସ୍ରୋତରେ ପ୍ରବାହିତ ହେଉଥିଲା, ବହୁ ଦିନ ଧରି ତାହା ଅନେକଗୁଡ଼ିଏ ଦୁର୍ବଳ କ୍ଷୀଣ ଧାରାରେ ବିଭକ୍ତ ହୋଇଛି ।... ଆମ ରାଜନୈତିକ କର୍ମ ୟୁରୋପୀୟ କିଂବା ୟୁରୋପ-ଅଧ୍ୟୁଷିତ ମନ ଦ୍ୱାରା ପ୍ରସ୍ତୁତ ହୋଇଥିବା ଏକ କ୍ଷୀଣଧାରାରେ ପ୍ରବାହିତ ।... ଜାତୀୟ ପ୍ରତିଭା, ମୌଳିକତା, ବ୍ୟକ୍ତିତ୍ୱ ଧର୍ମ-ମାର୍ଗରେ ପ୍ରବାହିତ ହେବା ସ୍ଥଳେ ଆମ ରାଜନୀତି ହେଲା ଅନୁକରଣଧର୍ମୀ ଏବଂ ଅବାସ୍ତବ । ଅଥଚ ଏକ ଜୀବନ୍ତ ରାଜନୈତିକ କର୍ମଧାରା ବ୍ୟତୀରେକେ ଆଜିର ପରିସ୍ଥିତିରେ ଜାତୀୟ ଜୀବନ ତିଷ୍ଠି ରହିପାରିବ ନାହିଁ । ଆମ ସାମାଜିକ ଜୀବନଧାରା ଅଧିକରୁ ଅଧିକ ପଙ୍କିଳ ଏବଂ ବିକ୍ଷୁବ୍ଧ । ସ୍ୱଚ୍ଛତା, ଗଭୀରତା, ବ୍ୟାପକତା ଏବଂ ସ୍ୱାଧୀନତା ଦିଗରେ ଉଦ୍ୟମ

ସର୍ବଦା ପରାଭୂତ ତଥା ଅଧିକରୁ ଅଧିକ ଦୁର୍ବଳ ହେଉଛି । ଆମର ପ୍ରାଚୀନ ବଳିଷ୍ଠ ଶିଳ୍ପ ପରମ୍ପରାକୁ ଅନ୍ୟାୟ ଆଇନ ଏବଂ ଅସାଧୁ ବ୍ୟାବସାୟୀକ ବିଧାନ ହତ୍ୟା କରିଛି । ଏହିସବୁ ଧାରାକୁ ଏକତ୍ର କରି ଜାତୀୟ ଚେତନା ଭିତରେ ଅସ୍ପଷ୍ଟ ଭାବେ ସୃଜିତ ହେଉଥିବା ଗଭୀରତର ଅଭୀପ୍ସାକୁ ଏକ ବଳିଷ୍ଠ ସ୍ୱର ଏବଂ ନିର୍ଦ୍ଦିଷ୍ଟ ରୂପ ଦେବାହିଁ 'କର୍ମଯୋଗୀନ୍'ର ସ୍ଥିରୀକୃତ କର୍ମ ।''[୮]

ଯେଉଁଦିନ ପତ୍ରିକାର ପ୍ରଥମ ସଂଖ୍ୟା ପ୍ରକାଶ ପାଇଲା, ସେହିଦିନ ଶ୍ରୀଅରବିନ୍ଦଙ୍କୁ ବରିସାଲ ଜିଲ୍ଲାର ଝାଲାକାଟିଠାରେ ଏକ ସମ୍ମିଳନୀରେ ବିପୁଳ ସମ୍ବର୍ଦ୍ଧନା ଦିଆ ଯାଇଥିଲା । ଏକ ବର୍ଷ କାଳ ଜନସାଧାରଣଙ୍କ ସ୍ନେହମୟ ଆଶ୍ଳେଷରୁ ବଞ୍ଚିତ ରହିବା ପରେ ବରିସାଲ ଭଳି ଗୁରୁତ୍ୱପୂର୍ଣ୍ଣ ସ୍ଥାନକୁ ଆସି ସଭିଙ୍କୁ ଭେଟି ପାରିଥିବା ଯୋଗୁଁ ସେ ବିପୁଳ ଆନନ୍ଦ ପ୍ରକାଶ କରିଥିଲେ । ଅଶ୍ୱିନୀକୁମାର ଦତ୍ତଙ୍କ ଭଳି ଜଣେ ମହାନ୍ ଦେଶପ୍ରେମୀଙ୍କର ସେ ଜନ୍ମସ୍ଥାନକୁ ଶ୍ରୀଅରବିନ୍ଦ ଭାରତାମାତାଙ୍କର ଏକ ମନ୍ଦିର ଭାବରେ ଅଭିହିତ କରିଥିଲେ ।[୯]

ଭାରତର ପ୍ରତି ଅଞ୍ଚଳ ପ୍ରତି ତାଙ୍କର ଗଭୀର ଶ୍ରଦ୍ଧାର ନିଦର୍ଶନ ସେ ଅଭିଭାଷଣ ।

କାରାଗାରର ଅସ୍ୱାସ୍ଥ୍ୟକର ପରିବେଶ, ଏକାଦିକ୍ରମେ ବହୁ ଦିନ ସ୍ୱେଚ୍ଛାକୃତ ଅନଶନ, ପୁଣି ଆହାରର ପରିମାଣର ସ୍ୱଳ୍ପତା – ଏସବୁ ତାଙ୍କ ନିରତ କର୍ମ ପ୍ରବାହରେ ତିଳେ ମଧ୍ୟ ବ୍ୟତିକ୍ରମ ସୃଜି ନଥିଲା । ଯାହା ବିସ୍ମୟକର ତାହା ହେଲା ବିନା ବିଶ୍ରାମରେ ନାନା ସ୍ଥାନ ଭ୍ରମଣ, ବ୍ୟାହତ ନିଦ୍ରା, ଅଗଣନ ଲୋକଙ୍କ ସହ ଅକୁଣ୍ଠ ସାକ୍ଷାତ୍ – ଏସବୁ ଭିତରେ 'କର୍ମଯୋଗୀନ୍'ର ସାପ୍ତାହିକ ସଂଖ୍ୟାଟିମାନ ସକାଶେ ସମସ୍ତ ଲେଖା ତାଙ୍କୁହିଁ ଲେଖିବାକୁ ପଡୁଥିଲା । ସେତେବେଳର ମୁଦ୍ରଣ ଶିଳ୍ପ କଥା ଆଜି ଅନେକେ କଳ୍ପନା କରିପାରିବେ ନାହିଁ । ଧାତୁ ନିର୍ମିତ ଅକ୍ଷର ଗୋଟାଏ ପରେ ଗୋଟାଏ ସେମାନଙ୍କ ନିର୍ଦ୍ଦିଷ୍ଟ ଖୋପସବୁରୁ ଉଠାଇ ଖଞ୍ଜିବାକୁ ପଡୁଥିଲା । ପ୍ରୁଫ୍ ସଂଶୋଧନ ହେଉଥାଏ ବହୁବାର । ଲେଖିବା ଓ ସଂଶୋଧନ କାର୍ଯ୍ୟ ଇତ୍ୟାଦି ଭ୍ରମଣ ଭିତରେହିଁ ଶ୍ରୀଅରବିନ୍ଦଙ୍କୁ ସମାଧା କରିବାକୁ ପଡୁଥିଲା ।

ଆଲିପୁର ଷଡ଼୍‌ଯନ୍ତ୍ର ମାମଲାରେ ଗିରଫ ହୋଇ ପ୍ରମାଣ ଅଭାବରୁ ପ୍ରଥମରେ ମୁକ୍ତି ପାଇଥିବା ସେଦିନର ତରୁଣ ବିପ୍ଳବୀ ଏବଂ ପରବର୍ତ୍ତୀକାଳରେ ବିଶିଷ୍ଟ ମନୀଷୀ ଭାବରେ ଖ୍ୟାତ ନଳିନୀକାନ୍ତ ଗୁପ୍ତ ଏବଂ ତାଙ୍କର ବନ୍ଧୁ ବିଜୟ ନାଗ ସନ୍ନ୍ୟାସ ନେବାର ସିଦ୍ଧାନ୍ତ କରିଥା'ନ୍ତି । ତାଙ୍କ ସ୍ମୃତିକଥାରୁ କିଞ୍ଚିତ୍ :

''ସାଧୁ, ସନ୍ନ୍ୟାସୀ, ପରିବ୍ରାଜକମାନଙ୍କ ଭିତରେ ଏକ ରୀତି ପ୍ରଚଳିତ – ଭାରତ ପରିକ୍ରମା । ସୁତରାଂ ଚରୈବେତି । ବିଜୟ କମ୍ବଳ ସଂଗ୍ରହ କଲା; ଲୋଟା ମଧ୍ୟ । କେବେ ବାହାରିବୁଁ, ସେଦିନ ମଧ୍ୟ ସ୍ଥିର ହୋଇଗଲା, ବାକି ରହିଲା ଖାଲି ଭ୍ରମଣ ସୂଚୀ । ବିଜୟ କହିଲା, ଥରେ ଶ୍ରୀଅରବିନ୍ଦଙ୍କୁ ସାକ୍ଷାତ୍ କରି, ପ୍ରଣାମ କରି ତା'ପରେ ଯାଇ ଯାତ୍ରାରମ୍ଭ କରିବା । ଅତଏବ ଦିନେ ଅପରାହ୍ଣରେ ତାଙ୍କ ପାଖରେ ପହଞ୍ଚି ଆମ ଯୋଜନା ବିବୃତ କଲୁଁ । ସେ କିଛିକ୍ଷଣ ନୀରବ ରହି ତା'ପରେ କହିଲେ, 'କେଇଦିନ ଅପେକ୍ଷା କର !' ମୁଁ ଟିକିଏ ଆଶ୍ଚର୍ଯ୍ୟ ହେଲି । ମୋର ଧାରଣା ଥିଲା ସେ ଇତସ୍ତତଃ ନକରି ଆମ ପ୍ରସ୍ତାବ ସମର୍ଥନ କରିବେ । ସେ ଯାହାହେଉ, କିଛିଦିନ ଅପେକ୍ଷା କଲୁଁ । ଦିନେ ସେ କହିଲେ, 'ତୁମେମାନେ ଦେଶ ଭ୍ରମଣରେ ବହିର୍ଭୂତ ହେବାକୁ ଚାହିଁଥିଲ । ତେବେ ଚାଲ ମୋ ସାଥିରେ ।' ଆମେ ଯୁଗପତ୍ ବିସ୍ମିତ ଓ ଉଲ୍ଲସିତ । ସେ ଯାଉଛନ୍ତି ଆସାମ । ଶ୍ରୀହଟ୍ଟ ଅନ୍ତର୍ଗତ ଜଳସୁକା ନାମକ ସ୍ଥାନରେ ଏକ ପ୍ରାଦେଶିକ ସମ୍ମିଳନୀ ଅନୁଷ୍ଠିତ ହେଉଛି ।

''ବଙ୍ଗଦେଶର ନଦୀମାତୃକା, ବଙ୍ଗଦେଶର ମୂର୍ତ୍ତି ନୂତନ ଭାବରେ ନୂତନ ଚକ୍ଷୁରେ ଦେଖିଲି – ଜଳ-ଜଳ-ଜଳାର୍ଣ୍ଣବ; ଉପରେ ଆକାଶ ଯେମିତି ବିସ୍ତୃତ, ତଳେ ସେମିତି ଜଳ । ଗୋୟାଲନ୍ଦ, ନାରାୟଣଗଞ୍ଜ, ପଦ୍ମା, ଶୀତଳାକ୍ଷ । ତା'ପରେ ମେଘ୍‌ନା – ସେ ନଦୀ ନ ଦେଖିଥିବା ଲୋକ ହୁଏତ କଳ୍ପନା କରି ପାରିବେ ନାହିଁ – ସେ ଜାଗ୍ରତ ଜଳେଶ୍ୱରୀ; ତା' ଅଦୂରରେ ପ୍ରବାହିତା ବିପୁଳା ଧଳେଶ୍ୱରୀ । ତା'ପରେ ସୁର୍ମା ନଦୀ । ଷ୍ଟିମର୍ ଚାଲିଛି, ଦିନ ପରେ ଦିନ ।... ଯେତେଦୂର ଦୃଷ୍ଟି ଯାଏ – ନିର୍ମଳ ଜଳ ପ୍ରସାର । ମଝିରେ ମଝିରେ ଉଚ୍ଚ ସ୍ଥାନମାନ ଉପରେ ଏକ ଏକ କ୍ଷୁଦ୍ର ଗ୍ରାମ ବା ବସତି । ଦିନେ ଆଗତପ୍ରାୟ ସନ୍ଧ୍ୟାବେଳେ ଜଳ, ସ୍ଥଳ ଅସ୍ତଗାମୀ ସୂର୍ଯ୍ୟଙ୍କ ସିନ୍ଦୁରାଭାରେ ଗୋଲାପମୟ; ତାହାରି ଭିତର ଦେଇ ଚଳମାନ ମନ୍ଥରଗାମୀ ନୌକା । ଭିତରେ ଶ୍ରୀଅରବିନ୍ଦ ଏବଂ ଆଉ ଜଣେ ଦୁଇଜଣ ନେତୃସ୍ଥାନୀୟ ବ୍ୟକ୍ତି । ସେତେବେଳେ ମୁଁ (ବାଳକ !) ଏଭଳି ଅଭିଭୂତ ହୋଇ ପଡ଼ିଥିଲି ଯେ ଯେମିତିକି ହଠାତ୍ ଉଚ୍ଚକଣ୍ଠରେ ଗୀତ ବୋଲିବି ! ତେବେ ନିଜକୁ ସଂଯତ କରିନେଲି ।

''ଶ୍ରୀଅରବିନ୍ଦ ସଭା ସମିତିରେ ବକ୍ତୃତା ଦେଉଥା'ନ୍ତି । ଅନ୍ୟ ସମୟରେ ଲୋକମାନଙ୍କ ସହ ଦେଖା ସାକ୍ଷାତ୍ କରୁଥା'ନ୍ତି, ବୁଦ୍ଧି ପରାମର୍ଶ ଦେଉଥା'ନ୍ତି । ସଭାସମିତିରେ ଯୋଗ ଦେଉଥିବା

ଅଧିକାଂଶ ଲୋକ ଇଂରାଜୀ-ଅନଭିଜ୍ଞ; ସାଧାରଣ ଗ୍ରାମ୍ୟ ଅଧିବାସୀ । କିନ୍ତୁ ତାଙ୍କ ସ୍ୱର ଶୁଣିବା ପାଇଁ ଏବଂ ତାଙ୍କୁ ଦର୍ଶନ କରିବା ନିମନ୍ତେ ଆସୁଥିଲେ ଆବାଳବୃଦ୍ଧବନିତା । ଯେତେବେଳେ ସଭାରେ ସେ କହିବା ପାଇଁ ଠିଆ ହେଉଥିଲେ ସେତେବେଳେ ଚତୁର୍ଦ୍ଦିଗ ନିବାତନିଷ୍କମ୍ପ । ସେମାନେ ନିଶ୍ଚୟ ଅନୁଭବ କରୁଥିଲେ ବାକ୍ୟାତୀତ ସ୍ପନ୍ଦନ ।

''ଶ୍ରୀଅରବିନ୍ଦ ଯେ ଯୋଗୀ, ସାଧନାର ଦିଶାରୀ, ଏକଥା ମଧ୍ୟ ଅନେକେ ଜାଣିଥିଲେ । ସେଦିଗରେ ମଧ୍ୟ ଲୋକେ ତାଙ୍କ ସାହାଯ୍ୟ ଲୋଡ଼ୁଥିଲେ ।

''ମୁଁ ଦେଖିଛି, ଯେତେବେଳେ ତାଙ୍କ ସହ ରାତ୍ରିଯାପନ କରୁଥିଲି, ସମଗ୍ର ରାତିହିଁ ସେ ବସି ବସି କଟାଉ ଥିଲେ । ଶେଷ ଆଡ଼କୁ କିଛି କ୍ଷଣ ନିମନ୍ତେ ଶଯ୍ୟା ଗ୍ରହଣ କରୁଥିଲେ ।''[୧୦]

ଜୁନ୍ ୨୩ ତାରିଖ ଦିନ ଶ୍ରୀଅରବିନ୍ଦ ବକରଗଞ୍ଜଠାରେ ଏକ ଜନସଭାରେ ଭାଷଣ ଦେଇ ଭାରତ ବିଭାଗର ମନ୍ତ୍ରୀ (Secretary of State for India) ଲର୍ଡ ମୋର୍ଲେଙ୍କ ପ୍ରବର୍ତ୍ତିତ ଶାସନ ସଂସ୍କାର ପ୍ରତି ବିଦ୍ରୂପ କରି କହିଲେ ସେ ମହାଶୟ ''ଜଣେ ଦେବତା ରୂପ ଧରି ଦଣ୍ଡାୟମାନ : ଗୋଟିଏ କରରେ ଭୟାବହ ଖଡ୍ଗ; ଅନ୍ୟ କର ବରାଭୟ ଭଙ୍ଗୀରେ ଉଦ୍ୟତ !''

ଜୁଲାଇ ୧୧ ତାରିଖରେ କୁମାରତୁଲିଠାରେ ସେ ଏକ ବିରାଟ ସମାବେଶରେ ଭାଷଣ ଦେଲେ । ଏକ ସମ୍ବାଦପତ୍ର କହେ, ''ବାବୁ ଅରବିନ୍ଦ ଘୋଷ ଦଣ୍ଡାୟମାନ ହେଲେ ବିପୁଳ ହର୍ଷଧ୍ୱନି ମଧ୍ୟରେ । ସେ କହିଲେ କି ସଙ୍ଗଠକମାନେ ତାଙ୍କୁ ପ୍ରତିଶ୍ରୁତି ଦେଇଥିଲେ କି ସେ ଖାଲି ଉପସ୍ଥିତ ରହିଲେହିଁ ହେଲା, କିଛି କହିବା ଦରକାର ନାହିଁ ।''

ସେ ଯାହା ହେଉ, ସଭାପତିଙ୍କ ଅନୁରୋଧ କ୍ରମେ ସେ କୁଣ୍ଠା ସତ୍ତ୍ୱେ ଯେତିକି କହିଲେ ସେଥିରେ ତାଙ୍କୁ ଅଭିନନ୍ଦିତ କରୁଥାଏ ଘନ ଘନ କରତାଳି ଧ୍ୱନି ।[୧୧] କଲିକତା କଲେଜ ସ୍କୋଆର୍‌ରେ ଅନୁଷ୍ଠିତ ତାଙ୍କ ପରବର୍ତ୍ତୀ ସଭା ମଧ ଶ୍ରୋତାମଣ୍ଡଳୀର ଉଦ୍ଦାମ ଜୟଧ୍ୱନି ଯୋଗୁଁ କର୍ତ୍ତୃପକ୍ଷଙ୍କୁ ଘୋର ଚିନ୍ତାରେ ପକାଉଥାଏ ।

ଉପନୀତ ହେଲା ଶ୍ରୀଅରବିନ୍ଦଙ୍କ ଜନ୍ମଦିବସ – ୧୯୦୯ ଅଗଷ୍ଟ ପନ୍ଦର । ସେ ରହୁଥିବା କୃଷ୍ଣକୁମାର ମିତ୍ରଙ୍କ ବାସଭବନ ଆଗରେ ଅନାହୂତଭାବେ ଏକତ୍ର ହେଲେ ବହୁ ବ୍ୟକ୍ତି – ମୁଖ୍ୟତଃ ଛାତ୍ର । ପୁଲିସର 'ଗୋପନୀୟ' ବିବରଣୀ ଅନୁସାରେ :

''ଅରବିନ୍ଦ ଘୋଷଙ୍କୁ ତାଙ୍କ ସପ୍ତତ୍ରିଂଶତ୍ ଜନ୍ମ ଦିନରେ ଅଭିବାଦନ ଅର୍ପଣ କରିବା ଉଦ୍ଦେଶ୍ୟରେ ୬ ନଂ. କଲେଜ ସ୍କୋୟାର୍‌ଠାରେ ସମାବିଷ୍ଟ ହେଲେ ଏକ ତରୁଣ ଗୋଷ୍ଠୀ । ସେମାନେ ତାଙ୍କୁ ପରିଚ୍ଛଦ, ମିଷ୍ଟାନ୍ନ ଏବଂ ଫଳରାଶି ଉପହାର ଦେଲେ । ସମାବେଶ ଭିତରୁ ମୁହୁର୍ମୁହୁ 'ବନ୍ଦେ ମାତରମ୍' ଏବଂ 'ଅରବିନ୍ଦ ଘୋଷ ଜିନ୍ଦାବାଦ' ଧ୍ୱନି ନିର୍ଗତ ହେଉଥାଏ । ଏକ ଅଭିନନ୍ଦନ ପତ୍ର ମଧ୍ୟ ପାଠ କରାଗଲା । ସେଥିରେ ଏ ମହାଜାତି ଉଦ୍ଦେଶ୍ୟରେ ତାଙ୍କ ସେବା, ଜାତୀୟ ଚେତନାର ବିକାଶ ତଥା ଜାତୀୟତାର ଆଭିମୁଖ୍ୟ ସ୍ପଷ୍ଟ ରୂପେ ଉପସ୍ଥାପନ କରିଥିବାର ବିବରଣୀ ରହିଥିଲା । ଅରବିନ୍ଦ ଘୋଷ ଅଭିଭୂତ ମନେ ହେଉଥିଲେ । ସେ ଯଥାର୍ଥ ପ୍ରତିବେଦନ ରଖିଥିଲେ । ସେ ଧୈର୍ଯ୍ୟ ଅତୁଟ ରଖିବାକୁ ତରୁଣମାନଙ୍କୁ ପରାମର୍ଶ ଦେଇଥିଲେ ଓ କହିଥିଲେ, ଉଦ୍ଦେଶ୍ୟ ମହତ ହୋଇଥିଲେ ଏବଂ ଆମ ସଂକଳ୍ପ ଅଟଳ ହୋଇଥିଲେ ଯେତେ ବାଧାବିଘ୍ନ ଦେଖା ଦେଲେ ମଧ୍ୟ ସେସବୁ ଅତିକ୍ରାନ୍ତ ହୋଇଯିବ ।''[୧୨]

ଅନ୍ୟ ଏକ ଉତ୍ସରୁ ଜଣାଯାଏ, ସେ ଏହା ବି କହିଥିଲେ କି ଶୈଶବରେ ହିଁ ସେ ନିଜ ଭିତରେ ଏକ ଦୃଢ଼ ଅଭୀପ୍ସା ଅନୁଭବ କରୁଥିଲେ – ଯାହା ବାଳସୁଲଭ ଦୁର୍ବଳତାମାନ ଦୂର ହେବା ସଙ୍ଗେ ସଙ୍ଗେ ଦୃଢ଼ତର ହେବାର ସେ ଅନୁଭବ କରୁଥିଲେ ଏବଂ ବିଦେଶରୁ ପ୍ରତ୍ୟାବର୍ତ୍ତନ କରି ଜନ୍ମଭୂମିରେ ପାଦ ଦେବା ମାତ୍ରେ ସେ ଅଭୀପ୍ସା ପ୍ରବଳ ଉଦ୍ଦୀପନାମୟ ହୋଇ ଆସିଛି ଏବଂ ବାଧାବିଘ୍ନ ତାଙ୍କୁ ଅଧିକରୁ ଅଧିକ ଶକ୍ତିଶାଳୀ କରିଛି ।[୧୩]

ଦିନ କେତୋଟି ପରେ ଏକ ସଭାରେ ସେ ଦେଇଥିବା ଭାଷଣର ପ୍ରକାଶିତ ବିବରଣୀରୁ କିୟଦଂଶ :

''ମାତୃଭୂମିର ସେବାହିଁ ଏହି ମୁହୂର୍ତ୍ତରେ ଆମର ସର୍ବୋତ୍ତମ କର୍ତ୍ତବ୍ୟ ।... ଧୈର୍ଯ୍ୟ ହରାଇଲେ ହେବ ନାହିଁ, ହତାଶ ହେଲେ ଅଥବା ବିଶ୍ୱାସ ହରାଇଲେ ଚଳିବ ନାହିଁ । ଆପାତତଃ ଅନୁଭୂତ କ୍ଲାନ୍ତି ଓ ଅବସନ୍ନତା ସ୍ୱାଭାବିକ । ପ୍ରତ୍ୟେକ ଜାତିର ଇତିହାସରେ ଏହାର ଦୃଷ୍ଟାନ୍ତ ମିଳିବ । ପ୍ରତ୍ୟେକଙ୍କୁ ଶକ୍ତି ସଞ୍ଚୟ କରିବାକୁ ହେବ । ଜନନୀଙ୍କ ପୂଜା ନିମନ୍ତେ ନୂତନ ଆଶା ଏବଂ ଶୌର୍ଯ୍ୟ ସହ ପ୍ରସ୍ତୁତ ହେବା ଚାହି । ଦିବ୍ୟଶକ୍ତି ଏ ମହାଜାତିକୁ ସଞ୍ଜୀବିତ କରିଛି । ଦିନେ ଏହି ଶକ୍ତି ଏ ମହାଜାତିକୁ କରିବ ଗୌରବୋଜ୍ଜ୍ୱଳ ।''[୧୪]

ଏହା ପୂର୍ବରୁ ଜୁଲାଇ ମାସରୁ ''କର୍ମଯୋଗୀନ୍''ର ଏକ

ବଙ୍ଗଳା ସଂସ୍କରଣ ପ୍ରକାଶ ପାଇବାକୁ ଆରମ୍ଭ କରିଥାଏ । ତାହାର ମୁଖ୍ୟ ଉଦ୍ୟୋକ୍ତା ଥିଲେ ଅମରେନ୍ଦ୍ରନାଥ ଚଟ୍ଟୋପାଧ୍ୟାୟ (ଯିଏ କି ଉତ୍ତରପଡ଼ା ସମ୍ବର୍ଦ୍ଧନାର ଅଗ୍ରଗଣ୍ୟ ଆୟୋଜକ ଥିଲେ) । ତାଙ୍କ ସହଯୋଗୀ ଥିଲେ ମନ୍ମଥ ବିଶ୍ୱାସ ଏବଂ ବସନ୍ତ ବିଶ୍ୱାସ ।[୧୫] ଖାଲି ଅନୁମତି ଦେବା ବ୍ୟତୀରେକେ ସେ ଦିଗରେ ଶ୍ରୀଅରବିନ୍ଦଙ୍କୁ ଅନ୍ୟ କିଛି କରିବାକୁ ପଡ଼ି ନଥିଲା । ଅଗଷ୍ଟ ଶେଷ ସପ୍ତାହରୁ ଏକ ନୂତନ ବଙ୍ଗଳା ସାପ୍ତାହିକ ''ଧର୍ମ'' ପ୍ରକାଶ ପାଇଲା । ତାହାର ଅଧିକାଂଶ ବିଷୟବସ୍ତୁ ଶ୍ରୀଅରବିନ୍ଦଙ୍କୁହିଁ ପ୍ରସ୍ତୁତ କରିବାକୁ ପଡୁଥିଲା । ଦୁଇ ଦୁଇଟି ସାପ୍ତାହିକକୁ ପୂର୍ଣ୍ଣ ରୂପ ଦେବା ସତ୍ତ୍ୱେ ସେ ତାଙ୍କର ସାମାଜିକ କାର୍ଯ୍ୟକ୍ରମ ବଜାୟ ରଖୁଥିଲେ । ଅକ୍ଟୋବର ୧୦ ତାରିଖରେ କଲେଜ ସ୍କୋୟାର୍‌ରେ ସେ ଦେଇଥିବା ଏକ ବକ୍ତୃତା ସମ୍ପର୍କରେ ତତ୍କାଳୀନ ଇଂରେଜ ପରିଚାଳିତ ଦୈନିକ ''ଟାଇମ୍‌ସ୍ ଅଫ୍ ଇଣ୍ଡିଆ''ର ପରିବେଷଣ :

''ବିପୁଳ ହର୍ଷଧ୍ୱନି ଏବଂ 'ବନ୍ଦେ ମାତରମ୍' ଆରାବ ଯୋଗେ ଶ୍ରୀଅରବିନ୍ଦଙ୍କୁ ଅଭିବାଦନ ଜଣାଇଲା ସମାବେଶ ।'' ଆଗତ ପ୍ରାୟ ବଙ୍ଗଭଙ୍ଗର ତାତ୍ପର୍ଯ୍ୟ ଏବଂ ଇତିହାସରେ ଏ ଘଟଣାର ଭୂମିକା ସଂପର୍କରେ କହିଲେ ଶ୍ରୀଅରବିନ୍ଦ ।[୧୬] ସେ ଆହୁରି ମଧ୍ୟ କହିଲେ :

''କୁହାଯାଉଛି ଅସହଯୋଗିତାମୂଳକ ପ୍ରତିରୋଧ (Passive Resistance) ପ୍ରଚାର କରିବା ଦ୍ୱାରା ଆମେମାନେ ଜନସାଧାରଣଙ୍କୁ ଆଇନ ଓ ଶୃଙ୍ଖଳା ଭଙ୍ଗ କରିବାକୁ କହି ହିଂସା ଓ ବିଦ୍ରୋହର ସୂତ୍ରପାତ କରୁଛୁ । ଆମେ କିନ୍ତୁ ଜନସାଧାରଣଙ୍କୁ ଆଇନ ନ ଭାଙ୍ଗି ଓ ହିଂସାର ଆଶ୍ରୟ ନ ନେଇ ସେମାନଙ୍କ ଅଭୀପ୍ସା ପରିପୂରଣ ଦିଗରେ ଏହାହିଁ ଏକମାତ୍ର ମାର୍ଗ ବୋଲି ଜଣାଉଛୁ ।''[୧୭]

ଏମନ୍ତେ ମନ୍ଦିଭୂତ ଜାତୀୟ ଭାବଧାରାକୁ ଉଦ୍ଦୀପିତ ରଖିବା ଦିଗରେ ଶ୍ରୀଅରବିନ୍ଦ ତାଙ୍କ ପ୍ରୟାସ ଅବ୍ୟାହତ ରଖିଥା'ନ୍ତି । ଅକ୍ଟୋବର ୧୬ ତାରିଖରେ ବିଡନ୍ ସ୍କୋୟାର୍‌ରେ, ଯହିଁ ''ପୁନରୁଜ୍ଜୀବିତ ହର୍ଷଧ୍ୱନି ଏବଂ ପୁନଃ ପୁନଃ 'ବନ୍ଦେ ମାତରମ୍' ଆରାବ ମଧ୍ୟରେ ସମାଗତ ହେଲେ ଅରବିନ୍ଦ ଘୋଷ ଏବଂ ଆରମ୍ଭ ହେଲା ଅନିବାର୍ଯ୍ୟ ରାଖୀ ବନ୍ଧନ,''[୧୮] ଶ୍ରୀଅରବିନ୍ଦ ତାଙ୍କର ସେହି ଆହ୍ୱାନ ଅବ୍ୟାହତ ରଖିଲେ ।

ତେବେ ସେ ସମୟର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ରାଜନୈତିକ ଘଟଣା ହେଲା ହୁଗୁଳିଠାରେ ସେପ୍ଟେମ୍ବର ୫ ଓ ୬ ତାରିଖ ଧରି ଅନୁଷ୍ଠିତ ବଙ୍ଗୀୟ ପ୍ରାଦେଶିକ ସମ୍ମିଳନୀ । ପରବର୍ତ୍ତୀ ପରିଚ୍ଛେଦରେ ତାହା ଉପରେ ଆଲୋକପାତ କରାଯିବ । ଆପାତତଃ ସେତେବେଳର ଏହି ସର୍ବାଧିକ ଜନପ୍ରିୟ ନେତାଙ୍କର ଜୀବନଧାରାର ଅନ୍ୟ କେତେକ ଦିଗ ଉପରେ କିଞ୍ଚିତ୍ ଦୃଷ୍ଟିପାତ କରାଯାଉ :

''ସେତେବେଳେ ଯୁଗାନ୍ତର ଦଳର କେତେକ ଯୁବକ ଶ୍ରୀଅରବିନ୍ଦଙ୍କ ପାଖରେ ଗୀତା ଅଧ୍ୟୟନ କରିବା ନିମନ୍ତେ ୬ ନଂ କଲେଜ ସ୍କୋୟାର୍‌କୁ ଆସୁଥା'ନ୍ତି । ଭୟଙ୍କର ଶୀତରେ ଶ୍ରୀଅରବିନ୍ଦ କେବଳମାତ୍ର ଧୋତି ଏବଂ ଜାମାଟିଏ ପରିଧାନ କରି ବାରନ୍ଦାରେ ଦୁଇବାହୁ ବକ୍ଷରେ ଛନ୍ଦି ଏଡ଼େ ତନ୍ମୟ ଭାବରେ ଗୀତା ବୁଝାଉଥା'ନ୍ତି ଯେ ଦିନ ଗୋଟାଏ ବାଜି ଯାଉଥାଏ । ସରୋଜିନୀ ତାଙ୍କ ଦିବାହାର ଧରି ପହଞ୍ଚିଲେ ଯାଇ ଯୁବକମାନେ ତାଙ୍କଠାରୁ ବିଦାୟ ନେଉଥିଲେ ।''[୧୯]

ସେ ଅତୀବ ଗୁରୁତ୍ୱପୂର୍ଣ୍ଣ ଲେଖାରେ ନିମଗ୍ନ ଥିଲେ ମଧ୍ୟ ସେଥିପ୍ରତି ଧ୍ୟାନ ନଦେଇ ତାଙ୍କର ବୃଦ୍ଧା ଏବଂ ଦୁର୍ବଳ ମାଉସୀ (କୃଷ୍ଣକୁମାର ମିତ୍ରଙ୍କ ପତ୍ନୀ) ଆସି ତାଙ୍କୁ ଡାକିବେ । ଭଦ୍ରମହିଳା ଗଙ୍ଗାକୁ ସ୍ନାନ ପାଇଁ ଯିବେ ଏବଂ ଶ୍ରୀଅରବିନ୍ଦ ତାଙ୍କ ରକ୍ଷୀ ଭାବରେ ଯିବା ଚାହି । ତିଳେ ମଧ୍ୟ ଦ୍ୱିଧା ବିନା ଶ୍ରୀଅରବିନ୍ଦ କଲମ ସେମିତି କାଗଜ ଉପରେ ଥୋଇ ଦେଇ ବୃଦ୍ଧାଙ୍କୁ ଅନୁସରଣ କରିବେ ! ମିତ୍ର-କନ୍ୟା ବାସନ୍ତୀ ଚକ୍ରବର୍ତ୍ତୀଙ୍କ ସ୍ମୃତି :

''ଥରେ ମଧ୍ୟ ମୁଁ ତାଙ୍କୁ ବିରକ୍ତ ହେବାର ଦେଖି ନାହିଁ । ଅରୋଦାଦା ପଠନରେ ନିମଜ୍ଜିତ ଥିବେ । ପାଖରେ ତାଙ୍କ ପାଦୁକା ପଡ଼ିଥିବ । ମୋ ମାଆ ସେଥିରେ ପାଦ ପୂରାଇ ଛାତ ଉପରକୁ ତାଙ୍କ ନିୟମିତ ପଦଚାରଣା ସକାଶେ ଚାଲିଯିବେ । କିଛି ସମୟ ପରେ ଅରୋଦାଦାଙ୍କ ସହ ସାକ୍ଷାତ୍ ସକାଶେ କେହି କେହି ଆସି ତଳେ ପହଞ୍ଚିବେ । ଅରୋଦାଦା ଚୌକିରୁ ଉଠିପଡ଼ି ନିଜ ପାଦୁକା ଖୋଜିବେ । ମାଆ ଫେରି ଆସୁଥିବେ । 'ମାଉସୀ ! ମୋ ପାଦୁକା ହଳକ ଦେଇ ପାରିବ କି ? ମୋତେ ତଳମହଲାକୁ ଯାଇ କେତେଜଣ ଆଗନ୍ତୁକଙ୍କ ସହ ଦେଖା କରିବାକୁ ହେବ ।' ତତ୍ପରେ ସାମାନ୍ୟତମ ବିରକ୍ତିର ଲକ୍ଷଣ ବିନା ସେ ନିଜ ପାଦୁକା ପିନ୍ଧି ପ୍ରସ୍ଥାନ କରିବେ ।''[୨୦]

(କ୍ରମଶଃ)

❑❑❑

## ତଥ୍ୟ ନିର୍ଦ୍ଦେଶିକା


୧. ଶ୍ରୀଅରବିନ୍ଦ : କାରାକାହାଣୀ (Tales of Prison Life) : ଶ୍ରୀଅରବିନ୍ଦ ଆଶ୍ରମ ।
୨. ମନୋଜ ଦାସ : Sri Aurobindo in the First Decade of the 20th Centuary (ଲଣ୍ଡନସ୍ଥ ସଂରକ୍ଷଣାଗାର, Old India Office ରୁ ସଂଗୃହୀତ ବିବରଣୀ) ।
୩. The Bengalee; 15 June, 1909.
୪. ତତ୍ରୈବ
୫. ଉପେନ୍ଦ୍ର ଚନ୍ଦ୍ର ଭଟ୍ଟାଚାର୍ଯ୍ୟ : ''ଆମାର୍ ଏଲୋମେଲୋ ଜୀବନେର୍ କୟେକଟି ଅଧ୍ୟାୟ'' (ବଙ୍ଗଳା), ମଡ଼ର୍ଣ୍ଣ ବୁକ୍ ଏଜେନ୍ସି, କଲିକତା ।
୬. ତତ୍ରୈବ ୭. ତତ୍ରୈବ
୮. 'କର୍ମଯୋଗୀନ୍' : SABCL, Vol. 2, p. 11, ଶ୍ରୀଅରବିନ୍ଦ ଆଶ୍ରମ ।
୯. The Bengalee; 22 June 1909 ଏବଂ କର୍ମଯୋଗୀନ୍, 3 July 1909.
୧୦. ନଳିନୀକାନ୍ତ ଗୁପ୍ତ : Collected Works, Vol. 7 ଏବଂ ବଙ୍ଗଳା ରଚନାବଳି ୫ମ ଖଣ୍ଡ ।
୧୧. The Bengalee; 11 July 1909 ଏବଂ 'କର୍ମଯୋଗୀନ୍', 11 July 1909.
୧୨. Govt. of Bengal; Political Department, Confidential File, 1909.
୧୩. Sri Aurobindo : His Political Life and Activities, compiled and edited by Anurag Banerjee, Overman Foundation, Kolkata.
୧୪. 'ଭାରତ ମିତ୍ର' (ବଙ୍ଗଳା), ୨୧ ଅଗଷ୍ଟ ୧୯୦୯, ଡ: ଜୟନ୍ତୀ ମୁଖୋପାଧ୍ୟାୟକୃତ ''ସଂଗ୍ରାମ ଦଶକେ ଶ୍ରୀଅରବିନ୍ଦ'' (ବଙ୍ଗଳା) ଗ୍ରନ୍ଥରୁ ଉଦ୍ଧୃତ । ବଙ୍ଗୀୟ ଜାତୀୟ ଶିକ୍ଷା ପରିଷଦ, ଯାଦବପୁର ବିଶ୍ୱବିଦ୍ୟାଳୟ, କଲିକତା ।
୧୫. ସମରେଶ ଚଟ୍ଟୋପାଧ୍ୟାୟ : Biplabi Amarendranath and Sri Aurobindo; ଉତ୍ତରପଡ଼ା ଶ୍ରୀଅରବିନ୍ଦ ପରିଷଦ ।
୧୬. Sri Aurobindo : His Political Life and Activities.
୧୭. ''ସଂଗ୍ରାମ ଦଶକେ ଶ୍ରୀଅରବିନ୍ଦ''ରେ ଉଦ୍ଧୃତ ।
୧୮. The Bengalee; 17 October 1909.
୧୯. The Life of Sri Aurobindo : A. B. Purani.
୨୦. ବାସନ୍ତୀ ଚକ୍ରବର୍ତ୍ତୀ : ''ଆମାଦେର୍ ଅରୋଦାଦା'' (ବଙ୍ଗଳା) 'ଗଳ୍ପଭାରତୀ', ପୂର୍ବୋକ୍ତ ଗ୍ରନ୍ଥରେ ଉଦ୍ଧୃତ । ❑


ଶ୍ରୀଅରବିନ୍ଦ ପୃଥିବୀପୃଷ୍ଠକୁ ଆସିଥିଲେ ଜଣାଇ ଦେବାକୁ ଯେ ଭବିଷ୍ୟତର ସୌନ୍ଦର୍ଯ୍ୟକୁ ନିଶ୍ଚୟ ଉପଲବ୍ଧି କରିବାକୁ ହେବ ।

ସେ ଆସି ନ ଥିଲେ ଏକ ଆଶା ପ୍ରଦାନ କରିବା ଲାଗି, ମାତ୍ର ସେ ଆସିଥିଲେ ପୃଥିବୀ ଯେଉଁ ଦିବ୍ୟ ମହିମା ଦିଗରେ ଗତି କରୁଛି ସେ ସମ୍ପର୍କରେ ଏକ ନିର୍ଭର ପ୍ରତିଶ୍ରୁତି ପ୍ରଦାନ କରିବା ଲାଗି । ଏ ପୃଥିବୀ ଏକ ଦୁର୍ଭାଗ୍ୟଜନକ ଦୁର୍ଘଟଣା ନୁହେଁ, ଏହା ଏକ ଅପରୂପ ବିସ୍ମୟ ଯାହା ତା'ର ପରିପ୍ରକାଶ ଦିଗରେ ଗତି କରି ଚାଲିଛି ।

— ଶ୍ରୀମା

# ଗୀତା-ନିବନ୍ଧମାଳା : ଏକ ଅଧ୍ୟୟନ

## (ପଞ୍ଚଦଶ ଅଧ୍ୟାୟ)

## ଅବତାରତ୍ୱର ସମ୍ଭାବନା ଓ ଉଦ୍ଦେଶ୍ୟ

ଶେଖ ଅବଦୁଲ କାଶମ

ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ଯେଉଁ ପରମ ଶ୍ରେଷ୍ଠ-ଯୋଗ ବିଷୟରେ ଶିକ୍ଷା ଦେଇଛନ୍ତି ତାହା ସମନ୍ୱୟାତ୍ମକ ଓ ସମ୍ପୂର୍ଣ୍ଣ ଯୋଗ ଅଟେ । ଏହା ସମସ୍ତ ଯୋଗମାର୍ଗକୁ ନିଜ ଭିତରେ ମିଳାଇ ଏକ କରି ନେଇଛି । ଏହା ଏପରି ଏକ ଯୋଗ ଯେଉଁଥିରେ କର୍ମ ଓ ଜ୍ଞାନ ମଧ୍ୟରେ ଏକତ୍ୱ ରହିଥାଏ ଏବଂ କର୍ମ ଜ୍ଞାନରେ ପରିପୂର୍ଣ୍ଣତା ଲାଭ କରେ । ଜ୍ଞାନ ଦ୍ୱାରା କର୍ମ ପରିପୁଷ୍ଟ, ପରିବର୍ତ୍ତିତ ଓ ଆଲୋକିତ ହୁଏ । ଜ୍ଞାନ ଓ କର୍ମ ଉଭୟକୁ ଭଗବାନ୍ ପୁରୁଷୋତ୍ତମଙ୍କଠାରେ ସମର୍ପଣ କରାଯାଏ । ଏହି ଯୋଗ ଯେଉଁ ମୂଳ ବିଶ୍ୱାସ ଉପରେ ପ୍ରତିଷ୍ଠିତ ତାହା ହେଲା – ଭଗବାନ୍ ଆମ ସତ୍ତା ଓ କର୍ମର ଅଧୀଶ୍ୱର ରୂପେ ଆମ ହୃଦୟାଭ୍ୟନ୍ତରରେ ନିତ୍ୟ ନିବାସ କରୁଛନ୍ତି । ସେ ଅବତାର ରୂପେ ପୃଥିବୀରେ ମାନବ ଶରୀରରେ ଆବିର୍ଭୂତ ହୁଅନ୍ତି ଏବଂ ମନୁଷ୍ୟମାନଙ୍କୁ ଦିବ୍ୟତ୍ୱ ଆଡ଼କୁ ପରିଚାଳିତ କରି ନିଅନ୍ତି ।

ଭଗବାନ୍ ଏହି ଯୋଗକୁ ପରମ ରହସ୍ୟ (ଉତ୍ତମଂ ରହସ୍ୟମ୍) ବୋଲି କହିଛନ୍ତି କାରଣ ଏଥିରେ ଜୀବନ ଓ ଯୋଗର ସମ୍ପୂର୍ଣ୍ଣ ରହସ୍ୟ ଉନ୍ମୋଚିତ ହୁଏ । ଏହା ଅନ୍ୟାନ୍ୟ ଯୋଗଠାରୁ ଶ୍ରେଷ୍ଠ, କାରଣ ଅନ୍ୟାନ୍ୟ ଯୋଗ ନୈର୍ବ୍ୟକ୍ତିକ ବ୍ରହ୍ମ ଅଥବା କୌଣସି ବ୍ୟକ୍ତିକ (Personal) ଦେବତାଙ୍କ ଉପଲବ୍ଧି ଦିଗରେ ନେଇ ଯାଉଥିବା ବେଳେ ଏହି ଯୋଗ ନୈର୍ବ୍ୟକ୍ତିକ ବ୍ରହ୍ମଙ୍କୁ ଅତିକ୍ରମ କରି ରହିଥିବା ଏକ ଉଚ୍ଚତର ଉପଲବ୍ଧିରେ ପହଞ୍ଚାଇ ଦିଏ । ଏହା ଉଭୟ ନୈର୍ବ୍ୟକ୍ତିକ ଓ ବ୍ୟକ୍ତିକ ଭଗବତ୍ ସତ୍ତାର ସତ୍ୟକୁ ଉପଲବ୍ଧି କରିବାରେ ସାହାଯ୍ୟ କରେ । ଅନ୍ୟାନ୍ୟ ଯୋଗରେ କର୍ମହୀନ ଜ୍ଞାନ ଓ ଆନନ୍ଦର ସ୍ଥିତିକୁ ପ୍ରାପ୍ତ କରାଯାଏ । ମାତ୍ର ଅର୍ଜୁନଙ୍କୁ ପ୍ରଦତ୍ତ ଯୋଗଶିକ୍ଷାରେ ଏକାଧାରରେ ଦିବ୍ୟ-ଜ୍ଞାନ, ଦିବ୍ୟଶକ୍ତି, ଦିବ୍ୟକର୍ମ, ଦିବ୍ୟଆନନ୍ଦ ଓ ପୂର୍ଣ୍ଣତମ ମୁକ୍ତିଲାଭ କରିବାର ସମ୍ଭାବନାକୁ ସୂଚାଇ ଦିଆଯାଇଛି । ଏହି ଯୋଗ କେବଳ କର୍ମ ଓ ଜ୍ଞାନର ଶକ୍ତି ନୁହେଁ, ଏଇ ଯୋଗ ବ୍ୟକ୍ତିସତ୍ତା ମଧ୍ୟରେ ଥିବା ସକଳ ଶକ୍ତି ଓ ତତ୍ତ୍ୱକୁ ସମନ୍ୱିତ କରି ଭଗବତ୍‌ମୁଖୀ କରିଥାଏ ।

ଗୀତାବର୍ଣ୍ଣିତ ଯୋଗ ହେଉଛି ସନାତନ ଆଦି ଯୋଗ । ଭଗବାନ୍ ଶ୍ରୀକୃଷ୍ଣ ଏହି ଯୋଗ ପ୍ରଥମେ ସୂର୍ଯ୍ୟଦେବ ବିବସ୍ୱାନ୍‌ଙ୍କୁ ଶିକ୍ଷା ଦେଇଥିଲେ । ପରବର୍ତ୍ତୀକାଳରେ ବିବସ୍ୱାନ୍ ମନୁଷ୍ୟମାନଙ୍କ ପିତା ମନୁଙ୍କୁ ଏବଂ ମନୁ ସୂର୍ଯ୍ୟବଂଶର ଆଦିପୁରୁଷ ଇକ୍ଷାକୁଙ୍କୁ ପ୍ରଦାନ କରିଥିଲେ । ଏହିପରି ଭାବରେ ଗୀତାର ମହାନ୍ ଯୋଗ-ଜ୍ଞାନ ରାଜର୍ଷିଙ୍କ ପରେ ରାଜର୍ଷିଙ୍କୁ ପ୍ରାପ୍ତ ହୋଇଥିଲା । କାଳକ୍ରମେ ସଦୁପଯୋଗର ଅଭାବ ଯୋଗୁଁ ଏହା ଲୁପ୍ତ ବା ବିସ୍ମୃତ ହୋଇଯାଇଥିଲା । କିନ୍ତୁ ବର୍ତ୍ତମାନ କୁରୁକ୍ଷେତ୍ରରେ ସେହି ଯୋଗକୁ ଶ୍ରୀକୃଷ୍ଣ ପୁନଶ୍ଚ ଅର୍ଜୁନଙ୍କୁ ପ୍ରଦାନ କରୁଛନ୍ତି, କାରଣ ସେ ତାଙ୍କର ଯୋଗ୍ୟ ଶିଷ୍ୟ, ତାଙ୍କର ପ୍ରିୟତମ ଭକ୍ତ, ସଖା ଓ ସାଥୀ ଅଟନ୍ତି ।

ଅର୍ଜୁନ ଦ୍ୱନ୍ଦ୍ୱରେ ପଡ଼ିଛନ୍ତି, କାରଣ ଯେଉଁ ଶ୍ରୀକୃଷ୍ଣ ପ୍ରାଚୀନ କାଳରେ ସୂର୍ଯ୍ୟଦେବଙ୍କୁ ଗୀତା-ଜ୍ଞାନ ପ୍ରଦାନ କରିଥିଲେ ସେ କିପରି ବର୍ତ୍ତମାନ ତାଙ୍କ ସମ୍ମୁଖରେ ଉପସ୍ଥିତ ହୋଇ ସେହି ଜ୍ଞାନ ପ୍ରଦାନ କରୁଛନ୍ତି । ହଜାର ହଜାର ବର୍ଷର ବ୍ୟବଧାନ ଥିବା ଦୁଇଟି ଭିନ୍ନ କାଳଖଣ୍ଡରେ ଜଣେ ବ୍ୟକ୍ତି ଉପସ୍ଥିତ ରହିପାରିବା କିପରି ସମ୍ଭବ ? ଏହାର ଉତ୍ତର ଶ୍ରୀକୃଷ୍ଣ ସିଧାସଳଖ ଦେଇ ନାହାନ୍ତି । ମାତ୍ର ସେ ପ୍ରିୟଶିଷ୍ୟଙ୍କର ମାନସିକ ଦ୍ୱନ୍ଦ୍ୱ ଦୂର କରିବା ପାଇଁ ଯାହାସବୁ କହିଛନ୍ତି ତାହା ତାଙ୍କ ଅବତାର ଗ୍ରହଣର ତତ୍ତ୍ୱ ଓ ଉଦ୍ଦେଶ୍ୟକୁ ପ୍ରକାଶ କରେ ।

ଭଗବାନ୍ ଶ୍ରୀକୃଷ୍ଣ ପ୍ରିୟଭକ୍ତ ଅର୍ଜୁନଙ୍କୁ କହିଲେ –

''ବହୂନି ମେ ବ୍ୟତୀତାନି ଜନ୍ମାନି ତବ ଚାର୍ଜୁନ ।
ତାନ୍ୟହଂ ବେଦ ସର୍ବାଣି ନ ତ୍ୱଂ ବେତ୍ଥ ପରନ୍ତପ ॥''
(୪/୫)

ଅର୍ଥାତ୍, ''ହେ ପରନ୍ତପ ଅର୍ଜୁନ ! ତୁମର ଓ ମୋର ଅନେକ ଜନ୍ମ ବିତିଗଲାଣି । ସେସବୁକୁ ମୁଁ ଜାଣେ, କିନ୍ତୁ ତୁମେ ଜାଣ ନାହିଁ ।''

ନିଜର ପ୍ରକୃତ ସ୍ୱରୂପ ବିଷୟରେ ସୂଚନା ଦେବାକୁ ଯାଇ ଶ୍ରୀକୃଷ୍ଣ କହିଲେ –

''ଅଜୋଽପି ସନ୍ନବ୍ୟୟାତ୍ମା ଭୂତାନାମୀଶ୍ୱରୋଽପି ସନ୍ ।
ପ୍ରକୃତିଂ ସ୍ୱାମଧିଷ୍ଠାୟ ସମ୍ଭବାମ୍ୟାତ୍ମମାୟୟା ॥''
(୪/୬)

ଅର୍ଥାତ୍, ''ମୁଁ ଜନ୍ମରହିତ ଓ ଅବିନାଶୀସ୍ୱରୂପ ତଥା ପ୍ରାଣୀମାନଙ୍କର ଈଶ୍ୱର ହୋଇଥିଲେ ମଧ୍ୟ ନିଜ ଦିବ୍ୟ-ପ୍ରକୃତିରେ ଅଧିଷ୍ଠିତ ହୋଇ କରି ନିଜର ଯୋଗମାୟା ବଳରେ ପ୍ରକଟ ହୁଏ ।''

ପରବର୍ତ୍ତୀ ଦୁଇଟି ଶ୍ଳୋକରେ ଶ୍ରୀକୃଷ୍ଣ ନିଜର ଅବତାର ଗ୍ରହଣର ଉଦ୍ଦେଶ୍ୟକୁ ପ୍ରକାଶ କରିଛନ୍ତି –

''ଯଦା ଯଦା ହି ଧର୍ମସ୍ୟ ଗ୍ଲାନିର୍ଭବତି ଭାରତ ।
ଅଭ୍ୟୁତ୍ଥାନମଧର୍ମସ୍ୟ ତଦାତ୍ମାନଂ ସୃଜାମ୍ୟହମ୍ ॥''
(୪/୭)

ଅର୍ଥାତ୍, ''ହେ ଭରତବଂଶଜ, ଯେଉଁ ଯେଉଁ ସମୟରେ ଧର୍ମର ହାନି ଓ ଅଧର୍ମର ବୃଦ୍ଧି ହୁଏ ସେତେବେଳେହିଁ ମୁଁ ନିଜକୁ ପ୍ରକଟ କରେ ।''

''ପରିତ୍ରାଣାୟ ସାଧୂନାଂ ବିନାଶାୟ ଚ ଦୁଷ୍କୃତାମ୍ ।
ଧର୍ମସଂସ୍ଥାପନାର୍ଥାୟ ସମ୍ଭବାମି ଯୁଗେ ଯୁଗେ ॥''
(୪/୮)

ଅର୍ଥାତ୍, ''ସାଧୁଜନମାନଙ୍କୁ ରକ୍ଷା କରିବା ନିମିତ୍ତ ଓ ପାପାଚାରୀମାନଙ୍କୁ ବିନାଶ କରିବା ଉଦ୍ଦେଶ୍ୟରେ ଏବଂ ଧର୍ମର ସ୍ଥାପନା ପାଇଁ ମୁଁ ଯୁଗେ ଯୁଗେ ପ୍ରକଟ ହେଉଥାଏ ।''

ଶ୍ରୀଅରବିନ୍ଦଙ୍କ ମତରେ ଜଗତରେ ଧର୍ମ-ସଂସ୍ଥାପନା କରିବା ଭଗବାନଙ୍କର ଅବତାର-ଗ୍ରହଣର ଏକମାତ୍ର ଉଦ୍ଦେଶ୍ୟ ନୁହେଁ । ଧର୍ମସଂସ୍ଥାପନା ସ୍ୱୟଂ ଏପରି ଏକ ବଡ଼ କାରଣ ନୁହେଁ ଯେଉଁଥିପାଇଁ ଜଣେ ଖ୍ରୀଷ୍ଟ, ଜଣେ କୃଷ୍ଣ ବା ଜଣେ ବୁଦ୍ଧଙ୍କୁ ଏଠାରେ ଅବତାର ଗ୍ରହଣ କରିବାକୁ ପଡ଼ନ୍ତା । ଏହି କାମ ଭଗବାନ୍ ନିଜର ବିଭୂତିମାନଙ୍କ ଦ୍ୱାରା ମଧ୍ୟ ସମ୍ପାଦନ କରିପାରନ୍ତେ । ମହାପୁରୁଷ, ଅସାଧାରଣ ପ୍ରତିଭାସମ୍ପନ୍ନ ବ୍ୟକ୍ତି, ବୀରପୁରୁଷ, ମହାନ୍ ଋଷି ବା ସନ୍ଥ, ମହାନ୍ ସମ୍ରାଟ ବା ଧର୍ମଗୁରୁ – ଏମାନେ ହେଉଛନ୍ତି ଭଗବାନଙ୍କ ବିଭୂତି ଯେଉଁମାନଙ୍କ ଭିତରେ ଭଗବାନଙ୍କ ସର୍ବଶକ୍ତିମତ୍ତା ବିଭିନ୍ନ ରୂପରେ ପ୍ରକାଶିତ ହୋଇଥାଏ । ଏହି ବିଭୂତିମାନଙ୍କ ମାଧ୍ୟମରେ ଭଗବାନ୍ ଖୁବ୍ ସହଜରେ ଧର୍ମର ସଂସ୍ଥାପନା କରିପାରିବେ । ଏଥିପାଇଁ ଭଗବାନଙ୍କୁ ସ୍ୱୟଂ ଅବତାର ରୂପେ ଆସିବାର ପ୍ରୟୋଜନ ନାହିଁ । ତେବେ କେଉଁ ମହତ୍ତର ଉଦ୍ଦେଶ୍ୟ ନେଇ ଭଗବାନ୍ ଅବତାର ଗ୍ରହଣ କରନ୍ତି ? ଏହାକୁ ବୁଝିବାକୁ ହେଲେ ଆମକୁ ଭଗବାନଙ୍କ ଦିବ୍ୟଜନ୍ମ ବିଷୟରେ ପୂର୍ଣ୍ଣରୂପେ ଜାଣିବାକୁ ହେବ । ଶ୍ରୀଅରବିନ୍ଦ କହନ୍ତି ଯେ ଦିବ୍ୟଜନ୍ମର ଦୁଇଟି ବିଭାବ ରହିଛି । ଗୋଟିଏ ହେଉଛି ଅବତରଣ (descent), ଅର୍ଥାତ୍ ମାନବଜାତି ମଧ୍ୟରେ ଭଗବାନଙ୍କ ଜନ୍ମଗ୍ରହଣ, ମାନବର ଆକୃତି-ପ୍ରକୃତି ମଧ୍ୟରେ ଭଗବାନଙ୍କ ଆତ୍ମପ୍ରକାଶ । ଏହାହିଁ ଚିରନ୍ତନ ଅବତାର (Eternal Avatar) । ଅନ୍ୟଟି ହେଲା ଆରୋହଣ (ascent), ଅର୍ଥାତ୍ ମନୁଷ୍ୟ ଭଗବାନଙ୍କ ଭାବ (Godhead) ମଧ୍ୟକୁ ଉନ୍ନୀତ ହୋଇଯିବ, ଭଗବତ୍ ପ୍ରକୃତି ଓ ଚେତନା ଭିତରକୁ ତା'ର ଉତ୍ଥାନ ଘଟିବ (ମଦ୍‌ଭାବମାଗତାଃ), ମାନବସତ୍ତା ଆତ୍ମାର ଭୂମିରେ ଏକ ନୂତନ ଜନ୍ମ ଲାଭ କରିବ । ଭଗବାନଙ୍କ ଅବତାର-ଗ୍ରହଣ ଓ ଧର୍ମସଂସ୍ଥାପନା ମନୁଷ୍ୟର ଏହି ନବଜନ୍ମ ପାଇଁ ହିଁ ଉଦ୍ଦିଷ୍ଟ । ମନୁଷ୍ୟ ଭିତରେ ଏହି ଉଚ୍ଚତର ଭଗବତ୍ ସଂକଳ୍ପ କାର୍ଯ୍ୟକାରୀ କରିବା ଉଦ୍ଦେଶ୍ୟରେ ଧର୍ମସଂସ୍ଥାପନା ହେଉଛି ଏକ ସାଧାରଣ ସହାୟକ ଅବସ୍ଥା ମାତ୍ର । ବ୍ୟକ୍ତିଗତ ସ୍ତରରେ ତଥା ସାମୂହିକ ସ୍ତରରେ ଆତ୍ମାର ନବଜନ୍ମହିଁ ଅବତାରତ୍ୱର ଉଦ୍ଦେଶ୍ୟ ।

ଗୀତାର ଅବତାରତତ୍ତ୍ୱ ଦିବ୍ୟଜନ୍ମର ଉପରୋକ୍ତ ଦୁଇଟି ବିଭାବ ଉପରେ ଆଧାରିତ ଏବଂ ଏହା ଗଭୀର ଆଲୋଚନା ସାପେକ୍ଷ । ଅବତାରତତ୍ତ୍ୱର ବିଶାଳ ଓ ସମ୍ପୂର୍ଣ୍ଣ ଅର୍ଥକୁ ନ ବୁଝିଲେ ଆମେ ସାମ୍ପ୍ରଦାୟିକ ଅନ୍ଧ ମତବାଦ(dogma)ର ଶିକାର ହୋଇ ପଡ଼ିବା । ଏପରି ବି ହୋଇପାରେ ଯେ ଏକ ଲୌକିକ କୁସଂସ୍କାର ବା କଳ୍ପନାକୁ ଆଶ୍ରୟ କରି କୌଣସି ଐତିହାସିକ ବା ପୌରାଣିକ ଶ୍ରେଷ୍ଠ ମାନବଙ୍କୁ ଭଗବାନ୍ ରୂପେ ବର୍ଣ୍ଣନା କରିବାର ମାୟାରେ ଆମେ ପଡ଼ିଯାଇପାରୁ । ଗୀତା ଆମଠାରୁ ଏପରି ଭ୍ରାନ୍ତି ଆଶା କରେ ନାହିଁ । ଶ୍ରୀଅରବିନ୍ଦଙ୍କ ମତରେ ଗୀତାର ଅନ୍ୟ ସମସ୍ତ ଶିକ୍ଷା ପରି ଏହି ଅବତାରତତ୍ତ୍ୱ ମଧ୍ୟ ଏକ ଗଭୀର ଦାର୍ଶନିକ ଓ ଆଧ୍ୟାତ୍ମିକ ସତ୍ୟ ଅଟେ ଏବଂ ସେହି ସର୍ବୋତ୍ତମ ପରମ ରହସ୍ୟ (ରହସ୍ୟଂ ଉତ୍ତମମ୍)ର ଏହା ଏକ ଅତ୍ୟାବଶ୍ୟକୀୟ ଅଙ୍ଗ ।

ମାନବ-ପ୍ରକୃତି ଭିତରେ ଭଗବତ୍-ପ୍ରକୃତିର ପରିପ୍ରକାଶ ପାଇଁ ଅବତାରଙ୍କ ଆଗମନ ଘଟେ । ଜଣେ ଅବତାର ମନୁଷ୍ୟ ସମ୍ମୁଖରେ ନିଜର ଯେଉଁ ଦୃଷ୍ଟାନ୍ତ ରଖନ୍ତି, ମନୁଷ୍ୟ ତାକୁ ଅନୁସରଣ କରେ । ଅବତାରଙ୍କ ଭିତରେ ଯେଉଁ ଦିବ୍ୟପ୍ରକୃତି କାର୍ଯ୍ୟ କରୁଥାଏ ତା'ର ସାନ୍ନିଧ୍ୟରେ ଆସି ମନୁଷ୍ୟର ଚିନ୍ତା, ଭାବ ଓ ଜୀବନଧାରା ପରିବର୍ତ୍ତିତ ହୋଇପାରେ । ମାନୁଷୀ ତନୁକୁ ଆଶ୍ରୟ କରିଥିବା (ମାନୁଷୀଂ ତନୁମାଶ୍ରିତମ୍) ଭଗବାନଙ୍କର

ଏହି ଯେଉଁ ଅବତାର-ସ୍ୱରୂପ ଏହା ମନୁଷ୍ୟକୁ ଭଗବତ୍ ସତ୍ତା ମଧ୍ୟକୁ ଆରୋହଣ କରିବା ଲାଗି ପ୍ରେରିତ କରେ, ଉଦ୍‌ବୁଦ୍ଧ କରେ ଓ ମାର୍ଗଦର୍ଶନ କରେ । ପ୍ରତ୍ୟେକ ଅବତାର ଘୋଷଣା କରନ୍ତି ଯେ ସେ ନିଜେ ହେଉଛନ୍ତି ମାର୍ଗ, ସେ ନିଜେହିଁ ପ୍ରବେଶର ଦ୍ୱାର । ମାନବତ୍ୱ ସହିତ ଭଗବତ୍ ସତ୍ତାର ଯେ ଏକତ୍ୱ ରହିଛି ଏହା ଅବତାରତତ୍ତ୍ୱ ପ୍ରମାଣିତ କରେ ।

ଅବତାରଙ୍କର ସଂସ୍ପର୍ଶ ଓ ପ୍ରଭାବମଣ୍ଡଳ ଭିତରକୁ ଆସି ମନୁଷ୍ୟର ପ୍ରକୃତି ଯଦି ଭାଗବତ ପ୍ରକୃତିରେ ରୂପାନ୍ତରିତ ନ ହେଲା ତାହାହେଲେ କେବଳ ଧର୍ମସଂସ୍ଥାପନା ପାଇଁ ଭଗବାନଙ୍କର ଅବତାର-ଗ୍ରହଣ ଏକ ନିରର୍ଥକ ବିଷୟ ହେବ । ଭଗବାନଙ୍କ ମାନବ ଶରୀରରେ ଦିବ୍ୟଜନ୍ମ ବିଷୟଟିକୁ ଆମେ ଏକ ବିଚ୍ଛିନ୍ନ ଓ ଅଲୌକିକ ଘଟଣା ରୂପେ ବୁଝିବା ନାହିଁ । ଜଗତ୍ ଭିତରେ ଭଗବାନଙ୍କ ଆତ୍ମପ୍ରକାଶର ଯେଉଁ ବିରାଟ ଓ ସମଗ୍ର ଯୋଜନା ରହିଛି ତନ୍ମଧ୍ୟରେ ଅବତାରତ୍ୱର ଏକ ବିଶେଷ ଓ ଅପରିହାର୍ଯ୍ୟ ଭୂମିକା ରହିଛି । ଭଗବାନ୍ ପୁରୁଷୋତ୍ତମ ଆପଣାକୁ ମୁଖ୍ୟତଃ ଦୁଇ ପ୍ରକାରରେ ଅଭିବ୍ୟକ୍ତ କରନ୍ତି । ପ୍ରଥମତଃ ସେ ସର୍ବଭୂତରେ ଏକହିଁ ଆତ୍ମା ରୂପେ ରହିଛନ୍ତି ଅର୍ଥାତ୍ ପ୍ରତ୍ୟେକ ପ୍ରାଣୀର ହୃଦୟରେ ଈଶ୍ୱର ରୂପେ ବିରାଜମାନ କରୁଛନ୍ତି । ସେ ଏଠାରେ ସର୍ବଭୂତର ମୁଖ୍ୟ ଓ ପରମ ଈଶ୍ୱର ରୂପେ ଆପଣାର ମୂଳ ସ୍ୱରୂପରେ ପ୍ରତିଷ୍ଠିତ । ପୁଣି ଦ୍ୱିତୀୟତଃ ସେ ମାନବଶରୀରରେ ଅବତାର ରୂପେ ପ୍ରକଟିତ ହୋଇ ମନୁଷ୍ୟମାନଙ୍କୁ ଭାଗବତ ଚେତନାରେ ନବଜନ୍ମ ଲାଭ କରିବାକୁ ମାର୍ଗଦର୍ଶନ କରନ୍ତି । ଭଗବାନଙ୍କ ଅବତାରତ୍ୱର ଏହି ଦିବ୍ୟ ରହସ୍ୟକୁ ଆମେ ଠିକ୍ ରୂପେ ବୁଝିବା ଆବଶ୍ୟକ । ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ବୁଝାଇ କହୁଛନ୍ତି –

''ଅବଜାନନ୍ତି ମାଂ ମୂଢ଼ା ମାନୁଷୀଂ ତନୁମାଶ୍ରିତମ୍ ।
ପରଂ ଭାବମଜାନନ୍ତୋ ମମ ଭୂତମହେଶ୍ୱରମ୍ ॥''
(୯/୧୧)

ଅର୍ଥାତ୍, ''ମୂଢ଼ ବ୍ୟକ୍ତିମାନେ ମନୁଷ୍ୟ-ଦେହଧାରୀ ମୋତେ ଅବଜ୍ଞା କରନ୍ତି, କାରଣ ସେମାନେ ସର୍ବଭୂତର ମହାନ୍ ଈଶ୍ୱରରୂପୀ ମୋର ପରମ ଭାବକୁ ଜାଣନ୍ତି ନାହିଁ ।''

ଭଗବାନଙ୍କ ଦିବ୍ୟଜନ୍ମର ରହସ୍ୟକୁ ଜାଣିବା କିପରି ମହତ୍ତ୍ୱପୂର୍ଣ୍ଣ ତାହା ବୁଝାଇବାକୁ ଯାଇ ଶ୍ରୀକୃଷ୍ଣ କହୁଛନ୍ତି –

''ଜନ୍ମ କର୍ମ ଚ ମେ ଦିବ୍ୟମେବଂ ଯୋ ବେତ୍ତି ତତ୍ତ୍ୱତଃ ।
ତ୍ୟକ୍ତ୍ୱା ଦେହଂ ପୁନର୍ଜନ୍ମ ନୈତି ମାମେତି ସୋଽର୍ଜୁନ ॥''
(୪/୯)

ଅର୍ଥାତ୍, ''ହେ ଅର୍ଜୁନ, ଯେ ମୋର ଏହି ଦିବ୍ୟଜନ୍ମ ଓ ଦିବ୍ୟକର୍ମକୁ ଯଥାର୍ଥ ଭାବରେ ଜାଣେ ସେ ଦେହତ୍ୟାଗ ପରେ ଆଉ ପୁନର୍ଜନ୍ମ ପ୍ରାପ୍ତ ହୁଏ ନାହିଁ । ସେ ମୋତେହିଁ ପ୍ରାପ୍ତ ହୁଏ ।''

ପୁଣି କହୁଛନ୍ତି –

''ବୀତରାଗଭୟକ୍ରୋଧା ମନ୍ମୟା ମାମୁପାଶ୍ରିତାଃ ।
ବହବୋ ଜ୍ଞାନତପସା ପୂତା ମଦ୍ଭାବମାଗତାଃ ॥''
(୪/୧୦)

ଅର୍ଥାତ୍, ''ଆସକ୍ତି, ଭୟ ଓ କ୍ରୋଧରୁ ମୁକ୍ତ ହୋଇ, ମୋରି ଭାବରେ ପୂର୍ଣ୍ଣ ହୋଇ, ମୋରି ଆଶ୍ରୟ ଗ୍ରହଣ କରି, ଜ୍ଞାନର ତପସ୍ୟାରେ ଶୁଦ୍ଧ ହୋଇ ଅନେକେ ମୋରି ଭାବ (ପୁରୁଷୋତ୍ତମ ଭାବ)କୁ ଲାଭ କରନ୍ତି ।''

ଅବତାରତତ୍ତ୍ୱକୁ ଆଧୁନିକ ମନ ସହଜରେ ଗ୍ରହଣ କରିପାରେ ନାହିଁ । ଜଡ଼ବାଦୀମାନେ (materialists) ଈଶ୍ୱରଙ୍କ ଅସ୍ତିତ୍ୱ ଉପରେ ବିଶ୍ୱାସ କରୁ ନଥିବାରୁ ଭଗବାନଙ୍କ ଅବତାର ଗ୍ରହଣ ତତ୍ତ୍ୱକୁ ସେମାନେ ଅସ୍ୱୀକାର କରନ୍ତି । ଆଉ ଯୁକ୍ତିବାଦୀମାନେ (rationalists) ମତ ଦିଅନ୍ତି ଯେ ଯଦି ଭଗବାନ୍ ଥାଆନ୍ତି ସେ ବିଶ୍ୱର ବାହାରେ କେଉଁଠି ଅଛନ୍ତି, ସଂସାରର ଘଟଣାବଳିରେ ସେ ହସ୍ତକ୍ଷେପ କରନ୍ତି ନାହିଁ । ସେ ବିଶ୍ୱର ବାହାରେ ଜଣେ ବୈଧାନିକ ସମ୍ରାଟ ରୂପେ ବା ଉଦାସୀନ ଆଧାତ୍ମିକ ରାଜା ରୂପେ ରହିଛନ୍ତି । କେହି କେହି କହନ୍ତି ଯେ ଭଗବାନ୍ ହେଉଛନ୍ତି ଶୁଦ୍ଧ, ନିଷ୍କ୍ରିୟ ଆତ୍ମା, ସେ ଅକର୍ତ୍ତା ଓ ସାକ୍ଷୀପୁରୁଷ, ତେଣୁ ସେ ମାନବ ଶରୀରକୁ ଅବତରଣ କରିବାର ପ୍ରଶ୍ନ ଉଠୁ ନାହିଁ । ସେମାନଙ୍କ ଯୁକ୍ତି ହେଲା ଯିଏ ଅସୀମ ଓ ଅନନ୍ତ ସେ କିପରି ନିଜକୁ ସୀମିତ କରିବେ, ଯିଏ ଅଜ ଓ ଅବିନଶ୍ୱର ସେ କିପରି ପୃଥିବୀରେ ଜନ୍ମଗ୍ରହଣ କରି ମୃତ୍ୟୁକୁ ବରଣ କରିବେ । ନୈଷ୍ଠିକ ଦ୍ୱୈତବାଦୀମାନଙ୍କର ଆପତ୍ତି ହେଲା ଭଗବାନ୍ ଯେହେତୁ ନିଜର ସ୍ୱରୂପ ଓ ସ୍ୱଭାବରେ ମନୁଷ୍ୟମାନଙ୍କଠାରୁ ଭିନ୍ନ, ସେ କାହିଁକି ଅବା ମନୁଷ୍ୟ ଭଳି ଆଚରଣ କରିବେ । ଯେହେତୁ ସେ ପୂର୍ଣ୍ଣ, ମନୁଷ୍ୟର ଅପୂର୍ଣ୍ଣତାଗୁଡ଼ିକୁ ଗ୍ରହଣ କରିବା ତାଙ୍କ ପାଇଁ କାହିଁକି ଆବଶ୍ୟକ ହେବ ।

ଗୀତାର ଦିବ୍ୟଗୁରୁ ଭଗବାନଙ୍କ ସ୍ୱରୂପ ଓ ଅବତାର ଗ୍ରହଣର ଉଦ୍ଦେଶ୍ୟକୁ ଏପରି ଦୃଢ଼ ଭାବେ ବ୍ୟକ୍ତ କରିଛନ୍ତି ଯେ ଉପରୋକ୍ତ ଆପତ୍ତିସବୁ ନିରର୍ଥକ ଓ ଅମୂଳକ ମନେ ହୁଏ । ଭଗବାନଙ୍କ ଅବତାର ରୂପେ ଅବତୀର୍ଣ୍ଣ ହୋଇଥିବା ଶ୍ରୀକୃଷ୍ଣ

ସ୍ପଷ୍ଟ କରି ଦେଇଛନ୍ତି ଯେ ଯଦିଓ ସେ ଜନ୍ମରହିତ ଓ ଅବିନଶ୍ୱର ତଥାପି ସେ ନିଜର ପ୍ରକୃତିରେ ଅଧିଷ୍ଠିତ ହୋଇ ଯୁଗେ ଯୁଗେ ନିଜର ମାୟା ଦ୍ୱାରା ଜନ୍ମଗ୍ରହଣ କରନ୍ତି । ମନୁଷ୍ୟ-ଶରୀର ଧାରଣ କରିଥିବାରୁ ମୂଢ଼ ବ୍ୟକ୍ତିମାନେ ତାଙ୍କୁ ଭଗବାନ୍ ବୋଲି ଜାଣି ନ ପାରି ଅବଜ୍ଞା ଓ ଅବିଶ୍ୱାସ କରିଥା'ନ୍ତି, ମାତ୍ର ଯଥାର୍ଥରେ ସେ ହେଉଛନ୍ତି ସମଗ୍ର ଜଗତର ଈଶ୍ୱର । ସର୍ବଭୂତରେ ସେ ଆତ୍ମା ରୂପରେ ବିରାଜମାନ କରୁଛନ୍ତି । ସେହିଁ ଚାତୁର୍ବର୍ଣ୍ଣ୍ୟର ସ୍ରଷ୍ଟା, ସଂସାରର ସମସ୍ତ କର୍ମର କର୍ତ୍ତା ଓ ଅଧୀଶ୍ୱର । ସେ ପୁଣି ନୀରବତା ଓ କର୍ମ ଏ ଉଭୟର ଉର୍ଦ୍ଧ୍ୱରେ ପୁରୁଷୋତ୍ତମ ରୂପେ ରହିଛନ୍ତି ।

ଏହି ପୃଥିବୀରେ ସବୁକିଛିହିଁ ଭଗବାନ୍, ସବୁକିଛିହିଁ ଆତ୍ମା, ବ୍ରହ୍ମ, 'ଏକମେବାଦ୍ୱିତୀୟମ୍' । ତାଙ୍କଠାରୁ ଭିନ୍ନ ଆଉ କିଛିର ଅସ୍ତିତ୍ୱ ନାହିଁ । ଏକହିଁ ଭାଗବତ ଚୈତନ୍ୟ ଓ ଶକ୍ତି ଜଗତର ପ୍ରତିଟି କ୍ରିୟା ଓ ଗତିବୃତ୍ତିକୁ ନିର୍ଦ୍ଧାରିତ ତଥା ପରିଚାଳିତ କରୁଛି ଏବଂ ଏହାର ପ୍ରତିଟି ରୂପ ଭିତରେ ତାହା ପ୍ରଚ୍ଛନ୍ନ ଭାବେ ରହିଛି । ଭଗବାନ୍ ସମସ୍ତଙ୍କ ଭିତର ଦେଇ କର୍ମ କରୁଛନ୍ତି । ସମସ୍ତଙ୍କ ଭିତରେ ସେ ନିଜର ସତ୍ତାକୁ କ୍ରମଶଃ ପ୍ରକଟ କରୁଛନ୍ତି । ପ୍ରତ୍ୟେକ ଜୀବ ହେଉଛନ୍ତି ଭଗବାନଙ୍କର ଏକ ଛଦ୍ମରୂପ ।

ଭଗବାନ୍ ଯେପରି ଜନ୍ମରହିତ, ପ୍ରତ୍ୟେକ ଜୀବ ମଧ୍ୟ ମୂଳତଃ ଜନ୍ମରହିତ । କାରଣ ପ୍ରତ୍ୟେକ ବ୍ୟକ୍ତିଙ୍କ ଭିତରେ ଥିବା ଆତ୍ମାର ପ୍ରକୃତରେ ଜନ୍ମ ଓ ମୃତ୍ୟୁ ନାହିଁ । କେବଳ ବାହ୍ୟ ଆକାର ବା ଶରୀରର ପରିବର୍ତ୍ତନ ଘଟୁଛି । ଭଗବାନ୍ ପୂର୍ଣ୍ଣ ହୋଇ ମଧ୍ୟ ସ୍ୱେଚ୍ଛାରେ ବ୍ୟକ୍ତିସତ୍ତାର ଅପୂର୍ଣ୍ଣତାକୁ ବରଣ କରି ନେଇଛନ୍ତି, ଏହାହିଁ ବିଶ୍ୱର ସମୁଦାୟ ରହସ୍ୟ । ଯେପରି ସୂର୍ଯ୍ୟ ସବୁକିଛିକୁ ଆଲୋକିତ କରୁଥାଏ ଏବଂ ତା'ଠାରେ ଆଲୋକ ବା ଦର୍ଶନର କୌଣସି ଦୋଷ ନଥାଏ, କିନ୍ତୁ ବ୍ୟକ୍ତିମାନଙ୍କ ଦର୍ଶନେନ୍ଦ୍ରିୟର କ୍ଷମତାରେହିଁ ଦୋଷ ବା ଅପୂର୍ଣ୍ଣତା ରହିଥାଏ, ଠିକ୍ ସେହିପରି ଆମର ଦୃଷ୍ଟିଦୋଷ ଯୋଗୁଁ ଆମେ ସକଳ ଭୂତଙ୍କ ଭିତରେ ଅପୂର୍ଣ୍ଣତାକୁହିଁ ଦେଖୁଛୁ । ମାତ୍ର ସେ ସମସ୍ତଙ୍କ ଭିତରେ ପ୍ରଚ୍ଛନ୍ନ ହୋଇ ରହିଥିବା ପୂର୍ଣ୍ଣ ଅବିନଶ୍ୱର ଆତ୍ମାଙ୍କୁ ଆମେ ଦେଖିପାରୁ ନାହିଁ । ଏହି ଦୃଶ୍ୟମାନ ଜଗତ୍ ମଧ୍ୟରେ ଅପୂର୍ଣ୍ଣତା ରହିଛି । ମାତ୍ର ଯିଏ ଏ ସମଗ୍ର ଜଗତକୁ ଧାରଣ କରିଛନ୍ତି ଓ ତା' ମଧ୍ୟରେ ପ୍ରବେଶ କରି ସେଇଠି ନିବାସ କରୁଛନ୍ତି, ତାଙ୍କ ମଧ୍ୟରେ ଅପୂର୍ଣ୍ଣତା ନାହିଁ ।

ଗୀତାରେ ଭଗବାନ୍ କହନ୍ତି, ''ମୋ ପାଇଁ କୌଣସି କର୍ମ କରିବାର ପ୍ରୟୋଜନ ନାହିଁ । କର୍ମ ଦ୍ୱାରା ମୋର କିଛି ଲାଭ କରିବାର ନାହିଁ । ମାତ୍ର ମୁଁ ଯଦି ମୁହୂର୍ତ୍ତକ ପାଇଁ ମଧ୍ୟ କର୍ମରୁ ନିବୃତ୍ତ ହୋଇଯାଏ ତାହାହେଲେ ଏ ସମଗ୍ର ଜଗତ୍ ଧ୍ୱଂସପ୍ରାପ୍ତ ହେବ ।'' ଏହାର ତାତ୍ପର୍ଯ୍ୟ ହେଲା ସୃଷ୍ଟି ସହିତ ଭଗବାନଙ୍କର ଏକ ନିବିଡ଼ ଓ ସକ୍ରିୟ ସମ୍ପର୍କ ରହିଛି । ଭଗବାନ୍ କୌଣସି ସୁଦୂର ସ୍ୱର୍ଗଲୋକରେ ଥାଇ ସୃଷ୍ଟିକୁ ଶାସନ କରୁ ନାହାନ୍ତି । ସେ ତାଙ୍କର ନିବିଡ଼ ସର୍ବବ୍ୟାପକତା (intimate omnipresence) ଦ୍ୱାରା ସର୍ବତ୍ର ବିରାଜମାନ ରହି ସବୁକିଛିକୁ ପରିଚାଳନା କରୁଛନ୍ତି । ସକଳ ବସ୍ତୁରେ ଦିବ୍ୟ ଉପସ୍ଥିତି ରହିଛି । ଭଗବାନଙ୍କର ଏହି ସର୍ବବିଦ୍ୟମାନତାକୁ ଆମେ ଏକ ଭାବାତ୍ମକ ବା ତାତ୍ତ୍ୱିକ (abstract) ରୂପରେ ଗ୍ରହଣ କରିବା ନାହିଁ । ଏହା ପ୍ରକୃତରେ ଅତ୍ୟନ୍ତ ବାସ୍ତବ ଓ ନିବିଡ଼ । ଶ୍ରୀଅରବିନ୍ଦ ରସିକତାପୂର୍ଣ୍ଣ ଭାଷାରେ କହନ୍ତି –

"God's rule is not an absentee, foreign and external government; he governs all because he exceeds all, but also because he dwells within all movements and is their absolute soul and spirit."

(Essays on the Gita, p. 152)

ଅର୍ଥାତ୍, ''ଭଗବାନଙ୍କର ଶାସନ କୌଣସି ଅନୁପସ୍ଥିତ ଶାସକର ବାହ୍ୟ ଓ ବିଦେଶୀ ଶାସନ ନୁହେଁ, ସେ ସବୁକିଛିର ଶାସନ ଓ ପରିଚାଳନା କରନ୍ତି କାରଣ ସେ ସବୁକିଛିର ଉର୍ଦ୍ଧ୍ୱରେ ରହିଛନ୍ତି, ଖାଲି ସେତିକି ନୁହେଁ, ସେ ମଧ୍ୟ ପ୍ରତ୍ୟେକଟି କ୍ରିୟା ଓ ଗତିବୃତ୍ତି ଭିତରେ ସ୍ୱୟଂ ରହିଛନ୍ତି ଓ ସମସ୍ତ କ୍ରିୟାର ସେହିଁ ଏକମାତ୍ର ପ୍ରାଣ ଓ ଆତ୍ମା ।''

(ଗୀତା-ନିବନ୍ଧମାଳା, ପୃ : ୧୮୧)

ମନୁଷ୍ୟର ଯୁକ୍ତିଶୀଳ ବୁଦ୍ଧି (intellectual reason) ଭେଦ ଓ ବିଭାଜନର ନୀତି ଉପରେ ଆଧାରିତ ହୋଇଥିବା ଯୋଗୁଁ ଅବତାରତତ୍ତ୍ୱ ବିପକ୍ଷରେ ନାନା ଆପତ୍ତି ଉଠାଇ ଥାଏ । ମାତ୍ର ଜଗତର ସମଗ୍ର ବାସ୍ତବତା ସ୍ୱତଃ ଏହି ଆପତ୍ତିଗୁଡ଼ିକୁ ପ୍ରତି ମୁହୂର୍ତ୍ତରେ ଖଣ୍ଡନ କରିଦେଉଛି । ଏକ ନୀରବ, ଗ୍ରହଣଶୀଳ ମନ ତଥା ଗଭୀର ଅନ୍ତର୍ଦୃଷ୍ଟି ସହ ଆମେ ଯଦି ଜଗତ୍ ପ୍ରତି ଦୃଷ୍ଟି ନିକ୍ଷେପ କରୁ, ତେବେ ଭଗବାନଙ୍କ ଅବତାର-ଲୀଳାର ରହସ୍ୟମୟ ମାଧୁର୍ଯ୍ୟକୁ ଅଗଣିତ ରୂପ ଓ କ୍ରିୟାପ୍ରକ୍ରିୟା ଭିତରେ ଅନୁଭବ କରିପାରିବା ।

ଗୀତା ଈଶ୍ୱର ଓ ଜଗତ୍ ସମ୍ବନ୍ଧରେ ବେଦାନ୍ତର ମତକୁ ଗ୍ରହଣ କରି ଅଗ୍ରସର ହୋଇଥିବାରୁ ଅବତାରତତ୍ତ୍ୱ ସମ୍ପର୍କୀୟ ସମସ୍ତ ଆପତ୍ତିକୁ ଖଣ୍ଡନ କରି ପାରିଛି ଏବଂ ସକଳ ବିରୋଧ ମଧ୍ୟରେ ସମନ୍ୱୟ ସ୍ଥାପନ କରି ପାରିଛି । ଶ୍ରୀଅରବିନ୍ଦ କହନ୍ତି ଯେ ବେଦାନ୍ତର ବିଚାର ପାଇଁ ଅବତାରତତ୍ତ୍ୱ ଅପରିହାର୍ଯ୍ୟ ନୁହେଁ, ତଥାପି ଏହା ଏକ ନ୍ୟାୟସଙ୍ଗତ ଧାରଣା ରୂପେ ବେଦାନ୍ତ ମତ ମଧ୍ୟରେ ସ୍ୱାଭାବିକ ଭାବରେ ଆସିଯାଏ । 'ସବୁକିଛି ହିଁ ଭଗବାନ୍ ଏବଂ ସକଳ ଗତି ଓ କର୍ମ ଭିତରେ ସେହିଁ ନିଗୂଢ଼ ହୋଇ ରହିଛନ୍ତି'— ଏହି ତତ୍ତ୍ୱଟି ଅବତାରବାଦକୁ ଯେ ଦୃଢ଼ ଭିତ୍ତି ଯୋଗାଇଛି, ଏଥିରେ ସନ୍ଦେହ ନାହିଁ । ଜଗତ୍ ଓ ପ୍ରତ୍ୟେକ ବ୍ୟକ୍ତିସତ୍ତା ଭିତରେ ଦିବ୍ୟଚେତନା ଅନ୍ତର୍ନିହିତ ହୋଇ ରହିଛି ବୋଲିହିଁ ସେଗୁଡ଼ିକ ତିଷ୍ଠି ରହିଛନ୍ତି । କୌଣସି ବ୍ୟକ୍ତି-ରୂପର ଅସ୍ତିତ୍ୱ ଆତ୍ମାର ଅଜ-ସ୍ୱଭାବ କିଂବା ଅବିନଶ୍ୱରତାକୁ କଦାପି ଖଣ୍ଡନ କରି ଦେଉ ନାହିଁ ।

ଅସୀମ ଓ ଅନନ୍ତ କାହିଁକି ସସୀମ ଭିତରେ ନିଜକୁ ଅଭିବ୍ୟକ୍ତ କରନ୍ତି ଏହା ବିଶ୍ୱଜଗତର ଏକ ମହାନ୍ ରହସ୍ୟ । ଏହି ରହସ୍ୟକୁ ଯୁକ୍ତିବାଦୀ ମନ ଦ୍ୱାରା ଭେଦ କରି ହେବ ନାହିଁ । ଏହାକୁ ବୁଝିବା ଲାଗି ଯାହା ଆବଶ୍ୟକ ତାହା ହେଲା ଚେତନାଗତ ଅନୁଭୂତି ଓ ଅଭିଜ୍ଞତା । ପ୍ରତ୍ୟେକଟି ସସୀମ ନିଜର ସ୍ୱପ୍ରତିଷ୍ଠ ସତ୍ତାରେ ସେଇ ଅନନ୍ତ ଓ ଅସୀମ ଅଟେ । ସସୀମଟି ଅସ୍ତିତ୍ୱ ଧାରଣ କରିଛି କାରଣ ଅନ୍ତରାଳରୁ ଥାଇ ଅସୀମ ତାକୁ ଶକ୍ତି ଓ ଆଶ୍ରୟ ଯୋଗାଉଛି । ଅର୍ଥାତ୍ ପ୍ରତ୍ୟେକଟି ସସୀମ ହେଉଛି ଅସୀମର ଏକ ଆତ୍ମ-ରୂପାୟନ ଏବଂ ପ୍ରତ୍ୟେକ ଆତ୍ମ-ରୂପାୟନ ବା ଆତ୍ମ-ଅଭିବ୍ୟକ୍ତିର ଏକ ଉଦ୍ଦେଶ୍ୟ ରହିଛି । ଭଗବାନ୍ ଯେହେତୁ ଅସୀମ ଓ ଅନନ୍ତ, ତେଣୁ ସେ ସ୍ୱେଚ୍ଛାରେ ଏକ ସସୀମ ରୂପ ଗ୍ରହଣ କରିପାରୁଛନ୍ତି । ସୁତରାଂ ସସୀମତା ଅସୀମତାକୁ ଅପ୍ରମାଣିତ କରିବା ପରିବର୍ତ୍ତେ ତାକୁ ଯଥାର୍ଥ ବୋଲି ସାବ୍ୟସ୍ତ କରି ଦେଉଛି, କାରଣ ଅନନ୍ତ ମଧ୍ୟରେ ଅନନ୍ତ ରୂପ-ପରିଗ୍ରହଣର ସାମର୍ଥ୍ୟ ଅନ୍ତର୍ନିହିତ ହୋଇ ରହିଛି ।

ଭଗବାନ୍ ପ୍ରତ୍ୟେକ ବ୍ୟକ୍ତି ଭିତରେ ତଥା ସମଗ୍ର ମାନବଜାତି ଭିତରେ ତାଙ୍କର କେତେକ ଶକ୍ତିକୁ ବିକଶିତ ଓ ବିବର୍ତ୍ତିତ କରିବାକୁ ଚାହାନ୍ତି । ସୃଷ୍ଟି ମଧ୍ୟରେ ଯାହାକିଛି ଅଭିବ୍ୟକ୍ତ ହେଉଛି ବା ବିବର୍ତ୍ତିତ ହେଉଛି ସେସବୁ ଭିତରେ ସେ ସ୍ୱୟଂ ରହିଛନ୍ତି । କୌଣସି ଏକ ମନୁଷ୍ୟ ପୃଥକ୍ ଏକ ସ୍ୱୟଂସ୍ଥିତ ବ୍ୟକ୍ତି ନୁହେଁ । ସମଗ୍ର ମାନବଜାତି ମଧ୍ୟ ପୃଥକ୍ ଏକ ସ୍ୱୟଂସ୍ଥିତ ଜାତି ନୁହେଁ । ଅର୍ଥାତ୍ ମନୁଷ୍ୟ-ବ୍ୟକ୍ତି ବା ମନୁଷ୍ୟ-ଜାତି କେବେ ମଧ୍ୟ ଭଗବାନଙ୍କଠାରୁ ବିଚ୍ଛିନ୍ନ ହୋଇ ରହିପାରିବେ ନାହିଁ । କାରଣ ମନୁଷ୍ୟ-ବ୍ୟକ୍ତି ବା ମାନବ-ଜାତି ଭଗବାନଙ୍କରହିଁ ଏକ ଏକ ରୂପ ।

ଭଗବାନ୍ ପ୍ରତ୍ୟେକ ଜୀବର ହୃଦୟରେ ଗୁପ୍ତଭାବରେ ଅବସ୍ଥାନ କରି ଅଲକ୍ଷ୍ୟରେ ତାହାର ଅହଂ ମଧ୍ୟ ଦେଇ କାର୍ଯ୍ୟ କରନ୍ତି । ଏହା ତାଙ୍କର ସାର୍ବଜନୀନ କାର୍ଯ୍ୟପ୍ରଣାଳୀ । ତେବେ ସେ ଅବତାର ରୂପରେ ମନୁଷ୍ୟ ଶରୀରରେ ଅବତୀର୍ଣ୍ଣ ହେବାର ଆବଶ୍ୟକତା କ'ଣ ? ଏହାର ଉତ୍ତରରେ କୁହାଯାଇପାରେ ଯେ ଯେହେତୁ ମନୁଷ୍ୟ ଭିତରେ ପ୍ରକୃତିଗତ ନାନା ଅପୂର୍ଣ୍ଣତା ଓ ସୀମିତତା ରହିଛି ଏବଂ ସେଥିରୁ ନିଜକୁ ମୁକ୍ତ କରିବାକୁ ସେ ଅସମର୍ଥ, ତେଣୁ ଭଗବାନ୍ ଅବତାର ରୂପରେ ଆସି ତାକୁ ସେଥିରୁ ମୁକ୍ତ କରନ୍ତି । ମନୁଷ୍ୟ ଓ ଭଗବାନଙ୍କ ଭିତରେ ଯେଉଁ ପରଦା ରହିଛି, ତାକୁ ଅପସାରଣ କରିବା ନିମିତ୍ତ ଅବତାରଙ୍କ ଆବିର୍ଭାବ ଘଟିଥାଏ ।

ଅନ୍ତରସ୍ଥିତ ପୁରୁଷୋତ୍ତମ ସହଜରେ ସମସ୍ତଙ୍କ ନିକଟରେ ପ୍ରକଟିତ ହୁଅନ୍ତି ନାହିଁ, ସେ ନିଜର ଯୋଗମାୟାରେ ନିଜକୁ ସମ୍ପୂର୍ଣ୍ଣ ରୂପେ ଆବୃତ କରି ରଖିଥାଆନ୍ତି । ପ୍ରକୃତିର ତ୍ରିଗୁଣମୟୀ ଭାବ ଦ୍ୱାରା ମୋହିତ ହୋଇଥିବାରୁ ମନୁଷ୍ୟ ଅନ୍ତରସ୍ଥ ଭଗବାନଙ୍କୁ ଜାଣିପାରେ ନାହିଁ । ଯଦି ସେ ଅନ୍ତରସ୍ଥିତ ଭଗବାନ୍ ବା ଅବତାର ରୂପେ ଅବତୀର୍ଣ୍ଣ ଭଗବାନଙ୍କଠାରେ ଶରଣାପନ୍ନ ହୁଏ ତେବେ ସେ ସେହି ମାୟାକୁ ଅତିକ୍ରମ କରିପାରିବ । ପ୍ରକୃତିର ଯନ୍ତ୍ରବତ୍ କ୍ରିୟାରୁ ନିଜକୁ ପ୍ରତ୍ୟାହାର କରି ଆଣି ମନୁଷ୍ୟ ପ୍ରକୃତି ମଧ୍ୟରେ ସଂଗୁପ୍ତ ହୋଇ ରହିଥିବା ପ୍ରଭୁଙ୍କର ଅଭିମୁଖୀ ହେଲେ ସେ ଅନ୍ତରନିବାସୀ ଭଗବାନଙ୍କୁ ପ୍ରତ୍ୟକ୍ଷରୂପେ ଜାଣିପାରିବ ।

ଭଗବାନ୍ ସାଧାରଣ ଜୀବମାନଙ୍କୁ ଜନ୍ମ ଦେଉଛନ୍ତି ବା ସୃଷ୍ଟି କରୁଛନ୍ତି ଏବଂ ନିଜେ ମଧ୍ୟ ଅବତାର ରୂପେ ଜନ୍ମଗ୍ରହଣ କରୁଛନ୍ତି । ତେବେ ଏହି ଦୁଇ ପ୍ରକାର ଜନ୍ମ ଭିତରେ ରହିଥିବା ପାର୍ଥକ୍ୟକୁ ବୁଝିବାକୁ ହେବ । ସାଧାରଣ ଜନ୍ମ କ୍ଷେତ୍ରରେ ଭଗବାନ୍ ପ୍ରକୃତି ଉପରେ ଚାପ ଦେଇ (ପ୍ରକୃତିଂ ସ୍ୱାମବଷ୍ଟଭ୍ୟ) ପ୍ରକୃତିର ଶାସନରେ ଅବଶ (ଅବଶଂ ପ୍ରକୃତେର୍ବଶାତ୍) ହୋଇଥିବା ସକଳ ପ୍ରାଣୀ(ଭୂତଗ୍ରାମମ୍)ଙ୍କୁ ବାରଂବାର ସୃଷ୍ଟି କରୁଛନ୍ତି । କିନ୍ତୁ ଦିବ୍ୟଜନ୍ମର କ୍ଷେତ୍ରରେ ଭଗବାନ୍ ନିଜ ଦିବ୍ୟପ୍ରକୃତିରେ ଅଧିଷ୍ଠିତ ହୋଇ (ପ୍ରକୃତିଂ ସ୍ୱାମଧିଷ୍ଠାୟ) ନିଜର ଆତ୍ମମାୟା (ଆତ୍ମମାୟୟା) ଦ୍ୱାରା ନିଜକୁ ସୃଷ୍ଟି କରନ୍ତି । ସାଧାରଣ

ଜନ୍ମକ୍ଷେତ୍ରରେ ଭଗବାନ୍ ଯୋଗମାୟା ସାହାଯ୍ୟରେ ନିମ୍ନତର ଚେତନାରୁ ନିଜକୁ ଆବୃତ ଓ ଗୋପନ କରି ରଖିଥା'ନ୍ତି, ତେଣୁ ତାହା ଆମ ପାଇଁ ଅଜ୍ଞାନର କାରଣ ହୁଏ । ଆମେ ପ୍ରକୃତି ଦ୍ୱାରା ଅସହାୟ ଭାବେ ବଶୀଭୂତ ହୋଇଥାଉ । ପୁଣି ସେହି ଯୋଗମାୟା ଦ୍ୱାରା ଯେତେବେଳେ ଭଗବାନ୍ ଆମ ଭିତରେ ଆତ୍ମଜ୍ଞାନର ପ୍ରକାଶ ଘଟାନ୍ତି ସେତେବେଳେ ଆମେ ସଚେତନ ହୋଇ ଭଗବତ୍ ଅଭିମୁଖୀ ହେଉ । ଅନ୍ୟ ପକ୍ଷରେ ଦିବ୍ୟଜନ୍ମର କ୍ଷେତ୍ରରେ ଭଗବତ୍ ପୁରୁଷ ପ୍ରକୃତିର ଊର୍ଦ୍ଧ୍ୱରେ ପ୍ରତିଷ୍ଠିତ ହୋଇ ସଚେତ ଭାବରେ ପ୍ରକୃତି ଉପରେ ନିୟନ୍ତ୍ରଣ ଓ ଶାସନ କରନ୍ତି । ସେ ନିଜର ଲକ୍ଷ୍ୟ ଓ କ୍ରିୟା ସମ୍ବନ୍ଧରେ ସମ୍ପୂର୍ଣ୍ଣ ସଚେତ ଥିବାରୁ ତାଙ୍କର ସମସ୍ତ କର୍ମ ଜ୍ଞାନ ଦ୍ୱାରା ନିୟନ୍ତ୍ରିତ ଓ ଆଲୋକିତ ହୋଇଥାଏ ।

ଏଥିରୁ ଜଣାଗଲା ଯେ ସାଧାରଣ ଜନ୍ମ ହେଉଛି ଅଜ୍ଞାନ ଭିତରେ ଜନ୍ମଗ୍ରହଣ ଏବଂ ଦିବ୍ୟଜନ୍ମ ହେଉଛି ମାନବତା ଭିତରେ ଭଗବାନଙ୍କ ସଚେତ ଜନ୍ମଗ୍ରହଣ । ଅର୍ଥାତ୍ ଦିବ୍ୟଜନ୍ମ ହେଉଛି ଜ୍ଞାନର ଜନ୍ମ, ଏହା ଏକ ଶାରୀରିକ ଜନ୍ମ ନୁହେଁ; ଏକ ଆତ୍ମିକ ଜନ୍ମ । ସାଧାରଣ ଜନ୍ମ କ୍ଷେତ୍ରରେ ଭଗବାନ୍ ପରଦାର ଅନ୍ତରାଳରେ ରହି କ୍ରିୟା କରନ୍ତି, ମାତ୍ର ଦିବ୍ୟଜନ୍ମ କ୍ଷେତ୍ରରେ ଭଗବାନ୍ ପୂରା ସମ୍ମୁଖକୁ ଆସି ଏକ ମାନବରୂପ ନେଇ ପୂର୍ଣ୍ଣ ସଚେତନ ଭାବେ କାର୍ଯ୍ୟ କରନ୍ତି ।

ଅବତାରର ଅର୍ଥ ହେଲା ମାନବତା ଭିତରେ ଦିବ୍ୟ-ଭାଗବତ ଭାବର ପ୍ରତ୍ୟକ୍ଷ ପ୍ରକାଶ । ମାନବକୁ ସେହି ଦିବ୍ୟ-ଭାଗବତ ମଧ୍ୟକୁ ଉଠାଇନେବା ପାଇଁ ଅବତାର ଆସନ୍ତି । ଶ୍ରୀଅରବିନ୍ଦ ତାଙ୍କ ପ୍ରବନ୍ଧର ଶେଷ ଅନୁଚ୍ଛେଦରେ ଅବତାରତ୍ୱ ବିଷୟରେ କହନ୍ତି – "It is the manifestation from above of that which we have to develop from below; it is the descent of God into that divine birth of the human being into which we mortal creatures must climb; it is the attracting divine example given by God to man in the very type and form and perfected model of our human existence."

(Essays on the Gita, P. 157)

ଅର୍ଥାତ୍, ''ଏହି ଅବତାରତ୍ୱ ହେଉଛି ଊର୍ଦ୍ଧ୍ୱରୁ ସେହି ତତ୍ତ୍ୱର ଅଭିବ୍ୟକ୍ତି ଯାହାକୁ ଆମକୁ ନିମ୍ନରୁ ବିକଶିତ କରିବାକୁ ହେବ; ମାନବସତ୍ତାର ଯେଉଁ ଦିବ୍ୟଜନ୍ମ ତା' ଭିତରକୁ ଆମ ଭଳି ମର ଜଗତର ଜୀବମାନଙ୍କୁ ଉଠିଯିବାକୁ ହେବ, ତାହା ମଧ୍ୟକୁ ଭଗବାନଙ୍କର ଅବତରଣହିଁ ଅବତାର । ଆମ ମାନବିକ ଅସ୍ତିତ୍ୱର ଏକ ସର୍ବାଙ୍ଗ ସୁନ୍ଦର ନମୁନା ଓ ମାନବୀୟ ଆକାର-ପ୍ରକାର ଭିତରେ ଭଗବାନ୍ ମାନବ ସମ୍ମୁଖରେ ତାଙ୍କର ଯେଉଁ ଆକର୍ଷଣୀୟ ଦିବ୍ୟ ମନୋହର ଦୃଷ୍ଟାନ୍ତ ରଖି ଯାଆନ୍ତି ତାହାହିଁ ଅବତାର ।''

(ଗୀତା-ନିବନ୍ଧମାଳା, ପୃ: ୧୮୭)

❑❑❑

ସହନଶୀଳତା ହେଉ ତୁମର ନୀତିଶବ୍ଦ : ତୁମ ମଧ୍ୟସ୍ଥ ପ୍ରାଣଶକ୍ତିକୁ – ତୁମର ପ୍ରାଣସତ୍ତାକୁ ଶିକ୍ଷା ଦିଅ ଅଭିଯୋଗ ନକରି ସେହି ମହାନ୍ ସିଦ୍ଧି ପାଇଁ ଆବଶ୍ୟକ ସକଳ ଅବସ୍ଥାକୁ ସହ୍ୟ କରିବା ଲାଗି । ଶରୀର ହେଉଛି ଗୋଟିଏ ବହୁତ ସହନଶୀଳ ସେବକ, ଭାରବାହୀ ପଶୁ ସଦୃଶ ଏହା ପରିସ୍ଥିତିର ଚାପକୁ ନୀରବରେ ସହିଥାଏ । ଏ ହେଉଛି ପ୍ରାଣସତ୍ତା ଯିଏକି ସବୁବେଳେ ଅଭିଯୋଗ କରିଥାଏ ଓ ଅସ୍ୱସ୍ତି ଅନୁଭବ କରିଥାଏ । ... ...ମାତ୍ର ସହନଶୀଳତାର ପ୍ରକୃତ ସାରମର୍ମ ହେଉଛି ପ୍ରାଣ ତା'ର ଖାମଖିଆଲି ପସନ୍ଦ-ଅପସନ୍ଦ ଭାବକୁ ତ୍ୟାଗ କରିବାକୁ ଓ ସବୁଠୁ କଷ୍ଟକର ଅବସ୍ଥା ମଧ୍ୟରେ ସମତା ବଜାୟ ରଖିବାକୁ ଶିକ୍ଷା କରିବା ଉଚିତ ।

– ଶ୍ରୀମା

# ଶ୍ରୀଅରବିନ୍ଦଙ୍କ ରୂପାନ୍ତର ଯୋଗର ସାଧନା

## ରାମକୃଷ୍ଣ ଦାସ

ଯେଉଁ ପ୍ରକୃତିର ରୂପାନ୍ତର ମହାନ୍ ଅସମ୍ଭବ ଜାଣି ବୈଦିକ ଯୁଗର ଋଷିମୁନିଙ୍କଠାରୁ ଆରମ୍ଭ କରି ଆଜିପର୍ଯ୍ୟନ୍ତ ପୁରାତନ ଯୋଗର ସାଧକ ତାହା ବାଦ୍ ଦେଇଛନ୍ତି, ସେହି ଦୁରୂହ ପ୍ରକୃତିର ରୂପାନ୍ତର ଏବଂ ମୃତ୍ୟୁ, ଜରା, ରୋଗରୁ ପୂର୍ଣ୍ଣତଃ ମୁକ୍ତି ପ୍ରାପ୍ତ ହୁଏ ଶ୍ରୀଅରବିନ୍ଦଙ୍କ ଯୋଗରେ । ପ୍ରକୃତିର ରୂପାନ୍ତର – ଏହି ଦୁରୂହ ସିଦ୍ଧି ପୁରାତନ ଯୋଗର କୌଣସି ମହାନ୍ ସାଧନା ଦ୍ୱାରା ସାଧିତ ହୁଏ ନାହିଁ, ହୁଏ ଏହି ଅତିମାନସ ଶକ୍ତି ଦ୍ୱାରା । ଅତିମାନସ ଶକ୍ତି କାର୍ଯ୍ୟ କରିପାରେ ଅଭୀପ୍ସା ତଥା ପ୍ରତିକୂଳ ବସ୍ତୁ, ପ୍ରତିକୂଳ ଗତିବୃତ୍ତି, ପ୍ରତିକୂଳ ମନୋଭାବର ତ୍ୟାଗ ଏବଂ ମା'ଙ୍କ ଚରଣରେ ସଂପୂର୍ଣ୍ଣରୂପେ ସମର୍ପଣ କରିବାରେ । ଏହି ସମର୍ପଣ, ଅଭୀପ୍ସା ଓ ପ୍ରତ୍ୟାଖ୍ୟାନର ଜୀବନ୍ତ, ଜାଗ୍ରତ୍, ପ୍ରତ୍ୟକ୍ଷ ପ୍ରାଣ ହେଉଛି ବିଶ୍ୱାସ ଓ ନିର୍ଭରତା । ବିଶ୍ୱାସ ବିନା ସମର୍ପଣ ହୁଏ ନାହିଁ । ବିଶ୍ୱାସ ଅଭାବରୁ ଅଭୀପ୍ସାଗ୍ନି ପ୍ରଜ୍ୱଳିତ ନ ହୋଇ ନିର୍ବାପିତ ହୁଏ । ପ୍ରତିକୂଳ ବସ୍ତୁ ତ୍ୟାଗ କରିବାର ଉତ୍ସାହ ତଥା ସାମର୍ଥ୍ୟ ରହେ ନାହିଁ । ଏହି ସକାଶେ ଶ୍ରୀଅରବିନ୍ଦ କହିଛନ୍ତି : –

''ଭଗବାନଙ୍କ ଉପରେ ବିଶ୍ୱାସ, ନିର୍ଭରତା ଏବଂ ଭଗବତ୍ ଶକ୍ତି ପାଖରେ ସମର୍ପଣ ଓ ଆତ୍ମ-ନିବେଦନ – ଏହିସବୁ ଆବଶ୍ୟକ ଏବଂ ଅପରିହାର୍ଯ୍ୟ । କିନ୍ତୁ ସାବଧାନ, ଆଳସ୍ୟ ତଥା ଦୁର୍ବଳତା ଯୋଗୁଁ ଭଗବାନଙ୍କ ଉପରେ ନିର୍ଭରତା ବାହାନାରେ ନିମ୍ନ-ପ୍ରକୃତିର ଆବେଗ ନିକଟରେ ଆତ୍ମ-ସମର୍ପଣ କରିବା ଆଦୌ ଉଚିତ ନୁହେଁ; ଏହି ନିର୍ଭରତା ସହିତ ଅବିଶ୍ରାନ୍ତ ଅଭୀପ୍ସା ରହିବା ଆବଶ୍ୟକ ଏବଂ ଭଗବତ୍ ମାର୍ଗରେ ଯାହାସବୁ ବାଧାବିଘ୍ନ ଆସେ ସେସବୁର ନିରନ୍ତର ପ୍ରତ୍ୟାଖ୍ୟାନ ବି ଆବଶ୍ୟକ । ଭଗବାନଙ୍କ ପ୍ରତି ଆତ୍ମ-ସମର୍ପଣକୁ, ନିଜ କାମନା-ବାସନା ତଥା ନିଜର ଅଧସ୍ତନ ଗତିବୃତ୍ତି ଅଥବା ନିଜର ଅହଂକାର କିଂବା ଅଜ୍ଞାନ-ଅନ୍ଧକାରର କୌଣସି ଛଦ୍ମ ଦିବ୍ୟ ବେଶଧାରୀ ଶକ୍ତି ପ୍ରତି ଗୋଟିଏ ସୂତ୍ର, ଆବରଣ ବା ସୁଯୋଗରେ ଯେପରି ପରିଣତ କରା ନ ହୁଏ ।'' (ଯୋଗାଧାର)

ଏହି ପତ୍ରଟିରେ ଶ୍ରୀଅରବିନ୍ଦ ଭଗବାନଙ୍କ ପ୍ରତି ଶ୍ରଦ୍ଧା ବିଶ୍ୱାସ, ନିର୍ଭରତା, ଭଗବତ୍ ଶକ୍ତି ପ୍ରତି ଆତ୍ମ-ସମର୍ପଣ ଉପରେ ଅଧିକ ଜୋର୍ ଦେଇଛନ୍ତି । ଏହାର କାରଣ ହେଲା ମନୁଷ୍ୟର ବୁଦ୍ଧି ସୀମିତ, ପ୍ରାଣ ଅଶୁଦ୍ଧ ଏବଂ କଳୁଷିତ ତଥା ବିଷୟ-ବାସନାରେ ଲିପ୍ତ । ଅଜ୍ଞାନ-ଅନ୍ଧକାରର ଶକ୍ତି ମନୁଷ୍ୟ ଶକ୍ତିଠାରୁ ମହାନ୍ ଶକ୍ତିଶାଳୀ, ଛଳ-କପଟ ଓ ମୋହମାୟାର ଜାଲ ରଚନା କରିବାରେ ପ୍ରବୀଣ । ମନୁଷ୍ୟର ଏହି ଅଶୁଦ୍ଧ ମନ, ପ୍ରାଣକୁ ନାନାପ୍ରକାର ଛଳ-କପଟ, କଳ-କୌଶଳରେ ବିଷୟ ପ୍ରଲୋଭନ ଦେଇ ସହଜରେ ଅଧିକାର କରେ ଏବଂ ବ୍ୟକ୍ତିକୁ ଅଧ୍ୟାତ୍ମ ମାର୍ଗରୁ ଅବିଳମ୍ବେ ଟାଣି ଆଣିପାରେ । ଏହି ଆସୁରୀଶକ୍ତିର ପ୍ରଲୋଭନରୁ ରକ୍ଷା ପାଇବାକୁ ହେଲେ ଏହାଠାରୁ ଅଧିକ ଶକ୍ତିସଂପନ୍ନ ଭଗବାନଙ୍କ ଆଶ୍ରୟ ଆବଶ୍ୟକ । ଆଶ୍ରୟ ଗ୍ରହଣ କରିବାକୁ ହେଲେ ତାଙ୍କ ଚରଣରେ ନିଜକୁ ସମର୍ପଣ କରିବାକୁ ହେବ । ଶ୍ରଦ୍ଧା, ବିଶ୍ୱାସ, ନିର୍ଭରତା ଛଡ଼ା ସମର୍ପଣ ଅସମ୍ଭବ । ସମର୍ପଣର ଭିତ୍ତି ବା ପ୍ରାଣ ହେଉଛି ଶ୍ରଦ୍ଧା, ବିଶ୍ୱାସ ଏବଂ ନିର୍ଭରତା । ସେହି ସକାଶେ ଶ୍ରୀଅରବିନ୍ଦ ଏହାରି ଉପରେ ଅଧିକ ଜୋର୍ ଦେଇଛନ୍ତି ।

ବ୍ୟକ୍ତି ସମର୍ପଣର ରହସ୍ୟ ନ ଜାଣି, କହିଦିଏ, ''ମୋର ଆଉ କିଛି କରିବାର ନାହିଁ, ମୁଁ ତ ଭଗବାନଙ୍କ ହାତରେ ନିଜକୁ ଛାଡ଼ି ଦେଇଛି । ଛୋଟ ଶିଶୁ ନିଜ ସକାଶେ କିଛି କରେ ନାହିଁ; ନିଜ ସକାଶେ ଚିନ୍ତା ବି କରେ ନାହିଁ, ତା' ସକାଶେ ସବୁ କରେ ମାଆ, ସେହିପରି ମୁଁ ନିଜକୁ ଶିଶୁ ସଦୃଶ ଭଗବାନଙ୍କ ଚରଣରେ ନିବେଦନ କରିଦେଇଛି, ଭଗବାନ୍ ମାତା ପରି ମୋ ସକାଶେ ସବୁକିଛି କରିଦେବେ । ଏହି ଉଦାହରଣ ଆମ ପୂର୍ବଜ ଋଷିମୁନିମାନେ ଦେଇ ସମର୍ପଣର ଅର୍ଥ ବୁଝାଇ ଦେଇଛନ୍ତି ।'' ଏପରି ବିଚାର ପୂର୍ଣ୍ଣତଃ ଭ୍ରମ ଏବଂ ବିରୋଧିନୀ ଶକ୍ତିଙ୍କ ପ୍ରବେଶର ଉନ୍ମୁକ୍ତ ମାର୍ଗ । ବ୍ୟକ୍ତିର ଏହି ଧାରଣା ଆସେ ନିଜର ଅଜ୍ଞାନତା ତଥା ନିଜର ଆଳସ୍ୟର ପ୍ରେରଣାରେ ।

ସମର୍ପଣ ଅର୍ଥ ନିଜର ସମସ୍ତ ସତ୍ତା ଭଗବାନଙ୍କୁ ଦେଇଦେବା । ମନ-ପ୍ରାଣ-ଶରୀର ଭଗବାନଙ୍କର ହୋଇଗଲେ ସେଥିରେ ନିମ୍ନ-ପ୍ରକୃତିର କ୍ରିୟା କାମ, କ୍ରୋଧ, ହିଂସା, ଦ୍ୱେଷାଦି ଦୁର୍ଗୁଣ ରହିବ ନାହିଁ । ସେଥିରେ ହେବ ଭାଗବତୀ ଶକ୍ତିର କ୍ରିୟା । ଯେପର୍ଯ୍ୟନ୍ତ ଏହି ସତ୍ତାସବୁ ଭଗବଦୁନ୍ମୁଖୀ ନ ହୋଇଛନ୍ତି

ସେପର୍ଯ୍ୟନ୍ତ ସେସବୁ ପ୍ରତିକୂଳ ଶକ୍ତିର ଅଧୀନରେ ଥାଆନ୍ତି । ସମର୍ପଣର ଅର୍ଥ ପ୍ରତିକୂଳ ଶକ୍ତିର ଅଧୀନରୁ ନିଜକୁ ମୁକ୍ତ କରି ଭଗବାନଙ୍କ ଚରଣରେ ନିବେଦନ କରିବା । ଆରମ୍ଭରୁ ଯଦି ଏହି ମନୋଭାବ ରଖି ବ୍ୟକ୍ତି ସଜାଗ ନ ହୋଇ ପ୍ରତିକୂଳ ଗତିବୃତ୍ତି, ବିଚାର ଏବଂ କ୍ରିୟାକୁ ତ୍ୟାଗ ନ କରେ, ତେବେ ନିଜ ପତନର ମାର୍ଗ ନିଜେ ନିର୍ମାଣ କରେ । ଯେପର୍ଯ୍ୟନ୍ତ ସମସ୍ତ ସତ୍ତାରେ ଭାଗବତୀ ଶକ୍ତିର ଅଧିକାର ହୋଇ ନ ଥିବ, ସେପର୍ଯ୍ୟନ୍ତ ବ୍ୟକ୍ତିକୁ ପ୍ରତିମୁହୂର୍ତ୍ତରେ ସଜାଗ ହୋଇ ସମର୍ପଣ କରିବାକୁ ହେବ ଏବଂ ପ୍ରତିକୂଳ ଅବସ୍ଥା ତ୍ୟାଗ କରିବାକୁ ହେବ । ଭଗବତ୍ ଶକ୍ତି ଜବରଦସ୍ତି ସମର୍ପଣ କରାଇ ଦିଅନ୍ତି ନାହିଁ, ସେ ଚାହାନ୍ତି ବ୍ୟକ୍ତିର ସ୍ୱେଚ୍ଛାକୃତ ସମର୍ପଣ । କିନ୍ତୁ ବ୍ୟକ୍ତି ଭଗବତ୍ ସାହାଯ୍ୟ ଚାହିଁବା ମାତ୍ରେ ଭଗବାନ୍ ସାହାଯ୍ୟ କରନ୍ତି । ସାଧନାର ପ୍ରଥମ ଅବସ୍ଥାରେ ବ୍ୟକ୍ତିଗତ ପ୍ରଯତ୍ନ ବା ସକ୍ରିୟ ସମର୍ପଣ ସହିତ ଭାଗବତୀ ଶକ୍ତି ଉପରେ ପୂର୍ଣ୍ଣ ନିର୍ଭରତା ଏବଂ ବିଶ୍ୱାସ ରଖିବା ଏକାନ୍ତ ଅନିବାର୍ଯ୍ୟ ।

ସାଧନା ଆରମ୍ଭ କରିବା ସଙ୍ଗେ ସଙ୍ଗେ ଅଥବା କିଛିଦୂର ଅଗ୍ରସର ହେବା ପରେ ଆସୁରୀଶକ୍ତି ଏବଂ ନିଜର ଅହଂ, ସ୍ୱାର୍ଥ, ନିମ୍ନ-ପ୍ରକୃତିର କାମନା-ବାସନା ଭଗବତ୍ ବେଶ ଧାରଣକରି ସାଧକକୁ ଠକିବାକୁ ଆସନ୍ତି । ବ୍ୟକ୍ତିର ମା'ଙ୍କ ପ୍ରତି ବିଶ୍ୱାସ ଓ ନିର୍ଭରତା ଥିଲେ ମା ସାଧକର ଅନ୍ତରରେ କିଂବା ଅନ୍ୟ ଉପାୟରେ ସେସବୁକୁ ଚିହ୍ନାଇ ଦିଅନ୍ତି ଏବଂ ସେସବୁକୁ ତ୍ୟାଗ କରିବା ସକାଶେ ସାଧକ ଚାହିଁଲେ ତାକୁ ଶକ୍ତି, ଜ୍ଞାନ ଇତ୍ୟାଦି ପ୍ରଦାନ କରନ୍ତି । ବ୍ୟକ୍ତି ଭଗବତ୍ ବିଶ୍ୱାସରେ ସହଜରେ ଏସବୁକୁ ପ୍ରତ୍ୟାଖ୍ୟାନ କରିଯାଏ ।

କେତେକ ବ୍ୟକ୍ତି ପ୍ରଶ୍ନ କରନ୍ତି, ''ଶ୍ରୀଅରବିନ୍ଦ ଅନେକ ସ୍ଥାନରେ ଭଗବାନ୍ ତଥା ଭାଗବତୀ ଶକ୍ତିଙ୍କୁ ସମର୍ପଣ କରିବା କଥା ଲେଖିଛନ୍ତି । ମା'ଙ୍କୁ ସମର୍ପଣ କରିବା କଥା ଶ୍ରୀଅରବିନ୍ଦ କେଉଁଠି କହି ନାହାନ୍ତି ତ ?''

ମା'ଙ୍କୁ ସମର୍ପଣ କରିବା ସକାଶେ ଶ୍ରୀଅରବିନ୍ଦ ବହୁତ ସ୍ଥାନରେ କହିଛନ୍ତି । ବିଶେଷତଃ ସାଧକମାନଙ୍କର ଯୋଗ ସମ୍ବନ୍ଧୀୟ ପତ୍ରର ଉତ୍ତରରେ "On Yoga II" ରେ ବାରଂବାର ଏକଥା ଲେଖିଛନ୍ତି । ''ମା'ଙ୍କ ସମ୍ବନ୍ଧେ ଶ୍ରୀଅରବିନ୍ଦଙ୍କ ପତ୍ରାବଳୀ'' ବହିରେ ସ୍ପଷ୍ଟରୂପେ ପ୍ରଶ୍ନୋତ୍ତର ଅଛି । ଏଠାରେ ତହିଁରୁ କିଛି ଉଦ୍ଧୃତ କରିବା ।

*ପ୍ରଶ୍ନ : ଆପଣ 'ମା' ବହିରେ ଯେଉଁ ଦିବ୍ୟଜନନୀଙ୍କ କଥା କହିଛନ୍ତି, ସେ କ'ଣ ଆମର ଏହି ମା ନୁହନ୍ତି ?*

**ଉତ୍ତର** : ହଁ ।

*ପ୍ରଶ୍ନ : ଆମର ଏହି ମା କ'ଣ ସେହି ବ୍ୟକ୍ତିଗତ ଦିବ୍ୟଜନନୀ ନୁହନ୍ତି ଯେ ବିଶ୍ୱାତୀତ ଓ ବିଶ୍ୱଗତ – ଏହି ଦୁଇ ବୃହତ୍ତର ସ୍ଥିତିକୁ ସ୍ୱଶରୀରରେ ଧାରଣ କରିଛନ୍ତି ?*

**ଉତ୍ତର** : ହଁ ।

(ଶ୍ରୀ ରାମକୃଷ୍ଣ ଦାସଙ୍କ ରଚନା ସଂଗ୍ରହ, ପ୍ରଥମ ଖଣ୍ଡ, ପୃ. ୬୧୩ -୬୧୪)

❑❑❑

ତୁମେ ମା'ଙ୍କର ସନ୍ତାନ । ସନ୍ତାନମାନଙ୍କ ପ୍ରତି ତାଙ୍କ ପ୍ରେମର କୌଣସି ଅନ୍ତ ନ ଥାଏ । ସେମାନଙ୍କ ପ୍ରକୃତିରେ ଯେତେ ଯାହା ତ୍ରୁଟି ଥାଏ ସେସବୁକୁ ସେ ଧୈର୍ଯ୍ୟର ସହ ବରଦାସ୍ତ କରିଥା'ନ୍ତି । ମା'ଙ୍କର ଯଥାର୍ଥ ସନ୍ତାନ ହେବାକୁ ଚେଷ୍ଟା କର । ଏହି ସନ୍ତାନଟି ତୁମ ଅନ୍ତରରେ ରହିଛି, କିନ୍ତୁ ତୁମର ବାହ୍ୟ ମନ କ୍ଷୁଦ୍ର କ୍ଷୁଦ୍ର ତୁଚ୍ଛ ବସ୍ତୁସବୁକୁ ନେଇ ବ୍ୟାପୃତ ଥାଏ ଓ ଅଧିକାଂଶ ସମୟରେ ସେସବୁକୁ ନେଇ ମଧ୍ୟ ପ୍ରବଳ ଉତ୍ତେଜନାରେ ମାତି ରହିଥାଏ । ସ୍ୱପ୍ନରେ ଖାଲି ମା'ଙ୍କୁ ଦେଖିଲେ ଚଳିବ ନାହିଁ, ତାଙ୍କୁ ସବୁବେଳେ ତୁମ ସହ ଓ ତୁମ ଭିତରେ ରହିଥିବାର ଦେଖିବା ଲାଗି ଓ ଅନୁଭବ କରିବା ଲାଗି ଶିକ୍ଷା କରିବାକୁ ହେବ । ତା'ହେଲେ ଯାଇ ନିଜକୁ ନିୟନ୍ତ୍ରିତ ତଥା ପରିବର୍ତ୍ତିତ କରିବା ତୁମ ପକ୍ଷରେ ସହଜତର ହୋଇଉଠିବ – କାରଣ ସେ ସେଠାରେ ରହିଥିବାରୁ ଏସବୁ କଥା ତୁମ ଲାଗି କରିଦେଇ ପାରିବେ ।

(SABCL Vol. 25, - 176) – ଶ୍ରୀଅରବିନ୍ଦ

ପୃଥିବୀ-ଚେତନା ପାଇଁ ସାଧନା :

# ପଣ୍ଡିଚେରୀରେ ଶ୍ରୀଅରବିନ୍ଦ

## (୮୦)

### ଆଶ୍ରମର 'ସେବା ବୃକ୍ଷ'ର ଇତିବୃତ୍ତ (ଉତ୍ତରାର୍ଦ୍ଧ) :

ଦ୍ୟୁମାନ୍‌ଙ୍କର ସ୍ମୃତିକଥାରୁ : ''ପୌରାଣିକ ଯୁଗରୁ ଆଜି ପର୍ଯ୍ୟନ୍ତ ଆମେ ଅବଗତ ହୋଇଛୁ ଯେ ହନୁମାନ୍ ହେଉଛନ୍ତି ସର୍ବୋତ୍ତମ ଦାସ, ଦାସାନୁଦାସ, ସେବକ । ଆଜି ମୁଁ ତୁମ୍ଭମାନଙ୍କୁ କହିବି ଶ୍ରୀଅରବିନ୍ଦ କିପରି ଶ୍ରୀମା'ଙ୍କର ସେବା କରୁଥିଲେ; ସେ କେମିତି ମା'ଙ୍କ ସକାଶେ ଅପେକ୍ଷା କରୁଥିଲେ ଯେତେବେଳେ ମା ଆଶ୍ରମର ଯାବତୀୟ କ୍ରିୟାକଳାପର ତଦାରଖ କରି ବେଳେ ବେଳେ ବେଶ୍ ବିଳମ୍ବରେ ଫେରୁଥିଲେ ।

''ଏହା ଗତ ତିରିଶ ଦଶକର କଥା । ସେତେବେଳେ ଆମର ସମବେତ ରାତ୍ରି-ଧ୍ୟାନ ମେଡିଟେସନ୍ ଗୃହର ତଳ ମହଲାରେ ୧୨ଟା, ୧ଟା ବା ୧ଟା ୪୦ ମିନିଟରେ ହେଉଥିଲା । ଦିନେ ମା ତାଙ୍କର କ୍ରିୟାକଳାପ ରାତି ୧୧ଟାରେ ଶେଷ କରି ଉପରକୁ ଆସି ମୋତେ କହିଲେ, 'ଏବେ ହାତରେ ଘଣ୍ଟାଏ ସମୟ ଅଛି, ମୁଁ ଆସୁଛି ।' – ଘଣ୍ଟାଏ ସମୟ ଥିବାରୁ ସେ ଟିକିଏ ବିଶ୍ରାମ ନେବାକୁ ଗଲେ । ଥରେ ଥରେ ସେ ବିଶ୍ରାମ ନେବାକୁ ଗଲେ ସମାଧିସ୍ଥ ହୋଇ ଯାଉଥିଲେ, ଅନ୍ତରାଳ ଜଗତରେ ଅନେକ କିଛି କରୁଥିଲେ । ସେଦିନ ସେ ସମାଧିସ୍ଥ ହୋଇଗଲେ । ସମୟ ସେତେବେଳକୁ ୧ଟା ୪୦ମି. । ସାଧକବୃନ୍ଦ ସେତେବେଳେ ତଳେ ମେଡିଟେସନ୍ ହଲ୍‌ରେ ନୀରବରେ ଶିଡ଼ି ପାହାଚରେ ମା'ଙ୍କର ତଳକୁ ଆଗମନକୁ ଅପେକ୍ଷା କରିଥା'ନ୍ତି । ଶ୍ରୀଅରବିନ୍ଦ ମଧ୍ୟ ତାଙ୍କ କକ୍ଷରେ ମା'ଙ୍କ ପାଇଁ ଅପେକ୍ଷା କରିଥା'ନ୍ତି । ମୁଁ ସମୟ ଦେଖି ମା'ଙ୍କ କକ୍ଷର ଦରଜା ପାଖକୁ ଯାଇ ଅତି ସନ୍ତର୍ପଣରେ ବାହାରୁ ତାଙ୍କୁ ଜାଗ୍ରତ୍ କରାଇବାକୁ ଚେଷ୍ଟା କଲି; କୌଣସି ଉତ୍ତର ନାହିଁ । ତା'ପରେ ମୁଁ ଶ୍ରୀଅରବିନ୍ଦଙ୍କୁ ଭେଟିଲି । (୧୧ଟା ବେଳୁ ସେ ନିଜ ଶଯ୍ୟାରେ ବସି ମା'ଙ୍କୁ ଅପେକ୍ଷା କରିଥା'ନ୍ତି; ମା ଧ୍ୟାନ ପରେ ତାଙ୍କୁ ରାତ୍ରି ଭୋଜନ ପରିବେଷଣ କରିବେ । କେବଳ ଏଇ ଗୋଟିଏ ଘଟଣାରେ ନୁହେଁ, ସେ ମା'ଙ୍କ ସକାଶେ ଟିକିନିଖି ବ୍ୟାପାରରେ ମଧ୍ୟ ଏମିତି ଅପେକ୍ଷା କରିଥା'ନ୍ତି ।) ...ମୁଁ ଶ୍ରୀଅରବିନ୍ଦଙ୍କୁ କହିଲି, 'ସମୟ ୧ଟା ୪୦ମି.; ମା ତଥାପି ଟ୍ରାନ୍‌ସରେ ଅଛନ୍ତି ।' – 'ତିନି ମିନିଟ ଅପେକ୍ଷା କର, ପାଞ୍ଚ ମିନିଟ ଅପେକ୍ଷା କର । ଯଦି ମା'ଙ୍କର ଧ୍ୟାନଭଗ୍ନ ନହୁଏ, ତେବେ ତଳ ମହଲାକୁ ଯାଇ ଅପେକ୍ଷା କରିଥିବା ବ୍ୟକ୍ତିଙ୍କୁ ଘରକୁ ଚାଲିଯିବାକୁ କୁହ । – ଏହା ଥିଲା ଶ୍ରୀଅରବିନ୍ଦଙ୍କର ସରଳ ଉତ୍ତର ।... ତା'ପରେ ମୁଁ ଶ୍ରୀଅରବିନ୍ଦଙ୍କୁ ଯାଇ କହିଲି, 'ମା ତଥାପି ଟ୍ରାନ୍‌ସରେ ଅଛନ୍ତି ।' – 'ସେମାନଙ୍କୁ ଏବେ ଘରକୁ ଯିବାକୁ କୁହ ।'

''ସମୟ ୧ଟା ୪୫ ମିନିଟ । ମେଡିଟେସନ୍ ଗୃହର ଉପର ମହଲାରୁ ତଳକୁ ଓହ୍ଲାଇ ଆସି ଅପେକ୍ଷା କରିଥିବା ସାଧକବୃନ୍ଦଙ୍କୁ କହିଲି, 'ମା ଟ୍ରାନ୍‌ସରେ ଅଛନ୍ତି; ଶ୍ରୀଅରବିନ୍ଦ କହିଲେ, ଆପଣମାନେ ଘରକୁ ଯାଆନ୍ତୁ ।' ତା'ପରେ ମୁଁ ଶିଡ଼ି ପାହାଚରେ ଉପରକୁ ଉଠୁଥିବା ବେଳେ ମା ତଳକୁ ଶୀଘ୍ର ଶୀଘ୍ର ଓହ୍ଲାଇବାକୁ ପାଦ ବଢ଼ାଉଥା'ନ୍ତି । ତାଙ୍କର ନଜର ମୋ ଉପରେ ପଡ଼ିବା ମାତ୍ରେ ସେ କହି ଉଠିଲେ, 'ଓ, ସେମାନେ ସମସ୍ତେ ତଳେ ଅପେକ୍ଷା କରିଛନ୍ତି !' ମୁଁ କହିଲି, 'ନା ମା, ଶ୍ରୀଅରବିନ୍ଦ ସେମାନଙ୍କୁ ଏବେ ଘରକୁ ଯିବାକୁ କହିଛନ୍ତି ।' ସେଇଠୁ ମା କହି ଉଠିଲେ, 'କିନ୍ତୁ ଶ୍ରୀଅରବିନ୍ଦଙ୍କ ଖାଇବା ?' ଏତକ କହି ନିଜ କର୍ତ୍ତବ୍ୟ-କର୍ମ ସମ୍ପାଦନରେ କ୍ଷିପ୍ର ପଦକ୍ଷେପ ନେଲେ ।

''ସେମିତି ସମାନ ଭାବରେ ମା ମଧ୍ୟ ଶ୍ରୀଅରବିନ୍ଦଙ୍କର 'ସେବକ' ଥିଲେ । ଆଜି ପର୍ଯ୍ୟନ୍ତ ପରମପ୍ରଭୁ ଶ୍ରୀଅରବିନ୍ଦଙ୍କର ସେବକ ହିସାବରେ ମା'ଙ୍କଠାରୁ ବଳି ପୃଥିବୀରେ ଆଉ କେହି ଜନ୍ମ ନେଇ ନାହାନ୍ତି, ଠିକ୍ ଯେମିତି ଆଦିଶକ୍ତି ଦିବ୍ୟ-ଜନନୀଙ୍କର ସେବକ ହିସାବରେ ଶ୍ରୀଅରବିନ୍ଦଙ୍କଠାରୁ ବଳି ଆଉ କେହି ନାହାନ୍ତି । ପରମପ୍ରଭୁ ଆଦିଶକ୍ତିଙ୍କର ପୂଜା-ଆରାଧନା କରିଛନ୍ତି, ସେବା-ଶୁଶ୍ରୂଷା କରିଛନ୍ତି ।

''ଏହି ପୃଷ୍ଠଭୂମିରେହିଁ ମା'ଙ୍କ ଆଦେଶରେ ବୋଟାନିକାଲ୍ ଗାର୍ଡେନ୍‌ରୁ 'କପର୍ ପୋଡ୍' ବୃକ୍ଷର ଚାରା ଅଣା ଯାଇ ଆଶ୍ରମ ପ୍ରାଙ୍ଗଣର କେନ୍ଦ୍ରସ୍ଥଳରେ ରୋପିତ କରା ଯାଇଥିଲା ଏବଂ ତା'ର ନାମ ମା ଦେଇଛନ୍ତି 'ସେବା ବୃକ୍ଷ' (ସର୍ଭିସ୍ ଟ୍ରୀ) ।...

''ମୁଁ ଇତିପୂର୍ବରୁ ତୁମମାନଙ୍କୁ କହିଛି କେମିତି ଏହି 'ସେବା ବୃକ୍ଷ'ଟି[୧] ସେଠାରେ ରୋପଣ କରାଯାଇଥିଲା । ବର୍ତ୍ତମାନ ପରବର୍ତ୍ତୀ କଥାସବୁ କହୁଛି । ସେତେବେଳେ ଆଶ୍ରମରେ ଅନେକଗୁଡ଼ିଏ ବିଲେଇ ଥିଲେ । ସେମାନେ ତିନୋଟି କୁଣ୍ଡ ସାମନାରେ ଥିବା ଟାଇଲ ଛପର (ତତ୍‌କାଳୀନ ରନ୍ଧନଶାଳାର ଛାତ) ଉପରେ ଦୌଡ଼ାଦୌଡ଼ି କରି ଝଗଡ଼ା କରୁଥିବା ବେଳେ ଅନେକ ସମୟରେ ଭଙ୍ଗା ଟାଇଲମାନ ତଳକୁ ଖସି ପଡୁଥିଲା । ଆଉ ବିଶେଷ କରି ରାତିରେ ଛପର ଉପରେ ବିଲେଇମାନଙ୍କର ଝଗଡ଼ା ଶବ୍ଦରେ ପୂରା ଅଗଣାଟି କମ୍ପି ଉଠୁଥିଲା । ସେମାନେ ଅଗଣାରେ, ଘରର ଛାତ ଉପରେ, ତଳେ ବେପରୁଆ ଭାବରେ ଦୌଡ଼ାଦୌଡ଼ି କରୁଥିଲେ । ତେଣୁ ସେମାନେ ଗୃହ-ନିର୍ମାଣ ସକାଶେ ତିଆରି କରାଯାଇଥିବା ତିନୋଟି ଚଉବଚାରେ ପଡ଼ିଯିବାର ବେଶ୍ ସମ୍ଭାବନା ଥିଲା । ତେଣୁ ଆମେ ମା'ଙ୍କୁ କହୁଥିଲୁ, 'ମା, ଗୃହ-ନିର୍ମାଣ ତ ସରିଛି; ଏବେ ଏଇ ତିନୋଟି ଚଉବଚା ଆଉ ରଖିବୁ କାହିଁକି ? ଅନ୍ତତଃ ପକ୍ଷେ ଗୋଟିଏ ରଖି ଅନ୍ୟ ଦୁଇଟିକୁ ଭାଙ୍ଗି ଦେଲେ କେମିତି ହୁଅନ୍ତା ?' ପୁନଶ୍ଚ ଆମେ ଯେତେବେଳେ ଚଉବଚା କଥା ଉତ୍ଥାପନ କରୁଥିଲୁ, ସେ ସର୍ବଦା କହୁଥିଲେ, 'ନା, ନା, ଯଦି ତୁମେମାନେ ଚାହଁ ତା' ଉପରେ କୋରୁଗେଟେଡ୍ ସିଟ୍ ଢାଙ୍କିଦିଅ ।' ଆମେ ଗାଲ୍‌ଭାନାଇଜ୍‌ଡ୍ ସିଟ୍ ଢାଙ୍କି ଦେଇଥିଲୁ । ରାତିରେ କିନ୍ତୁ ଟାଇଲ ଛପର ଉପରୁ ବିଲେଇମାନଙ୍କର ଉପଦ୍ରବରେ ଟାଇଲ ପଡ଼ି ବେଶ୍ ଜୋର୍ ଶବ୍ଦ ହେଉଥାଏ । ତା'ପରେ ମା କହିଲେ ଚଉବଚା ଭିତରେ ବଡ଼ ଫୁଲ କୁଣ୍ଡସବୁ ଓଲଟାଇ ରଖି ତା'ଉପରେ ଫର୍ଣ୍ଣ ଗଛର କୁଣ୍ଡସବୁ ଭଲକରି ସଜାଇ ରଖିଦିଅ । ମା'ଙ୍କ କଥାନୁସାରେ ତିନୋଟି ଚଉବଚା ଉପରେ ଫର୍ଣ୍ଣଗଛସବୁ ଶୋଭା ପାଇଲା । କିନ୍ତୁ ବିଲେଇମାନଙ୍କର ରାଜତ୍ୱ ସେମିତି ଅତୁଟ ରହିଲା । ମା ସେମାନଙ୍କ ସକାଶେ କିଛି ବି କହୁ ନଥିଲେ ।[୨] ଆମେ ସେତେବେଳେ ମା'ଙ୍କର ବିଲେଇମାନଙ୍କ ପ୍ରତି ଏମିତି ଗୁରୁତ୍ୱପୂର୍ଣ୍ଣ ବ୍ୟବହାରରେ କିଛି ବି ବୁଝି ପାରୁ ନଥିଲୁ ।''

ମା ଥରେ କଥା ପ୍ରସଙ୍ଗରେ ଜନୈକ ଭକ୍ତଙ୍କୁ କହିଥିଲେ, 'ଓ, ସେଇ ବିଲେଇଟି ! ଖୁବ୍ ସୁନ୍ଦର ଥିଲା, ଆଉ ତା' ଦେହର ରଙ୍ଗ ବି କେଡ଼େ ଅପୂର୍ବ ଥିଲା ! ସୁବର୍ଣ୍ଣ ପିଙ୍ଗଳ ବର୍ଣ୍ଣର ବାଦାମି ରଙ୍ଗ ! ମୁଁ ଏମିତି ବିଲେଇ କେବେ ଦେଖିନି । ମୁଁ ଯେଉଁ ବୃକ୍ଷର ନାମ 'ସେବା ବୃକ୍ଷ' ଦେଇଛି, ତାହାରି ତଳେ ସେଇଟିର ମୃତ ଶରୀର ପୋତି ଦିଆ ଯାଇଥିଲା । ମୁଁ ନିଜେ ତାକୁ ଗଛଟିର ଚେରସବୁର ତଳେ ଥୋଇ ଦେଇଥିଲି ।...''

(Homage to the Service Tree, P. 32)

ପୁନଶ୍ଚ ଦ୍ୟୁମାନ୍‌ଙ୍କର କଥାରୁ : ''୧୯୫୦ରେ ଶ୍ରୀଅରବିନ୍ଦଙ୍କ ମହାପ୍ରୟାଣ ପରେ ମା ଆମମାନଙ୍କୁ କହିଲେ ତୁମେମାନେ ସାବଧାନତାର ସହିତ ମୋ କଥା ଶୁଣ ଯେ ମୁଁ ଶ୍ରୀଅରବିନ୍ଦଙ୍କ ପାର୍ଥିବ ଶରୀରକୁ ଆଶ୍ରମର କେନ୍ଦ୍ରସ୍ଥଳରେ ସ୍ଥାପନ କରିବାକୁ ଚାହେଁ । ଆଶ୍ରମ ଅଗଣାରେ ସର୍ଭିସ୍ ବୃକ୍ଷର ଛାୟାରେ ତିନୋଟି ଚଉବଚା ରହିଛି । ପଶ୍ଚିମ ପାଖ ଚଉବଚାଟିକୁ ସେମିତି ରଖି ପୂର୍ବ ପାଖର ଦୁଇଟି ଚଉବଚାକୁ ଗୋଟିଏ କରି ଦିଅ । ୧୦ ଫୁଟ ତଳକୁ ଖୋଳ; ସେଇ ଗଭୀରରେ ଶ୍ରୀଅରବିନ୍ଦଙ୍କ ଶରୀର ରହିବ । ତା'ପରେ ୫ ଫୁଟ ଉପରେ ସିମେଣ୍ଟ ସ୍ଲାବ୍ ରଖି କକ୍ଷଟିକୁ ନିବୁଜ କରିଦେବ ।'' ତା'ପରେ ସେ ଧୀର କଣ୍ଠରେ ନିଜ ସକାଶେ ଭବିଷ୍ୟବାଣୀ କରି କହିଲେ, 'ଯଦି ମୋର କିଛି ଘଟେ, ତେବେ ଉପର କକ୍ଷରେ ମୋତେ ରଖି ସ୍ଲାବ୍ ଦେଇ ନିବୁଜ କରିଦେବ ।''

ପ୍ରଣବଙ୍କ ଉକ୍ତିରେ : ''୧୯୪୭ ମସିହାରୁ ମା ପ୍ରାୟହିଁ କହୁଥିଲେ

---

[୧] ଏହି ବୃକ୍ଷଟି ଶ୍ରୀଲଙ୍କା, ଆଣ୍ଡାମାନ୍, ମାଳୟ ଦୀପପୁଞ୍ଜ ଏବଂ ଉତ୍ତର ଅଷ୍ଟ୍ରେଲିଆର ଦେଶୀୟ ବୃକ୍ଷ । ଏଥିରେ ପ୍ରାୟ ଫେବ୍ରୁଆରୀ ମାସରେ ଫୁଲ ଫୁଟିଥାଏ, କିନ୍ତୁ ସମ୍ପୂର୍ଣ୍ଣ ରୂପେ ପୁଷ୍ପିତ ହୋଇଥାଏ ମାର୍ଚ୍ଚ-ମେ ମାସରେ । ଏହାର ତାମିଲ ନାମ 'ଇଭାଲ୍‌ଭାଗାଇ' ଏବଂ 'ପେରୁଙ୍ଗୋନ୍ଦ୍ରାଇ'; ତେଲୁଗୁରେ 'କୋଦଣ୍ଡଚିନ୍ତା'; ବଙ୍ଗଳାରେ 'ଅରୁଣ ଜ୍ୟୋତି' ଏବଂ ଓଡ଼ିଆରେ 'ରାଧାଚୂଡ଼ା' ।

[୨] ନଳିନୀଙ୍କ ଉକ୍ତିରେ : ''ଏକଦା ବିଲେଇମାନଙ୍କୁ ନେଇ ମା'ଙ୍କର ଏକ ବିଶେଷ କର୍ମଯୋଗ ଦେଖା ଦେଇଥିଲା ।... ପଶୁମାନଙ୍କର ପ୍ରତିନିଧି ହିସାବରେ ସେ କେତୋଟି ବିଲେଇଙ୍କୁ ଗ୍ରହଣ କରିଥିଲେ । ମା କହୁଥିଲେ ବିଲେଇ କୁଳର ଯେ ରାଜା (ସୂକ୍ଷ୍ମ ଜଗତରେ), ମହାମାର୍ଜାର କହିପାରୁ, ସେ କୁଆଡ଼େ ମା'ଙ୍କ ସହିତ ମିତ୍ରତା ସ୍ଥାପନ କରିଥିଲେ । ବେଦରେ ପଶୁଯଜ୍ଞର କଥା ଅଛି – ଶ୍ରୀମା ପଶୁଯଜ୍ଞ କରିଛନ୍ତି, କିନ୍ତୁ ନୂତନ ଅର୍ଥରେ – ତାଙ୍କର ଚେତନା ଦ୍ୱାରା ସେମାନଙ୍କର ଊର୍ଦ୍ଧ୍ୱଗତିରେ ସହାୟ କରିଛନ୍ତି ।''

('ସ୍ମୃତିର ପାତା', ରଚନାବଳି ୫ମ ଖଣ୍ଡ, ପୃ. ୪୯୫)

ଯେ... ଯଦି କେବେ ମୁଁ ଦେହ ଛାଡ଼େ ତା'ହେଲେ ମୋର ଶରୀରକୁ ଆଶ୍ରମର ସର୍ଭିସ୍ ଟ୍ରୀର ତଳେ ସମାଧିସ୍ଥ କରିବ । ଅବଶ୍ୟ ମୁଁ ଏକଥା କହୁ ନାହିଁ ଯେ ମୁଁ ଶରୀର ଛାଡ଼ିବି, କିନ୍ତୁ ଯଦି...''

('ହଠାତ୍ ମନେ ପଡ଼େ', ପ୍ରଥମ ପର୍ଯ୍ୟାୟ, ଗଳ୍ପ ନଂ. ୧୦୩)

ପୁନଶ୍ଚ ଦ୍ୟୁମାନ୍‌ଙ୍କର ଉକ୍ତିରୁ : ''ତେଣୁ ତାଙ୍କରି ମୁଖନିଃସୃତ ନିର୍ଦ୍ଦେଶାନୁସାରେ ସମାଧିର ନିମ୍ନ କୋଠରିରେ ଶ୍ରୀଅରବିନ୍ଦ ଏବଂ ଉପରଟିରେ ମା; ଏବଂ ତୁମେମାନେ ସମାଧିର ଉପର ଭାଗରେ ମଥା ଛୁଇଁ ନିଜକୁ ଦୁହିଁଙ୍କଠାରେ ଅର୍ପଣ କରୁଛ । ଏବଂ ଏବେ ଏହି ସମାଧିପୀଠରେ ଥିବା ଶ୍ରୀମା ଓ ଶ୍ରୀଅରବିନ୍ଦଙ୍କୁ ଆମେ ସମସ୍ତେ ଆମର 'ସେବା' ଅର୍ପଣ କରି ଚାଲିଛୁ; ସମାଧିର 'ସେବା' କରି ଚାଲିଛୁ । ଏହାହିଁ ହେଉଛି ସର୍ଭିସ୍ ଟ୍ରୀର ପ୍ରଥମ ପର୍ଯ୍ୟାୟର ସାରାଂଶ ବା ସାରକଥା ।

''ଏହି ବୃକ୍ଷଟି କାହାର ସେବା କରୁଛି ?... କାହିଁକି ଏହି ନିର୍ଦ୍ଦିଷ୍ଟ ସ୍ଥାନଟିକୁ ୧୯୩୦ରୁ ନିର୍ଦ୍ଧାରିତ କରି ରଖା ଯାଇଥିଲା – ଏକଥା କେବଳ ମା'ହିଁ ଜାଣିଥିଲେ (ଏବେ ଆମେ ହୃଦୟଙ୍ଗମ କରୁଛୁ) ।... ଶ୍ରୀଅରବିନ୍ଦ (ତାଙ୍କ ଯୋଗର ରୂପାନ୍ତର କ୍ରିୟାକୁ ତ୍ୱରାନ୍ୱିତ କରିବା ସକାଶେ) ନିଜ ଶରୀରକୁ ଅର୍ପଣ କଲେ ଏବଂ ମା ଚାହିଁଲେ ତାଙ୍କ ଦିବ୍ୟ-ଶରୀରକୁ ଆଶ୍ରମ ଭିତରେ, ଅଗଣାର କେନ୍ଦ୍ରସ୍ଥଳରେ ସମାଧି ଦେବାକୁ, ଆଶ୍ରମର ପ୍ରଧାନ ଅଟ୍ଟାଳିକାର ବହିର୍ଭାଗରେ ନୁହେଁ, ଯଦ୍ଦ୍ୱାରା ଏହି ନିର୍ଦ୍ଦିଷ୍ଟ ସ୍ଥାନଟି ସମଗ୍ର ବିଶ୍ୱର କେନ୍ଦ୍ରସ୍ଥଳ ହୋଇ ଉଠିବ ଏବଂ ନବ ଜୀବନ ବା ଦିବ୍ୟ-ଜୀବନ ଲାଭ ସକାଶେ ସମଗ୍ର ବିଶ୍ୱ ଏଠାକୁ, ପରମପ୍ରଭୁଙ୍କ ନିକଟକୁ ଆସିବେ । ପୁନଶ୍ଚ ଶ୍ରୀଅରବିନ୍ଦଙ୍କ ମଧ୍ୟରେ ମା ନିଜକୁ ସମ୍ପୂର୍ଣ୍ଣ ରୂପେ ବିଲୀନ କରି ଦେଲେ । ତେଣୁ ଏହି ସମାଧିକୁ ସାଧାରଣତଃ ଶ୍ରୀଅରବିନ୍ଦଙ୍କ ସମାଧି ବୋଲି କୁହାଯାଏ; କାହିଁକି ନା ଶ୍ରୀଅରବିନ୍ଦଙ୍କ ସହିତ ମା ଏକ ହୋଇ ଯାଇଛନ୍ତି; ଦୁହିଁଙ୍କ ଭିତରେ କୌଣସି ପୃଥକତ୍ୱ ନାହିଁ; ଦୁହେଁ ଏକ, ଅଭିନ୍ନ ।''

('Mother India', Jan. 1989, P. 29-30)

୪ ଜାନୁଆରୀ ୧୯୩୪ରେ ଆଶ୍ରମ ଭିତରେ ଥିବା ରନ୍ଧନଶାଳା ଓ ଭୋଜନାଳୟ ବର୍ତ୍ତମାନର ଆଶ୍ରମ ଭୋଜନାଳୟ ଥିବା ଅଟ୍ଟାଳିକାକୁ ସ୍ଥାନାନ୍ତରିତ ହେବା ପରେ ଟାଇଲ ଛପର ଥାଇ ତିନୋଟି କୋଠରି ବିଶିଷ୍ଟ ରନ୍ଧନଶାଳାରେ ତଦାନୀନ୍ତନ ବଗିଚା ଓ ଫୁଲ ସଜାଇବା କାର୍ଯ୍ୟର ମୁଖ୍ୟ ଜ୍ୟୋତିନ୍ଦ୍ର(୩) ଫୁଲ ସଜାଇବା ସକାଶେ ବ୍ୟବହାର କରୁଥିଲେ ।

୧୯୪୨ରେ ବେଙ୍ଗଲ ଓ ମାଡ୍ରାସ ଉପରେ ଜାପାନୀ ସୈନ୍ୟମାନେ ବୋମା ପକାଇବା ପରେ, କାଳେ ପଣ୍ଡିଚେରୀ ଉପରେ ସେମିତି କିଛି ଆକ୍ରମଣ ଘଟିପାରେ, ତେଣୁ ସତର୍କତା ଅବଲମ୍ବନ ଦୃଷ୍ଟିରୁ ମା ଏହି ଟାଇଲ ଛପର ଘରକୁ ସମ୍ପୂର୍ଣ୍ଣ ରୂପେ ଭାଙ୍ଗି ଦେବାକୁ ଅନୁମତି ଦେଇଥିଲେ । କିନ୍ତୁ ସେତେବେଳକୁ ସେବା ବୃକ୍ଷଟି ବେଶ୍ ଆକର୍ଷଣୀୟ ଭାବରେ ବୃଦ୍ଧି ପାଇଥାଏ – କହିବାକୁ ଗଲେ ପୂରାପୂରି ଟାଇଲ ଛପର ଉପରେ ଭରା ଦେଇ ରହିଥାଏ । ଛପର ଗୃହଟି ଭାଙ୍ଗି ଦେବା ପରେ ସେ କାହା ଉପରେ ଭରା ଦେଇ ରହିବ ? ସେଇଠୁ ମା 'ଗୋଲକୁଣ୍ଡ' ନିର୍ମାଣ କାର୍ଯ୍ୟରେ ନିଯୁକ୍ତ ଥିବା ଚେକୋସ୍ଲୋଭିକିଆର ଇଞ୍ଜିନିୟର ସମେର୍ (ଫ୍ରାଁକ୍ ସମେର୍)ଙ୍କୁ ଏକଥା ଜଣାଇଲେ । ବର୍ତ୍ତମାନ ଆମେ ଯେଉଁସବୁ ସ୍ତମ୍ଭମାନ ଦେଖୁଛୁ ସେସବୁ ତାଙ୍କରି ଦ୍ୱାରା ନିର୍ମିତ; ପ୍ରଥମ ସାତୋଟି ସ୍ତମ୍ଭ; ସାଞ୍ଚି ସ୍ତମ୍ଭର ଆକୃତି ସଦୃଶ ନିର୍ମିତ ହୋଇଥିଲା ।

ଆମେ ଆଗରୁ ବର୍ଣ୍ଣନା କରିଛୁ ଯେ ଆଶ୍ରମର ପ୍ରଧାନ ଅଗଣାର ବଗିଚାର ରକ୍ଷଣାବେକ୍ଷଣ କରୁଥିଲେ ମନୁଭାଇ । ତାଙ୍କ ଅଧୀନରେ ଦ୍ୟୁମାନ୍ ଏବଂ ଅମ୍ବୁ । ୧୯୩୯ରୁ ପରିଚାନ୍ଦ(୪) ନିଜର ଶେଷ ଜୀବନ ପର୍ଯ୍ୟନ୍ତ (୧୯୩୮ରୁ ୧୯୮୮) ଅତ୍ୟନ୍ତ

(୩) ଜ୍ୟୋତିନ୍ଦ୍ର (ଜ୍ୟୋତିନ୍ଦ୍ର ନାଥ ଦାସ, ଜନ୍ମ ୧୯୦୧, ଚିଟ୍ଟାଗଙ୍ଗ, ବେଙ୍ଗଲ) ୧୫ ଅଗଷ୍ଟ, ୧୯୨୮ର ଦର୍ଶନକୁ ପଣ୍ଡିଚେରୀ ଆସି ସବୁଦିନ ପାଇଁ ଆଶ୍ରମର ଅନ୍ତେବାସୀ ହୋଇ ରହିଯାଇଥିଲେ । ପରେ 'ଫ୍ଲାୱାର ରୁମ୍' ଅନ୍ୟ ଅଟ୍ଟାଳିକାକୁ ସ୍ଥାନାନ୍ତରିତ ହେଲା ଏବଂ ଯତୀନ୍-ଦା' ତା'ର ଦାୟିତ୍ୱରେ ଥିଲେ । ଅନ୍ତେବାସୀମାନେ ତାଙ୍କ ଜନ୍ମଦିନରେ ଯତୀନ୍-ଦା'ଙ୍କଠାରୁ ଫୁଲତୋଡ଼ା ନେଇ ମା'ଙ୍କୁ ଭେଟୁଥିଲେ ।

(୪) ପରିଚାନ୍ଦ (ପରିଚାନ୍ଦ ଜୈନ, ଜନ୍ମ ୧୯୦୪, ଆଜିମ୍‌ଗଞ୍ଜ, ମୁର୍ଶିଦାବାଦ, ବେଙ୍ଗଲ)ଆଶ୍ରମରେ ୧୯୩୪ ମସିହା, ୧୮ ନଭେମ୍ବରରେ ସାଧକ-ଜୀବନ ଆରମ୍ଭ କରିଥିଲେ । ମା ତାଙ୍କୁ କହିଥିଲେ; "Yours is the straight path." ( ଯୋଗପଥରେ ତୁମର ରାସ୍ତା ସିଧା-ସଳଖ ।) ସେ ପ୍ରଥମେ ଆଶ୍ରମର 'ଗେଟ୍ ଡିଉଟି' ଓ ରିଡ଼ିଂ ରୁମ୍‌ରେ ପ୍ରେମାନନ୍ଦଙ୍କୁ ବହିର ରକ୍ଷଣାବେକ୍ଷଣ ଓ ତାଲିକାଭୁକ୍ତ କାର୍ଯ୍ୟରେ ସାହାଯ୍ୟ କରୁଥିଲେ ଏବଂ ବଳକା ସମୟରେ ଆଶ୍ରମର ତଦାନୀନ୍ତନ 'ସାଇକେଲ ହାଉସ୍'ରେ ବେଞ୍ଜାମିନ୍‌ଙ୍କ ତତ୍ତ୍ୱାବଧାନରେ ଥିବା ଫୁଲ ବଗିଚାରେ କାର୍ଯ୍ୟ କରୁଥିଲେ । ପରେ ଆଶ୍ରମର ସମସ୍ତ ବଗିଚାର ମୁଖ୍ୟ ପରିଚାଳକ ରୂପେ ସେ କାର୍ଯ୍ୟନିର୍ବାହ କଲେ ।

ଆଗ୍ରହର ସହିତ ମା'ଙ୍କର ସେବା କରି ଯାଇଛନ୍ତି । ଏବେ ପରିଚାନ୍ଦ-ଦା'ଙ୍କ ସ୍ମୃତିକଥାରୁ ଉଦ୍ଧୃତି :

''... ଆଶ୍ରମର ପ୍ରଧାନ ଅଗଣାରେ ରୋପିତ 'ସେବା ବୃକ୍ଷ'ଟି ସ୍ୱଚ୍ଛନ୍ଦରେ ତା'ର ଚେରମୂଳ, ଶାଖାପ୍ରଶାଖା ବଢ଼ାଇ ଚାଲିଥାଏ । ତା'ର ଶାଖାପ୍ରଶାଖାସବୁ ୧୯୪୧ ବେଳକୁ ଏମିତି ଭାବରେ ତଳକୁ ଓହରି ଆସିଥାଏ ଯେ ସାଧକମାନେ ଲାଇବ୍ରେରି ହାଉସ୍‌ରୁ ମେଡ଼ିଟେସନ୍ ହାଉସକୁ ଯିବା ଆସିବା କରିବା ବେଳେ ବେଶ୍ ଅସୁବିଧାରେ ପଡୁଥିଲେ । ସେତେବେଳେ ମଧ୍ୟରାତ୍ରରେ ତଳ ମହଲା ମେଡ଼ିଟେସନ୍ ହଲ୍‌ରେ ମା'ଙ୍କ ଉପସ୍ଥିତିରେ ସମବେତ ଧ୍ୟାନ ପରେ ସାଧକମାନେ ନିଜ ନିଜ ନିବାସସ୍ଥଳକୁ ଫେରୁଥିଲେ । ଏଇ କାରଣରୁ କେତେ ଜଣ ସାଧକ ଆମକୁ ଅଭିଯୋଗ କରି ପ୍ରାୟ କହୁଥା'ନ୍ତି ଯେ ବିଶେଷ କରି ରାତିରେ ସେମାନଙ୍କର ଆଖିରେ ବୃକ୍ଷଟିର ଡାଳପତ୍ର ଖେଞ୍ଚି ହୋଇ ଯାଉଛି ।... ଯେତେବେଳେ ଜ୍ୟୋତିନ୍ଦ୍ର ସାଧକମାନଙ୍କର ଉପରୋକ୍ତ ଅଭିଯୋଗ କଥା ମା'ଙ୍କୁ ଜଣାଇଲେ, ମା ହସ ହସ ମୁହଁରେ ତାଙ୍କୁ କହିଲେ, 'ଦେଖ, କେତେ ମନୋହର ଓ କମନୀୟ ଭାବରେ ପତ୍ରପୁଷ୍ପଶୋଭିତ ଡାଳଗୁଡ଼ିକ ଧରାପୃଷ୍ଠକୁ ସ୍ପର୍ଶ କରିବା ନିମନ୍ତେ ଅବନତ ହୋଇଉଠିଛନ୍ତି ! ତେଣୁ ଡାଳଗୁଡ଼ିକରେ କୌଣସି ଠେକ ଦିଅ ନାହିଁ । (ଅବଶ୍ୟ ପରେ ମା'ଙ୍କ ଅନୁମତି କ୍ରମେ ଡାଳଗୁଡ଼ିକ ଭାଙ୍ଗିଯିବାର ସମ୍ଭାବନା ଦୃଷ୍ଟିରୁ ଠେକ ଦିଆଯାଇଥିଲା । ପରବର୍ତ୍ତୀ ସମୟରେ ସମେର୍‌ଙ୍କର ଖମ୍ୱ ନିର୍ମାଣ ହୋଇଥିଲା ।)

''ଥରେ ମୁଁ ସାହସ କରି ମା'ଙ୍କୁ ସେମାନଙ୍କର ଅସୁବିଧା କଥା ଜଣାଇ ଅଭିଯୋଗ-ପତ୍ର ଲେଖିଥିଲି । ସେଇଠୁ ମା କହି ପଠାଇଲେ, 'ସେମାନେ ଅଭିଯୋଗ କରୁଛନ୍ତି ! କେମିତି ମଥା ଅବନତ କରିବାକୁ ହୁଏ ସେମାନେ ଶିଖିବା ଉଚିତ ।'– ଏହା କହି ମା' ସ୍ୱୟଂ କିପରି ମଥା ଅବନତ କରିବାକୁ ହୁଏ ଦେଖାଇ ଦେଇଥିଲେ ।...

''୧୯୪୩ ମସିହାରେ ଯେତେବେଳେ ଏକ ବିଧ୍ୱଂସକାରୀ ଭୟଙ୍କର ଝଡ଼ବାତ୍ୟାରେ ସେବା ବୃକ୍ଷଟିର ଏକ ବଡ଼ ଡାଳ ଭାଙ୍ଗିଗଲା ସେତେବେଳେ ଏହି ବୃକ୍ଷଟିର ଦଶା ଯାହା ହୋଇଥିଲା ତାକୁ ଦେଖି ମା ଏହି ମର୍ମରେ କହିଥିଲେ, 'ଯଦି ଘରର କୌଣସି ଛାତ ଭୁଷୁଡ଼ି ପଡ଼ିଥା'ନ୍ତା, ମୁଁ ଏତେ ଗଭୀର ଭାବରେ ମର୍ମାହତ ହୋଇ ନଥା'ନ୍ତି ।' ଏମିତି ଥିଲା ମା'ଙ୍କର ଏହି ବୃକ୍ଷ ପ୍ରତି ସଂବେଦଶୀଳତା !''

ପୁନଶ୍ଚ ନାରାୟଣ ପ୍ରସାଦଙ୍କ ଉକ୍ତିରେ : ''(ଏହି ବୃକ୍ଷଟିରେ କୌଣସି ଆଘାତ ନଦେବା ବ୍ୟାପାରରେ) ମା ସମାନ ଭାବରେ ଆପତ୍ତି କରି କହିଥିଲେ ଯେ ଯେଉଁ ଜୀବାତ୍ମାଗଣ ସେମାନଙ୍କର ଦେହାବସାନ ପରେ ପରେ ମୋର ନିକଟ ସାନ୍ନିଧ୍ୟରେ ରହିବାକୁ ଚାହୁଁଥିଲେ, ସେମାନେ ଆସି ଏହି ବୃକ୍ଷଟିରେ ଆଶ୍ରୟ ନେଉଥିଲେ ।...

''୨୯ ଫେବ୍ରୁଆରୀ ୧୯୬୦ରେ ଆଶ୍ରମରେ 'ସୁବର୍ଣ୍ଣ ଦିବସ' ପାଳିତ ହେବାର ପରେ ପରେ ଆଶ୍ରମର 'ରିଡ଼ିଂ ରୁମ୍'ର ପୂର୍ବପଟ ଅଗଣାର ମଝିରେ ବଡ଼ ଚମ୍ପାଗଛଟିଏ ଖୁବ୍ ଶୀଘ୍ର ଶୁଖିଯିବାକୁ ଲାଗିଲା । ମା'ଙ୍କ ଅନୁମତିରେ ସେହି ଗଛଟିକୁ ସମ୍ପୂର୍ଣ୍ଣ ରୂପେ ଓପାଡ଼ି ଦିଆଯାଇଥିଲା । ତା'ପରେ ପରିଚାନ୍ଦ ସେହି ସ୍ଥାନରେ ଅନ୍ୟ ଏକ ଚମ୍ପାଗଛ ଅଥବା ବକୁଳ ଗଛ କିଂବା କୃଷ୍ଣଚୂଡ଼ା ଗଛଟିଏ ରୋପଣ କରିବା ସକାଶେ ପ୍ରସ୍ତାବ ଦେବାରୁ ମା କେବଳ କୌଣସି ଏକ କୋମଳ ଫୁଲ ଗଛ ରୋପଣ କରିବାକୁ ଅନୁମତି ଦେଇଥିଲେ । (ଏବେ ସେହି ସ୍ଥାନରେ, ଗୋଲେଇ ମଧ୍ୟରେ 'ବିଶ୍ୱାସଭାଜନ ହେବାର ଆନନ୍ଦ (Joy of Faithfulness) ବୃକ୍ଷଟି ରହିଛି । ମା ବୋଧହୁଏ ଆଶ୍ରମ ଅଙ୍ଗନରେ ଆଉ ଗୋଟିଏ ବଡ଼ ଗଛ ରୋପଣ କରିବାକୁ ଚାହୁଁ ନଥିଲେ ଯାହାକି ସେବା ବୃକ୍ଷଟିର ଗରିମାସମ୍ପନ୍ନ ଅପରୂପ ଦୃଶ୍ୟକୁ ହୃଦୟଭରି ଉପଭୋଗ କରିବାରେ ବ୍ୟାଘାତ ସୃଷ୍ଟି କରିବ ।...''

ମା ଏହି ବୃକ୍ଷ ତଳ ଦେଇ ଯିବା-ଆସିବା କରୁଥିବା ବେଳେ ମାଟି ଉପରକୁ ବାହାରି ଆସିଥିବା ତା'ର ଚେରସବୁରେ କେବେ ବି ପାଦ ପକାଉ ନଥିଲେ, ବରଂ ଡେଇଁ କରି ଆଗକୁ ଯାଉଥିଲେ । ତେଣୁ ସ୍ୱାଭାବିକ ରୂପେ ଭକ୍ତବୃନ୍ଦ ମା'ଙ୍କୁ ଅନୁସରଣ କରୁଥିଲେ । ଏହା ଦେଖି ପରିଚାନ୍ଦ ଥରେ ମା'ଙ୍କୁ ପ୍ରସ୍ତାବ ଦେଇଥିଲେ ଯେ ମା ସେହି ଚେରଗୁଡ଼ିକ ଉପରେ ମାଟି ଭର୍ତ୍ତି କରି ଦେଲେ କେମିତି ହୁଅନ୍ତା । ସେଇଠୁ ମା କହିଥିଲେ ଯେ ହଁ, ଏହା ଅନେକ ଆଗରୁ କରାଯାଇ ପାରିଥା'ନ୍ତା; ଏବେ କିନ୍ତୁ ସେଗୁଡ଼ିକ ବେଶ୍ ମୋଟା ଓ ଶକ୍ତ ହୋଇଉଠି ତା'ର ଶାଖାପ୍ରଶାଖା ସଦୃଶ ହୋଇଉଠିଛି – ତେଣୁ ମାଟି ଭରାଅ ନାହିଁ ।

ଏବେ ନାରଦଙ୍କର ସ୍ମୃତିକଥାରୁ ପଦେ-ଅଧେ, ''ଏହା ଥିଲା ୧୯୭୨ ମସିହା । ସମାଧିର ଠିକ୍ ଉପରିଭାଗରେ ସେବା ବୃକ୍ଷଟିର ଦକ୍ଷିଣମୁଖୀ (ନୋଟିସ ବୋର୍ଡ଼ ବାରଣ୍ଡା ଓ ରିଡିଂ ରୁମ୍‌ର

କାଣ୍ଡ ପର୍ଯ୍ୟନ୍ତ ବିସ୍ତାରିତ) ଏକ ବିଶାଳ ଡାଳ ବିଧ୍ୱସ୍ତକାରୀ ପ୍ରବଳ ଝଡ଼ବ୍ୟାତ୍ୟାରେ ଭାଙ୍ଗି ପଡ଼ିଲା । ମୁଁ ମୋ ବାପାଙ୍କ ସହିତ ପିଲାଦିନୁ ବଗିଚା କାମ କରିବାରେ ଅତ୍ୟନ୍ତ ଆନନ୍ଦ ଉପଭୋଗ କରୁଥିଲି । ଏକଥା ଜାଣି ମୋର ଆଶ୍ରମରେ ରହିବାର ପ୍ରାରମ୍ଭ କାଳରୁହିଁ ମା ମୋତେ ସେବା ବୃକ୍ଷଟିର ଯତ୍ନନେବା କାର୍ଯ୍ୟରେ ନିଯୁକ୍ତ କରିଥିଲେ । ଏହି ଝଡ଼ବାତ୍ୟାର ଠିକ୍ ପରଦିନ ବଡ଼ିଭୋରରୁ ଆଶ୍ରମର କେତେକ ଯୁବକଙ୍କୁ ନେଇ ଭାଙ୍ଗିଯାଇଥିବା ଡାଳଟିକୁ ଅତ୍ୟନ୍ତ ସାବଧାନତା ସହିତ ତା'ର ମୂଳଗଣ୍ଡିରୁ ଏମିତି କାଟିଲୁ ଯଦ୍ୱାରା କ୍ଷତସ୍ଥାନଟି ଖୁବ୍ ଶୀଘ୍ର ଭରିଉଠିବ । ଏହି କର୍ମ ସମାପନର ଦିନେ କି ଦୁଇ ଦିନ ପରେ ପରିଚାନ୍ଦ ମୋତେ ଭେଟି ମା'ଙ୍କର ଏକ ବିଶେଷ ଆଶୀର୍ବାଦ ପ୍ୟାକେଟ୍ ଦେଇ କହିଲେ ଯେ ମା ତୁମକୁ ତୁମର ବାକୀ ଜୀବନତକ ସେବା-ବୃକ୍ଷଟିର ଯତ୍ନ ନେବାକୁ କହିଛନ୍ତି । କି ଅପୂର୍ବ ଆଶୀର୍ବାଦ ଏବଂ ତତ୍ ସହିତ କି ବିଶାଳ ଗୁରୁ ଦାୟିତ୍ୱ !''

ଏବେ ନାରଦ(୫)ଙ୍କ ସହିତ ଆଶ୍ରମର ମଣ୍ଟୁ (ଦେବଦାସ) ଏବଂ ଆନ୍ଦ୍ରେୟାସ୍ ବୃକ୍ଷଟିର ଯତ୍ନ ନେଉଛନ୍ତି ।

ଥରେ ଏକ ଭୟାନକ ଝଡ଼ବାତ୍ୟାରେ ସେବା ବୃକ୍ଷଟିରେ ଗୋଟିଏ ପତ୍ର ବି ନଥିଲା, କହିବାକୁ ଗଲେ ଥୁଣ୍ଟା ଦେଖାଯାଉଥିଲା, ଏକେବାରେ ଶ୍ରୀହୀନ । ସେଇ ମର୍ମାନ୍ତିକ ଅବସ୍ଥାରେ ବୃକ୍ଷଟି ମା'ଙ୍କୁ ସବିନୟରେ କହିଲା, 'ମା, ମୁଁ ଏବେ ବିଦାୟ ନେବାକୁ ଚାହୁଁଛି, ମୋ ସୌନ୍ଦର୍ଯ୍ୟର କାଣିଚାଏ ବି ନାହିଁ ।' ମା' ସେଇଠୁ ଅତ୍ୟନ୍ତ ଧୈର୍ଯ୍ୟର ସହିତ ଓ କୋମଳ ଭାବରେ ସାନ୍ତ୍ୱନା ଦେଇ ତାକୁ ତିଷ୍ଠି ରହିବାକୁ କହିଲେ ଏବଂ ସେ ଅବନତ ଶିରରେ ସର୍ବାନ୍ତଃକରଣରେ ରାଜି ହୋଇଗଲା ।

ଆଜି ବି କି ଅପୂର୍ବ ଭାବରେ ଆମମାନଙ୍କ ଗହଣରେ ଚିର ହସ ହସ ମୁହଁରେ ସେ ତା'ର ପରମୋଚ୍ଚ ଦିବ୍ୟ ସେବାକୁ ସରସ କରି ଗଢ଼ିଛି ।

(କ୍ରମଶଃ)

ସଂକଳନ ଓ ଭାଷାନ୍ତର : ଗୋପାଳଚନ୍ଦ୍ର ମାହାନା ❑

---

(୫) ନାରଦ (ପିତୃମାତୃଦତ୍ତ ନାମ ରିଚାର୍ଡ଼ ଏଗେନ୍‌ବାର୍‌ଜାର୍, ଜନ୍ମ ୧୯୩୮, ନିଉଜର୍‌ସି, ୟୁ. ଏସ୍. ଏ.) ୧୯୬୧ରେ (୨୩ ବର୍ଷ ବୟସରେ) ପ୍ରଥମେ ଆଶ୍ରମକୁ ଆସିଥିଲେ । ପରବର୍ତ୍ତୀ ସମୟରେ ୧୯୬୯ରୁ ଆଜି ପର୍ଯ୍ୟନ୍ତ ଆଶ୍ରମ ଓ ଅରୋଭିଲ୍ ସହିତ ଘନିଷ୍ଠ ଭାବରେ ସଂପୃକ୍ତ ହୋଇ ରହିଛନ୍ତି ।

---

**ତଥ୍ୟ ନିର୍ଦ୍ଦେଶିକା :**


୧. Homage to the Service Tree (Edited by Narad)

୨. Narad Remembers : In the Service Tree, Oct. 2001

୩. The Service Tree : A Talk by Dyuman; Mother India, Jan. 1989, pp. 29-34

୪. Sri Parichand : A pilgrim of the Spirit, Published by Pradip Jain, Patna, 2004

୫. Sri Aurobindo Ashram : The Story of the Main Building. ❑


ଶୃଙ୍ଖଳା ବିନା ଭୌତିକ ସ୍ତରରେ କୌଣସି କିଛି ସଂପାଦନ କରିବା ଅସମ୍ଭବ । ଯଦି ତୁମର ହୃଦୟ ନିୟମିତ ଓ ନିରନ୍ତର ସ୍ପନ୍ଦିତ ହେବାର କଠୋର ଶୃଙ୍ଖଳାକୁ ମାନିବା ଲାଗି ଅନିଚ୍ଛା ପ୍ରକାଶ କରେ, ତୁମେ ପୃଥିବୀପୃଷ୍ଠରେ ଜୀବନ ଧାରଣ କରିବାକୁ ସକ୍ଷମ ହୋଇପାରିବ ନାହିଁ ।

— ଶ୍ରୀମା

ନୂତନ ପଞ୍ଚତନ୍ତ୍ର କାହାଣୀ :

# ବାନର-କିମ୍ଭୀର କାହାଣୀ : ଶେଷ କଥା

## ମନୋଜ ଦାସ

ଆଗତପ୍ରାୟ ସନ୍ଧ୍ୟାର ଆକାଶ ଥିଲା ମେଘାଚ୍ଛନ୍ନ; କିନ୍ତୁ ମେଘମାନେ ବଡ଼ ଅଳସୁଆ ମନେ ହେଉଥିଲେ । ମୋଟେ ନ ବର୍ଷି, ଚୁପ୍‌ଚାପ୍ ସେମିତି ଶୋଇ ରହି ରତୁଟି ବିତାଇ ଦେଇପାରିଲେ ବୋଧହୁଏ ସେମାନେ ଖୁସି ହୁଅନ୍ତେ !

ଆଉ, ଯଥାଶୀଘ୍ର ଶୋଇପଡ଼ି ପାରିଲେ ଖୁସି ହୁଅନ୍ତା ଅବୋଲକରା; କିନ୍ତୁ ଅପରାହ୍ଣରେ ତା'ର ଦୃଷ୍ଟିପଥାରୂଢ଼ ହୋଇଥିବା 'ହୃଦୟ ବିଦାରକ' ଗାତ୍ର-ଚିତ୍ରଟିର ବ୍ୟାଖ୍ୟା ପାଇବା ପୂର୍ବରୁ ନୁହେଁ । ଅବୋଲକରା ଖାଦ୍ୟ ବିନା ଶୋଇପାରେ, ଶୋଇପାରେ ଶଯ୍ୟା ବିନା; ଘର୍ଘର ନିନାଦ ବା ବର୍ବର ହଟ୍ଟଗୋଳ ଭିତରେ ସେ ସ୍ୱପ୍ନର କଳ୍ପରାଜ୍ୟ ଭିତରକୁ ଖସି ଯାଇପାରେ; କିନ୍ତୁ କୌତୂହଳ ଅପନୋଦନ ହୋଇ ନଥିଲେ ସେ ରାତି ପରେ ରାତି ଛଟପଟ ହେଉଥିବ ।

''ସାଆନ୍ତେ !''

ସାମନ୍ତଙ୍କୁ ଅବୋଲକରାର ଏ ନିର୍ଦ୍ଦିଷ୍ଟ ଶୈଳୀ ଓ ସ୍ୱର-ବ୍ୟଞ୍ଜକ ସମ୍ବୋଧନର ତାତ୍ପର୍ଯ୍ୟ ଅଜଣା ନଥିଲା ।

''ଆମେ ପରା ଆମ ଆଶ୍ରୟସ୍ଥଳ ଚଟିଘରେ ପହଞ୍ଚି ଗଲୁଣି – ଆଉ ଅଧୈର୍ଯ୍ୟ କାହିଁକି ?'' ସାଆନ୍ତ ଏକ ଉଦ୍ୟାନ ଶୋଭିତ ଛପରଘର ଆଡ଼େ ଅଙ୍ଗୁଳି ନିର୍ଦ୍ଦେଶ କରି କହିଲେ ।

ତହିଁ କୋଠରିଟିଏ ଦଖଲ କରି ସ୍ନାନାନ୍ତେ ଦୁହେଁ ଆହାର ଶେଷ କରନ୍ତେ ଅବୋଲକରା ସାଆନ୍ତଙ୍କ ପାଇଁ କମ୍ବଳ ପାରି ଦେଇ ତାଙ୍କ ପାଦସେବା କରିବାକୁ ବସିଗଲା, ଅବଶ୍ୟ ସେ ସେବା ଥିଲା କ୍ଷଣସ୍ଥାୟୀ । ସାଆନ୍ତ ତାଙ୍କ କାହାଣୀ ଆରମ୍ଭ କରିବାମାତ୍ରେ ଅବୋଲକରାର କର୍ଣ୍ଣ-ଯୁଗଳ ଅତି ସଚେତନ ହୋଇ ଯାଉଥାଏ ତ ତା'ର କରଯୁଗଳ ଅଚେତ-ପ୍ରାୟ ହୋଇ ଯାଉଥାଏ ।

''ଅବୋଲ୍ ! ଭ୍ରମଣ ଭିତରେ ଗୋଟାଏ ପରେ ଗୋଟାଏ ଅସଂଖ୍ୟ ଦେବାଳୟ ଦେଖିଲୁଣି । ଆଜି ମଧ୍ୟାହ୍ନରେ ତୋ ଆଖିରେ ପଡ଼ିଥିବା ଛୋଟିଆ ମନ୍ଦିର ଗୋଟିକ ପାଇଁ ତୋର ଏଡ଼େ କୌତୂହଳ କାହିଁକି ?'' ପ୍ରଶ୍ନ କଲେ ସାଆନ୍ତ ।

''ଯାହା ଦେଖିଲି, ତାହା ମନ୍ଦିର ଭଳି ଲାଗୁଥିଲେ ବି ମନ୍ଦିର ନୁହେଁ ବୋଲି ମନେ ହେଲା । ଭିତରେ କୌଣସି ପ୍ରତିମା ନାହିଁ; ଅଛି ଖାଲି ଶିଳା ଖଣ୍ଡିଏ । ମନ୍ଦିର ଗାତ୍ରରେ ବାନରଟିଏ ତା' ହୃଦୟ ବିଦାରଣ କରୁଥିବାର ଦୃଶ୍ୟ । ଏହା ଅସାଧାରଣ ନିଶ୍ଚୟ !''

''ଅବଶ୍ୟ ଅସାଧାରଣ । ତୋ ଅନୁମାନ ବି ଠିକ୍ । ତାହା ଦେବମନ୍ଦିର ନୁହେଁ, ସ୍ମୃତିମନ୍ଦିର । ଯେତକ ଲକ୍ଷଣୀୟ, ତୁ ସେତକ ଲକ୍ଷ୍ୟ କରିଛୁ କି ନାହିଁ ପରଖୁ ଥିଲି । ଶୁଣ ତେବେ ।''

ସାଆନ୍ତ ଗପିଲେ :

'ପଞ୍ଚତନ୍ତ୍ର'ର ବାନର-କିମ୍ଭୀର ଉପାଖ୍ୟାନ ତୁ ଅବଶ୍ୟ ଜାଣିଛୁ । ନଦୀକୂଳବର୍ତ୍ତୀ ସୁସ୍ୱାଦୁ କୋଳି ବୃକ୍ଷର ଏକମାତ୍ର ସ୍ଥାୟୀ ବାସିନ୍ଦା ରକ୍ତମୁଖ ନାମଧେୟ ବାନର ଦିନ ପରେ ଦିନ ନଦୀରେ କରାଳମୁଖ ନାମକ ଭାସମାନ କିମ୍ଭୀର ଉପରେ ଦୟାପୂର୍ବକ ଅସରାଏ ଲେଖା କୋଳି ବର୍ଷଣ କରୁଥାଏ । ଥରେ କରାଳମୁଖ ଅମୃତପ୍ରାୟ ସେ ସୁସ୍ୱାଦୁ ଫଳରୁ କିୟଦଂଶ ନେଇ ପତ୍ନୀ କରାଳୀକୁ ଦିଅନ୍ତେ ତାହା ଭକ୍ଷଣ କରି ସେହି ସୁସ୍ୱାଦୁ କୋଳି-ପୁଷ୍ଟ ବାନରର ହୃତପିଣ୍ଡ ଗୋଟିକ ଅନନ୍ୟ ମଧୁର ହୋଇଥିବା କଳ୍ପନାରେ କରାଳୀ ତାହା ଆହାର କରିବାକୁ ମନକଲା ଓ ବାନରକୁ ନେଇ ଆସିବାକୁ ସ୍ୱାମୀ ପାଖରେ ଜିଗର କଲା । କିମ୍ଭୀର କରାଳମୁଖ ସେ ପ୍ରସ୍ତାବ ପ୍ରତ୍ୟାଖ୍ୟାନ କରନ୍ତେ କରାଳୀର ସନ୍ଦେହ ହେଲା; ସ୍ୱାମୀର ବନ୍ଧୁଟି ବାନର ନୁହେଁ, ବାନରୀ । ତେଣିକି କିମ୍ଭୀରିଣୀର ଜିଦି ବଢ଼ିଗଲା । ପ୍ରାଣୀ ଭିତରେ ଈର୍ଷା କେଡ଼େ ଭୀଷଣ ହୋଇପାରେ – କିମ୍ଭୀର ବାନରକୁ ଧରି ପ୍ରତ୍ୟାବର୍ତ୍ତନ କରିବାରେ ବିଳମ୍ବ ହେବାରୁ ସେ ବାନରୀ ପ୍ରେମରେ ପଡ଼ି ତାକୁ ପ୍ରତ୍ୟାଖ୍ୟାନ କରିଛି ଧାରଣାରେ କିମ୍ଭୀରିଣୀ ଆତ୍ମହତ୍ୟା ବି କରିଛି – ମହାପଣ୍ଡିତ ବିଷ୍ଣୁଶର୍ମା ମନସ୍ତତ୍ତ୍ୱର ଏହି ଦିଗ ଉପରେ ଆଲୋକପାତ କରିଛନ୍ତି । ଅବଶ୍ୟ ସେକଥା 'ପଞ୍ଚତନ୍ତ୍ର'ର ପାଠକମାନେ ପାସୋରି ଦିଅନ୍ତି । ଆପାତତଃ ଆମେ ବି ତାହା ଉପରେ ଧ୍ୟାନ ଦେବା ଲୋଡ଼ା ନାହିଁ ।

କିମ୍ଭୀର ଯାଇ ବାନରକୁ କିମ୍ଭୀରିଣୀ ତାକୁ ସଙ୍ଗୋଳିବାକୁ

ବ୍ୟଗ୍ର ବୋଲି କହି ତାକୁ ପିଠିରେ ବସାଇ ନେଇ ଯାଇ ମଝି ନଇରେ ନିଜର ଅସଲ ଉଦ୍ଦେଶ୍ୟ ପ୍ରକଟ କରି ଦିଅନ୍ତେ ବାନର ନିଜ ହୃଦୟଟି ଗଛ କୋଟରରେ ସାଇତି ରଖିଛି ଏବଂ ସେ ଗୋଟିକ ବନ୍ଧୁପତ୍ନୀଙ୍କୁ ସାଦରେ ସମର୍ପି ଦେବାକୁ ପ୍ରସ୍ତୁତ ବୋଲି କହି କିମ୍ଭୀର ଦ୍ୱାରା ପୁନରାୟ କୂଳକୁ ଆନୀତ ହେବା ମାତ୍ରେ ଜୀବନର ଦୀର୍ଘତମ ଲମ୍ଫ ସାଧନ ଯୋଗେ ବୃକ୍ଷାରୋହଣ କରି ସେ କିମ୍ଭୀରକୁ ସ୍ତ୍ରୈଣ, କାପୁରୁଷ, କୃତଘ୍ନ ଇତ୍ୟାଦି ସୁନିର୍ବାଚିତ ଶବ୍ଦସମାହାରରେ ଯେଉଁ ଭର୍ତ୍ସନା କଲା, ତାହା ଶୁଣିଲେ କଳିଯୁଗର ମନ୍ତ୍ରୀ ମଧ୍ୟ ଲଜ୍ଜିତ ହୁଅନ୍ତା ।

ବିଷ୍ଣୁଶର୍ମାଙ୍କ କିମ୍ଭୀର ଅବଶ୍ୟ ଆତ୍ମଗ୍ଳାନିପୀଡ଼ିତ ହୋଇ ଅପସରି ଗଲା; କିନ୍ତୁ ମହାପଣ୍ଡିତଙ୍କ ବର୍ଣ୍ଣନା ସେଇଠି ଶେଷ ହେବା ସତ୍ତ୍ୱେ ପରବର୍ତ୍ତୀ ଘଟଣା ଏହିପରି :

ପ୍ରାୟ ନବଜୀବନ ପ୍ରାପ୍ତ ବାନର ଅତ୍ୟନ୍ତ ଉତ୍‌ଫୁଲ୍ଲ ହୋଇ ନିଜ ବୁଦ୍ଧି ବଳରେ ନିଶ୍ଚିତ ମୃତ୍ୟୁମୁଖରୁ ଉତ୍ତୀର୍ଣ୍ଣ ହେବାର କାହାଣୀ ପରିଚିତ, ଅପରିଚିତ ସମସ୍ତ ପଶୁପକ୍ଷୀଙ୍କୁ ଗପିବାକୁ ଲାଗିଲା । କିମ୍ଭୀର ପ୍ରତି ତାଚ୍ଛଲ୍ୟସୂଚକ ଅଟ୍ଟହାସ୍ୟରେ ବାରଂବାର ମୁଖରିତ ହେଲା ଆଖପାଖର ବୃକ୍ଷଲତା ।

ଅଦୂରରେ ଥିଲା ଲୁଲୁର୍ଭା ବନ – ସେ ଯୁଗର ସବୁଠୁଁ ପ୍ରଗତିଶୀଳ, ସଭ୍ୟ ଅରଣ୍ୟ । ଦିନେ ନିଖିଳ ଲୁଲୁର୍ଭା ମର୍କଟ ସଂସଦ ରକ୍ତମୁଖକୁ ନିମନ୍ତ୍ରଣ କରିନେଇ ବିପୁଳ ସମ୍ବର୍ଦ୍ଧନା ଜ୍ଞାପନ କଲେ । ରକ୍ତମୁଖ ସେଠାରେ ସୁଖ ସନ୍ତୋଷ ମଧ୍ୟରେ କିଛିକାଳ ଅତିବାହିତ କରି ନିଜ ବୃକ୍ଷକୁ ପ୍ରତ୍ୟାବର୍ତ୍ତନ କରି ଦେଖିଲା ତଳେ ଡେରା ପକାଇଛନ୍ତି ଚେଲା-ପ୍ରଚେଲା ସମାହାରେ ଜଣେ ମହାନ୍ ସାଧୁ ।

''ଆଜ୍ଞା, ଏ ଅଧମ ଏ ବୃକ୍ଷରେ ବାସ କଲେ ଆପଣଙ୍କର କୌଣସି ଅସୁବିଧା ହେବ ନାହିଁ ତ ?'' – ପ୍ରଶ୍ନ କଲା ରକ୍ତମୁଖ । ବାହାବା ଉପଭୋଗରେ ଅଭ୍ୟସ୍ତ ବାନରଟି ସାଧୁଙ୍କୁ ମଧ୍ୟ ନିଜ କୃତିତ୍ୱ ଶୁଣାଇବାକୁ ଅଧୀର ଅନୁଭବ କରୁଥିଲା ।

''ବତ୍ସ ! ମୁଁ ବି ଏଠି ରହୁ ନାହିଁ କି ତୁ ବି ରହୁ ନାହୁଁ !'' – କହିଲେ ସାଧୁ ।

''ବାବା ! ଆପଣଙ୍କ ରହିବା ନ ରହିବା ଅବଶ୍ୟ ଆପଣଙ୍କ ଇଚ୍ଛାଧୀନ । କିନ୍ତୁ ମୋ ଗତି-ପ୍ରଗତି ଉପରେ ଆପଣ ସିଦ୍ଧାନ୍ତ ନେବେ କିପରି ?'' ନିଜ ବିଜ୍ଞତା ସମ୍ପର୍କରେ ନିଶ୍ଚିତ ରକ୍ତମୁଖ ପ୍ରଶ୍ନକଲା ।

''ବତ୍ସ ! ଆପଣାର ସ୍ୱାଧୀନ ଗତି ପ୍ରବୃତ୍ତି ଉର୍ଦ୍ଧ୍ୱରେ ଭାଗ୍ୟର ଗତିବିଧି ସ୍ୱୀକାର କରି ନେବାକୁ ପଡ଼େ, ଏତକ କ'ଣ ତୋତେ ଅଜଣା ?''

ଚମକି ଉଠିଲା ମର୍କଟ ।

''ମହାତ୍ମା ! ମୋର ଉର୍ଦ୍ଧ୍ୱଗତି ହେବାକୁ ବିଳମ୍ବ ନାହିଁ, ଆପଣ କ'ଣ ଏଇଆ ବୁଝାଉଛନ୍ତି ?''

ସହାନୁଭୂତି ପ୍ରକଟ କରି ହସିଲେ ସାଧୁ ଓ କହିଲେ, ''ପରପାରିକୁ ଗତି ମାନେ ଯେ ଉର୍ଦ୍ଧ୍ୱଗତି; ଅଧୋଗତି ଅଥବା ତୁଚ୍ଛା ସଳଖ ଗତି ନୁହେଁ, ସେକଥା ତ କହିପାରିବି ନାହିଁ !''

ମୁହୂର୍ତ୍ତେ ସ୍ତମ୍ଭୀଭୂତ ରହି ରକ୍ତମୁଖ କହିଲା, ''ମହାତ୍ମା ! ମୁଁ ମୋ ମର୍କଟସୁଲଭ ଆଚରଣ ବାହାରେ କୌଣସି ମନ୍ଦ କାର୍ଯ୍ୟ କରି ନାହିଁ । ମୋର ଉର୍ଦ୍ଧ୍ୱଗତି ଉପରେ ଆପଣଙ୍କ ସନ୍ଦେହର ହେତୁ ?''

''ବତ୍ସ ! କେବଳ ମନ୍ଦ କାର୍ଯ୍ୟରୁ ବିରତ ରହିଲେ ଉର୍ଦ୍ଧ୍ୱଗତି ହେବା ଅନିବାର୍ଯ୍ୟ, ଏମିତି ନିୟମ ନାହିଁ । କିନ୍ତୁ ସେକଥା ଛାଡ଼ । ତୁ କ'ଣ ସତରେ କୌଣସି ମନ୍ଦ କାର୍ଯ୍ୟ କରି ନାହୁଁ ? ସାମାନ୍ୟ ବିଶ୍ୱାସଘାତକତା ?''

''ବିଶ୍ୱାସଘାତକତା, ମହାତ୍ମା ? ସେ କାମଟି କିମ୍ଭୀର ମୋ ପ୍ରତି କରିଥିଲା; ମୁଁ କରି ନାହିଁ ।''

''କରି ନାହୁଁ ? କଳିଜା ଗଛ କୋଟରରେ ଥୋଇ ଦେଇ ଆସିଛୁ ବୋଲି ତା' ମନରେ ବିଶ୍ୱାସ ଉପୁଜାଇ ତାକୁ ଦଗା ଦେଲୁ ତେବେ କିଏ ? ବିଚରା ତା' ସ୍ତ୍ରୀକୁ ହରାଇଲା; ନିଜେ ହାସ୍ୟାସ୍ପଦ ହେଲା । ତୁ ଅଭିନନ୍ଦନ ସଂଗ୍ରହରେ ବ୍ୟସ୍ତ ରହିଲୁ । ଗର୍ବରେ କେତେ ଫୁଲିଛୁ, ତାହାର ମାପଚୁପ କରିଛୁ ? ତେଣେ ଅପମାନ, ଅନୁଶୋଚନାରେ ନିପୀଡ଼ିତ କିମ୍ଭୀର; ଅପରାଧର ଫଳରୁ ମୁକ୍ତ ରହିବା ନିମନ୍ତେ ପ୍ରାର୍ଥନାନିରତ । ଉର୍ଦ୍ଧ୍ୱଗତି ତା'ର ହେବ ନା ତୋର ?''

''ମହାତ୍ମା ! ମୁଁ ତ ବ୍ୟାପାରଟିକୁ ସେ ଦିଗରୁ ଦେଖି ନଥିଲି ! ମୁଁ ଆତ୍ମରକ୍ଷା କଲି ମାତ୍ର !''

''ଭଲ କଲୁ । ତୋର ଉର୍ଦ୍ଧ୍ୱଗତି ହେବ ନାହିଁ ବୋଲି ମୁଁ କହୁ ନାହିଁ; କେବଳ ଜାଣେ ନାହିଁ ବୋଲି କହୁଛି ।'' – ହସିଲେ ସାଧୁ ।

ପରଦିନ ସାଧୁ ଡେରା ଉଠାଇ ଚାଲିଗଲେ । ପଛରେ ରହିଗଲା ଘୋର ଚିନ୍ତାମଗ୍ନ ମର୍କଟ । ନଅଦିନ ନଅରାତ୍ର କାଳ ଅବ୍ୟାହତ ଚିନ୍ତା ଅନ୍ତେ ସେ ଏକ ବିଶେଷ ସିଦ୍ଧାନ୍ତରେ ଉପନୀତ

ହେଲା ଓ କୂଳେ କୂଳେ ଯାଇ ତା'ର ପୂର୍ବତନ ବନ୍ଧୁ କିମ୍ଭୀରକୁ ଠାବକଲା ।

''ବନ୍ଧୁ ! ବର୍ତ୍ତମାନ ତୁମେ ମୋର କଲିଜାଟି ନିର୍ବିଘ୍ନରେ ଭକ୍ଷଣ କରିପାର ।''

— ରକ୍ତମୁଖ ନିଜ ଆନ୍ତରିକତାପୂର୍ଣ୍ଣ ବାକ୍ୟଟି ସମାପ୍ତ କରିସାରିବା ପୂର୍ବରୁହିଁ କିମ୍ଭୀର ହାବେଳି ଗତିରେ ନଈ ଭିତରକୁ ପଳାଇଗଲା ।

ମର୍କଟ ହତାଶ ହୋଇ ଗୋଟିଏ ଗୁମ୍ଫାରେ ପଶି ଧ୍ୟାନସ୍ଥ ହେଲା । ବିତିଗଲା ବର୍ଷଟିଏ । ଅବଶେଷରେ ଦିନେ ସେ ଅନୁଭବ କଲା ଏକ ଅପୂର୍ବ ଉଶ୍ବାସ ଭାବ । ନିଜକୁ ସମ୍ପୂର୍ଣ୍ଣ ଭାବରେ ବିତରଣ କରି ଦେବାକୁ, ଉତ୍ସର୍ଗ କରି ଦେବାକୁ ସେ ପ୍ରସ୍ତୁତ । ବସ୍ତୁତଃ ସେ ଆବେଗ ତା'ର ସମ୍ଭଳା ପଡୁ ନଥାଏ । ସେ ଗୁମ୍ଫାରୁ ବାହାରି ଦୌଡ଼ିଲା । ସତେ ଅବା ସେ ପୃଥିବୀର କ୍ଷିପ୍ରତମ ବିହଙ୍ଗ !

ପହଞ୍ଚିଲା ଯାଇ ସାଧୁଙ୍କ ସମୀପରେ ।

''ମହାତ୍ମା ! ମୁଁ ମୋ ହୃତ୍‌ପିଣ୍ଡ କାହାକୁ ସମର୍ପଣ କରିବି — କୁହନ୍ତୁ । ବିଳମ୍ବ ସହିପାରୁ ନାହିଁ । ମୁଁ ନିଃଶେଷ ହେବାକୁ ଚାହେଁ । ଆଃ, ନିଜକୁ ଦେଇ ଦେବାର ସିଦ୍ଧାନ୍ତରେ ମୁଁ କେଡ଼େ ମୁକ୍ତ ଅନୁଭବ କରୁଛି !''

ସାଧୁ ତାକୁ ଆଉଁସି ଦେଲେ । ଉପସ୍ଥିତ ଅନୁଗତମାନେ କିଛି ଶୁଣିପାରୁ ନଥିଲେ । ସେମାନେ ଦେଖୁଥିଲେ ସାଧୁ ଶୂନ୍ୟକୁ ଆଉଁସୁଛନ୍ତି ।

''ବାପା ! ତୋତେ ମାଲୁମ ନାହିଁ ଯେ ତୁ ଆଉ ତୋ କଳେବରରେ ନାହୁଁ । ମୋ ପାଖରେ ତୋ କଳେବର ନୁହେଁ, ତୋ ପ୍ରାଣସତ୍ତାହିଁ ଉପନୀତ । ସମ୍ପୂର୍ଣ୍ଣ ମୁକ୍ତି ଦିଗରେ ତୋର ଏକମାତ୍ର ପ୍ରତିବନ୍ଧକ ଏଇ ଦେଇ ପକାଇବାର ଅତ୍ୟଧିକ ଆଗ୍ରହ ବା ଆସକ୍ତି । ତୋତେ ମୁଁ ପ୍ରତିଶ୍ରୁତି ଦେଉଛି, ଅରଣ୍ୟ ସେପାରି ଗୁମ୍ଫାରେ ସ୍ଥିତ ତୋ କଳେବର-ନିହିତ ତୋର ବିଶୁଦ୍ଧ ହୃତ୍‌ପିଣ୍ଡର ସଦ୍‌ବ୍ୟବହାର ହେବାର ବ୍ୟବସ୍ଥା କରିବି । ମୁଁ ପ୍ରାର୍ଥନା କରୁଛି, ତୁ ସମ୍ପୂର୍ଣ୍ଣ ଭାବରେ ମୁକ୍ତ ହୋଇଯା' ।''

ରକ୍ତମୁଖର ସନ୍ତୁଷ୍ଟ ତଥା କୃତଜ୍ଞ ପ୍ରାଣସତ୍ତା ଚାହୁଁ ଚାହୁଁ ମିଳେଇ ଗଲା ।

ସାଧୁ ତାଙ୍କ ସେବକମାନଙ୍କ ଭିତରୁ ଦୁଇଜଣଙ୍କୁ କୌଣସି ନିର୍ଦ୍ଦେଶ ଦେଲେ । ଦୁହେଁ ଗୁମ୍ଫା ଅଭିମୁଖେ ବାହାରି ଗଲେ ।

ସାଧୁଙ୍କ ପରବର୍ତ୍ତୀ କାର୍ଯ୍ୟକ୍ରମ ଥିଲା ନଗରୀରେ । ସେଠାରେ ତାଙ୍କର ସହସ୍ର ଶିଷ୍ୟ ଏବଂ ପ୍ରଶଂସକ । ସେ ଦିନେ ଏକ ସମାବେଶରେ ବସିଥିବା ବେଳେ ଗୁମ୍ଫାକୁ ପ୍ରେରିତ ତାଙ୍କର ଶିଷ୍ୟ ବାନରର ଶୁଷ୍କ ହୃତ୍‌ପିଣ୍ଡଟିଏ ଏକ କବଚାକୃତି ସ୍ୱର୍ଣ୍ଣପଦକ ଭିତରେ ସୁରକ୍ଷିତ ଅବସ୍ଥାରେ ଆଣି ତାଙ୍କ ଆଗରେ ଉପସ୍ଥାପନ କଲେ ।

''ଏଇ ପବିତ୍ର ହୃତ୍‌ପିଣ୍ଡ ଯିଏ ଧାରଣ କରିବ ସେ ନିଜ ହୃଦୟରେ ଅନୁଭବ କରିବ ଅପୂର୍ବ ମହତ୍ତ୍ୱ, ଅପୂର୍ବ ଆନନ୍ଦ, ଶକ୍ତି ଓ ଶାନ୍ତି ।''— କହିଲେ ସାଧୁ ।

''ମହାତ୍ମା ! ଆପଣ ତ ଜାଣନ୍ତି ମୋର ହୃଦ୍-ବୈକଲ୍ୟ ରହିଛି । ଏହା ଧାରଣ କଲେ ଯଦି ଉପକାର ମିଳିବ...''

ସାଧୁଙ୍କୁ ଆତିଥ୍ୟ ପ୍ରଦାନ କରିଥିବା ନଗରୀର ଶ୍ରେଷ୍ଠତମ ଶ୍ରେଷ୍ଠୀ ଜଣକ ଏହା କହିବାମାତ୍ରେ ସାଧୁ ସ୍ୱର୍ଣ୍ଣ-କବଚଟିକୁ ଏକ ହାର ଯୋଗେ ତାଙ୍କ ବେକରେ ପକାଇ ଦେଲେ । ଶ୍ରେଷ୍ଠୀ ପୁଲକିତ ହୋଇ ତାଙ୍କୁ ପ୍ରଣିପାତ କଲେ ।

ନିଶାର୍ଦ୍ଧରେ ସାଧୁ ବିଶ୍ରାମ କରୁଥିବା କୋଠରି ଭିତରକୁ ଝଡ଼ ଭଳି ପଶି ଆସିଲେ ଶ୍ରେଷ୍ଠୀ ମହୋଦୟଙ୍କର ପାଞ୍ଚ ସନ୍ତାନ । ସେମାନେ ଦିଶୁଥିଲେ ଭୟାର୍ତ୍ତ ।

''ମହାତ୍ମା ! ଆପଣ କଲେ କ'ଣ ? ପିତୃଦେବ ସେ ହାର ପିନ୍ଧିବା ପରଠାରୁ ଖାଲି ଦେଇ ଚାଲିଛନ୍ତି । ତିନିପୁରୁଷ ଧରି ସଞ୍ଚିତ ହୀରା, ନୀଳା, ମୋତି, ମାଣିକ୍ୟ ସବୁ ବାଣ୍ଟି ଦେଲେଣି । ଭୋର ବେଳକୁ ଆମେ କାଙ୍ଗାଳ ବନିଯାଇଥିବୁ ।''— ଜ୍ୟେଷ୍ଠପୁତ୍ର କୋହ ସମ୍ବରଣ କରି କହିଲେ ।

ସାଧୁ ତତ୍‌କ୍ଷଣାତ୍ ଯାଇ ଅତ୍ୟନ୍ତ ହର୍ଷୋତ୍‌ଫୁଲ୍ଲ ଦିଶୁଥିବା ଶ୍ରେଷ୍ଠୀଙ୍କୁ କବଚଟି ମାଗିଲେ । ଶ୍ରେଷ୍ଠୀ ଗଦ୍‌ଗଦ ହୋଇ ତାହା ଦେଇଦେଲେ ।

ପରଦିନ ସାଧୁ ଯାଇ ତାଙ୍କର ଅନ୍ୟତମ ଗୃହୀ ଶିଷ୍ୟ ସେନାପତିଙ୍କ ଘରେ ଆତିଥ୍ୟ ଗ୍ରହଣ କଲେ । ଦିନେ ଦୁଇଦିନ ଭିତରେ ସେ ଲକ୍ଷ୍ୟ କଲେ, ସେନାପତି ଯତ୍‌ପରୋନାସ୍ତି ଚିନ୍ତିତ ଓ ବିମର୍ଷ ରହୁଛନ୍ତି । କଥା କ'ଣ ? ପଡ଼ୋଶୀ ରାଜ୍ୟଟିଏ ଜୟ କରିବା ନିମନ୍ତେ ରାଜା ତାଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ସେନାପତି ସେ ଦିଗରେ କେତେଦୂର ସଫଳ ହେବେ ଜାଣିପାରୁ ନାହାନ୍ତି । ଦିନ ନାହିଁ, ରାତି ନାହିଁ, ଦଳ ଦଳ ସୈନ୍ୟଙ୍କୁ ତାଲିମ ଦିଆଚାଲିଛି ।

—''ତୁମେ ଏ କବଚସମ୍ବଳିତ ହାରଟି ଧାରଣ କର, ବତ୍ସ !'' କହି ସାଧୁ ରକ୍ତମୁଖର ହୃତ୍‌ପିଣ୍ଡ-ମଣ୍ଡିତ ହାର ଗୋଟିକ

ସେନାପତିଙ୍କ ବେକରେ ପକାଇଦେଲେ । ଚାହୁଁ ଚାହୁଁ ସେନାପତିଙ୍କର ମୁଖମଣ୍ଡଳ ଦେଖାଗଲା ପୂର୍ଣ୍ଣିମା ଭଳି ଚହଟ । ସେ ଯାଇ ପହଞ୍ଚିଗଲେ ସୈନ୍ୟ-ସମାବେଶ ଆଗରେ ।

''ଆରେ ବାବୁମାନେ, ତୁମେମାନେ କରୁଛ କ'ଣ ? ଏମିତି ଗୋଡ଼ କଚାଡ଼ିବାର, ଅସି ଲାଠି ବୁଲାଇବାର କିଛି ମାନେ ହୁଏ ? ନାଚ ! ଗାଅ !! ଆନନ୍ଦକର । ହରିବୋଲ, ହରିବୋଲ !''

ବଜ୍ର-ଗମ୍ଭୀର ଆଜ୍ଞା ଦେବାରେ ଅଭ୍ୟସ୍ତ ସେନାପତିଙ୍କର ଏ ଅପ୍ରତ୍ୟାଶିତ ବାଣୀରେ ଶଙ୍କିଗଲେ ଉପ-ସେନାପତି ଓ ସୈନିକମାନେ । ସେନାପତି କ'ଣ ବୁଝାଉଛନ୍ତି ? ଥଟ୍ଟା କରୁଛନ୍ତି ? ପରେ ଦଣ୍ଡ ଦେବେ ?

କିନ୍ତୁ ସେନାପତି ସ୍ୱୟଂ ଯେ ଖାଲି ଗୀତ ବୋଲିବାକୁ ଆରମ୍ଭ କରି ଦେଇଥିଲେ ସେତିକି ନୁହେଁ; ନାଚିବାକୁ ଉଦ୍ୟତ ହେଉଥିଲେ । ''ଆନନ୍ଦ ! ଆନନ୍ଦ ! ଆଚ୍ଛା, ମୋର ଏ ପଗଡ଼ି ଓ ତରବାରି କେହି ନେଇଯାଇ ମୋତେ ମୁକ୍ତି ଦେବ ?''

ପଛେ ପଛେ ଯାଇ ପହଞ୍ଚିଥିଲେ ସାଧୁ ।

''ସେନାପତି ! ମୋତେ ହାରଟି ଦେଇଦିଅ ।''– ସେ କହିଲେ । ସେନାପତି ନମ୍ରଭାବରେ ତାହା ପ୍ରତ୍ୟର୍ପଣ କଲେ । କ୍ରମେ ସେନାପତି ଅବଶ୍ୟ ଦେଖାଗଲେ ଗମ୍ଭୀର; ଅସି ଓ ପଗଡ଼ି ସଜାଡ଼ି ନେଲେ ।

ସାଧୁଙ୍କୁ ରାତ୍ରିର ପ୍ରଥମ ପ୍ରହରରେ ଦେଖାକଲେ ମନ୍ତ୍ରୀ – ''ମହାଭାଗ ! ଆପଣଙ୍କଠି ରହିଛି ଏକ ବିସ୍ମୟକର ବସ୍ତୁ । ରାଜା ସେ ସମ୍ବାଦ ପାଇଛନ୍ତି । ସେ ବଡ଼ କୌତୂହଳୀ; ଚିଜଟି ତାଙ୍କୁ ଦେଇପାରିବେ ?''

ମନ୍ତ୍ରୀଙ୍କ ଅନୁରୋଧ ଶେଷ ନ ହେଉଣୁ ସାଧୁ ନୀରବରେ କବଚ-ହାରଟି ଧରି ବାଟକୁ ବାହାରି ପଡ଼ିଲେ । ମନ୍ତ୍ରୀ ତାଙ୍କୁ ଅନୁସରଣ କଲେ । ହଠାତ୍ ପଥପ୍ରାନ୍ତରେ ଗୋଟିଏ ଗଭୀର କୂଅ ଭିତରକୁ ମାଳାଟି ନିକ୍ଷେପ କଲେ ସାଧୁ ।

ମନ୍ତ୍ରୀ ହତବାକ୍ ରହିଲେ । କିନ୍ତୁ ସାଧୁଙ୍କୁ ବାଧା ଦେବାର ସାହସ ତାଙ୍କର, ଏପରି କି ରାଜାଙ୍କର ମଧ୍ୟ ନଥିଲା । ସାଧୁଙ୍କ ନିର୍ଦ୍ଦେଶରେ କୂଅ ପୋତି ଦିଆଗଲା । ଉପରକୁ ଦୃଶ୍ୟମାନ ରହିଲା ସ୍ମାରକୀ ଶିଳାଟିଏ । ତହିଁ ଉପରେ ଗଢ଼ାଗଲା ବାନର ରକ୍ତମୁଖ ନିଜ ହୃଦୟ ଖୋଲି ଧରିଥିବା ଦୃଶ୍ୟସମ୍ବଳିତ ସ୍ମୃତି-ମନ୍ଦିର । ବହୁ ବର୍ଷ ବିତିଗଲାଣି ।

''ଅବୋଲ ! ସାଧୁ କବଚଟି କାହିଁକି ରାଜାଙ୍କୁ ଦେଲେ ନାହିଁ ?''– ପଚାରିଲେ ସାଆନ୍ତ ।

''ରାଜା ସେ କବଚ ଧାରଣ କରିଥିବା ଅବସ୍ଥାରେ ଯଦି ଏ ଅବୋଲକରା ବି ତାଙ୍କୁ ଭେଟି ତାଙ୍କ ରାଜ୍ୟଟି ମାଗିଥା'ନ୍ତା ସେ ବୋଧହୁଏ ଦେଇ ଦେଇଥା'ନ୍ତେ ।''

''ଚମତ୍କାର ! ତୁ ଜ୍ଞାନୀ ହୋଇ ଗଲୁଣିରେ ଅବୋଲକରା ! ସେ କବଚର ଯୋଗ୍ୟ ହେବା ପାଇଁ ଅର୍ଥାତ୍, ତା'ର ମହତ୍ତ୍ୱରେ ମହୀୟାନ୍ ହେବା ସଙ୍ଗେ ସଙ୍ଗେ ନିଜ ବ୍ୟକ୍ତିତ୍ୱର ଭାରସାମ୍ୟ ରକ୍ଷା କଲା ଭଳି ଶକ୍ତି ମଣିଷ ସେଯାଏ ଆୟତ୍ତ କରି ନଥିଲା, ଅଦ୍ୟାବଧି କରି ନାହିଁ । ବେଶ୍ – ଏଥର ଶୋଇପଡ଼ । ପସ୍ତେଇ ଲାଭ ନାହିଁ । କବଚ ଉଦ୍ଧାର କରି ରାଜାଙ୍କୁ ଦେଇପାରିବୁ ନାହିଁ କି ତାଙ୍କ ବଦାନ୍ୟତାରୁ ରାଜ୍ୟ ପାଇପାରିବୁ ନାହିଁ ।''

ସାଆନ୍ତେ କଡ଼ ଲେଉଟାଇ ଶୋଇବା ବେଳେ ଅବୋଲକରାର ଦୀର୍ଘ ନିଃଶ୍ୱାସ ଶୁଣିଲେ ।

('ମନୋଜ ସୃଜନୀ ସମଗ୍ର, ତୃତୀୟ ଖଣ୍ଡ'ରୁ ଗୃହୀତ) ❑

ଯଦି ତୁମେ ତୁମ ବିଶ୍ୱାସକୁ ଅଟଳ ରଖ ଏବଂ ତୁମ ହୃଦୟକୁ ନିରନ୍ତର ଭଗବାନଙ୍କ ପ୍ରତି ଉନ୍ମୁକ୍ତ ରଖ ତାହେଲେ ସକଳ ବାଧାବିପତ୍ତି ଯେତେ ବିରାଟ ହେଉ ନା କାହିଁକି ତାହା ତୁମ ସତ୍ତାର ବୃହତ୍ତର ପୂର୍ଣ୍ଣତା ଦିଗରେ ସହାୟକ ହୋଇଉଠିବ ।

– ଶ୍ରୀମା

# ଧ୍ୟାନ ଓ ପ୍ରାର୍ଥନା – ଏକ ଆତ୍ମଲିପିର ଗୀତିକଥା

## (୩୫)


## ମହେନ୍ଦ୍ରନାଥ ସ୍ୱାଇଁ


### ମଧୁର ସରଳତା

ଦିବ୍ୟଜନନୀ ଶ୍ରୀମା ପ୍ରତ୍ୟେକଙ୍କୁ ଗୋଟିଏ ଗୋଟିଏ ମଧୁର, ସରଳ, ପ୍ରସ୍ଫୁଟିତ ଫୁଲଟିଏ ହୋଇ ଯିବାକୁ କହିଛନ୍ତି । ତାଙ୍କ ସୁମଧୁର ଭାଷାରେ, "Be like a flower. One must try to become like a flower : open, frank, equal, generous and kind. ..."

(Flowers and Their Messages, p. IX)

''ଫୁଲଟିଏ ପରି ହୁଅ । ପ୍ରତ୍ୟେକେ ଫୁଲଟିଏ ପରି ହେବା ପାଇଁ ନିଶ୍ଚିତ ଚେଷ୍ଟା କରିବା ଉଚିତ୍; ଫୁଲ ପରି ଖୋଲିଯିବା, ଖୋଲାଖୋଲି ଭାବ ପ୍ରକାଶ କରିବା, ସମତା ରକ୍ଷା କରିବା, ଖୋଲା ହୃଦୟରେ ସମସ୍ତଙ୍କୁ ସୁବାସ ବାଣ୍ଟିବା, ଦୟାଭାବ ପୋଷଣ କରିବା ।...''

ମା କହି ଚାଲିଛନ୍ତି ତାଙ୍କ ଅପୂର୍ବ, ଦିବ୍ୟ, ତରଳ ମଧୁଝରା ଭାଷାରେ, ''ଖୋଲିଯିବାର ଅର୍ଥ ଫୁଲଟିର ଚତୁଃପାର୍ଶ୍ୱରେ ଯେଉଁମାନେ ଅଛନ୍ତି, ଯଥା – ପ୍ରକୃତି, ଆଲୋକ, ସୂର୍ଯ୍ୟ କିରଣ, ପବନ ଇତ୍ୟାଦି ସମସ୍ତଙ୍କ ଉପରେ ସମଭାବରେ, ବାଛବିଚାର ନକରି ଅବଲୀଳା କ୍ରମେ ପ୍ରଭାବ ପକାଇବା ଏକ ଅପୂର୍ବ ଆନନ୍ଦ ଏବଂ ସୌନ୍ଦର୍ଯ୍ୟକୁ ବିଚ୍ଛୁରିତ କରିବା'' ।

ସେହିପରି ଫୁଲ କାହାରିଠାରୁ କିଛି ଲୁଚାଇ ରଖେ ନାହିଁ । ତା'ର ସୌନ୍ଦର୍ଯ୍ୟ ଓ ସୁଗନ୍ଧକୁ ସମସ୍ତଙ୍କ ପାଇଁ ଖୋଲି ଦେଇଥାଏ, ତା' ଭିତରେ ଯାହା ଥାଏ ତାକୁ ମଧ୍ୟ ସମସ୍ତଙ୍କ ପାଇଁ ଖୋଲି ଦେଇଥାଏ । ସମସ୍ତେ ଯେପରି ସମଭାବରେ ତା'ର ସୌନ୍ଦର୍ଯ୍ୟ ଓ ସୁଗନ୍ଧକୁ ଉପଭୋଗ କରି ଖୁସି ହେବେ ତା'ର ବ୍ୟବସ୍ଥା ମଧ୍ୟ କରିଥାଏ । ଆମ ସମସ୍ତଙ୍କର ଆନନ୍ଦ ନିମନ୍ତେ ନିଜକୁ ସର୍ବାନ୍ତକରଣରେ ଉତ୍ସର୍ଗ କରି ଦେଇଥାଏ । ଫୁଲଟିଏ ଏତେ ଆପଣାର, ଏତେ ମଧୁର ଓ ତା' ଭିତରେ ଏତେ ପରିମାଣରେ ଭଲପାଇବା ଥାଏ ଯେ ତାହାର ଉପସ୍ଥିତି ଫୁଲଦାନୀରେ ହେଉ, ଛୋଟ ଥାଳିଆଟିରେ ହେଉ ବା ଘର ଭିତରେ ରଖାଯାଉଥିବା ଛୋଟ କୁଣ୍ଡରେ ଥିବା ଗଛଟିରେ ହେଉ, ଯେଉଁଠି ଥିଲେ ବି ପ୍ରତ୍ୟେକଙ୍କ ହୃଦୟରେ ଆନନ୍ଦ ଭରିଦିଏ, କାରଣ ଫୁଲଟିଏ ସର୍ବଦା ହସ ହସ ଓ ଖୁସି ମୁହଁରେ ସମସ୍ତଙ୍କୁ ଚାହୁଁଥାଏ ।

ମା ପୁନଶ୍ଚ କହୁଛନ୍ତି, "Happy is he who can exchange his qualities with the real qualities of the flowers. Try to cultivate in yourself their refined qualities."

(Flowers and Their Messages, p. IX)

''ସେହି ହେଉଛି ସୁଖୀ ଯିଏ ନିଜ ଭିତରେ ଥିବା ଭଲ ଗୁଣଗୁଡ଼ିକୁ ଫୁଲମାନଙ୍କ ଭିତରେ ଥିବା ପବିତ୍ର, ବିଶୁଦ୍ଧ, ପ୍ରକୃତ ଗୁଣମାନଙ୍କ ସହିତ ନେଣ-ଦେଣ ବା ଦବା-ନବା କରିପାରେ । ତୁମ ନିଜ ଭିତରେ ଫୁଲମାନଙ୍କର ଭିତରେ ଥିବା ବିଶୁଦ୍ଧ ଗୁଣଗୁଡ଼ିକର ବୀଜବପନ କରି ବଢ଼ାଇବାକୁ ଚେଷ୍ଟାକର ।''

ବିବର୍ତ୍ତନର ଉର୍ଦ୍ଧ୍ୱମୁଖୀ ପ୍ରଚେଷ୍ଟାର ଫଳସ୍ୱରୂପ ''ପ୍ରୋଟୋଜୋଆ'' ନାମକ ଏକକୋଷୀ ସାମୁଦ୍ରିକ ପ୍ରାଣୀ କ୍ରମଶଃ ଅଗ୍ରଗତି କରି ମଣିଷ ପାଖରେ ପହଁଞ୍ଚିଛି । ଛୋଟ କାମ ହେଉ ବା ବଡ଼ କାମ ହେଉ, ସବୁଥିରେ ଏକ ସୁନିର୍ଦ୍ଦିଷ୍ଟ ପ୍ରଚେଷ୍ଟାର ଆବଶ୍ୟକତା ଅନୁଭୂତ ହେଉଛି । ଶରୀର ହେଉ, ମନ ହେଉ, ପ୍ରାଣ ହେଉ ବା ଇନ୍ଦ୍ରିୟମାନଙ୍କର ଅଭିବୃଦ୍ଧି ହେଉ ସବୁଥିରେ ''ପ୍ରଚେଷ୍ଟା'' ନାମକ ଯନ୍ତ୍ରଟିକୁ ବ୍ୟବହାର କରାଯାଇଛି । ଏହିପରି ଭାବରେ ଏକ ନିରବଚ୍ଛିନ୍ନ ଓ ଘନୀଭୂତ ପ୍ରଚେଷ୍ଟା ହେଉଛି ପ୍ରଗତି ଓ ଆଗକୁ ବଢ଼ିବାର ଏକ ମାତ୍ର ଉପାୟ । କିନ୍ତୁ ଏହି ''ପ୍ରଚେଷ୍ଟା'' ବଢ଼ି ବଢ଼ି ଏପରି ଏକ ବିନ୍ଦୁରେ ପହଞ୍ଚିଯାଏ ଯେ ସେଠାରୁ ଆଉ ଆଗକୁ ବଢ଼ିବାକୁ ଇଚ୍ଛା ହୁଏ ନାହିଁ; ଇନ୍ଦ୍ରିୟ ବା sense ମାନଙ୍କଠାରୁ ଦୂରେଇ ରହିବାକୁ ଇଚ୍ଛା ହୁଏ – ଫଳତଃ ଏକ ଆନ୍ତର-ମୁକ୍ତିର ଭାବ ଭିତରେ ଭିତରେ ଜାଗ୍ରତ୍ ହୋଇଥାଏ । ସେତିକିବେଳେ ଯଦି ପ୍ରଚେଷ୍ଟାର ଶକ୍ତି ବଢ଼ାଇ ଦେଇ ଆଗକୁ ବଢ଼ିବାକୁ ଚେଷ୍ଟା କରାଯାଏ ତାହାହେଲେ ସବୁ କାମରେ ବ୍ୟସ୍ତତା ଦେଖାଦିଏ ।

ବ୍ୟକ୍ତି ଯେତେବେଳେ ଚେତନା ସ୍ତରରେ ଆଗକୁ ବଢ଼ିଯାଇଥାଏ ସେତେବେଳେ ପାର୍ଥିବ କାମନାବାସନା, କ୍ଷଣିକ

ଆଶା ଆକାଂକ୍ଷା, ସଫଳତା ତାକୁ ଆଉ ପ୍ରଲୋଭିତ କରିପାରନ୍ତି ନାହିଁ । ଫଳତଃ ସେ ନୂତନ-ଚେତନାର ଅନ୍ୱେଷଣରେ ବାହାରି ପଡ଼େ ଅର୍ଥାତ୍ ଭଗବତ୍ ଅଭିମୁଖୀ ହୁଏ । ସେତିକିବେଳେ ଆବଶ୍ୟକ ହୁଏ ଆସ୍ଥା ଏବଂ ସମର୍ପଣ । ଏହି ପରିପ୍ରେକ୍ଷୀରେ ଦିବ୍ୟଜନନୀ ଶ୍ରୀମା ଫେବ୍ରୁଆରୀ ୧୨, ୧୯୧୩ ପ୍ରାର୍ଥନାଟିରେ ଯାହା ଉଲ୍ଲେଖ କରିଛନ୍ତି ତାହା ପ୍ରଣିଧାନର ଯୋଗ୍ୟ, ତାହା ହେଲା –

"As soon as all effort disappears from a manifestation, it becomes very simple, with the simplicity of a flower opening, manifesting its beauty and spreading its fragrance without clamour or vehement gesture. And in this simplicity lies the greatest power, the power which is least mixed and least gives rise to harmful reactions."

(Prayers and Meditations, February 12, 1913)

''ସୃଷ୍ଟିର ବିକାଶଧାରାରୁ ସକଳ ପ୍ରକାର ପ୍ରଚେଷ୍ଟା ବନ୍ଦ ହୋଇଗଲା ପରେ, ଉଭେଇଗଲା ମାତ୍ରକେ, ସବୁକଥା ସହଜ, ସରଳ ହୋଇଯାଏ, ଫୁଲଟିଏ ଯେପରି ବିନା ଆଡ଼ମ୍ବରରେ, ସରଳତାର ସହ ନିଜ ସୌନ୍ଦର୍ଯ୍ୟକୁ ଖୋଲିଦିଏ, ବିକଶିତ କରିଦିଏ ଏବଂ ଏହାର ସୁଗନ୍ଧକୁ ବିନା ଆଡ଼ମ୍ବରରେ, ବିନା ଗାମ୍ଭୀର୍ଯ୍ୟଠାଣିରେ ଚତୁଃର୍ଦିଗରେ ମହକାଇଦିଏ, ଠିକ୍ ସେହିପରି । ଏବଂ ଏତାଦୃଶ ସରଳତା ଭିତରେ ସର୍ବୋତ୍ତମ ଶକ୍ତି ନିହିତ ଥାଆନ୍ତି, ସେହି ଶକ୍ତି ଯେଉଁଥିରେ ଏତେ ଟିକିଏ ବି ମିଶ୍ରଣ ନଥାଏ, ଅର୍ଥାତ୍ ଯାହା ଅବିମିଶ୍ରିତ ହୋଇ ରହିଥାଆନ୍ତି ଏବଂ ସେଥିରୁ ପ୍ରାୟ କୌଣସି କ୍ଷତିକାରକ ପ୍ରତିକ୍ରିୟା ନିର୍ଗତ ହୋଇ ନଥାଏ ।''

ଆଲୋଚ୍ୟ ପ୍ରାର୍ଥନାଟିର ପ୍ରଥମ ଅନୁଚ୍ଛେଦର ପରବର୍ତ୍ତୀ ଅଂଶରେ ମା ପ୍ରାଣର ଶକ୍ତି ସମ୍ପର୍କରେ କହୁଛନ୍ତି, – "The power of the vital should be mistrusted, it is a tempter on the path of the work, and there is always a risk of falling into its trap, for it gives you the taste of immediate results; and, in our first eagerness to do the work well, we let ourselves be carried away to make use of this power. But very soon it deflects all our action from the right course and introduces a seed of illusion and death into what we do."

(Prayers and Meditations, February 12, 1913)

''ପ୍ରାଣର ଶକ୍ତି ଉପରେ ବିଶ୍ୱାସ ବା ଆସ୍ଥା ସ୍ଥାପନ କରିବା ଉଚିତ ନୁହେଁ, ଏହା କର୍ମ ପଥରେ ଏକ ଉତ୍ତେଜନା । ଏବଂ ସବୁବେଳେ ଏହାର ଯନ୍ତା ଭିତରେ ପଡ଼ିଯିବାର ବିପଦ ମଧ୍ୟ ରହିଛି, କାରଣ ଏହି ଶକ୍ତି ତୁମକୁ ଆଶୁଫଳର ସ୍ୱାଦ ଚଖାଇ ଦେଇଥାଏ; ଏବଂ ପ୍ରଥମେ ପ୍ରଥମେ କାର୍ଯ୍ୟଟିକୁ ଭଲ ଭାବରେ କରିବା ନିମନ୍ତେ ଆମର ପ୍ରାରମ୍ଭିକ ଆଗ୍ରହ ବୃଦ୍ଧି କରାଇ ଥାଏ । ଏହି ଶକ୍ତିକୁ କାର୍ଯ୍ୟରେ ଲଗାଇବା ପାଇଁ ଆମ୍ଭେମାନେ ନିଜେ ନିଜେ ଏହାର ସ୍ରୋତରେ ଭାସି ଯାଇଥାଉ । କିନ୍ତୁ ଖୁବ୍ ଶୀଘ୍ର ଏହା ଆମର କ୍ରିୟାକଳାପ, କାର୍ଯ୍ୟଧାରାକୁ ପ୍ରକୃତ ରାସ୍ତାରୁ ଦୂରେଇ ଦେଇଥାଏ (deflects) ଏବଂ ଆମେ ଯାହା କରୁଥାଉ ତାହା ଭିତରେ ଭ୍ରମ ଏବଂ ମୃତ୍ୟୁର ମଞ୍ଜି ପୋତି ଦେଇଥାଏ ।''

ପ୍ରାର୍ଥନାଟିର ଶେଷ ଧାଡ଼ିରେ ମା କହୁଛନ୍ତି ସରଳତାର କଥା – ...''Simplicity, Simplicity ! How sweet is the purity of Thy Presence !...''

(Prayers and Meditations, February 12, 1913)

''ସରଳତା, ସରଳତା ! ଆହା ତୁମର ଉପସ୍ଥିତି କେତେ ପବିତ୍ର ସତେ !...''

ସୁତରାଂ ପ୍ରାଣଶକ୍ତିର ଯନ୍ତାରେ ପଡ଼ି, ଏକ ପ୍ରକାର ଅନାବଶ୍ୟକ ଆଖିଦୃଶିଆ ସଫଳତା ଲାଭ କରିବାର ଲୋଭରୁ ରକ୍ଷା ପାଇବା ନିମନ୍ତେ ଆସନ୍ତୁ ମଧୁମୟୀ ଦିବ୍ୟଜନନୀଙ୍କ ପାଦତଳେ ବସିବା, ତାଙ୍କ ଉପରେ ସମ୍ପୂର୍ଣ୍ଣ ଆସ୍ଥା ରଖିବା ଏବଂ ଆମକୁ ଯେଉଁ କାର୍ଯ୍ୟଟି ଦିଆଯାଇଛି ସମସ୍ତ ଶକ୍ତି ଲଗାଇ ତାକୁ ସମ୍ପନ୍ନ କରିବା ।

ଏହି ସରଳତାର ଶକ୍ତି ସମ୍ପର୍କରେ ଏକ ସରଳ, ମଧୁର ଘଟଣାର ଅବତାରଣା କଲେ ଅତ୍ୟୁକ୍ତି ହେବ ନାହିଁ । ତାହା ହେଲା – ଆଶ୍ରମର ଜନୈକ ବରିଷ୍ଠ ସାଧକ ଲାଲଜୀ ଭାଇ, ଲାଲଜୀ ଭାଇ ହିନ୍ଦୁଚା – ଜଣେ ଶିଳ୍ପପତି ଏବଂ ଅତ୍ୟନ୍ତ ସରଳ ହୃଦୟ ବ୍ୟକ୍ତି ବିଶେଷ, ଯାହାଙ୍କର ଥିଲା ମା ଶ୍ରୀଅରବିନ୍ଦଙ୍କ ଉପରେ ପ୍ରଗାଢ଼ ବିଶ୍ୱାସ ଓ ଆସ୍ଥା । ପରିବାର ସହ ମା'ଙ୍କୁ ଦର୍ଶନ କରିବା ନିମନ୍ତେ ଅନୁମତି ପ୍ରାପ୍ତ ହୋଇଥା'ନ୍ତି । ସେହି ଶୁଭ ଦିବସଟି ଉପସ୍ଥିତ ହେଲା । ଲାଲଜୀ ଭାଇ ଓ ତାଙ୍କ ପରିବାର ମା'ଙ୍କ ପ୍ରକୋଷ୍ଠକୁ ପ୍ରବେଶ କଲେ । ସେମାନଙ୍କୁ

ଦେଖିବା ମାତ୍ରକେ ମା ଧ୍ୟାନମଗ୍ନ ହୋଇଗଲେ । କେତୋଟି ମିନିଟ ପରେ ମା ଧ୍ୟାନ ଅବସ୍ଥାରୁ ଫେରିଲେ ଏବଂ ସମସ୍ତଙ୍କ ଉପରେ ଢାଳିଦେଲେ ମଧୁର ସ୍ମିତହାସ୍ୟର ବାରି । ଦିବ୍ୟଜନନୀ ଲାଲଜୀ ଭାଇଙ୍କ ପିଠି ଥାପୁଡ଼େଇ ଦେଇ ପରିବାରର ସମସ୍ତ ସଦସ୍ୟଙ୍କ ଉପରେ ପ୍ରେମ-ବାରି ବର୍ଷା କରିବାକୁ ଲାଗିଲେ । ଲାଲଜୀ ଭାଇ ଭାବୁଥିଲେ ମା'ଙ୍କ ଦର୍ଶନ ଓ କଥୋପକଥନ ହୁଏତ ପାଞ୍ଚରୁ ଦଶ ମିନିଟ ଧରି ଚାଲିବ, କିନ୍ତୁ ଘଣ୍ଟାଏ ବିତିଗଲା, ମା'ଙ୍କ କଥା ସରୁ ନାହିଁ ।

ଲାଲଜୀ ଭାଇଙ୍କ ସରଳିଆ ପ୍ରଶ୍ନ, ''ମା ଆମେ ଏଠାକୁ ଆପଣଙ୍କ ସାନ୍ନିଧ୍ୟକୁ କିପରି ଆସିଲୁ ?''

ମା'ଙ୍କର ଉତ୍ତର, ''Among those come here, each soul is destined to come, guided by the Divine planning. You are also under the Divine plan; that is how you are here. You do not know, but your mother prayed to 'Uma' (Parvati) for a child. Do you know who 'Uma' is ? I am 'Uma'– Parvati. Her prayer was granted and with my blessings to your mother you were born. Since your childhood, in your school and in your business, I have been with you at each step. We have also been together in our past lives.''

(Lalji bhai knew nothing about his mother's prayers to goddess 'Uma' but later she confirmed it.)

ମା'ଙ୍କ ଉତ୍ତର, ''ଯେଉଁମାନେ ଏଠାକୁ ଆସନ୍ତି, ପ୍ରତ୍ୟେକଙ୍କର ଆତ୍ମା ଏଠାକୁ ଆସିବାକୁ ପୂର୍ବରୁ ସ୍ଥିରୀକୃତ ହୋଇଥାଏ, ସେମାନେ ଏକ ଦିବ୍ୟ-ଯୋଜନା ଦ୍ୱାରା ପରିଚାଳିତ ହୋଇ ଆସିଥା'ନ୍ତି । ତୁମେ ମଧ୍ୟ ସେହି ଦିବ୍ୟ-ଯୋଜନାର ଅନ୍ତର୍ଭୁକ୍ତ; ସେହି କାରଣରୁ ତୁମେମାନେ ଏଠାକୁ ଆସିଅଛ । ତୁମେ ଜାଣି ନାହଁ, କିନ୍ତୁ ତୁମର ମାଆ 'ଉମା' (ପାର୍ବତୀ)ଙ୍କୁ ସନ୍ତାନଟିଏ ପାଇଁ ପ୍ରାର୍ଥନା କରିଥିଲେ । ତୁମେ ଜାଣିଛ କି 'ଉମା' କିଏ ? ମୁଁ ହେଉଛି ସେହି 'ଉମା-ପାର୍ବତୀ' । ତୁମ ମା'ଙ୍କ ପ୍ରାର୍ଥନା ଗୃହୀତ ହୋଇଥିଲା ଏବଂ ମୋର ଆଶୀର୍ବାଦରୁ ତୁମେ ଜନ୍ମ ହୋଇଛ । ତୁମର ଶୈଶବ ଅବସ୍ଥାରୁ ତୁମେ ବିଦ୍ୟାଳୟକୁ ଯାଇ ପାଠ ପଢ଼ିବାବେଳେ ଏବଂ ତୁମ ବ୍ୟବସାୟ କାର୍ଯ୍ୟରେ ପ୍ରତ୍ୟେକ ପଦକ୍ଷେପରେ ମୁଁ ତୁମ ସହିତ ରହି ଆସିଛି । ଆମ ଅତୀତ ଜୀବନମାନଙ୍କରେ ମଧ୍ୟ ଆମେ ସମସ୍ତେ ଏକାଠି ରହି ଆସିଛେ ।''

(ପରବର୍ତ୍ତୀ ସମୟରେ ଲାଲଜୀ ଭାଇ ତାଙ୍କ ମା'ଙ୍କୁ ପଚାରି ବୁଝିଥିଲେ ଯେ ମା 'ଉମା'ଙ୍କ ଦୟାରୁ ତାଙ୍କୁ ସେ ସନ୍ତାନ ରୂପେ ଲାଭ କରିଥିଲେ ।)

(କ୍ରମଶଃ)

❑❑❑

---

### ତଥ୍ୟ ନିର୍ଦ୍ଦେଶିକା


(୧) Prayers & Meditations - The Mother.

(୨) Musing on the Mother's Prayers and Meditations, Volume - I, Shyam Kumari.

(୩) How they came to Sri Aurobindo and The Mother - Shyam Kumari.


ଯଦି ଜଣେ ତୁମ ଉପରେ ରାଗିଲା, ତୁମେ ତା'ର ସ୍ପନ୍ଦନର ଶିକାର ହୁଅନା, ଖାଲି ପଛକୁ ହଟି ଛିଡ଼ା ହୁଅ । ଫଳରେ ତା'ର କ୍ରୋଧ କୌଣସି ଆଶ୍ରୟ କିଂବା ଉତ୍ତର ନ ପାଇ ମିଳାଇ ଯିବ । ସବୁବେଳେ ତୁମର ଶାନ୍ତି ବଜାୟ ରଖ, ତାକୁ ହରାଇବାର ସମସ୍ତ ପ୍ରଲୋଭନକୁ ବାଧା ଦିଅ ।

— ଶ୍ରୀମା

# ଶ୍ରୀଅରବିନ୍ଦଙ୍କ ପତ୍ର ସମ୍ପଦ

## (୭୩)

## ସାହାନା ଦେବୀ

**ସାହାନା** : ମା ଗୋ, ଏକଦା ଯେଉଁ ଧରଣର ଉପଲବ୍ଧି ସବୁ ମୋର ହେଉଥିଲା, ସେସମୟରେ କେତେ ଥର ମୋର ନିଜ ଭିତରଟିକୁ ଅଲଗା କରି ପାରୁଥିଲି, ତେବେ ଶ୍ରୀଅରବିନ୍ଦ ଯେଉଁଭାବେ ଦେଖିବାର କଥା ଲେଖିଛନ୍ତି ତାହା ଅବଶ୍ୟ ହୋଇ ନାହିଁ । ମନେ ଅଛି ଶରୀରର ଯନ୍ତ୍ରଣା ସେତେବେଳେ ସମ୍ପୂର୍ଣ୍ଣ ରୂପେ ଅନ୍ୟ ପ୍ରକାରର ମନେ ହେଉଥିଲା – ଦେଖି ପାରୁଥିଲି ବାହ୍ୟ ସତ୍ତାଟି ଯନ୍ତ୍ରଣା ଭୋଗ କରୁଥିଲା କିନ୍ତୁ ଆନ୍ତର ସତ୍ତା ତାହା ସହ ସଂପୃକ୍ତ ହେଉ ନ ଥିଲା, ନିଜ ମଧ୍ୟରେ ଦୁଇଭାଗ ରହିଥିଲା – ଏଇ ଯାହା ।

**ଶ୍ରୀଅରବିନ୍ଦଙ୍କ ପତ୍ର** : ଏହା ହେଉଛି ସେଇ ଅବସ୍ଥା ଯାହା ଆନ୍ତର ଚେତନାକୁ ବହିର୍ଚେତନାଠାରୁ ପୃଥକ୍ କରିଦିଏ ଏବଂ ଯାହାକୁ ପୁଣି ଫେରି ଆସିବାକୁ ଏବଂ ପ୍ରତିଷ୍ଠିତ ହେବାକୁ ହେବ ଯେତେଦିନ ପର୍ଯ୍ୟନ୍ତ ବହିର୍ଚେତନା ଏବଂ ଆନ୍ତରଚେତନା ଏକ ପୃଥକ୍ ସ୍ୱାଧୀନ ଚେତନା ନହୋଇ ଉଠିଛି । ବୋଧହୁଏ ଯେତେବେଳେ ତୁମ ମଧ୍ୟରେ ଏପରି ସବୁ ଘଟୁଥାଏ, ବେଶୀ ମାତ୍ରାରେ ମନଯୋଗ ରହିଥାଏ ମନ ଓ ପ୍ରାଣର ପରିବର୍ତ୍ତନ ଆଡ଼କୁ ଏବଂ ସେସବୁକୁ ପର୍ଯ୍ୟବେକ୍ଷଣ କରିବାକୁ । (୨୬.୦୭.୩୭)

**ସାହାନା** : ଶ୍ରୀଅରବିନ୍ଦ ଦେବ, ମୁଁ କ'ଣ ତେବେ ଭୁଲ୍ ମାର୍ଗରେ ଚାଲିଛି ? ଆପଣ ତ କିଛି ଲେଖୁ ନାହାନ୍ତି, ମନରେ ବଡ଼ ଅସ୍ୱସ୍ତି ଅନୁଭବ କରୁଛି ! ଯଦି ଟିକିଏ ଲେଖନ୍ତେ ! ମୋର ଅବସ୍ଥାଟା ଠିକ୍ ଅଛି କି ନା ଜାଣିବାକୁ ଇଚ୍ଛା ହେଉଛି ।

**ଶ୍ରୀଅରବିନ୍ଦଙ୍କ ପତ୍ର** : 'ନୀରବତା' ଅର୍ଥ ଏହା ନୁହେଁ ଯେ ତାହା ଅନୁମୋଦନ ନ କରିବା । ତୁମ ପତ୍ରରୁ ମୁଁ ଜାଣି ପାରିଛି ଅନ୍ୟମାନଙ୍କ ସମ୍ପର୍କରେ ତୁମର ବର୍ତ୍ତମାନର ଅବସ୍ଥା ଏବଂ ଆନ୍ତର ଅନୁଭବ ସମ୍ବନ୍ଧରେ – ଯାହା ସ୍ପଷ୍ଟ ତ ଖୁବ୍ ହିଁ ଭଲ । ବର୍ତ୍ତମାନ ତୁମକୁ କେବଳ ଆଗେଇ ଯିବାକୁ ହେବ ଏବଂ ଦେଖିବାକୁ ହେବ ଯେ ଏଇ ଅବସ୍ଥା ନିଶ୍ଚିତ ଭାବେ ଦୃଢ଼ତର ହୋଇଛି ଏବଂ ସର୍ବାଂଶରେ ନିର୍ଦୋଷ ହୋଇଛି ପ୍ରତିବନ୍ଧକତା, ବିଶୃଙ୍ଖଳା ଅଥବା ମିଶ୍ରଣର ସମସ୍ତ ସମ୍ଭାବନାରୁ ଉତ୍ତୀର୍ଣ୍ଣ ହୋଇ । (୨୩.୦୯.୩୮)

**ସାହାନା** : କଥା କହିବାର ଭଙ୍ଗୀଟା ଯେପରି ଟିକିଏ ଆୟତ୍ତକୁ ଆସୁଛି । ତେବେ ବି ତାହା କେତେ ଯେ କଠିନ ମୋ ପକ୍ଷରେ ! ଅବଶ୍ୟ ପୂର୍ବେ ଯେପରି ହଠାତ୍ ଏଣୁତେଣୁ କହିବାର ଅଭ୍ୟାସ ଥିଲା ବର୍ତ୍ତମାନ ତାହା ଯେପରି କିଛିଟା କମି ଆସିଛି । ଅବଶ୍ୟ ଭାବୁଛି – କେତେ କ'ଣ ଯେ ଜଡ଼ିତ ଅଛି ଆମମାନଙ୍କର ଏଇ ସ୍ୱଭାବରେ, ସେଇ ସ୍ୱଭାବକୁ ବଦଳାଇବା କେତେ ଯେ ଦୁରୂହ ବ୍ୟାପାର ଭାବିଲେ କୂଳକିନାରା ମିଳେ ନାହିଁ ।

**ଶ୍ରୀଅରବିନ୍ଦଙ୍କ ପତ୍ର** : ଶରୀର ଅବା ପ୍ରାଣର ସ୍ୱଭାବଗତ ଅଭ୍ୟାସକୁ ବଦଳାଇବା ହେଉଛି ସବୁଠାରୁ ବେଶୀ କଠିନ ବ୍ୟାପାର, କାରଣ ଏମାନେ ସ୍ୱୟଂକ୍ରିୟ ଏବଂ ମନର ସଂକଳ୍ପ ଦ୍ୱାରା ପରିଚାଳିତ ନୁହନ୍ତି; ତେଣୁ ଏମାନଙ୍କୁ କେବଳ ମନର ସଂକଳ୍ପ ଦ୍ୱାରା ଦମନ କରିବା ଅବା ରୂପାନ୍ତର କରିବା ଖୁବ୍ କଠିନ । ତୁମକୁ ପ୍ରଚେଷ୍ଟାରେ ଲାଗି ରହିବାକୁ ହେବ ଯେପରି କି ଏହା ଏକ ଅଭ୍ୟାସରେ ପରିଣତ ହୁଏ । ଯଦି ତୁମେ ତୁମର ବାକ୍ ସଂଯମରେ ଅନେକଟା ସଫଳ ହୋଇପାର – ତା' ପାଇଁ ଅବଶ୍ୟ ଆବଶ୍ୟକ ଏକ ସର୍ବକ୍ଷଣ ସଜାଗତାର – ତା'ହେଲେ ତୁମେ ଶେଷରେ ଦେଖିବ ଯେ ସଂଯମ ଆପେ ଆପେ ଆସି ଯାଇଛି ଏବଂ ଶେଷ ପର୍ଯ୍ୟନ୍ତ ସର୍ବଦାହିଁ ହସ୍ତକ୍ଷେପ କରିବାକୁ ସକ୍ଷମ ହେଉଛି । ସେଇ ସଜାଗତାକୁ ସମାନ ଭାବେ ଜାଗ୍ରତ୍ କରି ରଖିବାକୁ ହେବ ଯେତେଦିନ ପର୍ଯ୍ୟନ୍ତ ଏଇ ଗତିବୃତ୍ତି ଶ୍ରୀମାଙ୍କର ମହାଶକ୍ତି ଏବଂ ଦିବ୍ୟାଲୋକ ଆଡ଼କୁ ନିଜକୁ ସମ୍ପୂର୍ଣ୍ଣ ରୂପେ ଖୋଲି ନଧରିଛି ଏବଂ ଯଦି ତାହା କରିପାର ତେବେ ଫଳସ୍ୱରୂପ ଦେଖିବ କାର୍ଯ୍ୟଟି ଖୁବ୍ ଶୀଘ୍ର କରାଯାଇ ପାରିବ ଏବଂ କେବେ କେବେ ଅତି ଦ୍ରୁତଗତିରେ । ଚୈତ୍ୟପୁରୁଷର ମଧ୍ୟସ୍ଥତାର ବିଷୟଟି ମଧ୍ୟ ରହିଛି, ଯଦି ଚୈତ୍ୟସତ୍ତା ଯଥେଷ୍ଟ ଜାଗ୍ରତ୍ ଓ ସକ୍ରିୟ ହୁଏ ଏବଂ ପ୍ରତ୍ୟେକ ଥର ତୁମେ ଏଣୁତେଣୁ କଥା କହିବାକୁ ଆରମ୍ଭ କଲେ ହିଁ ମଧ୍ୟସ୍ଥ ହୋଇ ଚୈତ୍ୟସତ୍ତା ସେସବୁକୁ ଅଟକାଇ ଦେଇ କଥା କହିବାକୁ ନଦିଏ, ତା'ହେଲେ ଦେଖିବ ପରିବର୍ତ୍ତନ ଆହୁରି ସହଜରେ ହେବ । (୧୧.୧୦.୩୮)

(*କ୍ରମଶଃ...*)

ଅନୁବାଦ : ଶୁଭ୍ରା ଦାସ ❑

ଭାରତର ଅମର ଗାଥା :

# ଶ୍ରୀକୃଷ୍ଣ କାହାଣୀ

## (୨୫)

## ମହାଭାରତ ସମର

ମନୋଜ ଦାସ

[**କାହାଣୀ ଏଯାବତ୍ :** ମଥୁରାର ଦାନବ ରାଜା ଶୁଣିଥାଏ ଏକ ଦୈବବାଣୀ : ଭଉଣୀ ଦେବକୀଙ୍କ ଅଷ୍ଟମ ସନ୍ତାନ ହାତରେ ହେବ ତା'ର ନିଧନ । ତେଣୁ ଦେବକୀ ସନ୍ତାନଟିଏ ଜନ୍ମ ଦେବା ମାତ୍ରେ ସେ ତାକୁ ମାରି ପକାଉଥାଏ । ତେବେ ତା' ଅଗୋଚରରେ ଅଷ୍ଟମ ସନ୍ତାନଟି ଯାଇ ଗୋପପୁରରେ ନନ୍ଦରାଜାଙ୍କ ଘରେ ବଢ଼ୁଥାଏ । ତେବେ ସେ ଜନପଦର ଅଭିଭାବକମାନେ ଅଦୂରବର୍ତ୍ତୀ ଏକ ମନୋରମ ଉପତ୍ୟକାକୁ ବସତି ଉଠାଇ ନେଲେ । ସେଇଠାରେ, ଯମୁନା ତୀରବର୍ତ୍ତୀ କଦମ୍ବମୂଳରେ ବାଳକ କୃଷ୍ଣଙ୍କର ବହୁ ନୂତନ ପ୍ରତିଭାର ସ୍ଫୁରଣ ହେଲା । କଂସ-ପ୍ରେରିତ ଏକ ପରେ ଏକ ଛଦ୍ମବେଶୀ ଦାନବ ତାଙ୍କ ହାତରେ ପ୍ରାଣ ଦେଲେ । ଅବଶେଷରେ କଂସ ଶ୍ରୀକୃଷ୍ଣ ଓ ବଳରାମଙ୍କୁ ମଥୁରାକୁ ନିମନ୍ତ୍ରଣ କରି ଆଣି ପ୍ରୟୋଜନ ହେଲେ ସ୍ୱହସ୍ତରେ ନିଧନ କରିବାକୁ ସ୍ଥିର କଲା । କିନ୍ତୁ ସେ ସ୍ୱୟଂ ମଞ୍ଚରୁ ଭୂପତିତ ହୋଇ ପ୍ରାଣତ୍ୟାଗ କଲା । ଅତଃପର କୃଷ୍ଣ, ବଳରାମ ଅବନ୍ତୀକୁ ପ୍ରେରିତ ହେଲେ ଏବଂ ଋଷି ସନ୍ଦୀପନଙ୍କ ଗୁରୁକୁଳରେ ଶିକ୍ଷା ସମାପନ କଲେ । ତେଣେ ପାଣ୍ଡବମାନଙ୍କ ନିଧନ ନିମନ୍ତେ ଷଡ଼୍ୟନ୍ତ୍ର କରି ସେମାନଙ୍କୁ ଏକ ଜତୁଗୃହରେ ରଖାଇ ତାକୁ ଭସ୍ମ କରିବାର ବ୍ୟବସ୍ଥା କଲା ଦୁର୍ଯ୍ୟୋଧନ । କିନ୍ତୁ ପାଣ୍ଡବମାନେ ଖାଲି ଖସିଗଲେ ସେତିକି ନୁହେଁ, ଦ୍ରୌପଦୀଙ୍କୁ ବିଭା ହେଲେ ଏବଂ କୃଷ୍ଣଙ୍କ ସହ ସେମାନଙ୍କର ହେଲା ନିବିଡ଼ ବନ୍ଧୁତା । ଇତି ମଧ୍ୟରେ ବିଦର୍ଭର ରାଜକନ୍ୟା ରୁକ୍ମିଣୀଙ୍କ ଆବେଦନ କ୍ରମେ ଶ୍ରୀକୃଷ୍ଣ ତାଙ୍କୁ ବିଭା ହେଲେ । ଅଗତ୍ୟା ଧୃତରାଷ୍ଟ୍ର ପାଣ୍ଡବମାନଙ୍କୁ ରାଜ୍ୟାଂଶ ଦେଲେ ଏବଂ ଇନ୍ଦ୍ରପ୍ରସ୍ଥ ହେଲା ସେମାନଙ୍କ ରାଜଧାନୀ । ରାଜସୂୟ ଯଜ୍ଞର ପ୍ରସ୍ତାବ ହୁଅନ୍ତେ ପ୍ରଥମେ ବହୁ ରାଜାଙ୍କୁ ନିର୍ମମ ଭାବେ ବନ୍ଦୀ କରିଥିବା ଜରାସନ୍ଧକୁ ନିଧନ କରି ବନ୍ଦୀମାନଙ୍କୁ ମୁକ୍ତ କରାଗଲା ଏବଂ ଯଜ୍ଞ ପୂର୍ବରୁ ଉଦ୍ଧତ ଶିଶୁପାଳର ମଧ୍ୟ ଅନ୍ତ ଘଟିଲା । ଶକୁନିର ଛଳନାରେ ପଶାଖେଳରେ ପରାସ୍ତ ଯୁଧିଷ୍ଠିର ପଣ ରଖିଥିବା ଦ୍ରୌପଦୀଙ୍କୁ ରାଜସଭାରେ ହିନସ୍ତା କରି ବିଫଳ ହେଲା ଦୁଃଶାସନ । କିନ୍ତୁ ପୁନର୍ବାର ପଶାଖେଳରେ ଯୁଧିଷ୍ଠିର ପରାଜିତ ହୁଅନ୍ତେ ସର୍ତ୍ତାନୁସାରେ ପାଣ୍ଡବମାନେ ବନବାସ ଗଲେ । ତହିଁ ଉତ୍ତାରୁ ଯୁଦ୍ଧ ବିନା ଗତ୍ୟନ୍ତର ନଥିଲା । ଯୁଦ୍ଧାରମ୍ଭର ଅବ୍ୟବହିତ ପୂର୍ବରୁ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ଦେଲେ 'ଗୀତା'ରୂପକ ପ୍ରଜ୍ଞା । ତା'ପରେ...]

ଯୁଦ୍ଧାରମ୍ଭ ବେଳେ ଦେଖାଗଲା ପାଣ୍ଡବ ବାହିନୀକୁ ନେତୃତ୍ୱ ଦେଉଛନ୍ତି ମହାବୀର ଭୀମ; କୌରବ ପକ୍ଷର ଅଗ୍ରନେତା ପିତାମହ ଭୀଷ୍ମ । ସେମାନଙ୍କ ପଶ୍ଚାତରେ ଭାରତବର୍ଷର ଭିନ୍ନ ଭିନ୍ନ ମୂଲକରୁ ଆଗତ ରାଜା, ସେନାପତି ଓ ସହସ୍ର ସହସ୍ର ସୈନ୍ୟ ।

ଗୋଟିଏ ପକ୍ଷର ରାଜା ଓ ସେନାପତିମାନେ ପ୍ରତିପକ୍ଷରେ ଥିବା ସେହିମାନଙ୍କ ସ୍ତରର ରାଜା ଓ ସେନାପତିମାନଙ୍କ ସହ ଲଢ଼େଇରେ ଲିପ୍ତ ହେବେ, ଏହାହିଁ ଥିଲା ପରମ୍ପରାଗତ ବିଧି । ଅବଶ୍ୟ ବହୁ ସମୟରେ ସେ ବିଧି ଲଂଘନ କରୁଥିଲେ ଯୋଦ୍ଧାମାନେ ।

ଚାହୁଁ ଚାହୁଁ ଯୁଦ୍ଧ ତୀବ୍ରରୁ ତୀବ୍ରତର ହେଲା । ପରିବେଶ ଅଧିକରୁ ଅଧିକ ଭୟାବହ ହୋଇ ଉଠିଲା । ଥରେ ଥରେ ଯୋଦ୍ଧାମାନଙ୍କର ହୁଙ୍କାର, ଜୟଧ୍ୱନି ତଥା ଆର୍ତ୍ତନାଦ ଯୁଦ୍ଧବାଦ୍ୟର ନିନାଦକୁ ବଳି ଯାଉଥାଏ । ନିୟତ ଅଗଣନ ସୈନ୍ୟ, ଅଶ୍ୱ ଏବଂ ହସ୍ତୀଙ୍କର ମୃତ୍ୟୁ ହେଉଥାଏ । ପ୍ରଥମେ ପ୍ରଥମେ ସୂର୍ଯ୍ୟାସ୍ତ ସଙ୍ଗେ ସଙ୍ଗେ ଯୁଦ୍ଧ ବିରତି ହେଉଥାଏ, କିନ୍ତୁ ସେ ଶୃଙ୍ଖଳା ଦୀର୍ଘ ଦିନ ବଜାୟ ରହିଲା ନାହିଁ – ଯେହେତୁ ତୁରନ୍ତ ସମର ସମାପ୍ତ କରିବା ନିମନ୍ତେ ଉଭୟ ପକ୍ଷ ଅଧିକରୁ ଅଧିକ ବ୍ୟଗ୍ର ହେଲେ ।

ବିଚକ୍ଷଣ ଭାବରେ ତଥା ବିଦ୍ୟୁତ୍ ଗତିରେ ଶ୍ରୀକୃଷ୍ଣ ଅର୍ଜୁନଙ୍କ ରଥକୁ ଯୁଦ୍ଧକ୍ଷେତ୍ରର ଏକ ପ୍ରାନ୍ତରୁ ଅନ୍ୟ ପ୍ରାନ୍ତ ଯାଏ

ଚାଳନା କରୁଥା’ନ୍ତି । ଶତ୍ରୁକୁ ଆକ୍ରମଣ କରିବାର ସବୁଠାରୁ ଉତ୍ତମ ସୁଯୋଗ ପାଇବା ମାତ୍ରେ ଅର୍ଜୁନ ନିଜେ ଯେପରି ସୁରକ୍ଷିତ ରହିବେ, ଏହାହିଁ ଥିଲା ଶ୍ରୀକୃଷ୍ଣଙ୍କ ରଥ ଚାଳନାର କୌଶଳ ।

ଶ୍ରୀକୃଷ୍ଣ-ଚାଳିତ ଅର୍ଜୁନଙ୍କ ରଥ ଆଖିରେ ପଡ଼ିବା ମାତ୍ରେ ସାଧାରଣ କୌରବ ସୈନିକମାନେ ଜୀବନ ବିକଳରେ ତୁରନ୍ତ ଅପସରି ଯାଉଥିଲେ । ଅର୍ଜୁନଙ୍କ ତୀର ବର୍ଷା ପଳାତକମାନଙ୍କର କ୍ଷତି କରୁ ନଥିଲା; କିନ୍ତୁ ଯେଉଁ ସେନାପତି, ଉପ-ସେନାପତି ବା ଯୋଦ୍ଧା ରଥ ସମ୍ମୁଖକୁ ଆସିବାର ସାହସ କରୁଥା’ନ୍ତି ବା ଦୈବାତ୍ ଆସି ଯାଉଥା’ନ୍ତି ସେମାନଙ୍କୁ ଆଉ ପରିତ୍ରାଣର ସୁଯୋଗ ମିଳୁ ନଥାଏ ।

କେହି କେହି କୌରବ ନେତା ସ୍ଥିର କଲେ ଶ୍ରୀକୃଷ୍ଣଙ୍କୁ ନିପାତ କରି ଅର୍ଜୁନଙ୍କୁ ଅସହାୟ ବନାଇବା ଛଡ଼ା ଗତ୍ୟନ୍ତର ନାହିଁ । ସେମାନଙ୍କ ଭିତରେ ଥିଲେ ଶ୍ରୁତଯୁଦ୍ଧ ନାମକ ରାଜା । ଗଦା ଚାଳନାରେ ତାଙ୍କ ସମକକ୍ଷ କ୍ୱଚିତ୍ କେହି ଥିଲେ । ନିରସ୍ତ୍ର ସାରଥିକୁ ଆକ୍ରମଣ କରିବା ସମର ନୀତିର ସମ୍ପୂର୍ଣ୍ଣ ବିରୋଧୀ ଜାଣି ମଧ୍ୟ ଶ୍ରୁତଯୁଦ୍ଧ ଶ୍ରୀକୃଷ୍ଣଙ୍କୁ ଲକ୍ଷ୍ୟ କରି ତାଙ୍କର ଭୀଷଣ ଗଦା ନିକ୍ଷେପ କଲେ । ଗଦା କିନ୍ତୁ ଲକ୍ଷ୍ୟକୁ ସ୍ପର୍ଶ ନକରି ଦୁଇ ଗୁଣ ତୀବ୍ରତର ଗତିରେ ଫେରି ଆସି ଶ୍ରୁତଯୁଦ୍ଧଙ୍କ ବକ୍ଷ ଚୂର୍ମାର କରି ଦେଲା ।

ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ଭୀଷ୍ମଙ୍କ ସମ୍ମୁଖକୁ ନେଇ ଆସନ୍ତେ ଅର୍ଜୁନ ସେ ପରମ ବୀରଙ୍କୁ ନିଧନ କରିବା ନିମନ୍ତେ ପ୍ରାଣମୂର୍ଚ୍ଛା ଉଦ୍ୟମ କଲେ । ଭୀଷ୍ମ ଅବଶ୍ୟ ଆତ୍ମରକ୍ଷା କଲେ, କିନ୍ତୁ ଅର୍ଜୁନଙ୍କ ଉଦ୍ଦେଶ୍ୟରେ ଥରେ ମଧ୍ୟ ତୀର ନିକ୍ଷେପ କଲେ ନାହିଁ । ତେବେ ଯେଉଁଭଳି ଗତିରେ ଭୀଷ୍ମ ପାଣ୍ଡବ ପକ୍ଷର କ୍ଷତିସାଧନ କରି ଚାଲିଥା’ନ୍ତି, ଯେକୌଣସି ଦର୍ଶକର ଧାରଣା ହୋଇଥା’ନ୍ତା ଯେ କୌରବ ପକ୍ଷର ଜୟ ଅନିବାର୍ଯ୍ୟ । ଥରେ ଭୀଷ୍ମଙ୍କ ଆକ୍ରମଣ ଏଡ଼େ ଭୀଷଣ ହେଲା ଯେ ମୁହୂର୍ତ୍ତକ ସକାଶେ ସ୍ୱୟଂ ଶ୍ରୀକୃଷ୍ଣ ଅବା ବିସ୍ମରି ଗଲେ ତାଙ୍କ ସର୍ତ୍ତ କଥା – ଯେ ସେ ଅସ୍ତ୍ର ଧାରଣ କରିବେ ନାହିଁ । ସେ ରଥରୁ ଅବତରଣ କରି ଆବାହନ କଲେ ସୁଦର୍ଶନ ଚକ୍ରକୁ । ହସି ଦେଇ ଭୀଷ୍ମ କହିଲେ, ‘‘ଆସ ପ୍ରିୟ କୃଷ୍ଣ ! ତୁମ ସହ ଲଢ଼ି ଜୀବନ ଦେବାଠାରୁ ମୋର ଅଧିକ ସୌଭାଗ୍ୟ କ’ଣ ହୋଇପାରେ ?’’

ତେବେ ଅର୍ଜୁନ ତତ୍‌କ୍ଷଣାତ୍ ଶ୍ରୀକୃଷ୍ଣଙ୍କୁ ଧରି ତାଙ୍କର ଅସ୍ତ୍ରଧାରଣ ନକରିବାର ସିଦ୍ଧାନ୍ତ ଏବଂ ଅର୍ଜୁନହିଁ ଭୀଷ୍ମଙ୍କୁ ନିଧନ କରିବା ସର୍ତ୍ତ ସ୍ମରଣ କରାଇ ତାଙ୍କୁ ନିରସ୍ତ କଲେ ।

ତେବେ ଯୁଦ୍ଧର ପ୍ରତି ପର୍ଯ୍ୟାୟରେ ଚେଶିକି ପାଣ୍ଡବମାନେହିଁ ବିଜୟ ପଥର ପଥିକ ବୋଲି ଧାରଣା ହେଲା । କୌରବ ପକ୍ଷରେ ଅବଶ୍ୟ ରହିଥିଲେ ସଂଖ୍ୟାଧିକ ବୀର । ଭୀଷ୍ମଙ୍କ କଥା ଛାଡ଼ି ଦେଲେ ମଧ୍ୟ ଥିଲେ ଉଭୟ ପକ୍ଷର ଭ୍ରାତୃବର୍ଗଙ୍କ ଗୁରୁ ଦ୍ରୋଣ, ଅସୀମ ସାହସୀ କର୍ଣ୍ଣ, ମଦ୍ର ଦେଶର ପରାକ୍ରମୀ ରାଜା ଶଲ୍ୟ ଏବଂ ସିନ୍ଧୁର ଉଦ୍ଧତ ନରପତି ଜୟଦ୍ରଥ ।

ପାଣ୍ଡବଗଣ ବନବାସରେ ଥିବା ବେଳେ ଦିନେ ଜୟଦ୍ରଥ ଦ୍ରୌପଦୀଙ୍କୁ ଏକାକୀ ଦେଖି ତାଙ୍କୁ ହରଣଚାଳ କରିବାରେ ପ୍ରାୟ ସଫଳ ହୋଇ ଆସୁଥିଲା । ଦୈବାତ୍ ପାଣ୍ଡବମାନେ ପହଞ୍ଚିଗଲେ ଓ ତା’ ରଥ ଅଟକାଇ ତାକୁ ଘୋଷାରି ଆଣିଲେ । ଭୀମ ତାକୁ ହତ୍ୟା କରିବାକୁ ଯାଉଥିଲେ, କିନ୍ତୁ ଯୁଧିଷ୍ଠିର ତାଙ୍କୁ ସେ କର୍ମରୁ ନିରସ୍ତ କଲେ । ଜୟଦ୍ରଥକୁ ଲଣ୍ଡା କରି, ତା’ ମୁହଁରେ କଳା ବୋଳି ପଳାଇବାର ସୁଯୋଗ ଦିଆଗଲା । ସେହି ଅପମାନର ପ୍ରତିଶୋଧ ନେବା ନିମନ୍ତେ ସେ ତା’ର ସମୁଦାୟ ସୈନ୍ୟବାହିନୀ ସହ କୌରବ ଶିବିରରେ ସାମିଲ ହୋଇଥାଏ ।

ମହାସମରର ତ୍ରୟୋଦଶ ଦିବସରେ ଦ୍ରୋଣ, ଅଶ୍ୱତ୍ଥାମା, କୃପାଚାର୍ଯ୍ୟ ଏବଂ କର୍ଣ୍ଣ ପ୍ରମୁଖ କୌରବ ସେନାପତିମାନେ ମନ୍ତ୍ରଣା କଲେ – ଅର୍ଜୁନଙ୍କର ବୀର ତରୁଣ ପୁତ୍ର ଅଭିମନ୍ୟୁଙ୍କୁ ନିଧନ କରିବା ଚାହି । ସେମାନେ ରଚନା କରିଥିବା ବ୍ୟୂହ ଭିତରକୁ ପଶି ଯାଇ ଅଭିମନ୍ୟୁ ଏକାକୀ ସେ ସମସ୍ତ ଯୋଦ୍ଧାଙ୍କ ସମବେତ କୌଶଳଠାରୁ ଅଧିକ କୌଶଳରେ ଯୁଦ୍ଧ କରି ଚାଲିଲେ । ସେତିକିବେଳେ ସେ ଯଦି ଜଣେ ପାଣ୍ଡବ ବୀରଙ୍କ ସହାୟତା ପାଇଥା’ନ୍ତେ, ତେବେ ବ୍ୟୂହଭେଦ କରି ନିଜକୁ ମୁକ୍ତ କରିବା ସଙ୍ଗେ ସଙ୍ଗେ ଶତ୍ରୁପକ୍ଷକୁ ଦେଇଥା’ନ୍ତେ ତୀବ୍ର ଅପମାନ । କିନ୍ତୁ ଷଡ଼୍‌ଯନ୍ତ୍ର ମାଧ୍ୟମରେ ଅଭିମନ୍ୟୁଙ୍କୁ ବ୍ୟୂହବନ୍ଦୀ କରିବା ସଙ୍ଗେ ସଙ୍ଗେ ସେ ବ୍ୟୂହର ପ୍ରବେଶ ପଥ ନିର୍ମମ ଜୟଦ୍ରଥ ଦାୟିତ୍ୱରେ ଛାଡ଼ିଥିଲେ ଷଡ଼୍‌ଯନ୍ତ୍ରକାରୀମାନେ । ଜୟଦ୍ରଥ ଯେତିକି ସମୟ ଯୁଧିଷ୍ଠିର ଓ ଭୀମଙ୍କୁ ବ୍ୟୂହ ବାହାରେ ଅଟକାଇ ରଖିବାକୁ ସମର୍ଥ ହେଲା, ସେତିକି ସମୟ ଭିତରେ ଏକାକୀ ତରୁଣ ଯୋଦ୍ଧା ଅଭିମନ୍ୟୁଙ୍କୁ ସମବେତ ପ୍ରଚେଷ୍ଟାରେ ନିଧନ କଲେ ଦ୍ରୋଣ ଓ କର୍ଣ୍ଣଙ୍କ ଭଳି ପ୍ରବୀଣମାନେ । ବିସ୍ମୟ ଓ ଲଜ୍ଜାର କଥା, ସେମାନେ ଭୁଲି ଗଲେ ଯେ ସେମାନେ ନୀଚ, ଭୀରୁସୁଲଭ ଆଚରଣ କରୁଛନ୍ତି ।

ଶୋକାଭିଭୂତ ହେଲେ ପାଣ୍ଡବମାନେ । ସେ ଅବସ୍ଥାରୁ ଉତ୍ତୀର୍ଣ୍ଣ ହେବା ପରେ ଅର୍ଜୁନ ବଜ୍ରଗମ୍ଭୀର କଣ୍ଠରେ ଘୋଷଣା

କଲେ ଯେ ଆଗାମୀ କାଲି ସୂର୍ଯ୍ୟାସ୍ତ ପୂର୍ବରୁହିଁ ସେ ଜୟଦ୍ରଥକୁ ନିଧନ କରିବେ ନତୁବା ନିଜେ ଅଗ୍ନି କୁଣ୍ଡରେ ଝାସ ଦେବେ ।

ଭୟଭୀତ ହେଲା ଜୟଦ୍ରଥ । ତେବେ ଦୁର୍ଯ୍ୟୋଧନ ଏବଂ ଦ୍ରୋଣ ତାକୁ ଅଭୟ ଦେଲେ — ସେମାନେ କଦାଚ ଅର୍ଜୁନକୁ ତା' ନିକଟବର୍ତ୍ତୀ ହେବାର ସୁଯୋଗ ଦେବେ ନାହିଁ ।

ପରଦିନ ସୃଷ୍ଟ ହେଲା ବିଷମ ଅବସ୍ଥା । ସମସ୍ତ କୌରବ ଯୋଦ୍ଧା ଜୟଦ୍ରଥକୁ ବେଷ୍ଟନ କରି ରହିଲେ । ପ୍ରତ୍ୟେକେ ଶପଥ ନେଲେ ସେମାନଙ୍କ ଜୀବନ ଗଲେ ମଧ୍ୟ ଜୟଦ୍ରଥକୁ ସେମାନେ ବଞ୍ଚାଇ ରଖିବେ । କହିବା ବାହୁଲ୍ୟ, ସେମାନଙ୍କର ଏଭଳି ଦୃଢ଼ ସଂକଳ୍ପର ହେତୁ ଜୟଦ୍ରଥକୁ ବଞ୍ଚାଇ ରଖିବା ନୁହେଁ, ଅର୍ଜୁନଙ୍କର ଜୀବନାବସାନ ଘଟାଇବା । ଅର୍ଜୁନ କଦାପି ପ୍ରତିଜ୍ଞା-ଭ୍ରଷ୍ଟ ହେବେ ନାହିଁ । କୌଣସି ମତେ ସୂର୍ଯ୍ୟାସ୍ତ ପର୍ଯ୍ୟନ୍ତ ଜୟଦ୍ରଥକୁ ବଞ୍ଚାଇ ରଖି ପାରିଲେ ଅର୍ଜୁନ ଦେବେ ଅଗ୍ନିରେ ପ୍ରାଣ ବିସର୍ଜନ ! କୌରବ ପକ୍ଷ ପାଇଁ ତାହାଠାରୁ ଅଧିକ ମୂଲ୍ୟବାନ୍ ଲାଭ ଆଉ କ'ଣ ହୋଇପାରେ ?

କ୍ରମେ ସୂର୍ଯ୍ୟ ପଶ୍ଚିମରେ ତଳକୁ ତଳକୁ ଢଳିଲେ । ଅର୍ଜୁନଙ୍କ ବଦନ ଯେତିକି ମଳିନ ହୋଇ ଆସୁଥାଏ, କୌରବମାନେ ସେତିକି ଅଧିକରୁ ଅଧିକ ଉଜ୍ଜ୍ୱଳ ଦିଶୁଥା'ନ୍ତି ।

ଶ୍ରୀକୃଷ୍ଣ ଜାଣୁଥିଲେ — ଯଦି କୁଶକ୍ତି ଉପରେ ସୁଶକ୍ତିର ବିଜୟ ହେବା ଆବଶ୍ୟକ, ଯଦି ନିର୍ମମ ସ୍ୱାର୍ଥପରତାକୁ ପରାହତ କରି ଶୁଭଙ୍କର ଶକ୍ତି ପାଖରେ ଦେଶର ଭାଗ୍ୟ ସମର୍ପଣ କରିବା ଜରୁରୀ ତେବେ ତାଙ୍କୁ ସେହି ମୁହୂର୍ତ୍ତରେ କିଛି ବିଶେଷ ପଦକ୍ଷେପ ନେବାକୁ ହେବ ।

ଯୁଦ୍ଧ ଅବ୍ୟାହତ ଥାଏ । ଆକାଶ ତମସାଚ୍ଛନ୍ନ ହୋଇ ଆସିଲା । କୌରବମାନେ ସମ୍ଭାଳି ପାରିଲେ ନାହିଁ ସେମାନଙ୍କ ଉଲ୍ଲାସ । ''ସୂର୍ଯ୍ୟ ଅସ୍ତମିତ ! ଅର୍ଜୁନ ତାଙ୍କ ପ୍ରତିଜ୍ଞା ପାଳନ କରନ୍ତୁ !'' ଚିତ୍କାର କରି ଦାବି କଲେ ସେମାନେ । ଗୋଟାଏ ଦାନବ ମୁଖ ବ୍ୟାଦାନ କଲା ଭଳି ହସି ହସି ଜୟଦ୍ରଥ ତା'ର ସୁରକ୍ଷା ବଳୟ ଭିତରୁ ବାହାରି ଆସିଲା ।

କିନ୍ତୁ ଅଚାନକେ ଅପସରି ଗଲା ହାଲୁକା ମେଘର ଏକ ପ୍ରସ୍ତ । ସୂର୍ଯ୍ୟ ସେପର୍ଯ୍ୟନ୍ତ ଅସ୍ତମିତ ହୋଇ ନଥିଲେ; ହେବାକୁ ଯାଉଥିଲେ । ଭ୍ରମ ସୃଜିଥିଲା ସୁଦର୍ଶନ ଚକ୍ରର କରାମତି ।

ଅର୍ଜୁନ ତୀର ଯୋଖିଲେ । କିନ୍ତୁ ଶ୍ରୀକୃଷ୍ଣ ତାଙ୍କୁ କରି ଦେଲେ ସତର୍କ : ଜୟଦ୍ରଥର ପିତା ବୃଦ୍ଧକ୍ଷତ୍ର ତାକୁ ଦେଇଥିଲେ ଏହି ମର୍ମରେ ସୁରକ୍ଷା ବର — ଯିଏ ତା' ମୁଣ୍ଡ ତଳେ ପକାଇବ, ତା' ନିଜ ମୁଣ୍ଡ ହେବ ଶତଧା ବିଦୀର୍ଣ୍ଣ ।

ଅର୍ଜୁନ ଚେତି ଉଠିଲେ । ସେ ଏମନ୍ତ କୌଶଳ ଓ ଶକ୍ତିପୂର୍ଣ୍ଣ ତୀରରାଶି ପ୍ରୟୋଗ କଲେ, ଯାହା ଜୟଦ୍ରଥର ଶିରଚ୍ଛେଦ କରି ସେ ଗୋଟିକୁ ଉଡ଼ାଇ ନେଇ ଯାଇ ବହୁ ଦୂରରେ ଏକ ନିର୍ଜନ ସ୍ଥାନରେ ଧ୍ୟାନସ୍ଥ ଥିବା ବୃଦ୍ଧକ୍ଷତ୍ରଙ୍କ କୋଳରେ ନିକ୍ଷେପ କଲା । ଚମକି ଉଠି ବୃଦ୍ଧକ୍ଷତ୍ର ଉଠି ପଡ଼ିଲେ । ଚିଜଟି ଭୂପତିତ ହେଲା । ତତ୍କ୍ଷଣାତ୍ ବୃଦ୍ଧକ୍ଷତ୍ରଙ୍କ ଶିର ହେଲା ଶତଧା ବିଦୀର୍ଣ୍ଣ ।

(କ୍ରମଶଃ) ❑

## ଏକ ପ୍ରାତଃ ପ୍ରାର୍ଥନା

ହେ ପରମା ଦିବ୍ୟ ଜନନି ! ଏପରି କର ଯେପରି ଆଜି ଦିନଟି ଆମ ପାଇଁ ବହନ କରି ଆଣେ ତୁମ ଇଚ୍ଛା ନିକଟରେ ଏକ ପୂର୍ଣ୍ଣତର ନିବେଦନ, ତୁମରି କର୍ମରେ ପରିପୂର୍ଣ୍ଣତର ଆତ୍ମଦାନ, ଏକ ସମଗ୍ରତର ଆତ୍ମ-ବିସ୍ମରଣ, ଏକ ବୃହତ୍ତର ଜ୍ୟୋତିର୍ମୟତା, ଏକ ଶୁଦ୍ଧତର ପ୍ରେମ । ଏପରି କର ଯେପରି ତୁମ ସହ ନିତ୍ୟବର୍ଦ୍ଧମାନ ଗଭୀରରୁ ଗଭୀରତର, ଅବିଚ୍ଛିନ୍ନରୁ ଅବିଚ୍ଛିନ୍ନତର, ପୂର୍ଣ୍ଣାଙ୍ଗରୁ ପୂର୍ଣ୍ଣାଙ୍ଗତର ସଂଯୋଗ ମଧ୍ୟରେ ଆମେ ତୁମ ସହ ଅଧିକରୁ ଅଧିକ ନିବିଡ଼ ଭାବରେ ନିରନ୍ତର ମିଳିତ ହୋଇପାରୁ ଏବଂ ତୁମର ଯୋଗ୍ୟ ସେବକରେ ପରିଣତ ହୋଇପାରୁ । ଦୂର କର ଆମ ଭିତରୁ ସକଳ ଅହମିକା, ସକଳ ତୁଚ୍ଛ ଦର୍ପ, ଲୋଭ ଓ ଅନ୍ଧକାର, ଆମେ ସମସ୍ତେ ଯେପରି ତୁମରି ଦିବ୍ୟପ୍ରେମରେ ପ୍ରଜ୍ୱଳିତ ହୋଇଉଠୁ, ଜଗତରେ ଆମକୁ ପରିଣତ କର ତୁମର ଆଲୋକ ବର୍ତ୍ତିକାରେ ।

— ଶ୍ରୀମା

# ଆମ ଶରୀର

## (୨୨)

## ଭୋଲେଶ୍ୱର ଭୂୟାଁ

### ଶରୀର ରୂପାନ୍ତର କାର୍ଯ୍ୟ ନିମନ୍ତେ ଦିବ୍ୟଜନନୀଙ୍କ ନିକଟରେ ପୂର୍ଣ୍ଣ ବିଶ୍ୱସ୍ତ ହେବା

ଆମେ ଆମ ବୁଦ୍ଧି ଦ୍ୱାରା ଜାଣୁ ଯେ ମା ଆମ ସହିତ ଅଛନ୍ତି । କିନ୍ତୁ ଏକଥା ଆମେ ଆମ ସର୍ବାନ୍ତକରଣରେ ବିଶ୍ୱାସ କରି ନଥାଉ । ଆମେ ଯେତେବେଳେ ସତ୍ୟର କୌଣସି ବିରୋଧୀ ବା ବିପରୀତ କାର୍ଯ୍ୟ କରିଥାଉ ସେତେବେଳେ ଆମେ ଭାବୁ ମା ତ ଆମକୁ ଦେଖୁ ନାହାନ୍ତି ତେଣୁ ଏ କାମ କଲେ କିଛି ଅସୁବିଧା ନାହିଁ । କିନ୍ତୁ ମା ଆମ୍ଭମାନଙ୍କୁ ଅନୁକ୍ଷଣ ନିରୀକ୍ଷଣ କରୁଛନ୍ତି । ଶ୍ରୀଅରବିନ୍ଦଙ୍କ ଶାଶ୍ୱତ ଉକ୍ତିରେ : "Always behave as if the Mother was looking at you; because she is, indeed, always present."

(Letters on the Mother, p. 169)

ଅର୍ଥାତ୍ : ''ସର୍ବଦା ଏପରି ଆଚରଣ କର ଯେ ମା ତୁମକୁ ଚାହିଁ ରହିଥିଲେ, କାରଣ ସେ ବାସ୍ତବରେ ସର୍ବଦା ଉପସ୍ଥିତ ରହିଛନ୍ତି ।'' — ଶ୍ରୀଅରବିନ୍ଦ

ଏହି ବାଣୀ ଆମ ଆଶ୍ରମ ଭୋଜନାଳୟରେ ସମସ୍ତଙ୍କ ଅବଗତ ନିମନ୍ତେ ସ୍ଥାନିତ ହୋଇଛି । ମା ସଶରୀରେ ନଥିଲେ ମଧ୍ୟ ସେ ସର୍ବଦା ଏହି ଆଶ୍ରମରେ, ତାଙ୍କ ସନ୍ତାନମାନଙ୍କ ମଧ୍ୟରେ, ପୃଥିବୀ ବାତାବରଣରେ ଅବସ୍ଥିତ ରହିଛନ୍ତି । ମା'ଙ୍କୁ ଲୁଚାଇ ଆମେ କିଛି ବି କରିପାରିବୁ ନାହିଁ ।

ମା ଏକ ଆଳାପରେ କହିଛନ୍ତି ଯେ — ଯେଉଁମାନେ ମା'ଙ୍କୁ ଦର୍ଶନ କରିବା ପାଇଁ ଆସୁଥିଲେ ସେମାନଙ୍କ ମଧ୍ୟରୁ କେତେକ ବ୍ୟକ୍ତି ମା'ଙ୍କୁ ତାଙ୍କର କୁକର୍ମ ଆଦିକୁ ଦେଖାଇବାକୁ ଚାହୁଁ ନଥିଲେ । ସେସବୁକୁ ମା'ଙ୍କଠାରୁ ଲୁଚାଇ ରଖିବାକୁ ଚାହୁଁଥିଲେ । କିନ୍ତୁ ମା'ଙ୍କ ନଜର ପ୍ରଥମେହିଁ ଏହି ଲୁଚାଇଥିବା ବସ୍ତୁ ଉପରେ ପଡୁଥିଲା । ମା'ଙ୍କଠାରୁ ଆମେ କିଛି ବି ଲୁଚାଇ ପାରିବୁ ନାହିଁ । ମା ସର୍ବଦା ଆମ୍ଭମାନଙ୍କ ଚୈତ୍ୟସତ୍ତା ସହିତ ରହିଛନ୍ତି । ଚୈତ୍ୟସତ୍ତା ପ୍ରତ୍ୟକ୍ଷ ଭାବେ ହେଉ ବା ଅପ୍ରତ୍ୟକ୍ଷରେ ହେଉ ଆମ ଅନ୍ୟ ସତ୍ତାମାନଙ୍କର ସକଳ ଗତିବୃତ୍ତିକୁ ସେ ନିରୀକ୍ଷଣ କରୁ ଥାଆନ୍ତି । ଏହିପରି ଭାବରେ ମା ଆମ ଚୈତ୍ୟସତ୍ତା ମାଧ୍ୟମରେ ଆମର ସମସ୍ତ ଘଟଣା, ସମସ୍ତ ଗତିବୃତ୍ତିକୁ ଜାଣି ଥାଆନ୍ତି ।

ପକ୍ଷାନ୍ତରେ ଆମେ ଆମ କୁକର୍ମ, କୁଆଚରଣ, କୁଅଭ୍ୟାସକୁ ନିଜର ଦୁର୍ବଳତା ବୋଲି ମନେ କରିଥାଉ । ନିଜର ପାପକର୍ମ ବୋଲି ମନେ କରିଥାଉ । ଏଥିପାଇଁ ଆମେ ଆମର ପାପକର୍ମ ପାଇଁ ବିମର୍ଷ ହୋଇଥାଉ । ଏହାହିଁ ହେଲା ପୁରାତନ ଯୋଗର ନୈତିକତାର ପ୍ରଭାବ । ଏବେ ବି ଆମେ ନୈତିକତାର ସାଧନା କରିଥାଉ । ଶ୍ରୀଅରବିନ୍ଦଙ୍କ ଯୋଗ ନୈତିକତାର ଊର୍ଦ୍ଧ୍ୱରେ । ପାପ-ପୁଣ୍ୟ, ଧର୍ମ-ଅଧର୍ମ, ସତ୍ୟ-ମିଥ୍ୟା — ଏସବୁର ଧାରଣା ଆମକୁ ନୈତିକତାରେ ବାନ୍ଧି ରଖିଥାଏ । ଏଥିରୁ ଆମେ ଉପରକୁ ଉଠି ଦେଖିଲେ ଜଣାଯିବ ଏସବୁ ପରସ୍ପର ବିରୋଧୀ ହେଲେ ମଧ୍ୟ ସେମାନେ ଏକତ୍ର ବାସ କରନ୍ତି । ୧୯୫୯ ମସିହା ଅକ୍ଟୋବର ୬ ତାରିଖରେ ମା ଏ ବିଷୟରେ କହୁଛନ୍ତି : ''ତଥାପି ଏହି ଦୁଇ ପୃଥିବୀ — ଜଡ଼ଜଗତ ଏବଂ ସତ୍ୟ ଚେତନାର ପୃଥିବୀ, ଏ ଦୁହେଁ ପରସ୍ପରଠାରୁ ବିଚ୍ଛିନ୍ନ ହୋଇ ରହି ନାହାନ୍ତି । ଏ ଦୁହେଁ ପରସ୍ପର ଉପରେ ଲଦା ଲଦି ହୋଇ ରହିଛନ୍ତି । ସତ୍ୟର ଜଗତ ଏହି ଜଗତର ଏକ ପରସ୍ତ(Layer) ପରି ରହିଛି ।'' (Mother's Yoga, Part one, P. 21)

ଏହି ଦୁଇ ବିରୋଧୀ ବସ୍ତୁ ସ୍ୱୟଂ ଭଗବାନ୍ ସୃଷ୍ଟି କରିଛନ୍ତି । ତେଣୁ ଏସବୁ ତାଙ୍କର । ଏହାରି ମାଧ୍ୟମରେ ସେ ପୃଥିବୀକୁ ଅଗ୍ରଗତି କରାଉଛନ୍ତି । କ୍ରିୟା ଓ ପ୍ରତିକ୍ରିୟା ନଥିଲେ ଆମେ ଆଗକୁ ଯାଇ ପାରି ନ ଥାଆନ୍ତୁ । ତଥାକଥିତ ବୌଦ୍ଧିକ ଜ୍ଞାନ ଆହରଣ କରି ମଣିଷ ନିଜକୁ ଜ୍ଞାନୀ ବୋଲାଉ ଥାଏ । ସେ ନୈତିକତାର ସୁ-ଗୁଣାବଳୀକୁ ନେଇ ଗର୍ବ କରୁଥିବା ବେଳେ ଅନୈତିକତାରେ ସେ ନିଜକୁ ହେୟ ମନେ କରେ । ସକଳ ପ୍ରକାର ସୁକର୍ମ ଓ କୁକର୍ମକୁ ସେ ତା'ର ସ୍ୱ-ଅର୍ଜିତ ବୋଲି ଧରିନିଏ । ଏହାହିଁ ଆମର ଅଜ୍ଞାନତା । ଯେପର୍ଯ୍ୟନ୍ତ ଏ ପୃଥିବୀରେ ଅତିମାନସ ଶକ୍ତିର ପୂର୍ଣ୍ଣ ଅଭିବ୍ୟକ୍ତି ନହୋଇଛି ଏହି ସଂଘର୍ଷ ଦେଇ ଆମକୁ ଗତି କରିବାକୁ ହେବ । ଏହି ବିପରୀତ ଗୁଣମାନେ

ଆମର ପରୀକ୍ଷକ (examiner) ବୋଲି ମା ବର୍ଣ୍ଣନା କରୁଛନ୍ତି । ଯେତେବେଳେ ଆମେ ପୂର୍ଣ୍ଣ ସତ୍ୟ-ଚେତନା (ଅତିମାନସ ଚେତନା)ରେ ବାସ କରିବୁ ସେତେବେଳେ ଏହିସବୁ ପରୀକ୍ଷକଙ୍କର ଆଉ ଆବଶ୍ୟକତା ରହିବ ନାହିଁ ।

ଏ ଲେଖକ ଯେତେବେଳେ 'ଭବିଷ୍ୟତର ମଣିଷ' ବହି ଲେଖିବାକୁ ଆରମ୍ଭ କଲା, ସେ ମା'ଙ୍କୁ ଜଣାଇଲା (ଅନ୍ତରରେ ଥିବା ମା'ଙ୍କୁ) ମୋର ସମସ୍ତ ଅନୁଭୂତି ଦେଇ ଏହି ବହିଟି ଲେଖିବାକୁ ଯାଉଛି । କିନ୍ତୁ ଏବେ ବି ମୋର କେତୋଟି ଦୁର୍ବଳତା ବା ଅକ୍ଷମତା ରହିଛି । ଏହି ବହି କିପରି ଲେଖିବି ? ମୁଁ ଭାବୁଛି : ଆଉ କିଛି ବର୍ଷ ଅପେକ୍ଷା କରିବି – ମୋର ଦୁର୍ବଳତାକୁ ଜୟ କଲା ପରେ । କିନ୍ତୁ ଆନ୍ତର ପ୍ରେରଣା ଅର୍ଜନ କଲି ବହିଟି ଲେଖିବା ପାଇଁ ଓ ଏହାକୁ ମା'ଙ୍କର ନିର୍ଦ୍ଦେଶ ଭାବି ଲେଖିବାକୁ ଆରମ୍ଭ କଲି ।

ଅନୁଭବ ହେଲା, ନିଜର ଦୋଷ ଦୁର୍ବଳତା ଯୋଗୁଁ ନିଜକୁ ଶକ୍ତିହୀନ ମନେ କର ନାହିଁ । ଆମର ସବୁକିଛି ଭଗବାନଙ୍କଠାରୁ ଆସୁଛି । ସବୁକୁ ମା'ଙ୍କ ଚରଣ ତଳେ ଅର୍ପଣ କର । ଏପରି କଲେ ଆମର ଦୁର୍ବଳତାକୁ ଦେଖି ମା ଆମକୁ ଦଣ୍ଡ ଦେବା ପରିବର୍ତ୍ତେ ତାଙ୍କର କରୁଣା ପ୍ରଦାନ କରି ଆମକୁ ଏଥିରୁ ମୁକ୍ତ କରିବେ । ଛୋଟ ଶିଶୁଟି ଭଳି ମା'ଙ୍କୁ ଆମର ସବୁକିଛିକୁ ଅର୍ପଣ କଲେ ଆମେ ଏହି ସଂସାର ବୋଝରୁ ମୁକ୍ତ ହୋଇଥାଉ ଓ ମା'ଙ୍କର ସୁରକ୍ଷା ବଳୟ ଭିତରେ ଆଶ୍ରୟ ପାଇଥାଉ । ଯେତେବେଳେ ଆମେ ବୁଝିଯାଉ ଯେ ମୋ ନିଜ ପାଇଁ ମୋର କିଛି ବି କରିବାର ନାହିଁ, ନିଜ ପାଇଁ କିଛି ବି ପାଇବାର ନାହିଁ ସେତେବେଳେ ହିଁ ମା'ଙ୍କର ଅସଲ ଯନ୍ତ୍ର ହୋଇଥାଉ, ମା'ଙ୍କର ଅସଲ ବିଶ୍ୱସ୍ତ ସନ୍ତାନ ହୋଇଥାଉ ।

ଶରୀର ରୂପାନ୍ତର କାମ ଅତୀବ କଠିନ କାମ । ଏହା ମନର ବୁଦ୍ଧି, ବିଚାର ବା ଜ୍ଞାନ ଦ୍ୱାରା ହୁଏ ନାହିଁ । ମଣିଷକୁ ଏପର୍ଯ୍ୟନ୍ତ ଏହି ଅର୍ଦ୍ଧ-ଆଲୋକିତ ମନହିଁ ପରିଚାଳନା କରି ଆସୁଛି । ଏହି ମନର ନିୟନ୍ତ୍ରଣ ଦ୍ୱାରା ଆମର ସାଧନା, ଜୀବନ ନିର୍ବାହ ହେଉଛି । ଏହି ବିକୃତ, ଆବର୍ଜନାପୂର୍ଣ୍ଣ ମନକୁ ରୂପାନ୍ତରିତ କରିବାକୁ ହେବ । ଏହା ଆମ ନିଜ ଚେଷ୍ଟାରେ ହେବ ନାହିଁ । ଏହା କେବଳ ମା'ଙ୍କ ଶକ୍ତି ଓ ଶ୍ରୀଅରବିନ୍ଦଙ୍କ ସାହାଯ୍ୟ ଦ୍ୱାରାହିଁ ସମ୍ଭବପର । ଏଥିପାଇଁ ଆମର ସକଳ ଭାରକୁ ଶ୍ରୀମା-ଶ୍ରୀଅରବିନ୍ଦଙ୍କ ହାତରେ ଛାଡ଼ି ଦେବାକୁ ହେବ । ସେମାନଙ୍କ ଉପରେ ଆମର ପୂର୍ଣ୍ଣ ବିଶ୍ୱାସ ଓ ଭରସା ରଖିବା ଆବଶ୍ୟକ । ମନର ବିଚାର ବୁଦ୍ଧିକୁ ଆମ ମସ୍ତିଷ୍କ ଭିତରେ କ୍ରିୟା କରିବାକୁ ନଦେଇ ମନକୁ ଶାନ୍ତ ଓ ନୀରବ କରି ଏହାକୁ ଶରୀରର ବାହାରେ ରଖିବାକୁ ହେବ । ଏପରି କରି ପାରିଲେ, ଏହାର ପ୍ରଥମ ପରିଣାମ ହେବ ଆମ ଶରୀର ଉପରେ ଏହାର ନିୟନ୍ତ୍ରଣ ଆଉ ରହିବ ନାହିଁ । ସେତେବେଳେ ଶରୀର ସ୍ୱାଧୀନତା ପାଇ, ତା'ର ଚେତନା ଜାଗ୍ରତ୍ ହୋଇ ଏହାର ନିୟନ୍ତ୍ରଣ ଭଗବାନଙ୍କ ହାତରେ ଛାଡ଼ି ଦେବାକୁ ହେବ । ଏହାହିଁ ଶରୀର ରୂପାନ୍ତରର ପ୍ରଥମ କାମ ।

ଏଠାରେ ଏକ ପ୍ରଶ୍ନ ଆମ ମନରେ ଆସିପାରେ । ତାହା ହେଲା ମନର ଅନୁପସ୍ଥିତିରେ ଆମେ ବାର୍ତ୍ତାଳାପ, ଲେଖା-ଲେଖି ତଥା କର୍ମ କରିବୁ କିପରି ? ଏହାର ସମାଧାନ ପାଇଁ ଅନେକ ଉପାୟ ରହିଛି । ପ୍ରଥମ ଉପାୟ ହେଲା ଏସବୁ କାମ ଅନ୍ତରରେ ବାସ କରି କରାଯାଇ ପାରେ । ଶ୍ରୀଅରବିନ୍ଦ କହିଛନ୍ତି ମନକୁ ବାଦ୍ ଦେଲେ ମଣିଷ ଏକ ପଶୁ ଭଳି ହୋଇଯିବ । କିନ୍ତୁ ଏହାହିଁ ହେଲା ଶରୀର ରୂପାନ୍ତରର ପ୍ରଥମ ପଦକ୍ଷେପ । ପରେ ଶରୀର ଚେତନାରେ ଏକ ପ୍ରକାର ମନର ସୃଷ୍ଟି ହେବ ଏବଂ ଏହା ଦ୍ୱାରା ଆମେ ସାଧାରଣ କର୍ମ କରିପାରିବୁ । ଅନ୍ତରରେ ବାସ କରି ଯେଉଁ କର୍ମ କରାଯାଏ ତାହା ଯୁକ୍ତି-ତର୍କ, ବିଚାର-ବୁଦ୍ଧିଯୁକ୍ତ ନହୋଇ ସ୍ୱାଭାବିକ ଭାବେ ଏକ ଭାବ ଦ୍ୱାରା କରାଯିବ । ପରେ ଏହା ଚୈତ୍ୟସତ୍ତାର ପରିଚାଳନାରେ ପରିଣତ ହେବ । କିନ୍ତୁ ଏହା ଦ୍ୱାରା ମଧ୍ୟ ଶରୀର-ରୂପାନ୍ତର ଚରମ ସୀମାରେ ପହଞ୍ଚି ପାରିବ ନାହିଁ ।

ଏଥିପାଇଁ ଆମ ମନର ନିୟନ୍ତ୍ରଣରୁ ମୁକ୍ତ ହେବାର ଦ୍ୱିତୀୟ ଉପାୟଟିକୁ ଅବଲମ୍ବନ କରିବାକୁ ହେବ । ତାହା ହେଲା ମନକୁ ପୂର୍ଣ୍ଣ ନୀରବତାରେ ପ୍ରତିଷ୍ଠିତ କରି ତାକୁ ମସ୍ତକର ଊର୍ଦ୍ଧ୍ୱରେ ଥିବା ଆତ୍ମନ୍ ସହିତ ବାସ କରାଇବା । ଏହା ଦ୍ୱାରା ମନକୁ ସହଜରେ ଆଧ୍ୟାତ୍ମୀକରଣ କରାଯାଇ ପାରେ । ଏହା ଦ୍ୱାରା ଊର୍ଦ୍ଧ୍ୱରୁ ଭଗବତ୍ ଇଚ୍ଛାଶକ୍ତିକୁ ଅବତରଣ କରାଇ ଶରୀରରେ କ୍ରିୟାଶୀଳ କରାଯାଇପାରେ ଏବଂ ଏହାର ରୂପାନ୍ତର କରାଯାଇପାରେ । ଏହିପରି ଭାବରେ ଆମ ଚେତନାକୁ ପ୍ରସାରଣ କରି, ଆମେ ଅହଂକାରରୁ ମୁକ୍ତ ହୋଇ ଶରୀରକୁ ରୂପାନ୍ତର ପାଇଁ ପ୍ରସ୍ତୁତ କରିପାରିବା ।

ଆମ ଭିତରେ ଥିବା ବିଭିନ୍ନ ସତ୍ତାଙ୍କୁ ପ୍ରସାରଣ କରିବା ମଧ୍ୟ ମନ-ନିୟନ୍ତ୍ରଣର ତୃତୀୟ ଉପାୟ ହୋଇପାରେ । କାରଣ ପ୍ରସାରଣ ଦ୍ୱାରା ଆମେ ଆମର ଅହଂକାରରୁ ମୁକ୍ତ ହେବା ସଙ୍ଗେ ସଙ୍ଗେ ଆମର ଗ୍ରହଣଶୀଳତା ଆସିଥାଏ – ବିଶେଷ କରି ଶରୀରର । ଶରୀରର ଗ୍ରହଣଶୀଳତା ବୃଦ୍ଧି ହେଲେ ଏହା ଊର୍ଦ୍ଧ୍ୱରୁ

ଅବତରଣ କରୁଥିବା ଭଗବତ୍ ଚେତନାକୁ ଗ୍ରହଣ କରିଥାଏ । ମନର ପ୍ରଭାବ ବା ହସ୍ତକ୍ଷେପ ନଥିବାରୁ ଶରୀର ପୂର୍ଣ୍ଣ ନିର୍ଭରତାର ସହିତ ନିଜକୁ ଏହି ଶକ୍ତି ହାତରେ ଛାଡ଼ି ଦେଇଥାଏ ଏବଂ ଭଗବତ୍ ଶକ୍ତିର ସେବା କରିବା ପାଇଁ ଏହା ପୂର୍ଣ୍ଣ ବିଶ୍ୱସ୍ତ ହୋଇଥାଏ ।

ଏଥର ଆମେ ଜାଣିଲୁ ମନହିଁ ଆମ ଶରୀର ରୂପାନ୍ତରର ପ୍ରଧାନ ବାଧା । ଆମକୁ ଏହି ବାଧାକୁ ଅତିକ୍ରମ କରିବାର ସମୟ ଆସି ଯାଇଛି । ମନର ଯଦି ପୂର୍ଣ୍ଣ ରୂପାନ୍ତର ହୋଇଯାଏ ତେବେ ସେ ଆମ ପାଇଁ ଆଉ ବାଧା ହୋଇ ରହେ ନାହିଁ । ସେ ଆମର ସାହାଯ୍ୟକାରୀ ତଥା ବିଶ୍ୱସ୍ତ ଯନ୍ତ୍ର ଭାବରେ କର୍ମ କରିଥାଏ ।

ମନର ରୂପାନ୍ତରର ଅର୍ଥ କ'ଣ ? ଏହାକୁ ଆମେ କିପରି ରୂପାନ୍ତର କରିପାରିବୁ ? ଏଥିପାଇଁ ପ୍ରଥମେ ଆମକୁ ମନର ସମସ୍ତ ଦୁର୍ବଳତାକୁ ଚିହ୍ନିବାକୁ ପଡ଼ିବ । ମା'ଙ୍କ ଉପରେ ପୂର୍ଣ୍ଣ ଭରସା ରଖି ଆମେ ଯଦି ମନକୁ ଦୀର୍ଘ ଦିନ ନିରୀକ୍ଷଣ କରୁ ତେବେ ଆମେ ଜାଣିବାକୁ ପାଇବୁ ଯେ ମନର ଜ୍ଞାନ ଓ ବୁଦ୍ଧିର ଅହଂକାର, ପାରଦର୍ଶିତାର ଅହଂକାର, ଧନ ଦଉଲତର ଅହଂକାର, ସଭ୍ୟତାର ତଥା କାର୍ଯ୍ୟ ଦକ୍ଷତାର ଅହଂକାର, ବ୍ୟକ୍ତିତ୍ୱର ଅହଂକାର, ଏପରିକି ମା'ଙ୍କର ଆଶୀର୍ବାଦ ପ୍ରାପ୍ତ ହୋଇଥିବାର ଅହଂକାର ମଧ୍ୟ ରହିଛି । ମନର ଉଚ୍ଚାକାଂକ୍ଷା, ପଦ-ପଦବୀରେ ନିଜକୁ ପ୍ରତିଷ୍ଠିତ କରିବାର ଲାଳସା, ସୁଖ, ଶାନ୍ତି ପାଇବାର ଲାଳସା, ଧନୀ ହେବାର ଲାଳସା ମଣିଷକୁ ସମ୍ପୂର୍ଣ୍ଣ ଅଜ୍ଞାନତାରେ ବାନ୍ଧି ରଖିଥାଏ । ମଣିଷର ମନ ତା'ର କ୍ଷୁଦ୍ରତାରୁ ସହଜରେ ବାହାରି ଆସିବାକୁ ଚାହେଁ ନାହିଁ । ଏପରି ବିକୃତ ମନକୁ ନେଇ ଆମେ କେବେହେଲେ ମହାନ୍ ହୋଇ ପାରିବୁ ନାହିଁ । ମନ ସର୍ବଦା ଛଳନା କରି ନିଜେ ସତ୍ୟ, ନିଷ୍ଠାରେ ପ୍ରତିଷ୍ଠିତ ହୋଇଛି ବୋଲି ଦେଖାଇ ହୁଏ । କିନ୍ତୁ ମନ ନିକଟରେ ଏକ ପରମ ଚେତନା ଉପସ୍ଥିତ ରହି ଏସବୁକୁ ନିରୀକ୍ଷଣ କରିଥା'ନ୍ତି । ସେ ସର୍ବଦା ଭଗବାନଙ୍କ ନିକଟରେ ସମର୍ପିତ । ମଣିଷ ଭିତରେ ସେ ଏକ ସମର୍ପଣର ଯଜ୍ଞ ଆୟୋଜନ କରିଥା'ନ୍ତି । ମଣିଷର ଅନ୍ୟ ଅପୂର୍ଣ୍ଣ ଓ ବିକୃତ ଚେତନାମାନଙ୍କୁ ଏହି ଯଜ୍ଞ ନିକଟରେ ଏକତ୍ରିତ ହେବାକୁ ଆମନ୍ତ୍ରଣ କରନ୍ତି । ସେ ବାଧ-ବାଧକତା କରନ୍ତି ନାହିଁ; ତାଙ୍କର ପ୍ରେମ, ଆଲୋକ ଓ ଜ୍ୟୋତି ଦେଖାଇ ଅନ୍ୟ ଚେତନାର ଅଜ୍ଞାନତା ଦୂର କରିବାକୁ ଚେଷ୍ଟା କରନ୍ତି । ଏହି ଚେତନା ହେଲା ଆମର ଚୈତ୍ୟସତ୍ତା । ମନ ଯେତେବେଳେ ଚୈତ୍ୟସତ୍ତାର ଅନୁଗତ ହୋଇ ଏହାର ଗୁଣ ଧର୍ମରେ ଅନୁପ୍ରାଣିତ ହୋଇଥାଏ ସେତେବେଳେ ମନର ରୂପାନ୍ତର ହେବାକୁ ଆରମ୍ଭ କରେ । ଏହିପରି କେତେ ଜନ୍ମ ବିତିଲା ପରେ ମନର ପୂର୍ଣ୍ଣ ରୂପାନ୍ତର ହୋଇଥାଏ । ସେତେବେଳେ ଏହି ରୂପାନ୍ତରିତ ମନ ଶରୀର ଆଧାରିତ ହୋଇ ଥାଉ ବା ନ ଥାଉ ଅନନ୍ତ କାଳ ପର୍ଯ୍ୟନ୍ତ ବିଶ୍ୱଚେତନାରେ ରହି କର୍ମ କରିଥାଏ ।

ପୂଜ୍ୟ ବାବାଜି ମହାରାଜ କହିଛନ୍ତି ଯେ ମନ ଓ ପ୍ରାଣରେ ନିମ୍ନ-ପ୍ରକୃତିର ପ୍ରବେଗ ଯେତେବେଳେ ତୁମ ଭିତରେ ପ୍ରବେଶ କରି କ୍ରିୟା କରିବାକୁ ଯାଏ ସେତେବେଳେ ତୁମେ ସଚେତନ ହୋଇ ଏହାକୁ କ୍ରିୟା କରିବାକୁ ନଦେଇ ଏହାକୁ ମା'ଙ୍କୁ ସମର୍ପଣ କର । ଏହାହିଁ ମନ ଓ ପ୍ରାଣର ରୂପାନ୍ତରର ଉପାୟ ।

ଶେଷରେ ଆମେ ଶ୍ରୀଅରବିନ୍ଦଙ୍କର ନିଜସ୍ୱ ସାଧନା ପ୍ରଣାଳୀ ବିଷୟରେ ଆଲୋଚନା କରିବା । ଏ ବିଷୟରେ ଶ୍ରୀଅରବିନ୍ଦ କହୁଛନ୍ତି : "It is in fact the principle of sadhana that I myself followed and it is the central part of the Yoga as I envisage it. It is, I suppose, what Ramakrishna meant by the method of the baby cat in his image. But all cannot follow that at once; it takes time for them to arrive at it – it grows most when the mind and vital fall quiet." (Letters on Yoga - II, p. 70)

''ବାସ୍ତବରେ ମୋ ସାଧନା ପାଇଁ ମୁଁ ଯେଉଁ ନିୟମ ଅନୁସରଣ କରୁଥିଲି, ମୋ ବିବେଚନାରେ ତାହା ଥିଲା ଯୋଗର ମୁଖ୍ୟ ଅଂଶ । ମୁଁ ମନେ କରେ ଏହା ହେଲା ଶ୍ରୀରାମକୃଷ୍ଣଙ୍କ କହିବା ମୁତାବକ ବିରାଡ଼ି ଶାବକ ଭଳି । କିନ୍ତୁ ସମସ୍ତେ ଏହି ଉପାୟକୁ ତତ୍‌କ୍ଷଣାତ୍ ଅବଲମ୍ବନ କରିପାରିବେ ନାହିଁ, ଏହା ସେମାନଙ୍କ ପାଇଁ ସମୟ-ସାପେକ୍ଷ ହେବ – ଏହା (ଏହି ଉପାୟ) ବୃଦ୍ଧି ପାଇଥାଏ ଯେତେବେଳେ ମନ ଓ ପ୍ରାଣ ଶାନ୍ତ ହୋଇ ଯାଇ ଥାଆନ୍ତି ।''

ଏଠାରେ ଶ୍ରୀରାମକୃଷ୍ଣ ପରମହଂସ ବିରାଡ଼ି ଶିଶୁ ଓ ମାଙ୍କଡ଼ ଶିଶୁର ଉଦାହରଣ ଦେଇ ସାଧନାର ଉପାୟ ବିଷୟରେ କହିଛନ୍ତି । ମାଙ୍କଡ଼ ଶିଶୁ ତା' ମା'କୁ ଜାବୁଡ଼ି ଧରି ରହିଥାଏ, କିନ୍ତୁ ବିରାଡ଼ି ଶିଶୁକୁ ତା'ର ମା ବହନ କରି ଚାଲିଥାଏ । ଆମ ସାଧନାରେ ଆମେ ଯଦି ବିରାଡ଼ି ଶିଶୁ ହୋଇ ସାଧନା କରିବୁ ତେବେ ଯାଇ ଆମ ଶରୀର ରୂପାନ୍ତର ପାଇଁ ମା'ଙ୍କର ଯଥାର୍ଥ ବିଶ୍ୱସ୍ତ ହୋଇପାରିବୁ ।

(କ୍ରମଶଃ) ❑

# ଯୋଗାନନ୍ଦ

## (୯)

ଶ୍ରୀଯୁକ୍ତ ଅନିଲ ବରଣଙ୍କଠୁଁ ବିଦାୟ ନେଇ ଯୋଗାନନ୍ଦ 'ଅମ୍‌ନିବାସମ୍ ହୋଟେଲ' (ସେତେବେଳେ ଏହାକୁ କୁହାଯାଉଥିଲା 'ଅମ୍‌ନିବାସମ୍ ଚୋଲ୍‌ଟ୍ରି' ଅର୍ଥାତ୍ 'ଛତ୍ର', କିନ୍ତୁ ଏହା ହୋଟେଲହିଁ ଥିଲା) ସନ୍ଧାନରେ ଚାଲିଲେ । ତାମିଲ ଭାଷା ଜାଣି ନ ଥା'ନ୍ତି, ତଥାପି ନାମଟିକୁ ବାର ବାର ଉଚ୍ଚାରଣ କରି ପଚାରି ପଚାରି ଶେଷରେ ସେଠାରେ ପହଞ୍ଚିଲେ । ବାରଣ୍ଡାରେ ବେଞ୍ଚଟିଏ ଥାଏ, ସେ ବସି ପଡ଼ିଲେ । ତାଙ୍କ ପାଖରେ କୌଣସି ଟଙ୍କାପଇସା ନାହିଁ ଜାଣି ହୋଟେଲ ମାଲିକଙ୍କର ଜଣେ ଯୁବକ-ପୁତ୍ର ତାଙ୍କୁ ଇଂରାଜୀରେ ଏହି ମର୍ମରେ କହିଲେ, 'ସାମନାରେ ଜଣେ ଧନୀ ବ୍ୟକ୍ତିଙ୍କର ଘର, ସିଏ ସାଧୁ-ସନ୍ନ୍ୟାସୀଙ୍କୁ ଭିକ୍ଷା ଦିଅନ୍ତି ।' ...ଏଇ ଅବେଳାରେ ଉକ୍ତ ବ୍ୟକ୍ତି ଜଣଙ୍କ ଛାତ ଉପରୁ ତାଙ୍କୁ ଦେଖି ଚାକର ହାତରେ ଦୁଇ ଅଣା ପଠାଇଦେଲେ । ସେତେବେଳେ ହୋଟେଲରେ ସାଧାରଣ ଖାଇବା ତିନି ଅଣା । ତେଣୁ ସେମିତି ଅଭୁକ୍ତ ଅବସ୍ଥାରେ ସେ ହୋଟେଲକୁ ଫେରିଆସି ବେଞ୍ଚରେ ବସି ପଡ଼ିଲେ । ଉପରୋକ୍ତ ଯୁବକଟି ଯୋଗାନନ୍ଦଙ୍କୁ ସେପରି ଅବସ୍ଥାରେ ଦେଖି ତାଙ୍କୁ ସାମାନ୍ୟ କିଛି ଭାତ, ତରକାରି ଦେଲେ । ସେଥିରେ ତାଙ୍କର ପେଟ ପୂରିଲା ନାହିଁ ସତ, କିନ୍ତୁ କିଛି କ୍ଷଣ ପାଇଁ କ୍ଷୁଧା ନିବୃତ୍ତି ହେବାରୁ ତୃପ୍ତି ବୋଧ ହେଲା ।

ସନ୍ଧ୍ୟା ପୂର୍ବରୁ ପଣ୍ଡିଚେରୀ ବଜାରକୁ ଭିକ୍ଷା କରିବାକୁ ବାହାରି ଗଲେ । ସେତେବେଳେ ବଜାରରେ ଅନେକ ବଡ଼ ବଡ଼ ଦୋକାନ ଥିଲା । ପ୍ରାୟ ଘଣ୍ଟାଏରୁ ଊର୍ଦ୍ଧ୍ୱ ସମୟ ବଜାରରେ ବୁଲି ବୁଲି ମାତ୍ର ଦୁଇ ପଇସା ପାଇଲେ । ପଣ୍ଡିଚେରୀରେ ଗୈରିକ ବସ୍ତ୍ରଧାରୀ ସାଧୁ-ସନ୍ନ୍ୟାସୀଙ୍କର ଚଳପ୍ରଚଳ ସେତେବେଳେ ଖୁବ୍ କମ୍ ଥିଲା, ଆଉ ଗୃହସ୍ଥମାନେ ସେମାନଙ୍କୁ ଘରେ ପୂରାଇବାକୁ ଏକେବାରେ ନାରାଜ । ତା' ସାଙ୍ଗକୁ ପ୍ରଥମ ଅସୁବିଧା ଭାଷାର ।

ସେ ଯାହା ହେଉ ଯୋଗାନନ୍ଦ ବଜାରରୁ ଭିକ୍ଷା ପାଇଥିବା ଦୁଇ ପଇସାରେ କାଗଜ ଓ ପେନ୍‌ସିଲଟିଏ (ପଇସାକରେ କାଗଜ, ଅନ୍ୟ ପଇସାଟିରେ ପେନ୍‌ସିଲ) କିଣି ରାତିରେ ଅମ୍‌ନିବାସମ୍‌କୁ ଫେରି ଆସିଲେ । ବାରଣ୍ଡାରେ ଆସନ ବିଛାଇ ଶୋଇ ପଡ଼ିଲେ । ଅଗଷ୍ଟ ୧୧ ତାରିଖ ତାଙ୍କର ଏହି ଭାବରେ କଟିଗଲା ।

ଏବେ ଯୋଗାନନ୍ଦଙ୍କ ଉକ୍ତିରୁ : ''ପରଦିନ ୧୨ ଅଗଷ୍ଟ, ଏକାଦଶୀର ଉପବାସ । ଖୁବ୍ ଭୋରରୁ ଉଠି ନିତ୍ୟକର୍ମ ସାରିଲି – ପ୍ରାତଃ ସ୍ନାନ, ଆସନ, ପ୍ରାଣାୟାମ, ଧ୍ୟାନ ଓ ଗୀତାପାଠ କୌଣସି ମତେ ସମାପନ କଲି । ଆଜି ମୋ ଜୀବନର ସର୍ବଶ୍ରେଷ୍ଠ ଘଟଣା, ଶ୍ରୀଅରବିନ୍ଦଙ୍କୁ ପତ୍ର ଲେଖିବି । ଆଜି ଏକାଦଶୀ ଥିବାରୁ ଭିକ୍ଷା କରିବାକୁ ହେବ ନାହିଁ । ଶ୍ରୀଅରବିନ୍ଦଙ୍କୁ ଚିଠି ଲେଖିବାକୁ ବସିଲି । ଗୁରୁଦେବ ବ୍ରହ୍ମଚାରୀ ବାବାଙ୍କ ଶରୀରତ୍ୟାଗ ପରେ ମୋ ଜୀବନର ନାନା ସଙ୍କଟ ବିଷୟରେ କେତେ ଥର ମନେ କରିଛି ଶ୍ରୀଅରବିନ୍ଦଙ୍କୁ ଚିଠି ଲେଖି ସବୁ ଜଣାଇବି, ଆଉ ତାଙ୍କରି ଉପଦେଶକୁ ଅନୁସରଣ କରିବି; କିନ୍ତୁ ଏପର୍ଯ୍ୟନ୍ତ ତାହା ସମ୍ଭବ ହୋଇ ନଥିଲା । ଆଜି ଶ୍ରୀଯୁକ୍ତ ଅନିଲ ବରଣଙ୍କ ନିର୍ଦ୍ଦେଶରେ ତାଙ୍କୁ ପତ୍ର ଲେଖିବାରେ ଉତ୍ସାହ ଓ ସାହସ ପାଇଛି ।

''ଆଜକୁ ପ୍ରାୟ କୋଡ଼ିଏ ବର୍ଷ ପୂର୍ବର କଥା (୧୯୫୧ ମସିହାରେ ଲିଖିତ) । ଜାଣେନି ସେହି ହୋଟେଲର ବାରନ୍ଦାରେ ବସି ଶ୍ରୀଅରବିନ୍ଦଙ୍କୁ ସେଦିନ କ'ଣ ସବୁ ଲେଖିଥିଲି, ତେବେ ଏତିକି ମାତ୍ର ମନେଅଛି ଯେ ପେନ୍‌ସିଲରେ ବଙ୍ଗଳା ଭାଷାରେ ଲମ୍ବା ଚିଠିଟିଏ ସାରାଦିନ ଧରି ଲେଖିଥିଲି । ପ୍ରାୟ ଚାରିଟା ବେଳେ ଆଶ୍ରମକୁ ଯାଇ ଅନିଲ ବରଣଙ୍କ ହାତରେ ଚିଠିଟି ଅର୍ପଣ କଲି । ସେ ଚିଠିଟିକୁ ଗ୍ରହଣ କରି ଟିକିଏ ସ୍ମିତହାସ୍ୟରେ 'କାଲି ସକାଳେ ଆସିବେ' କହି ଉପରକୁ ଉଠିଗଲେ ।

''ମୁଁ ଆଶ୍ରମ ଦ୍ୱାରରୁ ବାହାରି ଅମ୍‌ନିବାସମ୍‌କୁ ଫେରିଲି । କିନ୍ତୁ ରାସ୍ତାରେ ଆସୁ ଆସୁ ମୋତେ ସବୁ ଅନ୍ଧକାର ଦେଖାଗଲା । ପ୍ରାୟ ଦୁଇ, ତିନି ଦିନର ଅର୍ଦ୍ଧାହାର ଓ ଅନାହାର ଯୋଗୁଁ ଶରୀର ଯେ କେତେ ଦୁର୍ବଳ ହୋଇପଡ଼ିଛି ସେକଥା ଶ୍ରୀଅରବିନ୍ଦଙ୍କୁ ଚିଠି ଲେଖିବାର ଝୁଙ୍କ ଭିତରେ ଅନୁଭବ କରି ପାରି ନଥିଲି । ବଜାରର ରାସ୍ତା ଧରି ଧୀରେ ଧୀରେ ଅମ୍‌ନିବାସମ୍‌କୁ ଯାଉଥିବାବେଳେ କୌଣସି ଏକ ବିସ୍କୁଟ ଦୋକାନ ଦେଖି ଖୁବ୍ କ୍ଷୁଧାର୍ତ୍ତ ବୋଲି କହି କିଛି ବିସ୍କୁଟ ମାଗିଲି । ଦୟାପରବଶ ହୋଇ ଦୋକାନୀଟି ଦୁଇ ଖଣ୍ଡ ଛୋଟ ବିସ୍କୁଟ ମୋତେ ଦେଲା । ଅମ୍‌ନିବାସମ୍‌ରେ କୌଣସି ପ୍ରକାରେ ପହଞ୍ଚି ବିସ୍କୁଟ ଦୁଇଟି ଖାଇ ଅଗଣାରେ

ଥିବା କଳ ପାଣି ପେଟଭରି ପିଇଲି । ବାରଣ୍ଡାକୁ ଉଠି ଆସନ ପାତି ଶୋଇ ପଡ଼ିଲି । ଲାଗିଲା ଯେମିତି ଏକ ମସ୍ତବଡ଼ ଦାୟିତ୍ୱ ମଥାରୁ ଓହ୍ଲାଇ ଗଲା । ଭିକ୍ଷା କରିବାର ବା ଖାଇବା ସଂଗ୍ରହ କରିବାର ଚେଷ୍ଟା ବି କଲି ନାହିଁ; ପ୍ରବୃତ୍ତି ବି ହେଲା ନାହିଁ ।

''ପଣ୍ଡିଚେରୀରେ ପହଞ୍ଚି ପ୍ରଥମ ଦୁଇ ଦିନ ଖୁବ୍ କଷ୍ଟ ହୋଇଥିଲା । କିନ୍ତୁ ୧୩ ଅଗଷ୍ଟ ଭୋରରୁ ଆଶ୍ଚର୍ଯ୍ୟ ରୂପେ ସମଗ୍ର ଅବସ୍ଥାଟି ସ୍ୱତଃ ବଦଳିଗଲା । ବଡ଼ିଭୋରରୁ ଉଠି ସ୍ନାନାଦି ନିତ୍ୟକର୍ମ ସମାପନ କରି ଅମ୍ନିବାସମ୍‌ରେ ଥିବା ଶ୍ରୀରାମଙ୍କ ଛବି ସାମନାରେ ବସି ଗୀତାର କେତୋଟି ଅଧ୍ୟାୟ ପାଠ କରିବା ପରେ ଗୀତାପାଠ ସମାପ୍ତ କଲି । ଠିକ୍ ଏଇ ସମୟରେ ମୋର ପଶ୍ଚାତ୍ ଦିଗରୁ ଜନୈକ ଅପରିଚିତ ଭଦ୍ରଲୋକ ମୋତେ ଇଂରାଜୀରେ ପଚାରିଲେ : 'Swami, will you kindly take a cup of coffee ?' ('ସ୍ୱାମିଜି, ଦୟାକରି କପେ କଫି ପିଇବେ କି ?') – ମୁଁ କହିଲି : 'Thank you sir, I am not accustomed in the habit of taking coffee.' ('ମହାଶୟ, ଧନ୍ୟବାଦ, କଫି ପିଇବାର ଅଭ୍ୟାସ ମୋର ନାହିଁ ।') – 'Then please take a cup of milk.' ('ତା'ହେଲେ କପେ ଦୁଧ ପିଅନ୍ତୁ ।') – 'Oh, yes, thank you !' ('ହଁ, ତାହା ପିଇପାରେ, ଧନ୍ୟବାଦ !')

''ମୋର ରହିବା ପାଇଁ ଅନ୍ୟ କୌଣସି ସ୍ଥାନ ନଥିବାରୁ ମୁଁ ହୋଟେଲର ବାରଣ୍ଡାରେହିଁ ରହିଥିଲି । ହୋଟେଲର ଅଗଣାରେ ଥିବା କଳରେ ସ୍ନାନାଦି କରୁଥିଲି । ଭିତରେ ହୋଟେଲର ପୂଜା ଘରେ ଶ୍ରୀରାମଙ୍କ ଛବି ପାଖରେ ବସି ଧ୍ୟାନ, ଜପ, ଗୀତାପାଠ ଇତ୍ୟାଦି କରୁଥିଲି । ଏସବୁ ସମ୍ଭବ ହୋଇଥିଲା ହୋଟେଲ ମାଲିକଙ୍କର ପୂର୍ବୋକ୍ତ ଯୁବକ ପୁତ୍ରଙ୍କର ମୋ ପ୍ରତି ସହାନୁଭୂତିରେ ।

''କଥାଛଳରେ ଏହି ପୁତ୍ର ଜଣଙ୍କ ଉପରୋକ୍ତ ଭଦ୍ରବ୍ୟକ୍ତିଙ୍କୁ ତାଙ୍କ ଭାଷାରେ କହିଲେ ଯେ ମୁଁ ଶ୍ରୀଅରବିନ୍ଦଙ୍କ ଦର୍ଶନ ନିମିତ୍ତ ପଣ୍ଡିଚେରୀକୁ ଆସିଛି । ତା'ପରେ ଦେଖିଲି ଭଦ୍ରବ୍ୟକ୍ତି ଜଣଙ୍କ ପୁତ୍ରକୁ କହିଲେ ମୋତେ କିଛି ଜଳଖିଆ ଓ ଦୁଧ ଦେବାକୁ । ହୋଟେଲରୁ ମୋତେ ଯଥେଷ୍ଟ ଇଟ୍‌ଲି ଓ ପୋଙ୍ଗଲ (ଖେଚୁଡ଼ି) ଓ ଦୁଇ କପ ଦୁଧ ଦିଆଗଲା । ଏତକ ମୋ ସକାଶେ ଥିଲା ଯଥେଷ୍ଟ । ମୁଁ ପ୍ରାୟ ତିନି ଦିନି ଅନାହାରରେ ଥିଲି । ଭଦ୍ରଲୋକ ମୋତେ ସକାଳର ଜଳଖିଆ ସହିତ ମଧ୍ୟାହ୍ନରେ ଖାଇବା ସକାଶେ ମୋ' ହାତରେ ଛ'ଅଣା ପଇସା ଦେଲେ । ହୋଟେଲର ସାଧାରଣ ଖାଇବା ସେତେବେଳେ ତିନି ଅଣାରେ ହିଁ ହୋଇ ଯାଉଥିଲା । ଏହି ସମ୍ପୂର୍ଣ୍ଣ ଅପରିଚିତ ବ୍ୟକ୍ତି ଜଣକ ଏତେ ସକାଳୁ ଅଯାଚିତ ଭାବରେ ମୋତେ ପେଟପୂରା ଖୁଆଇଲେ ଏବଂ ପୁନଶ୍ଚ ଏତେ ପଇସା ମୋ ହାତରେ ଗୁଞ୍ଜି ଦେଇଗଲେ ଯେ ସେଥିରେ ମୋର ଆହୁରି ଦୁଇ ଦିନର ଖାଇବା ଚଳିବ । ସେହି ମୁହୂର୍ତ୍ତରେ ମୁଁ ସର୍ବାନ୍ତଃକରଣରେ ଅନୁଭବ କଲି ଯେ ଏହି ବ୍ୟକ୍ତିଜଣଙ୍କ ଈଶ୍ୱରପ୍ରେରିତ । ଆହୁରି ମଧ୍ୟ ବିଶେଷ ଭାବେ ଲକ୍ଷ୍ୟ କଲି ଯେ ଗତକାଲି ଉପରବେଳା ଶ୍ରୀଅରବିନ୍ଦଙ୍କୁ ଚିଠି ଦେଇ ଆସିଛି; ଆଉ ଆଜି ଅତି ପ୍ରତ୍ୟୁଷରୁହିଁ ମୋର ଏହି ଅବସ୍ଥାର ଅପ୍ରତ୍ୟାଶିତ ପରିବର୍ତ୍ତନ । ତୀବ୍ରଭାବରେ ହୃଦବୋଧ ହେଲା ଯେ ମୋର ଗତକାଲିର ଲମ୍ବା ଚିଠି ଶ୍ରୀଅରବିନ୍ଦଙ୍କ ହାତରେ ପଡ଼ିଛି ନିଶ୍ଚୟ । କିନ୍ତୁ ପଣ୍ଡିଚେରୀରେ ମୋର ରହିବା, ଖାଇବା ଇତ୍ୟାଦି ବାହ୍ୟ କଷ୍ଟ କଥା ତ ମୁଁ ବିନ୍ଦୁ ମାତ୍ର ଚିଠିରେ ଉଲ୍ଲେଖ କରି ନାହିଁ । ମର୍ମେ ମର୍ମେ ବୁଝିଲି ଯେ ଶ୍ରୀମାଶ୍ରୀଅରବିନ୍ଦ ଅନ୍ତର୍ଯାମୀ, ଏମାନଙ୍କ ଦ୍ୱାରାହିଁ ଅନୁପ୍ରେରିତ ହୋଇ ଏହି ଭଦ୍ରଲୋକ ମୋତେ ସର୍ବପ୍ରଥମ ସାହାଯ୍ୟ କରି ଉତ୍ସାହିତ କଲେ । ସ୍ୱତଃ ଅଶ୍ରୁପୂତ ନୟନରେ ମୋର ମସ୍ତକ ନତ ହୋଇ ଆସିଲା, ଦୂରରେ ରହି ସେ ଦୁହିଁଙ୍କୁ ଭୂମିଷ୍ଠ ପ୍ରଣିପାତ କଲି ।

''ମୋ ପ୍ରତି ଅନ୍ତର୍ଯାମୀଙ୍କର ସାହାଯ୍ୟ ସହାନୁଭୂତିର କଥା ଏତିକିରେ ଶେଷ ହୋଇ ନଥିଲା । ହୋଟେଲରେ ଜଳଖିଆ ଖାଇବାର କିଛି ସମୟ ପରେ ପ୍ରାୟ ଆଠଟାରେ ଆଶ୍ରମକୁ ଗଲି । ଉପରୁ ତଳକୁ ଓହ୍ଲାଇ ଆସି ବାରଣ୍ଡାରେ ଶ୍ରୀଯୁକ୍ତ ଅନିଲ ବରଣ ମୋତେ କହିଲେ, 'ଶ୍ରୀଅରବିନ୍ଦ ମୋତେ ଲେଖିଛନ୍ତି ଯେ ୧୪ ଅଗଷ୍ଟରେ ସେ ଆପଣଙ୍କ କଥା ବିଚାର କରିବେ; ଅର୍ଥାତ୍, ଆପଣ ଦର୍ଶନ ପାଇଁ ଅନୁମତି ପାଇବେ କି ନାହିଁ ଜଣାଇବେ ।'– ଏତକ କହି ସେ ଶିଡ଼ି ପାହାଚରେ ଉପରକୁ ଉଠିଯାଉଥିବା ବେଳେ ମୁଁ ସେଇଠି ଛିଡ଼ା ହୋଇ ହୃଦୟଭରା କୃତଜ୍ଞତାରେ ସ୍ୱତଃ କହିଉଠିଲି : 'ଶ୍ରୀଅରବିନ୍ଦ ମୋ ସମ୍ବନ୍ଧରେ ବିଚାର-ବିବେଚନା କରିବେ ! – ଏହାଠୁ ବଳି ମୋ ଜୀବନରେ ଆଉ ଅଧିକ ଆନନ୍ଦ କ'ଣ ଅଛି !!' ହୃଦୟରେ ତୀବ୍ର ଆଶାର ସଞ୍ଚାର ହେଲା ।

''ଆଶ୍ରମରୁ ଫେରି ହୋଟେଲରେ ପହଞ୍ଚି ଦେଖେ ତ ଆହ୍ଲାବାଦରୁ ଜନୈକ ମୌନୀ ବୈଷ୍ଣବ ସାଧୁ ଆସିଛନ୍ତି । ସେ ଶ୍ରୀ ଗୌରାଙ୍ଗ ମହାପ୍ରଭୁଙ୍କର ପରମ ଭକ୍ତ । ସେ କେବଳ ଫଳ ଓ ଦୁଧ ଆହାର କରନ୍ତି । ତାଙ୍କ ସହିତ ଆହୁରି ଦୁଇ ଜଣ

ଭଦ୍ରଲୋକ ମଧ୍ୟ ଅଛନ୍ତି । ସେମାନେ ସମସ୍ତେ ରାମେଶ୍ୱର ଯିବାର କଥା । ଯିବା ରାସ୍ତାରେ ୧୫ ଅଗଷ୍ଟରେ ଶ୍ରୀଅରବିନ୍ଦଙ୍କୁ ଦର୍ଶନ କରିଯିବା ସକାଶେ ଏଠାରେ ଅଟକିଛନ୍ତି । ବୈଷ୍ଣବ ସାଧୁଜଣଙ୍କ ହିନ୍ଦୁସ୍ଥାନୀ ଯୁବକ, ନାମ ପ୍ରଭୁଦତ୍ତ ବ୍ରହ୍ମଚାରୀ । ପ୍ରୟାଗରେ ତାଙ୍କର ଛୋଟ ଆଶ୍ରମ ଅଛି । ସେ ବଙ୍ଗଳା ଭାଷା ଜାଣନ୍ତି । 'ଅମୀୟ ନିମାଇଁ ଚରିତ' ଖୁବ୍ ଭଲ ଭାବରେ ପଢ଼ିଛନ୍ତି । ମୋତେ ଏଠାରେ ପାଇ ତାଙ୍କର ଖୁବ୍ ଆନନ୍ଦ ହୋଇଛି । ସ୍ଲେଟ୍‌ରେ ଏହିସବୁ କଥା ଉଲ୍ଲେଖ କରି ମୋ ସହିତ ଆଳାପ କରିବାକୁ ଲାଗିଲେ । ପ୍ରସଙ୍ଗକ୍ରମେ ମୁଁ ତାଙ୍କୁ କହିଲି ଯେ ବିନାନୁମତିରେ ଶ୍ରୀଅରବିନ୍ଦଙ୍କର ଦର୍ଶନ ମିଳେ ନାହିଁ । ସେଇଠୁଁ ସେ ତିନି ଜଣଙ୍କ ସକାଶେ ଦର୍ଶନ ଅନୁମତି ପ୍ରାର୍ଥନା କରି ଶ୍ରୀଅରବିନ୍ଦଙ୍କୁ ଚିଠିଟିଏ ଲେଖିଲେ ଏବଂ ଉପରବେଳା ଆଶ୍ରମକୁ ଯାଇ ସେଇଟିକୁ ଦେଇ ଆସିଲେ ।

''ସାଧୁଙ୍କ ସହିତ ମୋର ଖୁବ୍ ଘନିଷ୍ଠତା ହୋଇ ଉଠିଲା । ସେ ମୋତେ ହୋଟେଲର ବାରଣ୍ଡାରୁ ସେମାନଙ୍କର ଭଡ଼ା ଘରକୁ ନେଇଗଲେ । ମଧ୍ୟାହ୍ନ ଓ ରାତ୍ରିରେ ସାଧୁଙ୍କର ବିଶେଷ ଅନୁରୋଧରେ ତାଙ୍କ ସହିତ ମୁଁ ମଧ୍ୟ ଫଳ ଓ ଦୁଧ ଖାଇଲି । ତାଙ୍କ ସହିତ ଆସିଥିବା ଭଦ୍ରବ୍ୟକ୍ତି ଦୁଇ ଜଣ ସାଧୁବାବାଙ୍କ ପାଇଁ ପ୍ରଚୁର ଫଳ ଓ ଦୁଧ କିଣି ଆଣିଥିଲେ । ଗତକାଲି ଏକାଦଶୀର ଉପବାସ ଥିଲା । ସେଦିନ ମାତ୍ର ଦୁଇଟି ବିସ୍କୁଟ ଖାଇ ପେଟଭରି ପାଣି ପିଇଥିଲି । ଆଜି କିନ୍ତୁ ଅତି ପ୍ରତ୍ୟୁଷରୁହିଁ ଅପ୍ରତ୍ୟାଶିତ ଭାବରେ ପ୍ରାତଃଭୋଜନ ଏବଂ ଏବେ ଏଇ ପ୍ରଚୁର ଫଳ ଓ ଦୁଧ; ପୁନଶ୍ଚ ସାଧୁବାବାଙ୍କ ସହିତ ସାରାଦିନ ସତ୍‌ପ୍ରସଙ୍ଗ । ମନେ ମନେ ପରମ ପ୍ରଭୁଙ୍କୁ ସ୍ମରଣ କଲି । ଏଇ ଭାବରେ ୧୩ ଅଗଷ୍ଟ ଦିନଟି କଟିଲା ।

''୧୪ ଅଗଷ୍ଟ । ସାଧୁବାବା ସକାଳେ ଆଶ୍ରମକୁ ଯାଇ ଜାଣି ପାରିଲେ ଯେ ସେମାନେ ଦର୍ଶନ ପାଇଁ ଅନୁମତି ପାଇ ନାହାନ୍ତି । ଶ୍ରୀଅରବିନ୍ଦଙ୍କୁ ସେ ଲେଖିଥିବା ଚିଠିର ଗୋଟିଏ କୋଣରେ ସ୍ୱୟଂ ଶ୍ରୀଅରବିନ୍ଦ ଲେଖି ଦେଇଛନ୍ତି 'It was too late.' ('ବେଶ୍ ବିଳମ୍ବ ହୋଇଯାଇଛି ।') । ସେମାନେ ଖୁବ୍ ଦୁଃଖିତ ହୋଇ ସାଢ଼େ ଦଶଟା ଗାଡ଼ିରେ ରାମେଶ୍ୱର ଅଭିମୁଖେ ଯାତ୍ରା କଲେ । ଯିବା ସମୟରେ ସାଧୁବାବା ମୋତେ ଭୋଜନ ସକାଶେ ଆଠ ଅଣା ପଇସା ଦେଇଗଲେ । ଗତ କାଲିର ଛଅ ଅଣା ଖରଚ ହୋଇ ନାହିଁ, ତେଣୁ ଏବେ ମୋ ପାଖରେ ଚଉଦ ଅଣା । ପଇସାତକ ନେଇ ହୋଟେଲ ମାଲିକଙ୍କ ନିକଟରେ ରଖିଦେଲି ।

''ସାଧୁବାବା ହୋଟେଲରୁ ଚାଲିଯିବା ପରେ ତାଙ୍କ ରୁମ୍‌ରୁ ମୁଁ ବି ହେଟେଲର ବାରଣ୍ଡାକୁ ଚାଲି ଆସିଲି । ସେଠାରେ ଆସନ ପାତି ବସି ଭାବୁଛି – ଆଜି ୧୪ ଅଗଷ୍ଟ, ଶ୍ରୀଅରବିନ୍ଦ ମୋ କଥା ବିବେଚନା କରିବେ, ମୋ ପତ୍ରର ଉତ୍ତର ଦେବେ, ମୁଁ କି ଉତ୍ତର ପାଇବି... । ଏମିତି ବସି ଚିନ୍ତା କରୁଥିବା ବେଳେ ଜଣେ ଶ୍ୱେତଶ୍ମଶ୍ରୁ, ଶାନ୍ତ ମୂର୍ତ୍ତି ବ୍ରାହ୍ମଣଙ୍କୁ ଦେଖିଲେ ସ୍ୱତଃ ଶ୍ରଦ୍ଧା ଜାତ ହୁଏ – ମୋ ପାଖକୁ ଆସି ମୋତେ ଟଙ୍କାଟିଏ ଦେଇ କହିଲେ, 'ମୁଁ ଶୁଣିବାକୁ ପାଇଲି ଆପଣ କୁଆଡ଼େ ଶ୍ରୀଅରବିନ୍ଦଙ୍କ ଦର୍ଶନ ଅପେକ୍ଷାରେ ଅଛନ୍ତି ଏବଂ ଆପଣଙ୍କ ପାଖରେ ଟଙ୍କା ପଇସା କିଛି ନଥିବାରୁ ଖୁବ୍ କଷ୍ଟରେ ଅଛନ୍ତି, ଏଇ ଟଙ୍କାଟି ଗ୍ରହଣ କଲେ ମୁଁ ଖୁବ୍ ଖୁସୀ ହେବି ।' ମୁଁ ତାଙ୍କୁ କହିଲି, 'ଆପଣ ଯାହା ଶୁଣିଛନ୍ତି ତା' ପ୍ରକୃତରେ ସତ୍ୟ । ପ୍ରଥମ ଦୁଇ ଦିନ ମୋର ଖାଇବା ପିଇବାରେ ବେଶ୍ କଷ୍ଟ ହୋଇଥିଲା । କିନ୍ତୁ ଗତକାଲି ଓ ଆଜି ଦୁଇ ଦିନ ଧରି ବେଶ୍ ସାହାଯ୍ୟ ଓ ଭିକ୍ଷା ମିଳୁଛି ଏବଂ ଏବେ ସୁଦ୍ଧା ମୋ ପାଖରେ ଚଉଦ ଅଣା ଅଛି । ଏତିକି ମୋ ସକାଶେ ଯଥେଷ୍ଟ । ମୁଁ ଦର୍ଶନ ପାଇଁ ଅନୁମତି ପ୍ରାର୍ଥନା କରି ଶ୍ରୀଅରବିନ୍ଦଙ୍କୁ ପତ୍ର ଲେଖିଛି । ଏବେ ମଧ୍ୟ ଅନୁମତି ପାଇ ନାହିଁ । ଆଜି ଉପରବେଳା ମୋ ଚିଠିର ଉତ୍ତର ପାଇବାର ଆଶା ଅଛି । ସେ ମୋ ସକାଶେ ବିବେଚନା କରିବେ ବୋଲି କହିଛନ୍ତି । ସେଇ ପ୍ରତୀକ୍ଷାରେ ଅଛି ।'...

''ପ୍ରକୃତରେ ମୋର ଆଉ ଟଙ୍କାର ଆବଶ୍ୟକତା ନଥିଲା, କିନ୍ତୁ ଭଦ୍ରଲୋକ ଜଣଙ୍କ ଏପରି ଭାବରେ ଟଙ୍କାଟିକୁ ମୋ ହାତରେ ଗୁଞ୍ଜି ଦେଲେ ଯେ ମୁଁ ଆଉ ତାଙ୍କୁ ନାହିଁ କରି ପାରିଲି ନାହିଁ । ତାଙ୍କ ସହିତ ଆଳାପ କରି ଜାଣିଲି ଯେ ସେ ମଧ୍ୟ ଶ୍ରୀଅରବିନ୍ଦଙ୍କର ଦର୍ଶନାଭିଳାଷୀ । ସେ ତାଙ୍କ ଜନ୍ମସ୍ଥାନରେ ଥାଇ ଶ୍ରୀଅରବିନ୍ଦଙ୍କୁ ପତ୍ର ଲେଖି ଆଗରୁହିଁ ଅନୁମତି ପାଇ ସାରିଛନ୍ତି । ତାଙ୍କର ଘର ଦକ୍ଷିଣ ଭାରତର ପ୍ରାୟ ଶେଷପ୍ରାନ୍ତରେ, ତାମ୍ରପଲ୍ଲୀ ନଦୀ ତୀରରେ ଅବସ୍ଥିତ ତିରୁନେଲ୍‌ଭେଲି ଜିଲ୍ଲାର ବିଖ୍ୟାତ କୁଲ୍ଲଦାକୁରୁଚା ଗ୍ରାମରେ । ଏହି ଗ୍ରାମଟିରେ ପ୍ରାୟ ତିନି ହଜାର ବ୍ରାହ୍ମଣ ବାସ କରନ୍ତି । ଭଦ୍ରବ୍ୟକ୍ତି ଜଣଙ୍କ ସ୍ୱଦେଶୀ ସମୟରୁହିଁ ଶ୍ରୀଅରବିନ୍ଦଙ୍କ ସମ୍ବନ୍ଧରେ ତୀବ୍ର ଭାବରେ ଉତ୍ସାହୀ ।

''ଭଦ୍ରବ୍ୟକ୍ତି ଜଣଙ୍କ ଥିଲେ ଶ୍ରୀଯୁକ୍ତ ଶଙ୍କରରାମ ଆୟାର୍ (ପରବର୍ତ୍ତୀ କାଳରେ ପଣ୍ଡିଚେରୀ ଆଶ୍ରମରେ ମୋର ବିଶେଷ ଶ୍ରଦ୍ଧେୟ ବଂଧୁ ହୋଇ ଉଠିଥିଲେ) । ଆଗାମୀ କାଲି ଶ୍ରୀଅରବିନ୍ଦଙ୍କ ଦର୍ଶନ । ଦିନକ ପୂର୍ବରୁହିଁ ସେ ଆସିଛନ୍ତି ଏବଂ

ଅମ୍‌ନିବାସମ୍‌ର ବ୍ରାହ୍ମଣ ହୋଟେଲରେ ରହୁଛନ୍ତି । କଥାଛଳରେ ତାଙ୍କୁ ପଚାରିଲି ତାଙ୍କ ପାଖରେ ଶ୍ରୀଅରବିନ୍ଦଙ୍କର ଲିଖିତ କୌଣସି ପୁସ୍ତକ ଅଛି କି ? ସେ ମୋତେ ନିଜ ବସାଘରୁ ତିନୋଟି ଛୋଟ ଛୋଟ ବହି ଆଣି ଦେଲେ – 'Uttarapara Speech' (ଉତ୍ତରପଡ଼ା ଅଭିଭାଷଣ) 'Yoga and Its Object' (ଯୋଗ ଓ ତାହାର ଉଦ୍ଦେଶ୍ୟ) ଏବଂ 'The Mother' (ମା) ।

''ଆଜିକୁ ତିନି ଚାରି ଦିନ ହେଲା ଏଠାକୁ ଆସିଛି, ପଢ଼ାପଢ଼ି କରିବାକୁ ଖଣ୍ଡିଏ ବହି ବି ହାତକୁ ଆସି ନଥିଲା । ପୁଣି ଶ୍ରୀଅରବିନ୍ଦ ଓ ତାଙ୍କର ଯୋଗ ଓ ଆଶ୍ରମ ଜୀବନ ସମ୍ପର୍କରେ କିଛି ପଚାରିବାକୁ କୌଣସି ବ୍ୟକ୍ତିଙ୍କ ସଂସ୍ପର୍ଶରେ ଆସି ନଥିଲି । ଆଶ୍ରମକୁ ଗଲେ ଏକମାତ୍ର ଦ୍ୱାର ରକ୍ଷକଙ୍କ ବ୍ୟତୀତ ଆଉ କେହି ପ୍ରାୟ କଥା କୁହନ୍ତି ନାହିଁ । କିନ୍ତୁ ଆଜି ! ଶଙ୍କରରାମଙ୍କ ସହିତ ହିଁ ପ୍ରଥମେ ହୋଟେଲରେ ଶ୍ରୀଅରବିନ୍ଦ ଓ ତାଙ୍କ ଆଶ୍ରମ ସମ୍ପର୍କରେ କଥାବାର୍ତ୍ତା ହେଲା । ତିନୋଟି ବହି ମଧ୍ୟରୁ ସର୍ବପ୍ରଥମେ 'ଉତ୍ତରପଡ଼ା ଅଭିଭାଷଣ' ପଢ଼ି ବିମୋହିତ ହୋଇ ଉଠିଲି । ତା'ପରେ ପଢ଼ିଲି 'ଯୋଗ ଓ ତାହାର ଉଦ୍ଦେଶ୍ୟ' । ପଢ଼ି ବୁଝିଲି ଏହି ଯୋଗ ଆତ୍ମସମର୍ପଣର ଯୋଗ । ମୋର ଗୁରୁଦେବ ବ୍ରହ୍ମଚାରୀ ବାବାଙ୍କର ମଧ୍ୟ ଏହି ଆତ୍ମ-ସମର୍ପଣର ଯୋଗ ଥିଲା । ତା'ପରେ 'ମା' ବହିଟି ପଢ଼ି ଭଲ କରି ବୁଝିପାରିଲି ନାହିଁ । ତେବେ ଏତିକି ବୁଝିଲି ଯେ ଶ୍ରୀଅରବିନ୍ଦ ଶଙ୍କର-ମାୟାବାଦୀ ନୁହଁନ୍ତି । ସେ ପରମେଶ୍ୱର ଓ ପରମେଶ୍ୱରୀ ଆଦ୍ୟାଶକ୍ତିଙ୍କୁ ବିଶ୍ୱାସ କରନ୍ତି । ଏବଂ ଏକଥା ବି ହୃଦୟଙ୍ଗମ କଲି ଯେ ଶ୍ରୀଶ୍ରୀଜଗନ୍ମାତା ଆଦ୍ୟାଶକ୍ତିହିଁ ତାଙ୍କ ଯୋଗର ମୂଳକେନ୍ଦ୍ର । ଅତଏବ ମୋ ପକ୍ଷରେ ଏହି ଯୋଗ ଗ୍ରହଣ କରିବାରେ କୌଣସି ଦ୍ୱିଧାଭାବ ନାହିଁ । ଏବେ ଶ୍ରୀଅରବିନ୍ଦ ଓ ଶ୍ରୀମା ମୋତେ ଗ୍ରହଣ କଲେ ହେଲା ।

''ଶଙ୍କରରାମଙ୍କ ସହିତ ସଦାଳାପ ଓ ସତ୍‌ସଙ୍ଗରେ ଆଜି ଦିନଟିର ବେଶୀ ଭାଗ କଟିଲା । ଶ୍ରୀଅରବିନ୍ଦଙ୍କ ପ୍ରତି ତାଙ୍କର ଗଭୀର ଶ୍ରଦ୍ଧା ଓ ଭକ୍ତି ଦେଖି ଖୁବ୍ ଆନନ୍ଦିତ ହେଲି । ତାଙ୍କୁ ମଧ୍ୟ ମୁଁ ଭଲ ଲାଗିଥିଲି; ସେ କଥାଛଳରେ ମୋତେ କହିଲେ, 'ଆପଣ ଯଦି ଶ୍ରୀଅରବିନ୍ଦ ଆଶ୍ରମ ସଂସ୍ପର୍ଶରେ ବେଶୀ ଦିନ ରହିବାକୁ ଚାହାନ୍ତି, ତେବେ ମୁଁ ଆପଣଙ୍କ ସକାଶେ ଏହି ହୋଟେଲରେ ଏକ ମାସ ରହିବାର ବ୍ୟବସ୍ଥା କରି ଦେବି ।'... ମୋ ପ୍ରତି ଏହିସବୁ ଅଯାଚିତ ଓ ଅପ୍ରତ୍ୟାଶିତ ସାହାଯ୍ୟ ଓ ସହାନୁଭୂତିର ଗୂଢ଼ ଅର୍ଥ ସେତେବେଳେ ମୁଁ ବୁଝି ପାରି ନଥିଲି । କିନ୍ତୁ ପରେ ବୁଝିଲି ଯେ ମୋର ଆସ୍ପୃହାର ତୀବ୍ରତା ପରୀକ୍ଷା କରିବା ସକାଶେ ଶ୍ରୀମା'ଙ୍କର ଶକ୍ତି ମୋତେ କି ଅପୂର୍ବ ଭାବରେ ସାହାଯ୍ୟ କରିଥିଲା । ପ୍ରାରମ୍ଭରେ ଆଶ୍ରମର ଏତେସବୁ କଟକଣା, ବିଧିନିଷେଧ ଓ ଉପେକ୍ଷାର ଭାବ ଦେଖି ଏଠାରେ ଯେ ଆଶ୍ରୟ ପାଇବି ବା ଗୃହୀତ ହେବି ତାହା ବିଶ୍ୱାସରେ ଆଣି ପାରି ନଥିଲି ।

''୧୪ ଅଗଷ୍ଟ ଉପରବେଳା ଦର୍ଶନର ଅନୁମତି ସମ୍ବନ୍ଧେ ଜାଣିବା ପାଇଁ ଅତି ସନ୍ତ୍ରମେ ଶଙ୍କରରାମଙ୍କ ସହିତ ଆଶ୍ରମକୁ ଗଲି । ସେତେବେଳେ ପ୍ରତି ଦର୍ଶନର ପୂର୍ବ ଦିନ ଉପରଓଳି ଅନୁମତିପ୍ରାପ୍ତ ଦର୍ଶନାର୍ଥୀଙ୍କ ନାମର ତାଲିକା ଆଶ୍ରମ ଦରଜାର ବାରଣ୍ଡାରେ ଥିବା ନୋଟିସ ବୋର୍ଡ଼ରେ ଗୋଟିଏ ଟାଇପ୍ କପି ଟଙ୍ଗା ହୋଇଥାଏ ଏବଂ ଦର୍ଶନ ସମୟରେ ଶ୍ରୀଅରବିନ୍ଦଙ୍କ ହସ୍ତରେ ସେହି ସମାନ କପିଟିଏ ଥାଏ । ଶଙ୍କରରାମ ନାମ-ତାଲିକା ଦେଖିବାକୁ ଭିତରକୁ ପ୍ରବେଶ କଲେ – ତାଙ୍କର କ୍ରମିକ ନମ୍ବର ଓ ସମୟ ଜାଣିବାକୁ । ମୁଁ ଶ୍ରୀଯୁକ୍ତ ଅନିଲ ବରଣଙ୍କ ସହିତ ସାକ୍ଷାତ୍ କରିବାକୁ ଭିତରକୁ ପ୍ରବେଶ କଲି ମୋର ଭାଗ୍ୟଲିପିରେ କ'ଣ ଅଛି ଜାଣିବାକୁ । ସେତେବେଳ ପର୍ଯ୍ୟନ୍ତ ମୁଁ ବାରଣ୍ଡାକୁ ଉଠି ନାହିଁ । ଶଙ୍କରରାମ ନାମ-ତାଲିକାରେ ମୋର ନାମ ଦେଖି ଅତ୍ୟନ୍ତ ଆନନ୍ଦର ସହିତ ଶୁଭ ସମ୍ବାଦ ଦେଲେ, 'ଆପଣଙ୍କ ନାମ ତାଲିକାରେ ରହିଛି ।' ଠିକ୍ ସେହି ମୁହୂର୍ତ୍ତରେ ଶ୍ରୀଯୁକ୍ତ ଅନିଲବରଣ ତଳକୁ ଓହ୍ଲାଇ ଆସିବା ମାତ୍ରେ ମୁଁ ବାରଣ୍ଡାକୁ ଉଠିଗଲି । ସେ ମୋତେ ଅତ୍ୟନ୍ତ ଖୁସୀରେ କହିଲେ, 'ଆପଣ ଦର୍ଶନର ଅନୁମତି ପାଇଛନ୍ତି । ଆସନ୍ତା କାଲି ସକାଳ ସାଢ଼େ ସାତଟା ସମୟରେ ଦର୍ଶନ ଆରମ୍ଭ ହେବ । ତେଣୁ ଆପଣ ସାଢ଼େ ଛ'ଟାରେ ଆସି ଯେମିତି ଆଶ୍ରମରେ ପହଞ୍ଚି ଯାଇଥିବେ ।''

(କ୍ରମଶଃ)

ସଂକଳନ ଓ ଭାଷାନ୍ତର : ଗୋପାଳଚନ୍ଦ୍ର ମାହାନା ❑

ତୁମେ ଯଦି ହତାଶା ମଧ୍ୟକୁ ଖସିଯାଅ, ତେବେ ସମସ୍ତ ଶକ୍ତିର ଉତ୍ସରୁ ବିଚ୍ଛିନ୍ନ ହୋଇଯିବ ।

– ଶ୍ରୀମା

# ପ୍ରେମ ସମ୍ପର୍କରେ

## (୨)

## କୁମାର ଚନ୍ଦ୍ର ମିଶ୍ର

ପରମ ଦିବ୍ୟସତ୍ତା ଯେତେବେଳେ ନିଶ୍ଚେତନ ଜଡ଼କୁ ଜାଗ୍ରତ୍ କରିବା ଲାଗି ତଥା ତାହାର ନିଦ୍ରାଭଙ୍ଗ କରାଇ ପରମେଶ୍ୱରଙ୍କ ନିକଟକୁ ଉତ୍ଥିତ କରିନେବା ପାଇଁ ଇଚ୍ଛା କଲେ ସେତେବେଳେ ସେ ପ୍ରେମ ରୂପରେ ଆପଣାକୁ ଜଡ଼ ମଧ୍ୟରେ ନିକ୍ଷିପ୍ତ କଲେ । ସେହି ନିକ୍ଷିପ୍ତ ପ୍ରେମ-ଶକ୍ତିହିଁ ନ୍ୟୂନାଧିକ ବିଭିନ୍ନ ବିକୃତ ରୂପରେ ପାର୍ଥିବ ଜଗତରେ ପ୍ରକାଶିତ ହୋଇ ଚାଲିଛି । ଏ ସମ୍ପର୍କରେ ଜନସାଧାରଣ ସଚେତନ ନୁହନ୍ତି । କାରଣ ଦିବ୍ୟପ୍ରେମକୁ ଚିହ୍ନିବାକୁ ହେଲେ ଅନ୍ୟ ସକଳ ପ୍ରକାର ପ୍ରେମ – (ଯଥା ବାତ୍ସଲ୍ୟ ପ୍ରେମ, ଦାମ୍ପତ୍ୟ ପ୍ରେମ, ଦେଶ ପ୍ରେମ ଇତ୍ୟାଦି)ର ଊର୍ଦ୍ଧ୍ୱକୁ ଉନ୍ନୀତ ହେବା ଆବଶ୍ୟକ ।

ପ୍ରେମ ହେଉଛି ନିର୍ଭୁଲ ଆରୋଗ୍ୟଦାତା, ଶାନ୍ତ୍ୱନାଦାତା ଓ ସାର୍ବଭୌମ ଶିକ୍ଷକ । କେବଳ ପ୍ରେମହିଁ ଜୀବନର ଦୁରପନେୟ ଦୁଃଖ-ଦୁର୍ଦ୍ଦଶାଗୁଡ଼ିକୁ ସହ୍ୟ କରିବା ଓ ଅତିକ୍ରମ କରିବା ସମ୍ଭବ କରିଥାଏ । ପ୍ରେମ ହେଉଛି ଆନନ୍ଦର ଏକ ସନ୍ତାନ ଓ ସନ୍ଧାନୀ । ଏହା ମିଳନ ପାଇଁ ଓ ଐକ୍ୟ ପାଇଁ ଏକ ଅନ୍ୱେଷଣ । ପ୍ରତ୍ୟେକ ସର୍ଜନାର ଅନ୍ତଃକରଣରେ ଦିବ୍ୟପ୍ରେମହିଁ ବିଦ୍ୟମାନ ।

ଦିବ୍ୟପ୍ରେମ ବିତରଣ କରିବା ଲାଗି ଅବତାର ଗ୍ରହଣ କରିଥିବା ଅଧିକାଂଶ ସତ୍ତାଙ୍କୁ ଜନସାଧାରଣ ସନ୍ଦେହ କରିଥା'ନ୍ତି, ଭୁଲ୍ ବୁଝିଥା'ନ୍ତି ଓ ନିର୍ଯାତନା ଦେଇଥା'ନ୍ତି । ସାବିତ୍ରୀ ମହାକାବ୍ୟରେ କୁହାଯାଇଛି :

"Hard is the world-redeemer's heavy task;
The world itself becomes his adversary, ...
Those he would save are his antagonists :"

(Savitri, p. 448)

''ଜଗତର ତ୍ରାଣକର୍ତ୍ତାଙ୍କର କାର୍ଯ୍ୟ ବିରାଟ ଓ ମହାଦୁଷ୍କର, ଜଗତ୍ ସ୍ୱୟଂ ତାଙ୍କର ଶତ୍ରୁ ହୋଇଉଠେ, ଏବଂ ଯେଉଁ ପ୍ରାଣୀମାନଙ୍କୁ ଉଦ୍ଧାର କରିବା ଲାଗି ସେ ଆସିଛନ୍ତି ସେମାନେ ତାଙ୍କର ବୈରୀ ହୋଇ ଉଠନ୍ତି ।''

ଏ ସଂକ୍ରାନ୍ତରେ ଦିବ୍ୟଜନନୀ ଶ୍ରୀମା ଏକ ଚାଲଡ଼ିଅନ (Chaldean) କିଂମ୍ବଦନ୍ତୀ ଉପସ୍ଥାପନ କରି କହନ୍ତି :

''ଅତି ପ୍ରାଚୀନ କାଳରେ ବର୍ତ୍ତମାନ ଆରବ ଦେଶ ବୋଲି ଅଭିହିତ ହେଉଥିବା ମରୁଭୂମି ଅଞ୍ଚଳରେ ସେହି ରାଜ୍ୟକୁ ସର୍ବୋଚ୍ଚ ପରମପ୍ରେମ ମଧ୍ୟକୁ ଜାଗୃତ କରିନେବା ଉଦ୍ଦେଶ୍ୟରେ ଜଣେ ଦିବ୍ୟସତ୍ତା ଅବତରଣ କରିଥିଲେ । ଯାହା ସାଧାରଣତଃ ପ୍ରତ୍ୟାଶା କରାଯାଇଥାଏ, ତାଙ୍କୁ ଲୋକମାନେ ଅନେକ ନିର୍ଯାତନା ଦେଲେ, ଭୁଲ୍ ବୁଝିଲେ, ସନ୍ଦେହ କଲେ ଏବଂ ତାଙ୍କ ପଛେ ପଛେ ଗୋଡ଼ାଇ ତାଙ୍କୁ ଧରିନେବାକୁ ଚେଷ୍ଟା କଲେ । ଆକ୍ରମଣକାରୀମାନଙ୍କ ଦ୍ୱାରା ପ୍ରାଣାନ୍ତକ ଆଘାତ ପାଇ ସେ ଟିକିଏ ଶାନ୍ତିରେ ମରିପାରିବାକୁ ଇଚ୍ଛା କଲେ, ଯେପରିକି ତାଙ୍କରି କାର୍ଯ୍ୟ ଯଥାର୍ଥରେ ସମ୍ପାଦିତ ହୋଇପାରିବ । କିନ୍ତୁ ତାଙ୍କ ପଛରେ ଶତ୍ରୁମାନେ ଗୋଡ଼ାଉ ଥିବାରୁ ସେ ପଳାୟନ କରିବାକୁ ଆରମ୍ଭ କଲେ । ଏଇ ଭଳି ପଳାୟନ କରୁ କରୁ ହଠାତ୍ ଏକ ପ୍ରଶସ୍ତ ଉଦ୍ଭିଦହୀନ ସମତଳ ଭୂମିରେ, ଏକ ଛୋଟ ଡାଳିମ୍ବ ଗଛଟିଏ ତାଙ୍କର ଦୃଷ୍ଟିପଥାରୂଢ଼ ହେଲା । ଶାନ୍ତିରେ ଶରୀରତ୍ୟାଗ କରିବା ଉଦ୍ଦେଶ୍ୟରେ ସେହି ମହାପୁରୁଷ ତଳକୁ ଓହଳିଥିବା ସେହି ଗଛର ଡାଳଗୁଡ଼ିକର ଅନ୍ତରାଳରେ ଯାଇ ଲୁଚିଗଲେ ଏବଂ ତତ୍କ୍ଷଣାତ୍ ସତେଅବା କୌଣସି କୁହୁକ କାର୍ଯ୍ୟ କରୁଥିବା ପରି ଗଛଟି ବିସ୍ତାରିତ ହେବାକୁ ଆରମ୍ଭ କଲା । ତାହାର ଆକାରରେ ବୃଦ୍ଧି ଘଟିଲା, ତାହା ଅଧିକ ପ୍ରଶସ୍ତ ହେଲା, ଏପରି ଅଧିକ ଘଞ୍ଚ ଓ ଗହଳିଆ ହୋଇଗଲା ଯେ ଯେତେବେଳେ ଅନୁଧାବନକାରୀମାନେ ସେହି ବାଟରେ ଚାଲିଗଲେ, ସେମାନେ ଏତେ ଟିକିଏ ବି ସନ୍ଦେହ କରିପାରିଲେ ନାହିଁ ଯେ ସେମାନେ ଯାହା ପଛରେ ଗୋଡ଼ାଉ ଥିଲେ ସେ ପ୍ରକୃତରେ ସେହି ଗଛରେହିଁ ଲୁଚି ରହିଥିଲେ ଏବଂ ସେମାନେ ସେଠାରେ ନ ଅଟକି ଆହୁରି ଆଗକୁ ଚାଲିଗଲେ । (ମାତୃରଚନାବଳୀ, ଭାଗ - ୩, ପୃ. ୧୫୩, ୧୯୫୫ ମସିହାରେ କାଳୀପୂଜା ଅବସରରେ ଶ୍ରୀମାଙ୍କ ଦ୍ୱାରା ପ୍ରଦତ୍ତ ସନ୍ଦେଶ ।)

''ତା'ପରେ ତାଙ୍କ ଦେହରୁ ବିନ୍ଦୁ ବିନ୍ଦୁ ହୋଇ ପବିତ୍ର ରକ୍ତ ଭୂ-ତଳରେ ପଡ଼ିବାକୁ ଲାଗିଲା, ମାଟିକୁ ଉର୍ବର କଲା, ଡାଳିମ୍ବ ଗଛଟି କେଡ଼େ ସୁନ୍ଦର ଫୁଲରେ ଲଦି ହୋଇଗଲା, ରକ୍ତ

ବିନ୍ଦୁଗୁଡ଼ିକ ଥୋକା ଥୋକା ପାଖୁଡ଼ାରେ ପରିଣତ ହୋଇଗଲା... ଏହି ଫୁଲଗୁଡ଼ିକହିଁ ଆମ ଲାଗି ଦିବ୍ୟପ୍ରେମକୁ ବ୍ୟକ୍ତ କରି ଆଣନ୍ତି । ଆମଲାଗି ସେହିଁ ପ୍ରେମକୁ ଧାରଣ କରି ରହିଥା'ନ୍ତି ।''

(14th Nov. 1955) (CWM - 14, p. 117)

ଦିବ୍ୟଜନନୀ ଶ୍ରୀମା ପୁଷ୍ପମାନଙ୍କର ଆଧ୍ୟାତ୍ମିକ ନାମକରଣ କରିଯାଇଛନ୍ତି । ଶ୍ରୀମାଙ୍କ କହିବା ଅନୁଯାୟୀ ଡାଳିମ୍ବ ଫୁଲର ଆଧ୍ୟାତ୍ମିକ ତାତ୍ପର୍ଯ୍ୟ ହେଲା 'ଦିବ୍ୟପ୍ରେମ' ।

**ଦିବ୍ୟପ୍ରେମର ସ୍ୱରୂପ ଓ ଗୁଣଧର୍ମ** : ଦିବ୍ୟପ୍ରେମ ଏକ ଶାଶ୍ୱତ ସତ୍ୟ । ଏହା ସୃଷ୍ଟିର ହୃଦୟ ଓ ସର୍ବତ୍ର ବିଦ୍ୟମାନ । ଏହାହିଁ ସର୍ବୋଚ୍ଚ ଆକର୍ଷଣ-ଶକ୍ତି ହୋଇ ରହିଛି – ଏପରିକି ଅଣୁପରମାଣୁମାନଙ୍କ ମଧ୍ୟରେ ବି । ପ୍ରକୃତ ପ୍ରେମ ହେଉଛି ଗୋଟିଏ, ତାହା ହେଉଛି ଦିବ୍ୟପ୍ରେମ । ଅନ୍ୟ ଯାବତୀୟ ପ୍ରେମ ଏହାର ଗୋଟିଏ ଗୋଟିଏ କ୍ଷୁଦ୍ର, ସୀମାବଦ୍ଧ, ବିକୃତ ସଂସ୍କରଣ ମାତ୍ର । ସ୍ନେହ, ଶୁଭେଚ୍ଛା, ସୌହାର୍ଦ୍ଦ୍ୟ, ସୌଜନ୍ୟ, ପ୍ରୀତି, ବନ୍ଧୁତ୍ୱ, ଆଦର, ଭଲପାଇବା ଇତ୍ୟାଦି ପଦ ଯେଉଁ ଅର୍ଥ ଜ୍ଞାପନ କରେ 'ଦିବ୍ୟପ୍ରେମ'ର ଅର୍ଥ ଏସବୁ ତୁଳନାରେ ଅନେକ ଗୁଣରେ ମହାନ୍, ଗଭୀର, ବ୍ୟାପକ ଓ ପ୍ରଖର । ଦିବ୍ୟପ୍ରେମର ଅସୀମ, ଅନନ୍ତ ସାଗରର ଗୋଟିଏ କ୍ଷୁଦ୍ର ତରଙ୍ଗ ସଂସ୍ପର୍ଶରେ ଆସିଲେ ମଣିଷର ମନ, ପ୍ରାଣ, ଶରୀର ଉଲ୍ଲସିତ ହୁଏ, ରୂପାନ୍ତରିତ ହୋଇଯାଏ । ଶାନ୍ତି, ସମତା, ଆନନ୍ଦ ଓ ସମଞ୍ଜସତାରେ ତା'ର ଆଧାର ଭରିଯାଏ ।

ଦିବ୍ୟପ୍ରେମ ହେଲା ପରମ ସତ୍ୟର ସାରତତ୍ତ୍ୱ ଓ ମଣିଷସୁଲଭ ବିଭ୍ରାନ୍ତି ଦ୍ୱାରା ତାହା ପ୍ରଭାବିତ ହୋଇପାରେ ନାହିଁ । ଏଥିରେ ଛଳନା, କପଟ, ଅଭିନୟ, ପ୍ରବଞ୍ଚନା, ପ୍ରତାରଣା, ପ୍ରତ୍ୟାଶା, ଆତ୍ମ-ପ୍ରୀତି, ଅସ୍ଥିରତା, ଉତ୍ତେଜନା ଇତ୍ୟାଦିର ସ୍ଥାନ ନଥାଏ । ପୂର୍ଣ୍ଣ ଆତ୍ମ-ଦାନ ଓ ଆତ୍ମ-ବିସ୍ମୃତିହିଁ ଦିବ୍ୟପ୍ରେମର ସ୍ୱାଭାବିକ ପରିଣାମ । କେବଳ ଦିବ୍ୟପ୍ରେମରେହିଁ ଆମେ ସର୍ବଦା ଯାବତୀୟ ସାହାଯ୍ୟ, ସମର୍ଥନ ଓ ସାନ୍ତ୍ୱନା ପାଇଥାଉ । ଯେତେବେଳେ ଜଣେ ଦିବ୍ୟପ୍ରେମର ପରିଚୟ ପାଇଯାଏ ସେତେବେଳେ ସେ ସକଳ ସତ୍ତା ମଧ୍ୟରେ ଦିବ୍ୟସତ୍ତାଙ୍କୁ ଆବିଷ୍କାର କରେ । ତା' ପାଇଁ ଆଉ କୌଣସି ବିଭାଜନ ରହେ ନାହିଁ – 'ନିଜ' ଓ 'ପର' ଭାବ ରହେ ନାହିଁ । ସେ ଅନ୍ୟକୁ ଆତ୍ମବତ୍ ଭଲପାଏ । ଚେତନାର ଉର୍ଦ୍ଧ୍ୱାୟନ ଓ ଆନନ୍ଦର ଉତ୍କର୍ଷ ପାଇଁ ଦିବ୍ୟପ୍ରେମ ହେଲା ଚାବିକାଠି । ଦିବ୍ୟପ୍ରେମ ଅମରତ୍ୱକୁ ବହନ କରି ନେଇ ଆସେ ।

ନାରଦ ଭକ୍ତିସୂତ୍ରର ଦ୍ୱିତୀୟ ଶ୍ଳୋକରେ କୁହାଯାଇଛି :

''ସା ତ୍ୱସ୍ମିନ୍ ପରମ ପ୍ରେମ ରୂପା'' ॥୨॥

ଭଗବାନଙ୍କ ପ୍ରତି ଉଦ୍ଦିଷ୍ଟ **ପରମ** ପ୍ରେମକୁ 'ଭକ୍ତି' ରୂପେ ଅଭିହିତ କରାଯାଏ । ଏହାକୁ ପରମ ପ୍ରେମ (Supreme love) ବୋଲି କାହିଁକି କୁହାଗଲା ? କାରଣ ଗୁଣବତ୍ତା ଓ ବ୍ୟାପକତା (quality & quantity) ଦୃଷ୍ଟିରୁ ଏହା ସର୍ବୋତ୍କୃଷ୍ଟ ଓ ଶ୍ରେଷ୍ଠ । ଏହି ପ୍ରେମରେ 'ମୁଁ' ଓ 'ମୋର' ଭାବ ଆଦୌ ନଥାଏ । ସନ୍ତାନଟି ଆପଣାର ବୋଲି ମା ନିଜ ସନ୍ତାନଟିକୁ ପ୍ରେମ କରିଥାଏ । ଏହାକୁ ଆମେ ବାତ୍ସଲ୍ୟପ୍ରେମ କହୁ । କିନ୍ତୁ ଦିବ୍ୟପ୍ରେମରେ ଭଗବାନ୍ ଯେ ଏକାନ୍ତ ଭାବେ ଆପଣାର ନୁହଁନ୍ତି, ସେ ସମସ୍ତଙ୍କର, ସମଗ୍ର ବିଶ୍ୱର – ଏହି ଭାବନା ଅବଚେତନ ସ୍ତରରେ ସଜାଗ ହୋଇ ରହିଥାଏ । ଭକ୍ତିମାର୍ଗ ସହ ପରିଚିତ ନଥିବା ସାଧାରଣ ବ୍ୟକ୍ତିଟିଏ ମଧ୍ୟ ଭଗବାନଙ୍କୁ ଭଲ ପାଇପାରେ । ତେବେ ଭଗବାନ୍ ଯେ ଏ ପାର୍ଥିବ ଜଗତରୁ ଭିନ୍ନ ଓ ଅସାଧାରଣ ଶକ୍ତି ଓ ଗୁଣସମ୍ପନ୍ନ ଏକ ସତ୍ତା – ଏପରି ସଚେତନତା ତା ମନରେ ବସାବାନ୍ଧି ରହିଥାଏ । ତେଣୁ ଭଗବାନଙ୍କ ପ୍ରତି ଉଦ୍ଦିଷ୍ଟ ପ୍ରେମ ଗୁଣବତ୍ତା ଓ ବ୍ୟାପକତା ଦୃଷ୍ଟିରୁ ଅନନ୍ୟ ।

ଦିବ୍ୟଜ୍ଞାନ ଓ ଦିବ୍ୟପ୍ରେମ ମଧ୍ୟରେ କାହାକୁ ଉତ୍କୃଷ୍ଟତର କୁହାଯିବ ? ଶ୍ରୀରାମକୃଷ୍ଣ ପରମହଂସ ଏ ସଂକ୍ରାନ୍ତରେ ଗୋଟିଏ ଉଦାହରଣ ଦେଇ ବୁଝାଇଛନ୍ତି । ଏକଦା ଗୋଟିଏ ଦମ୍ପତି ଏକତ୍ର ଜଣେ ଆତ୍ମୀୟଙ୍କ ଘରକୁ ସୌଜନ୍ୟମୂଳକ ସାକ୍ଷାତ୍ କରିବା ଲାଗି ଯାଇଥିଲେ । ସେମାନେ ବନ୍ଧୁ ଓ ବନ୍ଧୁପତ୍ନୀ ଉଭୟଙ୍କୁ ସାଦର ସ୍ୱାଗତ ଜଣାଇଲେ ସତ, କିନ୍ତୁ ସ୍ୱାମୀ ବୈଠକଖାନାରେ ବସି ଚାହାପାନ କରି ବନ୍ଧୁଙ୍କ ସହ ଦେଶ ବିଦେଶର ଖବର ଓ ରାଜନୀତି ସମ୍ପର୍କରେ ଆଲୋଚନା କରୁଥିବା ଅବସରରେ ପତ୍ନୀଜଣକ ବାନ୍ଧବୀଙ୍କ ସହ ଶୟନ କକ୍ଷ ଅତିକ୍ରମ କରି ରୋଷେଇ ଘରେ ଯାଇ ପହଞ୍ଚି ଯାଇଥିଲେ । ଅନୁରୂପ ଭାବେ ଜ୍ଞାନର ପହଞ୍ଚ ବୈଠକଖାନା ଯାଏ, କିନ୍ତୁ ଭକ୍ତି ନେଇଯାଇପାରେ ରୋଷେଇ ଘର ଯାଏ । ଜ୍ଞାନ ଅସୀମ ସାଗରର ତୀରଯାଏ ବାଟ କଢ଼େଇ ନେଇଯାଇପାରେ । କିନ୍ତୁ ଭକ୍ତିହିଁ ସେହି ଅସୀମ ସାଗରରେ ଅବଗାହନ କରି ତା'ର ଗଭୀର ପ୍ରଦେଶରେ ଲୁକ୍କାୟିତ ରତ୍ନଗୁଡ଼ିକୁ ଆହରଣ କରିବାରେ ସାହାଯ୍ୟ କରିଥାଏ । ଜ୍ଞାନ ଓ ଭକ୍ତି – ଉଭୟର ଆବଶ୍ୟକତା ରହିଛି । କୁହାଯାଏ ଜ୍ଞାନ ବିନା ଭକ୍ତି ଅନ୍ଧ ଓ ଭକ୍ତି ବିନା ଜ୍ଞାନ ପଙ୍ଗୁ । ଉଭୟେ

ଏକତ୍ରିତ ହେଲେ ଆଧ୍ୟାତ୍ମିକ ପଥର ଯାତ୍ରା ସୁଗମ ହୁଏ । ତେବେ ଭକ୍ତି ବା ଦିବ୍ୟପ୍ରେମ କଷ୍ଟସାଧ୍ୟ ତପସ୍ୟା ଅପେକ୍ଷା ଶୀଘ୍ରତର ଭଗବାନଙ୍କ ନିକଟକୁ ଆଗେଇ ନିଏ । ଯିଏ ପ୍ରେମ କରେ ନାହିଁ, ସେ କେବଳ ଜ୍ଞାନ ସାହାଯ୍ୟରେ ମନ୍ଦିରର ମୁଖଶାଳା ବା ପ୍ରବେଶଦ୍ୱାର ଯାଏ ଆସିପାରେ, କିନ୍ତୁ ଯିଏ ପ୍ରେମ କରେ ସେ ମନ୍ଦିରର ଗର୍ଭଗୃହରେ ଉପନୀତ ହୁଏ ।

ଦିବ୍ୟପ୍ରେମ ସଂସାରକୁ ଏକତ୍ରିତ କରେ, ଆଲୋକିତ କରେ, ଆନନ୍ଦମୁଖର କରେ । ଏହା ଶାଶ୍ୱତ, ଅନନ୍ତ, ଚିରନ୍ତନ, ଇନ୍ଦ୍ରିୟାତୀତ ବା ଦେହାତୀତ । ସୃଷ୍ଟିର ଦୁଇ ଦିଗନ୍ତ ମଧ୍ୟରେ ଯାହାକିଛି ରହିଛି ସେସବୁ ମଧ୍ୟରୁ କାଣିଚାଏ ଦିବ୍ୟପ୍ରେମ ସର୍ବାଧିକ କାମ୍ୟ । ଦିବ୍ୟ ଜନନୀ ଶ୍ରୀମା କହନ୍ତି : ଦିବ୍ୟପ୍ରେମ ହେଉଛି ପରମ ବିଜୟୀ ।

ଦିବ୍ୟପ୍ରେମ ସବୁକିଛିର ସମ୍ମୁଖୀନ ହୋଇପାରେ, ସବୁକିଛିକୁ ଅତିକ୍ରମ କରିପାରେ, ସବୁକିଛିକୁ ପରାହତ କରିପାରେ – ଏପରିକି ମୃତ୍ୟୁକୁ ମଧ୍ୟ । କାରଣ ଦିବ୍ୟପ୍ରେମହିଁ ମୃତ୍ୟୁତୁଲ୍ୟ ଶକ୍ତିଶାଳୀ ଓ ମୃତ୍ୟୁର ସମସ୍କନ୍ଧ ହୋଇପାରେ । ଏହାହିଁ ବିଶ୍ୱପ୍ରକୃତିର ଯାବତୀୟ ବିଧାନକୁ ରୂପାନ୍ତରିତ କରିପାରେ । ଭୀରୁ ଓ ଦୁର୍ବଳକୁ ବୀର ଓ ସବଳ କରି ଦେଇପାରେ । ଦିବ୍ୟପ୍ରେମର ଅବିଚଳିତ କ୍ରିୟାକୁ କେହି ପ୍ରତିରୋଧ କରିପାରେ ନାହିଁ । ତାହା ସକଳ ପ୍ରତିରୋଧକୁ ବିଗଳିତ କରିଦିଏ ଏବଂ ସକଳ ବାଧା ଉପରେ ବିଜୟ ହାସଲ କରିପାରେ । ରୂପାନ୍ତର ଲାଗି ଦିବ୍ୟପ୍ରେମରହିଁ ପ୍ରତ୍ୟକ୍ଷ ସାମର୍ଥ୍ୟ ରହିଛି ଓ ତାହାହିଁ ଯାବତୀୟ ପାର୍ଥିବ ଯନ୍ତ୍ରଣାର ପରିସମାପ୍ତି କରିପାରେ । ଏହା ସକଳ ବାତାୟନ ଉନ୍ମୁକ୍ତ କରେ ଓ ସକଳ ସୀମା ଭେଦ କରିପାରେ ।

ଦିବ୍ୟପ୍ରେମ ଚରିତାର୍ଥ ହେଲେ ଜ୍ଞାନକୁ ବାଦ୍ ଦିଆଯାଇ ନଥାଏ, ବରଂ ତାହା ସ୍ୱୟଂ ଜ୍ଞାନକୁ ଉଦ୍ରେକ କରିଆଣେ । ଯାବତୀୟ ଆତ୍ମୋତ୍ସର୍ଗ ଓ ବୀରତ୍ୱ ପ୍ରଦର୍ଶନର ପଶ୍ଚାତ୍‌ରେ ପ୍ରେମର ଭୂମିକା ଅନସ୍ୱୀକାର୍ଯ୍ୟ । ଜଣେ ଯେତେବେଳେ ଦେଶପ୍ରେମରେ ଉଦ୍‌ବୁଦ୍ଧ ସେତେବେଳେ ସେ ଦେଶର ସୁରକ୍ଷା ନିମିତ୍ତ ପ୍ରାଣବଳି ଦେଇଥାଏ କିଂବା ଯାବତୀୟ କ୍ଳେଶ ଓ ନିର୍ଯାତନାକୁ ସ୍ୱେଚ୍ଛାରେ ବରଣ କରି ନେଇଥାଏ । ଜଣେ ଯେତେବେଳେ ନିଜ ସନ୍ତାନସନ୍ତତିମାନଙ୍କୁ ଭଲ ପାଉଥାଏ, ସେମାନଙ୍କ ଅଗ୍ରଗତି ପାଇଁ ନିଜର ସମସ୍ତ ଶକ୍ତି, ସାମର୍ଥ୍ୟ ଓ ସମୟ ବିନିଯୋଗ କରିଦେବାରେ ପଶ୍ଚାଦ୍‌ପଦ ହୁଏ ନାହିଁ । ଜଣେ ମା ବାତ୍ସଲ୍ୟ ପ୍ରେମ ଯୋଗୁଁ ନିଜ ସନ୍ତାନର ସୁରକ୍ଷା ପାଇଁ ପ୍ରାଣ ବିସର୍ଜନ କରିବା ଲାଗି ଆଗେଇ ଆସିଥାଏ । ପ୍ରେମ ପର୍ଯ୍ୟବେଶିତ ହୁଏ ପୂର୍ଣ୍ଣ ଆତ୍ମ-ଦାନରେ, ଆତ୍ମ-ଦାନ ପର୍ଯ୍ୟବେଶିତ ହୁଏ ଅକୁଣ୍ଠ ସେବାରେ ।

ପ୍ରକୃତ ପ୍ରେମ – ଯାହା ଆମକୁ ପୂର୍ଣ୍ଣତା ପ୍ରଦାନ କରେ, ଉଦ୍ଭାସିତ କରେ, ତାହା ଆମେହିଁ ଅନ୍ୟମାନଙ୍କୁ ଦେଇଥାଉ । ଏ ସଂକ୍ରାନ୍ତରେ ବୃହଦାରଣ୍ୟକ ଉପନିଷଦ୍‌ରେ ବର୍ଣ୍ଣିତ ଯାଜ୍ଞ-ବଲ୍‌କ୍ୟ-ମୈତ୍ରେୟୀ ସମ୍ବାଦଟି ପ୍ରଣିଧାନଯୋଗ୍ୟ । ବୈଦିକ ଯୁଗରେ ମଣିଷର ଜୀବଦ୍ଦଶାକୁ ଚାରୋଟି ପର୍ଯ୍ୟାୟରେ ବିଭକ୍ତ କରାଯାଇଥିଲା, – ଯଥା : ବ୍ରହ୍ମଚର୍ଯ୍ୟ, ଗାର୍ହସ୍ଥ୍ୟ, ବାନପ୍ରସ୍ଥ ଓ ସନ୍ନ୍ୟାସ । ପ୍ରଥମେ କଠୋର ସଂଯମ ଓ ଶୃଙ୍ଖଳା ସହ ବ୍ରହ୍ମଚର୍ଯ୍ୟ ପାଳନ କରି ଭବିଷ୍ୟତରେ ଜୀବନର ଆହ୍ୱାନଗୁଡ଼ିକୁ ସଫଳଭାବେ ସମ୍ମୁଖୀନ ହେବା ଲାଗି ନିଜକୁ ପ୍ରସ୍ତୁତ କରାଯାଏ । ତତ୍‌ପରେ ଘର ସଂସାର କରି ଧର୍ମ, ଅର୍ଥ, କାମ ଓ ମୋକ୍ଷ – ଏହି ଚାରି ପୁରୁଷାର୍ଥକୁ ସାକାର କରିବା ଲାଗି ପ୍ରୟାସ କରାଯାଏ । ପରେ ବୈରାଗ୍ୟ ସାଧନ ନିମିତ୍ତ ଘର ସଂସାରରୁ ଦୂରରେ ରହି ପରଂବ୍ରହ୍ମ ପରମେଶ୍ୱରଙ୍କ ସମ୍ପର୍କରେ ଶ୍ରବଣ, ଚିନ୍ତନ, ମନନ, ନିଦିଧ୍ୟାସନ, ଧ୍ୟାନ ଆଦି ସମ୍ପାଦନ କରି ଆଧ୍ୟାତ୍ମିକ ମାର୍ଗରେ ଅଗ୍ରସର ହେବା ଲାଗି ସାଧନା କରାଯାଉଥିଲା । ପରିଶେଷରେ ସଂସାରଠାରୁ ସମସ୍ତ ଆସକ୍ତି ବା ସମ୍ପର୍କ ଛିନ୍ନ କରି ଦେଇ ନିରନ୍ତର ବ୍ରହ୍ମ-ଉପାସନାରେ ଜୀବନକୁ ବିନିଯୋଗ କରାଯାଉଥିଲା । ଲକ୍ଷ୍ୟ ହେଲା – ଅମରତ୍ୱର ଉପଲବ୍ଧି ।

ମହର୍ଷି ଯାଜ୍ଞବଲ୍‌କ୍ୟ ବୟସ ଉପଯୋଗୀ ବାନପ୍ରସ୍ଥ ଧର୍ମ ଆଚରଣ କରିବା ଲାଗି ଯେତେବେଳେ ମନସ୍ଥ କଲେ ସେତେବେଳେ ଗାର୍ହସ୍ଥ୍ୟ ଜୀବନରେ ଉପାର୍ଜନ କରିଥିବା ବିପୁଳ ଧନସମ୍ପତ୍ତିକୁ ନିଜର ଦୁଇଜଣ ପତ୍ନୀଙ୍କ ମଧ୍ୟରେ ସମାନ ଭାବରେ ବାଣ୍ଟି ଦେବା ପାଇଁ ନିଷ୍ପତ୍ତି ନେଲେ । ଜ୍ୟେଷ୍ଠପତ୍ନୀ କାତ୍ୟାୟିନୀ ଏ ପ୍ରସ୍ତାବରେ ସମ୍ମତି ପ୍ରଦାନ କରିଥିଲେ । କିନ୍ତୁ ଦ୍ୱିତୀୟ ପତ୍ନୀ ମୈତ୍ରେୟୀ ପ୍ରଶ୍ନ କରିଥିଲେ – ''ଏହି ବିପୁଳ ଧନ ସମ୍ପତ୍ତି ମୋତେ କ'ଣ ଅମରତ୍ୱର ଉପଲବ୍ଧି ଦେଇ ପାରିବ ? ଯଦି ନା, ତେବେ ଏ ସବୁଥିରେ ମୋର କ'ଣ ବା ପ୍ରୟୋଜନ ? ତେଣୁ ଅମରତ୍ୱର ସନ୍ଧାନରେ ବାନପ୍ରସ୍ଥ ଜୀବନଯାପନ କରିବା ଲାଗି ମୁଁ ଆପଣଙ୍କର ଅନୁଗାମିନୀ ହେବି ।'' ମହର୍ଷି ଯାଜ୍ଞବଲ୍‌କ୍ୟ ଦ୍ୱିତୀୟ ପତ୍ନୀଙ୍କ ପ୍ରସ୍ତାବରେ ଅତିଶୟ ପ୍ରୀତ ହୋଇ ସମ୍ମତି ପ୍ରଦାନ କରିଥିଲେ । ଅନେକ ଆଧ୍ୟାତ୍ମିକ ରହସ୍ୟ ଉନ୍ମୋଚନ

କରିବା ସଙ୍ଗେ ସଙ୍ଗେ ମହର୍ଷି ଯାଜ୍ଞବଲ୍‌କ୍ୟ ପ୍ରିୟ ପତ୍ନୀ ମୈତ୍ରେୟୀଙ୍କୁ କହୁଛନ୍ତି :

‘‘ ... ନ ବା ଅରେ ପତ୍ୟୁଃ କାମାୟ ପତିଃ ପ୍ରିୟୋ ଭବତି,
ଆତ୍ମନସ୍ତୁ କାମାୟ ପତିଃ ପ୍ରିୟୋ ଭବତି ।
ନ ବା ଅରେ ଜାୟାୟାଃ କାମାୟ ଜାୟା ପ୍ରିୟା ଭବତି,
ଆତ୍ମନସ୍ତୁ କାମାୟ ଜାୟା ପ୍ରିୟା ଭବତି ।
ନ ବା ଅରେ ପୁତ୍ରାଣାଂ କାମାୟ ପୁତ୍ରାଃ ପ୍ରିୟା ଭବନ୍ତି,
ଆତ୍ମନସ୍ତୁ କାମାୟ ପୁତ୍ରାଃ ପ୍ରିୟା ଭବନ୍ତି । ...’’

(ବୃହଦାରଣ୍ୟକ ଉପନିଷଦ୍, II, IV. 5)

ଏହାର ନିର୍ଯ୍ୟାସ ହେଲା ପତି, ପତ୍ନୀ, ପୁତ୍ର, ଧନ, ସମ୍ପତ୍ତି, ବ୍ରାହ୍ମଣ, କ୍ଷତ୍ରିୟ, ବ୍ରହ୍ମ ବା ଈଶ୍ୱର – ସବୁକିଛି ନିଜ ଆତ୍ମା ନିମିତ୍ତହିଁ ପ୍ରିୟ ହୋଇଥା’ନ୍ତି । ଯାବତୀୟ ପ୍ରେମ ନିଜ ଆତ୍ମାରହିଁ ପ୍ରତିଫଳନ । ଆତ୍ମାହିଁ ପ୍ରତିଷ୍ଠା ବା ଭିତ୍ତିଭୂମି ଯାହାକୁ ଆଧାର କରି ପ୍ରେମର ସ୍ରୋତ ପ୍ରବାହିତ ହୋଇପାରେ । ଧନ ଦଉଲତକୁ ଭରଣ କରାଯାଇ ପାରେ । କିନ୍ତୁ ଦିବ୍ୟପ୍ରେମକୁ ବିନିମୟ କରି ହୁଏ ନାହିଁ ।

ମାନୁଷୀ ପ୍ରେମର ଭବିଷ୍ୟତ୍ ଓ ଲକ୍ଷ୍ୟ ସମ୍ପର୍କରେ ଦିଗ୍‌ଦର୍ଶନ ଦେବାକୁ ଯାଇ ମହାଯୋଗୀ ଶ୍ରୀଅରବିନ୍ଦ ମହାକାବ୍ୟ ସାବିତ୍ରୀରେ ଦିବ୍ୟପ୍ରେମର ମୂର୍ତ୍ତିମନ୍ତ ପ୍ରତୀକ ମହାସତୀ ସାବିତ୍ରୀଙ୍କ ମୁଖନିଃସୃତ ବାଣୀ ଦ୍ୱାରା କୁହାଇଛନ୍ତି :

“My love eternal sits throned on God's calm;
For Love must soar beyond the very heavens
And find its secret sense ineffable;
It must change its human ways to ways divine,
Yet keep its sovereignty of earthly bliss.”

(Savitri, p. 633)

‘‘ମୋର ଶାଶ୍ୱତ ପ୍ରେମ ଭାଗବତ ପ୍ରଶାନ୍ତି ମଧ୍ୟରେ ସିଂହାସନାଧିରୂଢ଼ ହୋଇ ରହିଛି; କାରଣ ପ୍ରେମକୁ ସ୍ୱର୍ଗର ଊର୍ଦ୍ଧ୍ୱକୁ ଆରୋହଣ କରି ଆପଣା ଅନିର୍ବଚନୀୟ ଗୁପ୍ତ ରହସ୍ୟ ଆବିଷ୍କାର କରିବାକୁ ହେବ, ଏବଂ ତା’ର ମାନୁଷୀଧାରାକୁ ପରିବର୍ତ୍ତିତ କରିବ ଦିବ୍ୟ ଭାଗବତୀ ଧାରାରେ । ତଥାପି ସେହି ପ୍ରେମ ପାର୍ଥିବ ଆନନ୍ଦର ପୂର୍ଣ୍ଣ ରାଜତ୍ୱକୁ ବଜାୟ ରଖିଥିବ ।’’

ଏଠାରେ ମାନୁଷୀ ପ୍ରେମର ଭବିଷ୍ୟତ୍ ସମ୍ପର୍କରେ ଦିଗ୍‌ଦର୍ଶନ ଦିଆ ଯାଉଛି ଯେ ମାନୁଷୀ ପ୍ରେମ ଅପାର୍ଥିବ ଦିବ୍ୟ-ପ୍ରେମକୁ ଉନ୍ନୀତ ହେବା ପାଇଁ ଉଦ୍ଦିଷ୍ଟ ।

ମଦ୍ରନନ୍ଦିନୀ ସାବିତ୍ରୀ ଯମରାଜାଙ୍କଠାରୁ ସତ୍ୟବାନ୍‌ଙ୍କ ଜୀବନକୁ ମୁକ୍ତ କରି ସମଗ୍ର ମାନବସମାଜ ପାଇଁ ଅମରତ୍ୱର ବୀଜବପନ କରି ଦେଇ ଗଲେ । ବିଳମ୍ବରେ ନିଜ ପର୍ଣ୍ଣକୁଟୀରକୁ ଫେରିବା ଲାଗି ଯାତ୍ରା କରିବା ପଥରେ ଏକ ବିପୁଳ ସମୁଜ୍ଜ୍ୱଳ ଜନସଂଘର ସମ୍ମୁଖୀନ ହେଲେ । ଜନସଂଘ ମଧ୍ୟରେ ଥିଲେ ଅନ୍ଧତ୍ୱ ଓ ପଙ୍ଗୁତ୍ୱରୁ ମୁକ୍ତ ହୋଇଥିବା ସତ୍ୟବାନ୍‌ଙ୍କ ପିତା ଦ୍ୟୁମତ୍‌ସେନ, ରାଣୀମାତା, ମୁନି, ଋଷି, ସାଧୁ, ସନ୍ଥ, ସାଧାରଣ ବନବାସୀ ଜନତା, ଶୁଭ୍ର ବସ୍ତ୍ର ପରିହିତ ପୁରୋହିତଗଣ, ମହିମାନ୍ୱିତ ଅସ୍ତ୍ରଶସ୍ତ୍ରରେ ସଜ୍ଜିତ ଯୋଦ୍ଧାଗଣ । ସାବିତ୍ରୀ ଓ ସତ୍ୟବାନ୍‌ଙ୍କର ଅରଣ୍ୟରୁ ଫେରିବା ବିଳମ୍ବ ହେବାରୁ ସମସ୍ତେ ହୃତ ଦମ୍ପତିଙ୍କ ଅନ୍ୱେଷଣରେ ଅରଣ୍ୟର କୋଣ ଅନୁକୋଣ ଖୋଜି ବୁଲୁଥିଲେ । ଶେଷରେ ସମ୍ମୁଖରେ ସମୁଜ୍ଜ୍ୱଳ ଯୁଗଳ ମୂର୍ତ୍ତିଙ୍କୁ ଦେଖି ସେମାନେ ହର୍ଷୋଲ୍ଲାସରେ ବିମୋହିତ ହୋଇ ଅଟକି ଗଲେ । ବିଶେଷତଃ ରକ୍ତିମ ସ୍ୱର୍ଣ୍ଣାଭ ଦୀପ୍ତିରେ ଆଲୋକିତ ମହିମାମୟ ମଧୁମୟୀ ସାବିତ୍ରୀଙ୍କର ମୁଖମଣ୍ଡଳ ଦର୍ଶନ କରି ସେମାନଙ୍କର ହୃଦ୍‌ବୋଧ ହେଲା ଯେ ଅରଣ୍ୟରେ ବିସ୍ମୟକର କିଛି ଏକ ଘଟଣା ଘଟିଛି ! ଉଭୟ ରାଜା ଓ ରାଣୀ ସତ୍ୟବାନ୍‌ଙ୍କୁ ପ୍ରଗାଢ଼ ଆଲିଙ୍ଗନ କଲେ । ଫେରିବା ବିଳମ୍ବ ହୋଇଥିବାରୁ ରାଜା ଦ୍ୟୁମତ୍‌ସେନ ସତ୍ୟବାନ୍‌ଙ୍କୁ ସ୍ନିଗ୍ଧ କଣ୍ଠରେ କପଟ ତିରସ୍କାର କଲେ । ଏହି ସମୟରେ ରାଜା ଦ୍ୟୁମତ୍‌ସେନଙ୍କର ଋଷିପ୍ରତିମ ଜ୍ଞାନୀ ପୁରୋହିତ ମହୋଦୟ ବିନମ୍ର ନୟନା, ଜ୍ୟୋତିର୍ମୟୀ ସାବିତ୍ରୀଙ୍କ ଉଦ୍ଦେଶ୍ୟରେ କହିଲେ – ହେ ମାନବୀ-ଆତ୍ମା କଲ୍ୟାଣି ! ତୁମେ କେଉଁ ଆଲୋକ, କେଉଁ ଶକ୍ତି ପ୍ରୟୋଗ କରି ଆଜି ଏହି ଦିନରେ କ୍ଷିପ୍ର ଚମତ୍କାରିତା ସିଦ୍ଧ କରି ଆମ ମନୁଷ୍ୟ ସମାଜ ସକାଶେ ଏକ ସୁଖକର ନବଯୁଗର ଦିଗନ୍ତ ଉନ୍ମୋଚନ କରି ଦେଲ ? ତୁମର ନାରୀ ହୃଦୟ ଏପରି କେଉଁ ନୂତନ ଶକ୍ତି ଓ ଆଲୋକ ନେଇ ଏ ଧରାପୃଷ୍ଠକୁ ଆସିଛି ଯେ ଯାହା ଫଳରେ କି ଆଜି ଦିନକ ମଧ୍ୟରେ ଏତେ ଶୀଘ୍ର ସବୁକିଛି ରୂପାନ୍ତରିତ ହୋଇଗଲା ?

ସେତେବେଳେ ନାରୀଶିରୋମଣି ତେଜସ୍ୱିନୀ ସାବିତ୍ରୀ ଊର୍ଦ୍ଧ୍ୱଲୋକରେ ଦେଖିବାକୁ ପାଇଲେ ଯେ ଦେବତାମାନେ ମଣିଷମାନଙ୍କର ଏହି ସୌଭାଗ୍ୟ ଦେଖି ପୁଲକିତ ଓ ଆନନ୍ଦିତ ହେଉଛନ୍ତି । ସାବିତ୍ରୀ ଏହା ମଧ୍ୟ ଉପଲବ୍ଧି କଲେ ଯେ ସେହି ଅମର ସତ୍ତାଗଣ ଚାହୁଁଛନ୍ତି – ସାବିତ୍ରୀ ଯେପରି ପୃଥିବୀର ଏହି ସବୁ ଜୀବମାନଙ୍କୁ ନିଜ ମାତୃ-ହୃଦୟରେ ସ୍ଥାନ ଦେବେ ଓ

ସମସ୍ତଙ୍କ ଦାୟିତ୍ୱ ବହନ କରିବେ । ଅତଃପର ସାବିତ୍ରୀ ସେହି ଜନସମୂହ ସମ୍ମୁଖରେ ମୃଦୁ ଗମ୍ଭୀର କଣ୍ଠରେ କହିଲେ :

“Awakened to the meaning of my heart
That to feel love and oneness is to live
And this the magic of our golden change,
Is all the truth I know or seek, O sage.”

(Savitri, p. 724)

‘‘ପ୍ରେମର ଅନୁଭୂତି ଏବଂ ଏକାତ୍ମତା ଲାଭ କରିବାହିଁ ପରିପୂର୍ଣ୍ଣ ଜୀବନ ଏବଂ ମୋର ହୃଦୟରେ ଏହି ସାର୍ଥକତା ପ୍ରତି ମୋର ଦୃଢ଼ ପ୍ରତୀତି ଜାଗ୍ରତ୍ ହୋଇଛି ଏବଂ ଏହାହିଁ ଆମ ହିରଣ୍ମୟ ଦିବ୍ୟ-ରୂପାନ୍ତରର ଯାଦୁମୟ ମନ୍ତ୍ର, ଏହାହିଁ ପୂର୍ଣ୍ଣସତ୍ୟ ଯାହା ମୁଁ ଜାଣେ ଅଥବା ଏହାହିଁ ଜୀବନରେ ସାର୍ଥକ କରିବା, ଜୀବନ୍ତ କରିବା ଯାହା ମୋର ସାଧନା ଓ ସିଦ୍ଧି ।’’

କହିବା ବାହୁଲ୍ୟ ଯେ ସ୍ୱୟଂ ଦିବ୍ୟଜନନୀ ଶ୍ରୀମାହିଁ ସାବିତ୍ରୀ ରୂପରେ ଅବତୀର୍ଣ୍ଣା । ସେ ପରମ ଦିବ୍ୟପ୍ରେମର ଜ୍ୱଳନ୍ତ ମୂର୍ତ୍ତିମନ୍ତ ପ୍ରତୀକ । ମାନବ ଜୀବନରେ ଏହି ପରମ ଦିବ୍ୟପ୍ରେମର କାଣିଚାଏ ଅନୁଭବ କରିବାରେ ନିହିତ ରହିଛି ଜୀବନର ସାର୍ଥକତା । ଏହା ଦ୍ୱାରାହିଁ ମଣିଷ ଜୀବନରେ ପୂର୍ଣ୍ଣତା ଓ ଅମରତ୍ୱର ଉପଲବ୍ଧି ପ୍ରାପ୍ତ କରିପାରେ । ଏହି ହିରଣ୍ମୟ ଦିବ୍ୟପ୍ରେମର ଯାଦୁମନ୍ତ୍ର ଦ୍ୱାରାହିଁ ରୂପାନ୍ତର ସମ୍ଭବପର । ଏହି ଦିବ୍ୟପ୍ରେମହିଁ ସୃଷ୍ଟିର ଅନ୍ତିମ ପ୍ରଶ୍ନର ଅନ୍ତିମ ଉତ୍ତର । ଏହାହିଁ ଚୂଡ଼ାନ୍ତ ସତ୍ୟ । ପାର୍ଥିବ ପ୍ରେମକୁ ଅପାର୍ଥିବ ଦିବ୍ୟପ୍ରେମରେ ରୂପାନ୍ତରିତ କରି ତାହାକୁ ଏହି ପାର୍ଥିବ ଜଗତରେ କ୍ରିୟାଶୀଳ କରିବା ଲାଗିହିଁ ଦିବ୍ୟଜନନୀ ଅବତରି ଆସିଛନ୍ତି । ଏହାହିଁ ତାଙ୍କରି ଆବିର୍ଭାବର ଲକ୍ଷ୍ୟ ଓ ମାନୁଷୀ ଲୀଳାର ସାଧନା ଓ ସିଦ୍ଧି ।

(କ୍ରମଶଃ) ❑


*I am always with you in your work and your rest,*
*your sleep and your waking.*

*(MCW, Vol. 16, p. 89)* - The Mother

**Collected Works of The Mother – 17 Vols.**
**Rs. 3500 only** *(Till stocks last)*

**The Great Adventure – (New Revised Edition) : Rs. 350 only**

**Savitri (Pocket - HB - 1972 Edition) : Rs. 200 only**

**The Mother by Sri Aurobindo *with the Mother’s comments***
**(***Sri Aurobindo’s handwriting***) – Rs. 50.00**

**Ideal Child, Ideal Parent, Ideal Teacher – (3 in 1) – Rs. 40.00**

**VAK** - ***The Spiritual Book Shop***, Pondicherry - 605 001

E-mail : vakbooks@gmail.com, Contact Person : S. Patnaik (+91 9489063512)

# ତୋତ୍ତୋ-ଚାନ୍

## (୧୬)

## ତେତ୍‌ସୁକୋ କୁରୋୟାନାଗି

[ବିଗତ ସଂଖ୍ୟାମାନଙ୍କରେ ପ୍ରକାଶିତ କାହାଣୀ ଅନୁଯାୟୀ 'ତୋମୋଏ' ସ୍କୁଲର ପ୍ରତ୍ୟେକଟି କାର୍ଯ୍ୟକ୍ରମ, ତାହା ତୋତ୍ତୋ-ଚାନ୍‌ର ସ୍ୱୟଂ ନିର୍ବାଚିତ କାର୍ଯ୍ୟକ୍ରମ ହେଉ ଅଥବା ଶିକ୍ଷକଙ୍କ ଦ୍ୱାରା ନିର୍ଦ୍ଦେଶିତ ଓ ପ୍ରସ୍ତୁତ କାର୍ଯ୍ୟକ୍ରମ ହେଉ : ସେସବୁ ତା'ର ଅନୁଭୂତିରେ ନୂତନ ନୂତନ ଅଧ୍ୟାୟଟିମାନ ସଂଯୋଜିତ କରିଦେଉଥିଲା । ବାସ୍ତବିକ, ଶିକ୍ଷାର ନୂତନ ସଂଜ୍ଞା ଓ ସମ୍ଭାବନାର ସନ୍ଧାନରେ 'ତୋମୋଏ' ସ୍କୁଲ । ତୋତ୍ତୋ-ଚାନ୍ ତଥା ତା' ଭଳି ସେ ଶିକ୍ଷାକେନ୍ଦ୍ରର କୁନି କୁନି ଶିକ୍ଷାର୍ଥୀମାନେ ହେଲେ ସେମାନଙ୍କର ଶିକ୍ଷା ଖସଡ଼ାର ରୂପକାର – ଶିକ୍ଷାପ୍ରେମୀ, ସ୍ନେହପ୍ରବଣ, ମରମୀ ପ୍ରଧାନ ଶିକ୍ଷକ ଓ ତାଙ୍କର ସହକର୍ମୀମାନେ ତାଙ୍କର ପଥପ୍ରଦର୍ଶକ, ସହଯୋଗୀ ବନ୍ଧୁ ପରି । ସ୍କୁଲରେ ନୂତନ ରେଳଡବା ଆସିବା କି ସ୍କୁଲ ପୋଖରୀରେ ସବୁ ପିଲା ମିଳିମିଶି ଗାଧୋଇବା, ପ୍ରାର୍ଥନା ଗୃହରେ ତମ୍ବୁ ବିଛାଇ କ୍ୟାମ୍ପ କରିବା, ଉଷ୍ଣପ୍ରସ୍ରବଣ ବୁଲିଯିବା, ତାଳ ଜ୍ଞାନ ଶିକ୍ଷା କରିବା ଅଥବା ସ୍କୁଲର 'କ୍ରୀଡ଼ା ଦିବସ'ର ସ୍ୱତନ୍ତ୍ର ଉପସ୍ଥାପନ, ବହିଭର୍ତ୍ତି ଲାଇବ୍ରେରି ବଗିକୁ ଶିକ୍ଷାର୍ଥୀମାନଙ୍କର ହୃଦୟଭରା ସ୍ୱାଗତ – ଏସବୁ କାର୍ଯ୍ୟକ୍ରମ ପଛରେ ପ୍ରଧାନ ଶିକ୍ଷକଙ୍କର ନୂତନ ଦୃଷ୍ଟିଭଙ୍ଗୀ ପିଲାଙ୍କର ଶିକ୍ଷା ଗ୍ରହଣରେ ନୂତନ ମାର୍ମିକତା ଓ ଭିନ୍ନ ସ୍ୱାଦ ଭରି ଦେଉଥିଲା । ଏବେ ପୁଣି ଲାବଣ୍ୟଝରା ଆନନ୍ଦ ମୁଖର ଋତୁରାଜ ବସନ୍ତର ଆଗମନୀ ସହ ତୋମୋଏ ସ୍କୁଲରେ ଆରମ୍ଭ ହୋଇଯାଏ ତୋତ୍ତୋ-ଚାନ୍‌ର ଦ୍ୱିତୀୟ ଶିକ୍ଷାବର୍ଷ । 'ନୃତ୍ୟ ନାଟିକା'ରେ ଅଂଶ ଗ୍ରହଣର ଅପୂର୍ବ ଅନୁଭୂତି ପୁଣି 'କୃଷି ଶିକ୍ଷକ'ଙ୍କ ସହ କୃଷିକାର୍ଯ୍ୟ, ସହପାଠୀମାନଙ୍କ ସହ ବଣଭୋଜିର ଅଭୁଲା ମୁହୂର୍ତ୍ତସବୁ ତା'ର ଯୋଡ଼ି ହୋଇଯାଏ ପଛକୁ ପଛ । ସର୍ବୋପରି ଏକାଧିକ ବାର ପ୍ରଧାନଶିକ୍ଷକ କୋବାୟାଶିଙ୍କର ତୋତ୍ତୋ-ଚାନ୍‌କୁ ସେଇ ଓଜନିଆ କଥା ପଦକ ''ତୁ ସତରେ ଜଣେ ସୁନା ଝିଅ'' ବୋଧେ ସାରା ଜୀବନ ପାଇଁ ନୂତନ ମାର୍ଗ ସଂଧାନରେ ତା'ର ପାଥେୟ ହୋଇ ରହିଥିଲା । ତୋତ୍ତୋ-ଚାନ୍‌ର ଥିଲା ନିରୋଳା ଆନ୍ତରିକ ଭଲପାଇବା; ସେ ତା'ର ସହପାଠୀଟିଏ ପାଇଁ ହେଉ ଅଥବା ତା'ର ପ୍ରିୟ ପ୍ରଧାନ ଶିକ୍ଷକ କିଂବା ଶିକ୍ଷାନୁଷ୍ଠାନ ପାଇଁ ହେଉ । ସେଥିପାଇଁ ସେ ତାଇ-ଚାନ୍‌ର ପେନ୍‌ସିଲ କାଟିବା ବନ୍ଦ କରିନି କି 'ତୋମୋଏ' ସ୍କୁଲକୁ ବାହାର ପିଲା ମଇଳା କୋତରା ସ୍କୁଲ କହିଲେ ସହି ପାରିନି । ଏବେ ଦେଖିବା ତୋତ୍ତୋ-ଚାନ୍ ପୁଣି କେଉଁସବୁ ନୂଆ କାମରେ ନିଜକୁ ସାମିଲ କରିଛି ।...]

### ହାସପାତାଳ ବୁଲା

ଦିନେ ତୋତ୍ତୋ-ଚାନ୍ ଆଉ ତିରିଶ ଜଣ ଛୋଟ ପିଲାଙ୍କ ସହ ହାସପାତାଳ ବୁଲିଗଲା । ସେ ପ୍ରଥମ ଥର ପାଇଁ ହାସପାତାଳ ଯାଉଥିଲା । ବାକି ପିଲାମାନେ ଅନ୍ୟ ସ୍କୁଲରୁ ଆସିଥିଲେ । ତୋତ୍ତୋ-ଚାନ୍ ସେମାନଙ୍କୁ ଚିହ୍ନି ନଥିଲା । ଏହି କାର୍ଯ୍ୟକ୍ରମରେ ପ୍ରତି ପ୍ରାଥମିକ ସ୍କୁଲରୁ ଦୁଇ, ତିନି ଜଣ ପିଲା ମିଶି ଆହତ ସିପାହୀମାନଙ୍କୁ ଦେଖିବାକୁ ଯାଉଥିଲେ । ଛୋଟିଆ ସ୍କୁଲଟିଏ ହୋଇଥିବାରୁ ତୋମୋଏରୁ କେବଳ ତୋତ୍ତୋ-ଚାନ୍ ଯାଇଥିଲା ।

ଅନ୍ୟ କେଉଁ ସ୍କୁଲର ଜଣେ ଶିକ୍ଷୟିତ୍ରୀ ସେମାନଙ୍କ ସାଙ୍ଗରେ ଯାଇଥିଲେ । ସେ ବେଶ ପତଳା ଥିଲେ ଓ ଚଷମା ପିନ୍ଧିଥିଲେ । ପିଲାମାନେ ଭିତରକୁ ଯାଇ ଆହତ ଲୋକମାନଙ୍କୁ ଦେଖିଲେ । କିଛି ଆହତ ଲୋକ ଖଟିଆରେ ଶୋଇଥିଲେ ଓ ଆଉ କିଛି ଚଲାବୁଲା କରୁଥିଲେ । ସେମାନେ ସଭିଏଁ ଧଳା ପାଇଜାମା କୁର୍ତ୍ତା ପିନ୍ଧିଥିଲେ । ଆହତମାନଙ୍କ ଅବସ୍ଥା ବିଷୟରେ ତୋତ୍ତୋ-ଚାନ୍ ମନରେ ବଡ଼ ଶଙ୍କା ଥିଲା । କିନ୍ତୁ ସେମାନେ ମୋଟାମୋଟି ଖୁସିଥିବାର ଦେଖି ସେ ଆଶ୍ୱସ୍ତ ହେଲା । ଅବଶ୍ୟ କେତେ ଜଣଙ୍କ ମୁଣ୍ଡରେ ପଟି ବନ୍ଧା ହୋଇଥିଲା ।

ଶିକ୍ଷୟିତ୍ରୀ ଜଣକ ଘର ମଝିରେ ପିଲାମାନଙ୍କୁ ଏକାଠି କଲେ ଓ ସୈନିକମାନଙ୍କୁ କହିଲେ, ''ଆଜି ଦିନର ସ୍ମୃତିରେ ଆମେ କିଛି ବିଶେଷ ଗୀତ ଗାଇବୁ ।''

ଶିକ୍ଷୟିତ୍ରୀ ହାତ ହଲାଇ ତାଳ ଦେବାକୁ ଆରମ୍ଭ କଲେ ଓ ପିଲାମାନେ ସୁର ମିଳାଇ ଗାଇଲେ । ଅଲଗା ଅଲଗା ସ୍କୁଲରୁ

ଆସିଥିଲେ ବି ସବୁ ପିଲା ଖୁବ୍ ଉତ୍ସାହରେ ମିଶିଗଲେ ଓ ସୁନ୍ଦର ଭାବରେ ଗାଇଲେ । ଗୀତ ସରିଲାରୁ ସୈନିକମାନେ ଖୁସିରେ ତାଳି ବଜାଇଲେ । ସେଭଳି ଗୀତ କିନ୍ତୁ ତୋମୋଏରେ ଶିଖାଯାଉ ନଥିଲା । ତେଣୁ ତୋତ୍ତୋ-ଚାନ୍ କିଛି ବି ଗାଇପାରିଲା ନାହିଁ । ଜଣେ ସୈନିକର ଖଟିଆ ଧାରରେ ବସି ସେ କେବଳ ଶୁଣୁଥାଏ । ଶେଷରେ ସୈନିକ ଜଣକ ତା'ର ମୁଣ୍ଡ ଥାପୁଡ଼ାଇ କହିଲେ, ''ତୁମେ ତ ଗାଇଲ ନାହିଁ ।''

ତୋତ୍ତୋ-ଚାନ୍ ନିଜକୁ ଟିକିଏ ଦୋଷୀ ମନେକଲା । ସେ ସୈନିକମାନଙ୍କୁ ଦେଖିବାକୁ ଆସିଥିଲା, କିନ୍ତୁ କିଛି ବି ଗାଇପାରିଲା ନାହିଁ । ସେ ଛିଡ଼ା ହୋଇ ଦମ୍ଭର ସହ କହିଲା, ''ଆଚ୍ଛା, ଏଥର ମୁଁ ଜାଣିଥିବା ଗୀତଟିଏ ଗାଇବି ।''

ଶିକ୍ଷୟିତ୍ରୀ ଜଣକ ଟିକିଏ ହଡ଼ବଡ଼େଇ ଗଲେ । କାରଣ କିଛି ଅଲଗା ଗୀତ ଗାଇବା ଯୋଜନା ଭିତରେ ନଥିଲା । ସେ ପଚାରିଲେ, ''ତୁମେ କ'ଣ ଗାଇବ ?'' କିନ୍ତୁ ତୋତ୍ତୋ-ଚାନ୍ ଦମ୍ ନେଇ ଗାଇବାକୁ ଆରମ୍ଭ କରି ଦେଇଥାଏ । ତେଣୁ ସେ ଚୁପ୍ ରହିଲେ ।

ତୋତ୍ତୋ-ଚାନ୍ ତୋମୋଏର ପ୍ରତିନିଧି ଥିଲା । ତେଣୁ ସେ ତୋମୋଏରେ ସବୁଠାରୁ ଜଣାଶୁଣା ଗୀତଟି ଗାଇବାକୁ ଆରମ୍ଭ କଲା ।

''ଚୋବା ଚୋବା ଚୋବା ଭଲରେ ଚୋବା
ଯାହା ବି ଖାଉଛ ତୁମେ...''

ତାକୁ ଶୁଣି କିଛି ପିଲା ହସି ଉଠିଲେ । ଆଉ କିଏ ପଚରାପଚରି ହେଲେ, ''ଏଇଟା କେଉଁ ଗୀତ ?'' ଶିକ୍ଷୟିତ୍ରୀ ତାଳ ଦେବାକୁ ଆରମ୍ଭ କଲେ, କିନ୍ତୁ ମେଳ ନଖାଇବାରୁ ସେ ଅଟକି ଗଲେ । ତୋତ୍ତୋ-ଚାନ୍‌କୁ ବି ଅଖାଡୁଆ ଲାଗୁଥାଏ । ତଥାପି ସେ ଗୀତଟି ପୂରା କଲା ।

ତୋତ୍ତୋ-ଚାନ୍ ତା'ର ଗୀତ ସାରି ମୁଣ୍ଡ ନୁଆଁଇଲା । ମୁଣ୍ଡ ଉଠାଇଲା ବେଳକୁ ଦେଖିଲା ଯେ ପାଖ ସୈନିକ ଜଣକ କାନ୍ଦୁଛନ୍ତି । ତାଙ୍କ ଆଖିରୁ ଧାର ଧାର ଲୁହ ବୋହି ଯାଉଥାଏ । ତୋତ୍ତୋ-ଚାନ୍ ଭାବିଲା ବୋଧେ ସେ କିଛି ଭୁଲ୍ କରି ପକାଇଛି । ତା'ର ବାପାଙ୍କଠାରୁ କିଛି ବୟସ୍କ ଜଣା ପଡୁଥିବା ସୈନିକ ଜଣକ ପୁଣି ତା'ର ମୁଣ୍ଡ ଥାପୁଡ଼ାଇଲେ, ଆଉ କହିଲେ ''ତୁମକୁ ବହୁତ ଧନ୍ୟବାଦ ।''

ସେ ତୋତ୍ତୋ-ଚାନ୍ ମୁଣ୍ଡକୁ ଥାପୁଡ଼ାଉଥା'ନ୍ତି ଆଉ କାନ୍ଦୁଥା'ନ୍ତି । ଶିକ୍ଷୟିତ୍ରୀ ତାଙ୍କୁ ଖୁସି କଲା ଭଳି କହିଲେ, ''ପିଲାମାନେ ଆପଣଙ୍କ ପାଇଁ କିଛି ଲେଖିକରି ଆଣିଛନ୍ତି । ଏବେ ପଢ଼ି ଶୁଣାଇବେ ।''

ଜଣକ ପରେ ଜଣେ ପଢ଼ି ଚାଲିଲେ । ତୋତ୍ତୋ-ଚାନ୍ ତା' ସୈନିକଙ୍କୁ ଚାହିଁଲା । ତାଙ୍କ ଆଖି ଓ ମୁହଁ ନାଲି ଦିଶୁଥାଏ । ତଥାପି ସେ ହସିଲେ । ତୋତ୍ତୋ-ଚାନ୍ ବି ହସିଦେଲା । ଆଉ ଭାବିଲା, ''ମୁଁ ଖୁସି ଯେ ସେ ହସିଲେ ।''

ସୈନିକ ଜଣକ କାହିଁକି ଯେ କାନ୍ଦୁଥିଲେ କେବଳ ସେ ହିଁ ଜାଣିଥିବେ । ହୁଏତ ତାଙ୍କର ବି ତୋତ୍ତୋ-ଚାନ୍ ଭଳି କୁନି ଝିଅଟିଏ ଥିବ ବା ତୋତ୍ତୋ-ଚାନ୍‌ର ସରଳ ଗାଇବା ଧାରା ତାଙ୍କ ମନକୁ ଛୁଇଁଥିବ । ଯୁଦ୍ଧକ୍ଷେତ୍ରର ଅଭିଜ୍ଞତାରୁ ସେ ଜାଣୁଥିଲେ ଯେ ଅତି ଶୀଘ୍ର ଖାଦ୍ୟର ଅଭାବ ପଡ଼ିବ; ହେଲେ କୁନି ଝିଅଟି ସେସବୁ ବିଷୟରେ କିଛି ନଜାଣି ଖୁସିରେ ଗାଇବା କଥା ଗାଇ ଚାଲିଛି । ଚୋବାଇବା ପାଇଁ ପିଲାମାନଙ୍କ ପାଟିରେ ଆଉ କିଛି ଯେ ନଥିବ ସେ ଚିନ୍ତା ହୁଏତ ତାଙ୍କ ମନରେ ବିଷାଦ ଭରି ଦେଲା; କିଂବା ହୁଏତ ସୈନିକ ଜଣକ ଜାଣି ପାରୁଥିଲେ ଯେ ଅତି ଶୀଘ୍ର ଏହି ପିଲାମାନଙ୍କ ଉପରକୁ ଭୟଙ୍କର ବିପଦସବୁ ମାଡ଼ି ଆସିବ ।

ନିଜ ନିଜର ଲେଖାଗୁଡ଼ିକୁ ପଢ଼ି ଚାଲିଥିବା ପିଲାମାନେ ହୁଏତ ସେତେବେଳେ କିଛି ବୁଝୁ ନଥିଲେ, କିନ୍ତୁ ପ୍ରଶାନ୍ତ ମହାସାଗରରେ ଯୁଦ୍ଧ ଆରମ୍ଭ ହୋଇ ସାରିଥାଏ ।

## ସ୍ୱାସ୍ଥ୍ୟ ଛେଲି

ତୋତ୍ତୋ-ଚାନ୍ ତା' ବେକରେ ଝୁଲୁଥିବା ଟିକଟ ଦେଖାଇ ବାହାରକୁ ଆସିଲା । ଏବେ ସେ ଜିଉଗାଓକା ଷ୍ଟେସନର ଲୋକମାନଙ୍କୁ ଭଲ ଭାବରେ ଚିହ୍ନି ସାରିଥାଏ ।

ବାହାରେ କିଛି ଗୋଟିଏ ମଜା କଥା ଚାଲିଥାଏ । ଜଣେ ଯୁବକ ଚକା ପକାଇ ପଟି ଖଣ୍ଡେ ଉପରେ ବସିଥାଏ । ତା' ଆଗରେ ଗଛ ଛେଲି ଭଳି କ'ଣ ଗଦାଏ ଥୁଆ ହୋଇଥାଏ । ପାଞ୍ଚ ଛଅଜଣ ଲୋକ ଘେରି କରି ଦେଖୁଥା'ନ୍ତି । ତୋତ୍ତୋ-ଚାନ୍ ବି ସେଠି ଛିଡ଼ା ହୋଇଗଲା । ଯୁବକଟି କହୁଥାଏ, ''ଦେଖନ୍ତୁ, ଦେଖନ୍ତୁ । ଆପଣଙ୍କ ସ୍ୱାସ୍ଥ୍ୟ ସବୁଠାରୁ ମୂଲ୍ୟବାନ୍ ଜିନିଷ । ଆପଣ ସୁସ୍ଥ ଅଛନ୍ତି କି ନାହିଁ ତାହା ଏହି ଛେଲି ଖଣ୍ଡକ କହିଦେବ । ସକାଳୁ ଏଥିରୁ ଖଣ୍ଡେ ଚୋବାଇବେ । ଯଦି ପିତା ଲାଗେ ଜାଣିବେ ଯେ ଆପଣଙ୍କ ସ୍ୱାସ୍ଥ୍ୟ ଭଲ ନାହିଁ । ଯଦି ପିତା

ନଲାଗେ ତେବେ ଆପଣ ସୁସ୍ଥ ଅଛନ୍ତି ବୋଲି ନିଶ୍ଚିତ ରହିବେ । ମାତ୍ର କୋଡ଼ିଏ ସେନ୍ (ପଇସା) ଖର୍ଚ୍ଚ କରି ଆପଣ ନିଜ ଦେହ କଥା ବୁଝି ପାରିବେ । କେହି ପରଖି ଦେଖିବେ କି ?''

ଏହା କହି ସେ ଜଣେ ପତଳା ଲୋକକୁ ଛେଲି ଖଣ୍ଡେ ଧରାଇ ଦେଲା । ସେ ତାଙ୍କ ଦାନ୍ତ ଆଗରେ ଅଳ୍ପ ଟିକିଏ ଚୋବାଇ ଦେଖିଲେ । କହିଲେ, ''ହଁ, ମନେ ହେଉଛି... ଅଳ୍ପ ଟିକିଏ ପିତା ।''

ଯୁବକ ଜଣକ ଡେଇଁ ପଡ଼ି କହିଲା, ''ଆଜ୍ଞା ଆପଣଙ୍କ ଦେହରେ ନିଶ୍ଚୟ କିଛି ରୋଗ ଅଛି । ଆପଣ ସାବଧାନ ରହିବେ । ଆପଣଙ୍କୁ ଟିକିଏ ପିତା ଲାଗିଛି, ତେଣୁ ରୋଗ ଏତେ ବଢ଼ି ନାହିଁ । ଆଉ କିଏ ପରଖିବେ କି ? ମା ଆପଣ ?'' ସଉଦା ମୁଣି ଧରିଥିବା ମହିଳା ଜଣକ ବଡ଼ ଛେଲି ଖଣ୍ଡେ ନେଲେ । ଭଲ କରି ଚୋବାଇ ସାରି କହିଲେ, ''କାହିଁ, ମୋତେ ତ ପିତା ଲାଗିଲା ନାହିଁ ।''

''ଆପଣଙ୍କୁ ମୋର ବଧେଇ'', ଯୁବକଟି କହିଲା । ''ଆପଣଙ୍କ ସ୍ୱାସ୍ଥ୍ୟ ଖୁବ୍ ଭଲ ଅଛି । ପୁଣି ସେ ଡାକିବାରେ ଲାଗିଗଲା, ''ମାତ୍ର କୋଡ଼ିଏ ପଇସା, କୋଡ଼ିଏ ପଇସା ! ଏତିକି ମାତ୍ର ଖର୍ଚ୍ଚ କରି ସବୁଦିନ ପାଇଁ ଆପଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ନିଅନ୍ତୁ । ଆଉ ଶସ୍ତାରେ ମିଳିବ ନାହିଁ ।''

ସେ ପାଉଁଶିଆ ଛେଲିରୁ ଖଣ୍ଡେ ଚୋବାଇ ଦେଖିବା ପାଇଁ ତୋତ୍ତୋ-ଚାନ୍‌ର ଭାରି ଇଚ୍ଛା ଥିଲା । କିନ୍ତୁ ମାଗିବାକୁ ଲାଜ ଲାଗୁଥାଏ । ସିଧା ନମାଗିକରି ସେ ପଚାରିଲା, ''ସ୍କୁଲ ଛୁଟି ଯାଏଁ ତୁମେ ଏଠି ରହିବ କି ?''

ଛୋଟିଆ ସ୍କୁଲ ପିଲାଟିକୁ ଟିକିଏ ଚାହିଁଦେଇ ଯୁବକଟି କହିଲା, ''ହଁ, ଥିବି ।''

ତା'ର ବସ୍ତାନୀ ଝୁଲାଇ ଝୁଲାଇ ତୋତ୍ତୋ-ଚାନ୍ ସ୍କୁଲକୁ ଦଉଡ଼ିଲା । ସ୍କୁଲ ଆରମ୍ଭ ଆଗରୁ ସେ ଆଉ ଗୋଟିଏ କାମ ସାରିବାକୁ ଚାହୁଁଥିଲା । ତେଣୁ ଡେରି ହେଲେ ଚଳିବ ନାହିଁ ।

କ୍ଲାସରେ ପଶୁ ପଶୁ ତୋତ୍ତୋ-ଚାନ୍ ପିଲାମାନଙ୍କୁ ପଚାରିଗଲା, ''କିଏ ମତେ କୋଡ଼ିଏ ପଇସା ଧାର ଦେଇପାରିବ ?''

ଚକୋଲେଟ ପୁଡ଼ିଆକ ସେତେବେଳେ ଦଶ ପଇସାରେ ମିଳୁଥାଏ । ତେଣୁ କୋଡ଼ିଏ ପଇସାଟା ଅତି ବଡ଼ କଥା ନଥିଲା । ହେଲେ କାହାରି ପାଖରେ ପଇସା ନଥିଲା ।

''ବାପାଙ୍କୁ ମାଗିବି କି ?'' — ମିୟୋ-ଚାନ୍ ପଚାରିଲା । ମିୟୋ-ଚାନ୍ ପ୍ରଧାନ ଶିକ୍ଷକଙ୍କର ଝିଅ ହୋଇଥିବାରୁ ଏମିତି କେତେ ସମୟରେ ବଡ଼ ସୁବିଧା ହେଉଥିଲା । ଆସେମ୍ବ୍ଲି ଘରକୁ ଲାଗିକରି ତାଙ୍କ ଘର । ତେଣୁ ସେମାନେ ସ୍କୁଲରେ ରହୁଥିଲେ କହିଲେ ଚଳେ ।

ଖାଇବା ଛୁଟିରେ ସେ ତୋତ୍ତୋ-ଚାନ୍‌କୁ କହିଲା, ''ବାପା ପଇସା ଦେବାକୁ ରାଜି । କିନ୍ତୁ ପଇସା ନେଇ କ'ଣ କରିବୁ ତା' ସେ ଜାଣିବାକୁ ଚାହୁଁଛନ୍ତି ।''

ତୋତ୍ତୋ-ଚାନ୍ ଅଫିସରେ ପ୍ରଧାନ ଶିକ୍ଷକଙ୍କୁ ଭେଟିଲା । ସେ କହିଲେ, ''ତୁମର କୋଡ଼ିଏ ପଇସା ଦରକାର ତ ? କ'ଣ ପାଇଁ ଦରକାର ମୋତେ କହିବ କି ?''

ମୁଁ ଖଣ୍ଡେ ଛେଲି କିଣିବି । ମୋ ଦେହ ଭଲ ଅଛି କି ନାହିଁ ସେଥିରୁ ମୁଁ ଜାଣିପାରିବି'', ତୋତ୍ତୋ-ଚାନ୍ କହିଲା ।

''ସେ ଛେଲି କେଉଁଠି ମିଳୁଛି ?'' ପ୍ରଧାନ ଶିକ୍ଷକ କୁତୂହଳୀ ହୋଇ ପଚାରିଲେ ।

ପ୍ରଧାନ ଶିକ୍ଷକ ତାଙ୍କ ପକେଟରୁ କୋଡ଼ିଏ ପଇସା କାଢ଼ି ତୋତ୍ତୋ-ଚାନ୍ ହାତରେ ଦେଲେ । ଆଉ କହିଲେ, ''ଠିକ୍ ଅଛି । ତୁମେ ଚାହୁଁଛ ଯେବେ କିଣ । କିନ୍ତୁ ମୋତେ ଟିକିଏ ଚାଖିବାକୁ ଦେବ ତ ?''

''ଓଃ ! ଆପଣଙ୍କୁ ବହୁତ ଧନ୍ୟବାଦ'', ତୋତ୍ତୋ-ଚାନ୍ କହିଲା, ''ମୁଁ ମା'ଙ୍କଠୁ ପଇସା ଆଣି ଆପଣଙ୍କୁ ଫେରାଇ ଦେବି । ବହି ପାଇଁ ମା ଆପେ ଆପେ ପଇସା ଦିଅନ୍ତି । ଆଉ କିଛି ପାଇଁ ମୋତେ ଆଗ ପଚାରିବାକୁ ପଡ଼ିବ । କିନ୍ତୁ ସ୍ୱାସ୍ଥ୍ୟ ଛେଲି ଭଳି ଦରକାରୀ ଜିନିଷ ପାଇଁ ସେ ନିଶ୍ଚୟ ରାଜି ହେବେ ।''

''ସ୍କୁଲ ଛୁଟି ହେଉ ହେଉ ତୋତ୍ତୋ-ଚାନ୍ କୋଡ଼ିଏ ପଇସାଟିକୁ ମୁଠାଇ ଧରି ତର ତର ହୋଇ ଷ୍ଟେସନ ଆଡ଼େ ଚାଲିଲା । ଯୁବକ ଜଣକ ସେଠାରେ ବସି ଛେଲିର ଗୁଣ ଗାଇ ଚାଲିଥାଏ । ତୋତ୍ତୋ-ଚାନ୍ ହାତରେ ପଇସା ଦେଖି ତା' ମୁହଁରେ ହସ ଖେଳିଗଲା ।

''ସୁନା ଝିଅ ! ତୁମ ମାଆବାପା ନିଶ୍ଚୟ ଖୁସି ହେବେ ।''

''ରକି ବି ଖୁସି ହେବ'', ତୋତ୍ତୋ-ଚାନ୍ କହିଲା ।

ଛେଲି କାଢୁ କାଢୁ ସେ ପଚାରିଲା, ''ରକି କିଏ ?''

''ସେ ଆମର କୁକୁର । ପୂରା ବିଲାତି ।''

ଯୁବକ ଟିକିଏ ଭାବି କହିଲା, ''ହଁ, ମୁଁ ଭାବୁଛି ଯେ କୁକୁର ପାଇଁ ବି ଏ କାମ ଦେବ । ଯଦି ପିତା ଲାଗେ ତା'ହେଲେ

ସେ ନଖାଇ ପକାଇ ଦେବ । ସେଥିରୁ ଜାଣି ହେବ ଯେ ତା' ଦେହ ଭଲ ନାହିଁ ।''

ଚାଖଣ୍ଡେ ଲମ୍ବର ଛେଲି ଖଣ୍ଡେ ସେ ତୋତ୍ତୋ-ଚାନ୍‌କୁ ଦେଲା ଓ କହିଲା, ''ନିଅ ତୁମ ଛେଲି । ସବୁଦିନ ସକାଳୁ ଟିକିଏ ଚୋବାଇ ଦେଖ । ପିତା ଲାଗିଲେ ଦେହ ଖରାପ, ନହେଲେ ପୂରା ଠିକ୍ ।''

ଛେଲିକୁ ଖଣ୍ଡେ କାଗଜରେ ଗୁଡ଼ାଇ ଧରି ତୋତ୍ତୋ-ଚାନ୍ ଘରକୁ ଚାଲିଲା । ଘରେ ପହଞ୍ଚି ଆଗ ସେଥିରୁ ଖଣ୍ଡେ ଚୋବାଇଲା । ଛେଲିଟା ଶୁଖିଲା ଆଉ ଖଦଡ଼ିଆ ଥିଲା, କିନ୍ତୁ ପିତା ନୁହେଁ । ସତରେ ସେଥିରେ କିଛି ବି ସ୍ୱାଦ ନଥିଲା ।

''ଆରେ ବାଃ, ମୁଁ ସୁସ୍ଥ ।''

ମା ହସି କରି କହିଲେ, ''ତା' ତ ନିଶ୍ଚୟ । କାହିଁ କ'ଣ ହେଲା କି ?''

ତୋତ୍ତୋ-ଚାନ୍ ସବୁ କଥା ବୁଝାଇଦେଲା । ମା ବି ଖଣ୍ଡେ ଛେଲି ଚାଖିଲେ, ''ନାଁ, ପିତା ଲାଗୁ ନାହିଁ ତ !''

''ତା'ହେଲେ ତୁମେ ବି ସୁସ୍ଥ, ମା ।''

ତା'ପରେ ତୋତ୍ତୋ-ଚାନ୍ ରକିର ପାଟି ପାଖରେ ଛେଲି ଖଣ୍ଡେ ଦେଖାଇଲା । ରକି ଆଗ ଟିକିଏ ଶୁଙ୍ଘିଲା, ଆଉ ଚାଟିଲା ।

''ନାଁ, ନାଁ ଏକୁ ଚୋବାଇବାକୁ ହେବ । ତା'ହେଲେ ଯାଇ ତୁ ତୋ ସ୍ୱାସ୍ଥ୍ୟ କଥା ଜାଣିବୁ'', ତୋତ୍ତୋ-ଚାନ୍ ତାକୁ ବୁଝାଇ ଦେଲା ।

ରକି ବିଲକୁଲ ପାଟି ଖୋଲିଲା ନାହିଁ । ଖାଲି ବସି କରି କାନ କୁଣ୍ଡାଇଲା ।

ତୋତ୍ତୋ-ଚାନ୍ ଛେଲିକୁ ତା' ପାଟିକୁ ଲଗାଇ ଧରିଲା ।

''ଆ' ମ, ଚୋବେଇ ଦେ । ତୋ ଦେହ ଭଲ ନଥିଲେ କେତେ ଖରାପ କଥା ହେବ କହିଲୁ ?''

କୁଛେଇ କରି ରକି ଛେଲିର କଣରୁ ଟିକିଏ ଛିଣ୍ଡାଇ ନେଲା । ତାକୁ ଖରାପ ଲାଗୁଥିଲା ଭଳି ମନେ ହେଲା ନାହିଁ । ସେ ଖାଲି ଗୋଟାଏ ବଡ଼ ହାଇ ମାରିଲା ।

''ବାଃ ! ରକି ବି ସୁସ୍ଥ !''

ତା' ପରଦିନ ତୋତ୍ତୋ-ଚାନ୍ ମା'ଙ୍କଠାରୁ କୋଡ଼ିଏ ପଇସା ନେଲା । ସ୍କୁଲରେ ଆଗ ପ୍ରଧାନ ଶିକ୍ଷକଙ୍କୁ ଭେଟି ଛେଲି ଖଣ୍ଡେ ବଢ଼ାଇ ଦେଲା ।

ପ୍ରଧାନ ଶିକ୍ଷକ ପ୍ରଥମେ କିଛି ବୁଝି ପାରିଲେ ନାହିଁ । କିନ୍ତୁ ତୋତ୍ତୋ-ଚାନ୍ ହାତରେ କୋଡ଼ିଏ ପଇସା ଦେଖି ତାଙ୍କର ମନେ ପଡ଼ିଗଲା ।

''ଚୋବାନ୍ତୁ'', ତୋତ୍ତୋ-ଚାନ୍ କହିଲା, ''ପିତା ଲାଗିଲେ ଜାଣିବେ ଯେ ଅସୁସ୍ଥ ।''

ପ୍ରଧାନ ଶିକ୍ଷକ ଟିକିଏ ଚୋବାଇଲେ । ଛେଲି ଖଣ୍ଡକ ଭଲ ଭାବରେ ଓଲଟପାଲଟ କରି ଦେଖିଲେ ।

''ପିତା ଲାଗିଲା କି ?'' ଡରି ଡରି ତୋତ୍ତୋ-ଚାନ୍ ପଚାରିଲା । ସେ ପ୍ରଧାନ ଶିକ୍ଷକଙ୍କ ମୁହଁକୁ ଚାହିଁ ରହିଥାଏ ।

''କାଇଁ କିଛି ବି ସ୍ୱାଦ ନାହିଁ'', ଛେଲିଟି ତୋତ୍ତୋ-ଚାନ୍‌କୁ ଫେରାଉ ଫେରାଉ ସେ କହିଲେ, ''ତେବେ ମୁଁ ଠିକ୍ ଅଛି । ତୁମକୁ ଧନ୍ୟବାଦ ।''

''ଆରେ ବାଃ, ପ୍ରଧାନ ଶିକ୍ଷକ ମଧ୍ୟ ସୁସ୍ଥ । ମୁଁ ସେଥିପାଇଁ ବହୁତ ଖୁସି ।''

ଦିନଯାକ ସ୍କୁଲରେ ସମସ୍ତଙ୍କୁ ସେ ତାହା ଚଖାଇଲା । କେହି ଜଣେ ବି ପିତା କହିଲେ ନାହିଁ । ସମସ୍ତେ ସୁସ୍ଥ ଥିବା କଥା ଜାଣି ତୋତ୍ତୋ-ଚାନ୍ ବହୁତ ଖୁସି ହେଲା ।

ସବୁପିଲା ପ୍ରଧାନ ଶିକ୍ଷକଙ୍କୁ କହୁଥା'ନ୍ତି, ''ଆମେ ସୁସ୍ଥ ।'' ପ୍ରଧାନ ଶିକ୍ଷକ ଜଣ ଜଣ କରି ସମସ୍ତଙ୍କୁ କହୁଥା'ନ୍ତି, ''ଖୁବ୍ ଭଲ କଥା ।''

ଅବଶ୍ୟ ପ୍ରଧାନ ଶିକ୍ଷକ ଏକଥା ମୂଳରୁ ଜାଣିଥିଲେ ଯେ ଯିଏ ଚୋବାଇଲେ ବି ସେ ଛେଲି ପିତା ଲାଗିବ ନାହିଁ । କାରଣ ଦେଶର ଜଙ୍ଗଲ ଅଞ୍ଚଳରେ ପାହାଡ଼ ଓ ନଈ ପାଖରେ ସେ ବଢ଼ିଥିଲେ ।

ତଥାପି ସମସ୍ତେ ସୁସ୍ଥ ଥିବାର ଦେଖି ତୋତ୍ତୋ-ଚାନ୍ ଖୁସି ହେବାଟା ତାଙ୍କୁ ବହୁତ ଭଲ ଲାଗୁଥାଏ । ସେ ଆହୁରି ବି ଖୁସି ଥିଲେ ଯେ ତୋତ୍ତୋ-ଚାନ୍ ଏଭଳି ମଣିଷ ହୋଇ ବଢୁଛି ଯିଏ ଅନ୍ୟର ଅସୁସ୍ଥତା କଥାରେ ଚିନ୍ତା କରିବ ଓ ବ୍ୟସ୍ତ ହେବ ।

ସ୍କୁଲ ପାଖରେ ଥିବା ଗୋଟିଏ ବୁଲା କୁକୁରକୁ ମଧ୍ୟ ତୋତ୍ତୋ-ଚାନ୍ ଛେଲି ଚଖାଇବାକୁ ଚେଷ୍ଟାକଲା । କୁକୁରଟି ତାକୁ କାମୁଡ଼ିବାକୁ ଚେଷ୍ଟା କରିବା ସତ୍ତ୍ୱେ ବି ସେ ତାକୁ ଛାଡ଼ିଲା ନାହିଁ । ପାଟି କରି କହିଲା, ''ଚୋବା କହୁଛି ! ନହେଲେ ଜାଣିବୁ କିପରି ତୁ ସୁସ୍ଥ କି ନୁହେଁ ? ତୁ ସୁସ୍ଥ ଥିଲେ ସବୁ ଠିକ୍ ।''

ଶେଷରେ ସେ ଅଚିହ୍ନା କୁକୁର ମଧ୍ୟ ଖଣ୍ଡେ ଛେଲି ଚୋବାଇଲା । ସେଇ କୁକୁର ଚାରିପଟେ ଡେଇଁ ଡେଇଁ ତୋତ୍ତୋ-

ଚାନ୍ ଖୁସିରେ ଚିତ୍କାର କଲା, ''ଆରେ ବାଃ, ତୁ ବି ସୁସ୍ଥ !'' ତାକୁ ଧନ୍ୟବାଦ ଦେଲା ଆଉ ଦଉଡ଼ି ପଳାଇଲା ।

ପ୍ରଧାନ ଶିକ୍ଷକ ଠିକ୍ ଠଉରାଇଥିଲେ ଯେ ସେ ଛେଲି ବିକାଳୀ ଆଉ କେବେ ସେଠାକୁ ଆସିବ ନାହିଁ ।

ପ୍ରତିଦିନ ସକାଳେ ତୋତ୍ତୋ-ଚାନ୍ ତା'ର ଅମୂଲ୍ୟ ଛେଲି ଖଣ୍ଡକକୁ ଟିକିଏ ଚୋବାଏ । ଦାନ୍ତ ଚିହ୍ନଟକ ଦେଖିଲେ କେହି ଭାବିବ ଯେ ଛେଲି ଖଣ୍ଡକ କେଉଁ ମୂଷାର ବସାରୁ ଆସିଛି । ଛେଲି ଚୋବାଇ ଘରୁ ବାହାରୁ ବାହାରୁ ସେ ପାଟି କରି କୁହେ, ''ମୁଁ ସୁସ୍ଥ, ମୁଁ ସୁସ୍ଥ ।''

ଭାଗ୍ୟକୁ ତୋତ୍ତୋ-ଚାନ୍ ସତକୁ ସତ ସୁସ୍ଥ ଥିଲା ।

(କ୍ରମଶଃ)

(ଅନୁବାଦକ : ବିନୟକୃଷ୍ଣ ପଟ୍ଟନାୟକ ଓ
ନିଖିଳ ମୋହନ ପଟ୍ଟନାୟକ
ସୃଜନୀକା ଅନୁଷ୍ଠାନ, ଭୁବନେଶ୍ୱର) ❑

# ଘର

## ଶାନ୍ତି ମହାନ୍ତି

ସେଇ ସୁନ୍ଦର ଘରଟିକୁ ମୁଁ ଜାଣେ
ଯାହା ଐଶ୍ୱର୍ଯ୍ୟମୟ,
ବିଶ୍ୱାସର ପାହାଚ ପରେ ପାହାଚ
ଉଠିଗଲା ପରେ
ତା' ଦ୍ୱାରଟି ଦିଶିଯାଏ ।

ଦିଶିଯାଏ ପ୍ରେମର ଚଉକାଠରେ
ବନ୍ଧା ତା' ଚତୁଃପାର୍ଶ୍ୱ
ଅନେକ ଆଶ୍ଚର୍ଯ୍ୟମୟ ଉପସ୍ଥିତିକୁ
ସେ ନିଜ ସାଥେ ଧରି ରଖିଥାଏ
କାରଣ ବିଶ୍ୱାସମୟ ଚେତନାଯୁକ୍ତ
ଏକ ଆଧାର ସେ...
ନିଖୁଣ ଅବଧାରିକାର ବିସ୍ମିତ ପ୍ରକାଶ
ଏବଂ ଅଚିନ୍ତ୍ୟ ମହକର
ପରିବ୍ୟାପ୍ତ ଆକାଶ ବି ସେ ।

କେବେ ଆଶାମାନେ ବାଟ ଭୁଲନ୍ତିନି,
ସ୍‌ବୁଜ ଉଲ୍ଲାସରେ ଅଙ୍କୁରିତ
ବୀଜପତ୍ରମାନେ
କେବେ ଦୋଦୁଲ୍ୟମାନ ସମୟକୁ
ସାଥୀ କରନ୍ତି ନାହିଁ,
ସେମାନେ ଜାଣିଥା'ନ୍ତି –
ଯେଉଁ ଆକାଶ ତାଙ୍କୁ ଦେଖୁଛି
ତାହା ଆଶ୍ୱସ୍ତିଘନ ଏକ ନୀରବତା,
ତାଙ୍କ ସ୍ଥିତିର ନିୟନ୍ତା ।

ସମସ୍ତଙ୍କୁ ଏକ ସାଥେ ତୋଳି ଧରିବାର
ଅପ୍ରମେୟ ଇଚ୍ଛାର ବିନ୍ଧାଣି ସେ,
କେହି ଫେରି ନଯାଉ,
ଅଫେରା ନଦୀର ସ୍ରୋତ ପରି ସେ ଉଜ୍ଜ୍ୱଳ,
କେହି ବିବଶ ନ ଦିଶୁ,
ନିଜ ଭାଗ୍ୟର ଅଦୃଶ୍ୟ ସୀମାରେ
ସେ ନିରବଧି ଆଶାରେ ଉଚ୍ଛଳ ।

ଫେରି ଯାଉଥିବା ମଣିଷଟି ଜାଣୁ
ତଟଦେଶର ବିଜନତା ଯେତିକି ପ୍ରିୟ
ପ୍ରତିରୋଧର ଶିଳାମୟ ଗତିପଥ ବି
ସେତିକି ପ୍ରିୟ ।

କେହି ହଜି ନଯାଉ
ନିଜ ସାଥେ ଚାଲୁ ଚାଲୁ
ଅଟକି ନଯାଉ ।
ଘରଟି ତ ଦିଶୁଛି
ନିରାବରଣ ଏକ ଅଗ୍ନିଶିଖା ପରି,
ସମାପ୍ତି ନଥିବା ଏକ ଭରସା ପରି !!!

❑❑❑

চেতনার দিগ্‌বলয় :

# ଆମେ କେତେଦୂର ଆସ୍ତିକ ?

*ପ୍ରଶ୍ନ : ଜଣେ ଈଶ୍ୱର-ବିଶ୍ୱାସୀ ନହୋଇ, ଅର୍ଥାତ୍ ନାସ୍ତିକ ହୋଇ ମଧ୍ୟ ଆଧ୍ୟାତ୍ମିକ ଜୀବନଯାପନ କରିପାରିବ କି ?*

ଆସ୍ତିକର ପ୍ରକାରଭେଦ ଯେପରି ଅନେକ, ନାସ୍ତିକର ପ୍ରକାରଭେଦ ମଧ୍ୟ ସେହିପରି ଅନେକ । ଅର୍ଥାତ୍ ଆସ୍ତିକ ବା ନାସ୍ତିକ ଭାବରେ ଦୁଇଟି ସମ୍ପୂର୍ଣ୍ଣ ଭିନ୍ନ ଶ୍ରେଣୀରେ ମଣିଷ ସମାଜକୁ ବିଭକ୍ତ କରାଯାଇପାରିବ ନାହିଁ ।

ତେବେ ମୋଟାମୋଟି ଆସ୍ତିକ ଦୁଇ ପ୍ରକାର ଏବଂ ନାସ୍ତିକ ମଧ୍ୟ ଦୁଇ ପ୍ରକାର । ପ୍ରଥମ ଶ୍ରେଣୀର ଆସ୍ତିକ ହେଲେ ସେହି ବିପୁଳ ସଂଖ୍ୟକ ଲୋକ, ଯେଉଁମାନେ ପରମ୍ପରା ପ୍ରଭାବରେ ଈଶ୍ୱର-ବିଶ୍ୱାସୀ ରୂପେ ଧର୍ମାନୁଷ୍ଠାନ କରି ଚାଲନ୍ତି ଏବଂ ଗତାନୁଗତିକ ଧ୍ୟାନ ପ୍ରାର୍ଥନା ମଧ କରିଥା'ନ୍ତି । ସେଭଳି ଅଭ୍ୟାସର ଯାଥାର୍ଥ୍ୟ ସମ୍ପର୍କରେ ସେମାନଙ୍କ ମନରେ କେବେ କୌଣସି ପ୍ରଶ୍ନ ପ୍ରାୟ ଉଠି ନଥାଏ । ସେମାନେ ନାସ୍ତିକମାନଙ୍କୁ ସହି ପାରନ୍ତି ନାହିଁ ଏବଂ ନିଜ ସନ୍ତାନଟିଏ ଭିତରେ ନାସ୍ତିକତାର ଲକ୍ଷଣ ଦେଖିଲେ କ୍ଷିପ୍ତ ବା ଚିନ୍ତିତ ହୁଅନ୍ତି ।

ଦ୍ୱିତୀୟ ଶ୍ରେଣୀର ଆସ୍ତିକମାନଙ୍କର ବିଶ୍ୱାସ ଆଚାର ଅନୁଷ୍ଠାନରେ ସୀମିତ ନୁହେଁ କିଂବା ସେମାନେ ସେସବୁରେ ବିଲକୁଲ ଅଂଶ ଗ୍ରହଣ ନକରୁଥାଇ ପାରନ୍ତି ମଧ୍ୟ । କିନ୍ତୁ ଏକ ଦିବ୍ୟଶକ୍ତି ଜୀବନ ଓ ସୃଷ୍ଟିର ପଟ୍ଟଭୂମିରେ ଅବସ୍ଥିତ ତଥା ଆମ ଜୀବନ ସହ ସେ ଶକ୍ତି ଓତପ୍ରୋତ ବିଜଡ଼ିତ ବୋଲି ସେମାନେ ବିଶ୍ୱାସ କରନ୍ତି । ହୁଏତ ସେଭଳି ବିଶ୍ୱାସ ସେମାନଙ୍କ ଚେତନାରେ ଆଜନ୍ମ ନିହିତ ଥାଏ । ଏହି ଆସ୍ତିକ ଶ୍ରେଣୀର ଏକାଧିକ ପର୍ଯ୍ୟାୟ ରହିଛି । ମହତ୍ତର ପର୍ଯ୍ୟାୟର ଅନ୍ତର୍ଭୁକ୍ତ ହେଲେ ଈଶ୍ୱରଙ୍କୁ ବା ଏ ବିଶ୍ୱ-ପ୍ରକୃତି ଭିତରେ ତାଙ୍କ ଉପସ୍ଥିତି ଉପଲବ୍ଧି କରୁଥିବା ବ୍ୟକ୍ତିବୃନ୍ଦ; ଏହି ଶ୍ରେଣୀର ପୁଣି ମହତ୍ତମ ପର୍ଯ୍ୟାୟର ଅନ୍ତର୍ଭୁକ୍ତ ହେଲେ ଜ୍ଞାତ ବା ଅଜ୍ଞାତ ଯୋଗୀ ଓ ଋଷିବର୍ଗ ।

ନାସ୍ତିକମାନଙ୍କ କଥା । ପ୍ରଥମ ପର୍ଯ୍ୟାୟର ନାସ୍ତିକବର୍ଗ ବିଶେଷ ଚିନ୍ତାଶୀଳ ନୁହନ୍ତି । ସମାଜରେ ଧର୍ମ କର୍ମ ନାମରେ ରହିଥିବା ନାନାଦି କୁସଂସ୍କାର, ଧର୍ମ ନାମରେ ଚାଲୁଥିବା ହିଂସାଚାର, ଧର୍ମଗୁରୁ ବୋଲାଉ ଥିବା ବ୍ୟକ୍ତିବର୍ଗଙ୍କର ମିଥ୍ୟାଚାର ଇତ୍ୟାଦିର ଦୃଷ୍ଟାନ୍ତରେ ସେମାନେ ସେସବୁ ପ୍ରତି ବିଦ୍ରୋହୀ ହୋଇ ଉଠନ୍ତି ଏବଂ ନାସ୍ତିକ ବୋଲାନ୍ତି । ଭେଜାଲକୁ ସେମାନେ ଅସଲି ବୋଲି ଧରି ନିଅନ୍ତି ଏବଂ ସେହି ସିଦ୍ଧାନ୍ତରେ ସନ୍ତୁଷ୍ଟ ରୁହନ୍ତି ।

ଦ୍ୱିତୀୟ ପର୍ଯ୍ୟାୟର ନାସ୍ତିକବର୍ଗ ଚିନ୍ତାଶୀଳ । ସେମାନଙ୍କ ବକ୍ତବ୍ୟ ହେଲା ବିଶ୍ୱ-ବ୍ରହ୍ମାଣ୍ଡକୁ ଏକ ଅସୀମ ପ୍ରାକୃତିକ ଶକ୍ତି ପରିଚାଳିତ କରୁଛି । ସେ ଶକ୍ତିର କୌଣସି ଭଲ-ମନ୍ଦ ଜ୍ଞାନ ନାହିଁ; ତା'ର କୌଣସି ନୈତିକ ଚରିତ୍ର ନାହିଁ । ସେ ଶକ୍ତିକୁ କୌଣସି ବ୍ୟକ୍ତି-ରୂପ ଦେଇ ହେବ ନାହିଁ । ଆମେ ଆମ ଭଲ-ମନ୍ଦ ଜଣାଇ ପାରିବା ଏବଂ ତା' ପାଖରୁ ସହାୟତା କାମନା କରିବା, ତାହା ସେ ଧରଣର ସଚେତନ ସତ୍ତା ନୁହେଁ । ଏ ପୃଥିବୀରେ ଯେଭଳି ଅନ୍ୟାୟ, ଯେଭଳି ବିଭ୍ରାଟମାନ ଘଟି ଚାଲିଛି, ସର୍ବଶକ୍ତିମାନ୍ ଭଗବାନ୍ ଭାବରେ ଆମେ ଯେଉଁଭଳି ମହତ୍ ବିବେକୀ ଶକ୍ତିର କଳ୍ପନା କରୁ, ତାହା ସେସବୁକୁ ପ୍ରଶ୍ରୟ ଦିଅନ୍ତା କି ? ଅର୍ଥାତ୍, ହେତୁବୋଧ ଓ ସାଧାରଣ ଜ୍ଞାନ ଭାଗବତ ଅସ୍ତିତ୍ୱ ସ୍ୱୀକାର କରିବା ସପକ୍ଷରେ ଯାଉ ନାହିଁ ।

ଅନେକ ସମୟରେ ଜଣକର ଚେତନାଗତ ପ୍ରଗତିରେ ନାସ୍ତିକତା ଏକ ସାମୟିକ ପର୍ଯ୍ୟାୟ ହୋଇପାରେ । ସତ୍ୟର ସନ୍ଧାନ ଦିଗରେ ତା'ର ନିଷ୍ଠା ଥିଲେ ସେ ଯଥା ସମୟରେ ଉପଲବ୍ଧି କରେ ଯେ ହେତୁ ଦ୍ୱାରା ସବୁ କଥା ନିର୍ଣ୍ଣିତ ହୋଇପାରେ ନାହିଁ; ଆମେ ନିଜେ ଯଦି ଊଣା ଅଧିକେ ସଚେତନ, ଭଲ-ମନ୍ଦ, ନ୍ୟାୟ-ଅନ୍ୟାୟ, ପାପ- ପୁଣ୍ୟର ପାର୍ଥକ୍ୟ ବୁଝିବାରେ ସକ୍ଷମ, ତେବେ ପରିପୂର୍ଣ୍ଣ ଚେତନା ଅବଶ୍ୟ ରହିଛି ଏବଂ ଅଚେତନ ପ୍ରାକୃତିକ ଶକ୍ତିହିଁ ଏକମାତ୍ର ସତ୍ୟ, ଏହା ଗ୍ରହଣ କରି ନେବା ସମ୍ଭବପର ନୁହେଁ ନିଶ୍ଚୟ ।

ଆସ୍ତିକ ଏବଂ ନାସ୍ତିକ – ଏ ଉଭୟ ଶ୍ରେଣୀ ବାହାରେ ରହିଛନ୍ତି Agnostics ବା ଅଜ୍ଞେୟବାଦୀମାନେ । ସେମାନେ ସିଧାସଳଖ ଈଶ୍ୱରଙ୍କ ଅସ୍ତିତ୍ୱ ଅସ୍ୱୀକାର କରନ୍ତି ନାହିଁ, କିନ୍ତୁ କହନ୍ତି ତାହା ଜ୍ଞାନର ପରିସର ବାହାରେ ।

ଆଧାତ୍ମିକତାର ପରିସର ବ୍ୟାପକ । କୌଣସି ଜଣେ ଗବେଷକ ବା ବୈଜ୍ଞାନିକ ବା ନିର୍ମଳ ସମାଜସେବୀ ଭଗବାନ୍

ଅଛନ୍ତି କି ନାହିଁ ସେ ସମ୍ପର୍କରେ ଚିନ୍ତା ନକରି ଯଦି ମାନବତାର ଅଗ୍ରଗତି ଦିଗରେ ଏକନିଷ୍ଠ କର୍ମ କରିଚାଲିଥିବେ ତେବେ ସେ ଆଧ୍ୟାତ୍ମିକତା ଅନୁସରଣ କରୁଛନ୍ତି ବୋଲି କୁହାଯାଇପାରେ । ଯାହାର ଚେତନା ସ୍ୱତଃସ୍ଫୂର୍ତ୍ତ ଭାବେ ଲୋଭ, କ୍ରୋଧ, ମୋହ ଇତ୍ୟାଦିରୁ ମୁକ୍ତ, ସେ ସଚେତନ ଭାବେ ପୂଜା ବା ଧ୍ୟାନ ଇତ୍ୟାଦି ନକଲେ ମଧ୍ୟ ଏବଂ ଏପରିକି ଭଗବାନଙ୍କ ସ୍ଥିତି ବା ଅସ୍ଥିତି ସମ୍ପର୍କରେ କିଛି ଚିନ୍ତା ନକରୁଥିଲେ ମଧ୍ୟ ସେ ଆଧ୍ୟାତ୍ମିକ ବ୍ୟକ୍ତି । ଜନ୍ମ-ଜନ୍ମାନ୍ତରର ଅଭିଜ୍ଞତା ସଞ୍ଚୟ କରି ଜଣକର ଚେତନା କେଉଁ ସ୍ତରରେ ପହଞ୍ଚିଛି ତାହାହିଁ ବିଚାର୍ଯ୍ୟ ।

ନିଜକୁ ଆସ୍ତିକ ବୋଲି ମନେ କରୁଥିବା ମଣିଷଟିଏ ପ୍ରକୃତରେ ଆସ୍ତିକ ନହୋଇ ଥାଇପାରେ । ଆଜି ଦିଅଁଙ୍କୁ ଯଥାବିଧି ଭୋଗରାଗ ଯୋଗେ ପୂଜାର୍ଚ୍ଚନା ସଙ୍ଗେ ସଙ୍ଗେ ଜଣେ ଯଦି ମକଦ୍ଦମାରେ ବା ନିର୍ବାଚନରେ ଜିତିବାର ବା ଅନ୍ୟ କୌଣସି ସ୍ୱାର୍ଥଭିତ୍ତିକ ବର ପ୍ରାର୍ଥନା କରିଥିବେ ଏବଂ ପରେ ଦେଖିବେ ଯେ ସଫଳତା ମିଳିଲା ନାହିଁ ଏବଂ ପ୍ରତିକ୍ରିୟାରେ ଦିଅଁଙ୍କ ଉପରୁ ତାଙ୍କର ବିଶ୍ୱାସ ତୁଟିଗଲା ଅଥବା ଦିଅଁଙ୍କ କରାମତି ସମ୍ପର୍କରେ ସନ୍ଦେହ ଆସିଲା, ତେବେ ସେ ଆସ୍ତିକ ନୁହନ୍ତି । ପ୍ରକୃତ ଆସ୍ତିକର ଏହି ବିଶ୍ୱାସ ଥାଏ ଯେ ତା' ଜୀବନରେ ଯାହା ବି ଘଟୁଛି ତାହା ତା' ଚେତନାର ବିକାଶ ନିମନ୍ତେ ସହାୟକ – ତାହା ବିୟୋଗାତ୍ମକ ହେଉ ବା ସୁଖାତ୍ମକ ହେଉ । ସେ ସ୍ୱତଃସ୍ଫୂର୍ତ୍ତ ଭାବରେ ଦିବ୍ୟଶକ୍ତିର ଶରଣାପନ୍ନ ହୋଇଥାଏ । ସେ ବିଶ୍ୱାସ କରେ ଯେ ଈଶ୍ୱର ସର୍ବବ୍ୟାପୀ ଏବଂ ତାଙ୍କୁ ଯାବତୀୟ ଆକାରର ଉର୍ଦ୍ଧ୍ୱରେ ନିରାକାର ଭାବରେ ଯେମିତି କଳ୍ପନା କରାଯାଇପାରେ, ଯେକୌଣସି ଆକାର ଭିତରେ ମଧ୍ୟ କଳ୍ପନା କରାଯାଇପାରେ । ମଣିଷର ଯାବତୀୟ ଦୁରାଚାର ଓ ଦୁଷ୍କୃତିର ହେତୁ ତା'ର ଅଜ୍ଞାନତା ଏବଂ ଏ ଅଜ୍ଞାନତାର ହେତୁ ଈଶ୍ୱରଙ୍କଠାରୁ ତା'ର ବିଯୁକ୍ତି । ଏ ବିଯୁକ୍ତିର ଆଦି କାରଣର ବ୍ୟାଖ୍ୟା ଅବଶ୍ୟ ରହିଛି; ତେବେ ଆମ ଆଗରେ ଅଜ୍ଞାନରୁ ତ୍ରାଣ ପାଇବାର ଉପାୟ ହେଲା ଈଶ୍ୱରଙ୍କ ସହ ଯୁକ୍ତ ହେବା – ଯେଉଁ ପଦ୍ଧତିକୁ ଯୋଗ ବୋଲି କୁହାଯାଏ । ଯୋଗର ଯେଉଁ ସୂତ୍ରଟିକୁ ନିରବଧି ପାଳନ କରିବା ସମ୍ଭବ, ତାହା ହେଲା ସେହି ଶକ୍ତି ପାଖରେ ଆମର ସମସ୍ତ ଚିନ୍ତା ଓ କର୍ମର ସମର୍ପଣ ।

ଏହା ହେଲା ସଚ୍ଚା ଆସ୍ତିକର ଅନ୍ୟତମ ପରିଚୟ । ତା' ମନୋଭାବର ଦୃଷ୍ଟାନ୍ତ ବହନ କରେ ଏହି କାହାଣୀ :

କୁନି ଝିଅଟିର ସୌଖିନ୍ ଖେଳନା ଭାଙ୍ଗି ଯାଇଛି । ସେ ରାତିରେ ଶୋଇବାକୁ ଗଲାବେଳେ ପ୍ରାର୍ଥନା କଲା, ''ଭଗବାନ୍, ମୋ କଣ୍ଢେଇ ଗୋଟିକ ମରାମତ କରିଦିଅ !'' ତା' ବଡ଼ ଭାଇ ହସିଲା ଓ କହିଲା, ''ବୋକୀ ! ଭଗବାନ୍ ତୋର ଏଇ କଥାକୁ ଶୁଣିବେ ?'' ଦୃଢ଼ କଣ୍ଠରେ ଉତ୍ତର ଦେଲା ଝିଅ, ''ନିଶ୍ଚୟ ଶୁଣିବେ । ସକାଳେ ଦେଖିବ !'' ସକାଳ ହେଲା । କଣ୍ଢେଇ ସେମିତି ଭଙ୍ଗା ପଡ଼ିଛି । ହସି ହସି ଭାଇ ପଚାରିଲା, ''କ'ଣ ହେଲା ? ଭଗବାନ୍ ଶୁଣିଲେ ?'' ତୀବ୍ର ଦୃଷ୍ଟିରେ ଭାଇ ଆଡ଼େ ଅନାଇ ଭଉଣୀ ଓଲଟା ପଚାରିଲା, ''ନିଶ୍ଚୟ ଶୁଣିଲେ, ତୁମେ ନିଜେ ଦେଖିପାରୁ ନାହଁ ?''

କାବା ହୋଇ ଭାଇ ପଚାରିଲା, ''ମାନେ ? କଣ୍ଢେଇ ତ ସେମିତି ଭଙ୍ଗା ପଡ଼ିଛି ବୋଲି ଦେଖୁଛି !''

''ଦେଖୁଛଟି ? ତଥାପି ବୁଝିବାରେ ଅସୁବିଧା ? ଭଗବାନଙ୍କର କେଡ଼େ କରୁଣା ! ସେ ବୁଝାଉଛନ୍ତି ଯେ କଣ୍ଢେଇ ନେଇ ଖେଳିବା ବୟସ ମୁଁ ଅତିକ୍ରମ କରିଗଲିଣି ।'' ଅବିଚଳ କଣ୍ଠରେ ବୁଝାଇଦେଲା ଝିଅ ।

**– ମନୋଜ ଦାସ**

❑❑❑

The Atheist is God playing at hide and seek with Himself; but in the Theist any other ? Well, perhaps; for he has seen the shadow of God and clutched at it.

(Thoughts and Aphorisms) – Sri Aurobindo

ନାସ୍ତିକ ଆଉ କେହି ନୁହେଁ, ନିଜ ସହ ଲୁଚୁକାଳି ଖେଳରତ ଭଗବାନ୍ । କିନ୍ତୁ ଆସ୍ତିକ କ'ଣ ଭିନ୍ନ ? ହୁଏତ ଭିନ୍ନ; କାରଣ ସେ ଭଗବାନଙ୍କ ଛାୟା ଦେଖିଛି ଓ ତାକୁହିଁ ଜାବୁଡ଼ି ଧରିଛି ।

– ଶ୍ରୀଅରବିନ୍ଦ

## ନିଖିଳ ଉତ୍କଳ ଶ୍ରୀଅରବିନ୍ଦ ପାଠଚକ୍ର ସମ୍ମିଳନୀ
## (ଡିସେମ୍ବର ୯, ୧୦, ୧୧ – ୨୦୧୯)

ଶ୍ରୀ ସାତକଡ଼ି ହୋତା, ସଭାପତି, ଶ୍ରୀଅରବିନ୍ଦ ସଂସ୍କୃତି ସଂସଦ, ମାତୃବିହାର, ଖଣ୍ଡଗିରି, ଭୁବନେଶ୍ୱର - ୭୫୧ ୦୩୦, ଜଣାଇଛନ୍ତି ଯେ ଦିବ୍ୟଜନନୀଙ୍କ ଅପାର କୃପାରୁ ଓଡ଼ିଶାର ରାଜଧାନୀ ଭୁବନେଶ୍ୱରଠାରେ ଶ୍ରୀଅରବିନ୍ଦ ସଂସ୍କୃତି ସଂସଦ ଆନୁକୂଲ୍ୟରେ ଖଣ୍ଡଗିରିସ୍ଥିତ ମାତୃବିହାର ପରିସରରେ ଷଡ଼୍‌ବିଂଶତିତମ ନିଖିଳ ଉତ୍କଳ ଶ୍ରୀଅରବିନ୍ଦ ପାଠଚକ୍ର ସମ୍ମିଳନୀ, ମହାଯୋଗୀ ଶ୍ରୀଅରବିନ୍ଦଙ୍କ ମହାସମାଧି ଦିବସ ଆସନ୍ତା ଡିସେମ୍ବର ୯ ତାରିଖଠାରୁ ଆରମ୍ଭ ହୋଇ ୧୧ ତାରିଖ ପର୍ଯ୍ୟନ୍ତ ତିନିଦିନ ବ୍ୟାପୀ ଅନୁଷ୍ଠିତ ହେବ । ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀରୁ ଡ. ଆଲୋକ ପାଣ୍ଡେଙ୍କ ସମେତ ସ୍ଥାନୀୟ ସୁପରିଚିତ ବକ୍ତାବୃନ୍ଦ ସମ୍ମିଳନୀରେ ଉଦ୍‌ବୋଧନ ଦେବାକୁ ସଦୟ ସ୍ୱୀକୃତି ପ୍ରଦାନ କରିଛନ୍ତି । ଏହି ସମ୍ମିଳନୀ ୯ ତାରିଖ ଅପରାହ୍ଣ ୫ଟା ସମୟରେ ଉଦ୍‌ଘାଟିତ ହୋଇ ୧୧ ତାରିଖ ରାତ୍ରି ଘ୮. ୩୦ ସୁଦ୍ଧା ଶେଷ ହେବ । ଏଥିରେ ଯୋଗଦେବା ନିମନ୍ତେ ପ୍ରତିନିଧି ଦେୟ ୫୦ଟଙ୍କା ମାତ୍ର ଧାର୍ଯ୍ୟ କରାଯାଇଛି । ଶ୍ରୀଅରବିନ୍ଦ ପାଠଚକ୍ର, ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ତଥା ସମସ୍ତ ମାତୃପ୍ରେମୀ ଭାଇଭଉଣୀଙ୍କୁ ଏଥିରେ ଯୋଗଦେବା ନିମନ୍ତେ ବିନମ୍ର ଅନୁରୋଧ କରୁଛୁ ।

ଆପଣମାନଙ୍କ ପାଠଚକ୍ରରୁ ଆସୁଥିବା ପ୍ରତିନିଧିମାନଙ୍କ ନାମ ତାଲିକା ଉପରୋକ୍ତ ଠିକଣାରେ ଯଥାଶୀଘ୍ର ଜଣାଇବାକୁ ଅନୁରୋଧ । ଏହି ସମ୍ମିଳନୀ ସମ୍ପର୍କରେ ଅଧିକ ଜାଣିବାକୁ ଇଚ୍ଛା କରୁଥିଲେ ଉପରୋକ୍ତ ଠିକଣାରେ କିଂବା ନିମ୍ନରେ ପ୍ରଦତ୍ତ ମୋବାଇଲ୍ ନମ୍ବର ସହ ଯୋଗାଯୋଗ କରିପାରନ୍ତି ।

ଶ୍ରୀ ଶଙ୍କର ମହାନ୍ତି : ୯୪୩୭୯୪୧୫୨୨; ଶ୍ରୀ ଅଜିତ ମହାନ୍ତି : ୯୪୩୭୧୯୦୪୬୪

## ଏକସ୍ତରିତମ ଶୀତକାଳୀନ ସୁହୃଦ୍ ଶ୍ରମ ଶିବିର – ୨୦୧୯

ଚଳିତ ବର୍ଷ ଡିସେମ୍ବର ମାସ ୨୨ ତାରିଖ ଠାରୁ ୩୧ତାରିଖ ପର୍ଯ୍ୟନ୍ତ ଶୀତକାଳୀନ ସୁହୃଦ୍ ଶ୍ରମ ଶିବିର ଯାଜପୁର ଜିଲ୍ଲାର ତରାପୁରସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପରିସରରେ ଅନୁଷ୍ଠିତ ହେବ । ଦଶଦିନ ବ୍ୟାପୀ ଏହି ଶିବିରରେ ଶ୍ରମଦାନ ସହିତ ଶ୍ରୀଅରବିନ୍ଦଙ୍କ ରଚିତ ଦିବ୍ୟଜୀବନ ଗ୍ରନ୍ଥର ୨୩ତମ ଅଧ୍ୟାୟ ଠାରୁ ଅଧ୍ୟୟନ ଓ ଆଲୋଚନା କରାଯିବ । ଇଚ୍ଛୁକ ଶିବିରାର୍ଥୀ ୨୧ ଡିସେମ୍ବର ସନ୍ଧ୍ୟା ସୁଦ୍ଧା ପହଞ୍ଚିବାକୁ ଅନୁରୋଧ ଏବଂ ଅତି କମ୍‌ରେ ପାଞ୍ଚଦିନ ରହିବା ପାଇଁ ମଧ୍ୟ ଅନୁରୋଧ କରାଯାଉଛି । ଶିବିରାର୍ଥୀ ଦେୟ ଟ୧୦୦.୦୦ (ଏକଶତ ଟଙ୍କା) ମାତ୍ର ରଖାଯାଇଛି ।

ଗମନାଗମନ ସୂଚନା : ଶିବିରକୁ ଆସିବା ପାଇଁ ଉଭୟ ରେଳ ଓ ବସ୍‌ର ସୁବିଧା ଅଛି । ରେଳ ଯୋଗେ ଆସି ଯାଜପୁର-କେନ୍ଦୁଝର ରୋଡ଼ ଷ୍ଟେସନଠାରେ ଓହ୍ଲାଇ ପାଣିକୋଇଲି ରାସ୍ତାରେ ‘ଦଳା’ଛକ ପର୍ଯ୍ୟନ୍ତ ଆସି ଡାହାଣକୁ ପାଖାପାଖି ପାଞ୍ଚ କିଲୋମିଟର ଗଲେ ଶିକ୍ଷାକେନ୍ଦ୍ରରେ ପହଞ୍ଚି ପାରିବେ । ବସ୍ ଯୋଗେ ଆସିଲେ ପାଣିକୋଇଲି ଛକଠାରୁ ଯାଜପୁର ରୋଡ଼ରେ ପାଖାପାଖି ଆଠ କିଲୋମିଟର ପର୍ଯ୍ୟନ୍ତ ଯାଇ ‘ଦଳା’ଛକଠାରୁ ବାମକୁ ଗଲେ ଶିକ୍ଷାକେନ୍ଦ୍ରରେ ପହଞ୍ଚି ପାରିବେ । ଏ ସମ୍ପର୍କରେ ଅଧିକ ବିବରଣୀ ପାଇଁ ନିମ୍ନରେ ପ୍ରଦତ୍ତ ଦୂରଭାଷ ନମ୍ବରଗୁଡ଼ିକ ମାଧ୍ୟମରେ ଯୋଗାଯୋଗ କରିପାରନ୍ତି ।

ସସ୍ମିତା ପୋଥାଳ : ୯୪୩୯୨୭୫୧୯୧; ଅରୁଣ ସାହୁ : ୯୪୩୭୨୨୦୬୦୮ କିଂବା ୭୦୦୮୯୦୮୩୯୧

tarika

AYURVEDIC HERBAL REMEDIES

**Pimple / Acne Remover**
Now, get rid of your stubborn pimples
and acne completely.
**Results visible in 8 days.** *(clinically proven)*

**Night oil for face**
Removes marks and scars for a fair,
radiant, youthful skin.
Offsets the early formation of wrinkles.
*See a distinct improvement in skin tone and
texture within 3 to 4 weeks.*

**Hair Vitaliser oil**
Controls hair loss and improves hair growth
*Regular use prevents hair thinning
and receding hair line*

**Gum oil**
Quick relief from toothache, sensitive
teeth, receding gum, bleeding gum,
mouth ulcers, weak gum.
*Sure relief from multiple oral problems.*

**agni Pain relief oil**
Fast relief from arthritis, joint and back pain,
spondylitis, muscle & tissue injury,muscular atrophy.
*Gives long term relief*

***100% Natural - Chemical free***

*Exported to over 16 countries including USA,
Germany, Italy, Australia etc.*

Contact
✆ **63800 00534 / 94422 49355**
Online Store : www.ayurlabsindia.com

Made in India by:
**Ayurlabs India**
32 Lally Tollendal Street, Pondicherry 605001.
Phone: 0413-2224935, 2339477
Email: office@ayurlabsindia.com, ayurlabs@gmail.com
Website: www.ayurlabsindia.com

# ମୋନା ସରକାର

(ଜନ୍ମ : ୧୯.୦୧.୧୯୩୪ – ମହାପ୍ରସ୍ଥାନ : ୧୧.୧୦.୨୦୧୯)

ବିଂଶ ଶତାବ୍ଦୀର ପ୍ରଥମ ଦଶକରେ ମାତୃଭୂମିର ମୁକ୍ତି ନିମନ୍ତେ ଅକାତରେ ଆତ୍ମ-ବଳିଦାନ ପାଇଁ ପ୍ରସ୍ତୁତ ବିପ୍ଳବୀ ତରୁଣ ସଂପ୍ରଦାୟର ଅନ୍ତର୍ଭୁକ୍ତ ଥିଲେ ସୁଧୀର କୁମାର ସରକାର । ଆଲିପୁର ଷଡ଼୍‌ଯନ୍ତ୍ର ମାମଲାରେ ଶ୍ରୀଅରବିନ୍ଦଙ୍କ ସହ ବନ୍ଦୀ ହୋଇଥିବା ଏହି ଅଳ୍ପ ବୟସ୍କ ତରୁଣ ଆଣ୍ଡାମାନକୁ ଦ୍ୱୀପାନ୍ତରିତ ହୋଇ କୁଖ୍ୟାତ ସେଲୁଲାର୍ କାରାଗାରରେ ଅକଥ୍ୟ ନିର୍ଯାତନା ଭୋଗ କରିଥିଲେ । ବଙ୍ଗଦେଶକୁ ପ୍ରତ୍ୟାବର୍ତ୍ତନ ଅନ୍ତେ କିଛି ବର୍ଷ ପରେ ସେ ଆସି ଶ୍ରୀମାଙ୍କ ଆଶ୍ରୟ ଲାଭ କଲେ ସପରିବାରେ ।

ତାଙ୍କର ଅନ୍ୟତମ ପୁତ୍ର ସଭିଙ୍କ ପ୍ରିୟ ମୋନା-ଦା ୧୯୪୩ରେ ଶ୍ରୀଅରବିନ୍ଦ ଆନ୍ତର୍ଜାତିକ ଶିକ୍ଷାକେନ୍ଦ୍ରରେ ପ୍ରଥମ ପର୍ଯ୍ୟାୟର ଛାତ୍ର ଭାବେ ଯୋଗ ଦେଇଥିଲେ । ପରବର୍ତ୍ତୀ କାଳରେ ଶରୀରଚର୍ଚ୍ଚା ବିଭାଗର ଜଣେ ମୁଖ୍ୟ କପ୍ତାନ ହେବା ସଙ୍ଗେ ସଙ୍ଗେ ସଙ୍କଟ ବେଳେ ଆଶ୍ରମର ସୁରକ୍ଷା ବାହିନୀର ନେତୃତ୍ୱ ନେବା ଭଳି ବହୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସୁଚାରୁ ରୂପେ ସମ୍ପନ୍ନ କରୁଥିଲେ ସ୍ୱଷ୍ଟଭାଷୀ ଓ ସତ୍‌ସାହସର ଦୃଷ୍ଟାନ୍ତ ମୋନା-ଦା ।

ଶ୍ରୀମା’ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିକଶିତ ସାଧକମାନଙ୍କ ଭିତରେ ସେ ଥିଲେ ଅନ୍ୟତମ । ତାଙ୍କ ସ୍ମୃତିଶକ୍ତି ଥିଲା ଅନନ୍ୟ । ଶ୍ରୀମାଙ୍କ ସହ ତାଙ୍କ ଦୀର୍ଘ ପ୍ରଶ୍ନୋତ୍ତର ସେ ପ୍ରାୟ ଆକ୍ଷରିକ ଭାବେ ମନେ ରଖି ପରେ ଲିପିବଦ୍ଧ କରୁଥିଲେ । ଗ୍ରନ୍ଥ ଭାବରେ ତାଙ୍କର ସେ ଅବଦାନ ଚିର-ସ୍ମରଣୀୟ ରହିବ ।

ଆମେ ତାଙ୍କ ସ୍ମୃତି ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛୁଁ । ❑


**At last a pimple / acne treatment that *REALLY* works !!**

People from more than 16 countries have said that Tarika Pimple Remover has worked for their stubborn pimples and acne.

**Now eliminate your stubborn pimples / acne completely and safely. Results visible in 10 days!!**

*Tarika Ayurvedic Pimple Remover has been tested by doctors in Gopabandhu Ayurved Mahavidyalaya, Puri who have found the product to be extremely effective and very safe. The clinical trial report can be seen on www.ayurlabsindia.com.*

tarika

**Ayurvedic Pimple / Acne Remover**

100% Herbal - Chemical Free
No side effects
*Exported to over 16 countries*

Contact
**63800 00534 / 94422 49355**
Online Store : www.ayurlabsindia.com

Mfr: **Ayurlabs India,** Pondicherry 605001.Ph: 0413-2224935,2339477 Email: ayurlabs@gmail.com